ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୩୦/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, October 30/2025 | Page 14 | ₹ 7.00
୫୧ଶ ଭାଗ ୩୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 333 | ମୂଲ୍ୟ₹୭/-



**ଭାବି ନ ଥିଲେ ଅନନ୍ୟା**
ପାଠ ପଢୁଥିବାବେଳେ ହଠାତ୍ କରନ୍ ଜୋହରଙ୍କ ନିକଟରୁ ଅଭିନୟ ଅଫର ପାଇବେ ବୋଲି ଅନନ୍ୟା ପାଣ୍ଡେ କେବେ ବି ଭାବି ନ ଥିଲେ।

୧୩

୧୪

**ୱୁଲଭାର୍ଡ୍ଟଙ୍କ ଶତକ**
ଗୁଆହାଟୀରେ ବୁଧବାର ଅନୁଷ୍ଠିତ ମହିଳା କ୍ରିକେଟ୍ ବିଶ୍ୱକପ୍‌ର ଇଂଲଣ୍ଡ ବିପକ୍ଷ ପ୍ରଥମ ସେମିଫାଇନାଲରେ ଶତକ ହାସଲ କରିଛନ୍ତି ଦକ୍ଷିଣ ଆଫ୍ରିକାର ଲୌରା ୱୁଲଭାର୍ଡ୍ଟ।





କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ବୈତରଣୀ ନଦୀ ବାଲିଶଯ୍ୟାରେ ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚ ଓ କରଗୋଳା ଗ୍ରାମବାସୀଙ୍କ ଦ୍ୱାରା ଚାଲିଥିବା ବାଲି ସତ୍ୟାଗ୍ରହର ବୁଧବାର ଷଷ୍ଠ ଦିନରେ ଗ୍ରାମବାସୀ ବର୍ଷା ସତ୍ତ୍ୱେ ଛତା ଧରି ବସିଛନ୍ତି। (ଫଟୋ- ସୁଶାନ୍ତ କୁମାର ସାହୁ)

# ବେଆଇନ ଉତ୍ତୋଳନ ବିରୋଧରେ ବାଲି ସତ୍ୟାଗ୍ରହ

**ଆନନ୍ଦପୁର,୨୯।୧୦**
**(ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ବୈତରଣୀ ନଦୀରେ କରଗୋଳା ଗ୍ରାମବାସୀଙ୍କ ଦ୍ୱାରା ଚାଲିଥିବା ବାଲି ସତ୍ୟାଗ୍ରହ ଷଷ୍ଠ ଦିନରେ ପହଞ୍ଚିଛି। ପ୍ରବଳ ବର୍ଷା, ପବନ ସତ୍ତ୍ୱେ ଶତାଧିକ ସତ୍ୟାଗ୍ରହୀ ଛତା ଧରି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚର ଆବାହକ ଯଜ୍ଞ ପ୍ରସାଦ ସାହୁ ସତ୍ୟାଗ୍ରହର ନେତୃତ୍ୱ ନେଇ ବାଲି ମାଫିଆଙ୍କ ବିରୋଧରେ ବିଶୋଦଗାର କରିଥିଲେ।

ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚର ଆବାହକ ଯଜ୍ଞ ପ୍ରସାଦ ଅଭିଭାଷଣରେ କହିଥିଲେ, ବେଆଇନ ଘାଟରେ ନିୟୋଜିତ ବଡ଼ ମେସିନକୁ ଜବତ କରାଯାଉ। ଲୁଟ୍ ହୋଇଥିବା ବାଲି ପରିମାଣକୁ ମାପା ଯାଇ ଜରିମାନା ଆଦାୟ, ଚୋରା ବାଲି ବ୍ୟବସାୟୀ ଓ ତାଙ୍କ ସହଯୋଗୀଙ୍କ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ସେ ଦାବି କରିଛନ୍ତି। ବିଭିନ୍ନ ସ୍ଥାନରେ ବେଆଇନ ଘାଟ ପାଇଁ କଟାଯାଇଥିବା ଗଛ ବାବଦ କ୍ଷୟକ୍ଷତି ଆକଳନ କରିବାକୁ ମଧ୍ୟ କହିଛନ୍ତି। ସେହିପରି ସଂରକ୍ଷିତ ଜଙ୍ଗଲ ମଧ୍ୟରେ କୁମଡ଼ ଘାଟ ବେଆଇନ ଭାବେ ଚାଲିବା ଯୋଗୁ ଠେକୁଆ, ଝିଙ୍କ ଆଦି ବନ୍ୟପ୍ରାଣୀ ପ୍ରଭାବିତ ହେଉଛନ୍ତି। ବନ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ☞ପୃଷ୍ଠା-୪


# କମ୍ପାନୀ ମିଥ୍ୟାରେ ସରକାର ବି ବାଇଆ

**ଭୁବନେଶ୍ୱର,୨୯।୧୦**
**(ରବିନାରାୟଣ ଜେନା)**

ଓଡ଼ିଶାରେ ପୂର୍ବରୁ କେବଳ ଗରିବ ଗ୍ରାମୀଣ ଜନସାଧାରଣଙ୍କୁ ବଡ଼ ବଡ଼ କମ୍ପାନୀଗୁଡ଼ିକ ଠକି ଅସତ୍ୟ କହିଆସୁଥିଲେ। ମୁଖ୍ୟତଃ ରାଜ୍ୟର ଖଣିଜ ପଦାର୍ଥରେ ଆକର୍ଷିତ ହୋଇ ଏହି କମ୍ପାନୀଗୁଡ଼ିକ ଓଡ଼ିଶାର ବିଭିନ୍ନ ଅନୁନ୍ନତ ଅଞ୍ଚଳରେ ଶିଳ୍ପ ବସାଇବା ପାଇଁ ଧାଇଁଆସିଥିଲେ। ବିଗତ ବର୍ଷଗୁଡ଼ିକରେ ରାଜ୍ୟ ସରକାରଙ୍କ ସର୍ବୋଚ୍ଚସ୍ତରରେ ମାଲିକମାନଙ୍କୁ ଭେଟିବାର ସୁଯୋଗ ମିଳିବା ସହିତ ଜିଲାସ୍ତରରେ ପ୍ରଶାସନିକ ଯଥା ପୋଲିସ ଏବଂ ମାଜିଷ୍ଟ୍ରେଟ୍‌ଙ୍କ ବିପୁଳ ସାହାଯ୍ୟ ମିଳିପାରୁଥିଲା। ଏବେ ସେହି ପରିସ୍ଥିତି ବଦଳିଗଲା ଭଳି ପ୍ରତୀୟମାନ ହେଉଛି। କମ୍ପାନୀ ପକ୍ଷରୁ ଯେଉଁ ଫଲ୍‌ସ(ସରକାରୀ ଭାଷାରେ ମିଥ୍ୟା) ତଥ୍ୟ ଦିଆଯାଇ ରାଜ୍ୟର ମୂଲ୍ୟବାନ୍ ଜମିକୁ ହାତେଇ ନିଆଯାଇଛି, ତାହା ଉପରୁ ଏବେ ପରଦା ହଟିବାକୁ ଯାଉଛି।

ଜଗତ୍‌ସିଂହପୁରରେ ଜେଏସ୍‌ଡବ୍ଲ୍ୟୁ କିଭଳି ସରକାରଙ୍କୁ ଫଲ୍ସ ତଥ୍ୟ ଦେଇଛି ସେନେଇ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଜଣେ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗର ଓଏସ୍‌ଡି ତଥା ସ୍ୱତନ୍ତ୍ର ସଚିବ ଲିଙ୍ଗରାଜ ଓତା ଅକ୍ଟୋବର ୨୫ରେ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ଓ ଏଚ୍‌ଓଏଫ୍‌ଏଫ୍ ଓଡ଼ିଶା ଏବଂ ଜଗତ୍‌ସିଂହପୁର ଜିଲାପାଳଙ୍କୁ ଏସମ୍ପର୍କରେ ପତ୍ର ଲେଖି ଅବଗତ କରାଇଛନ୍ତି। ସ୍ୱତନ୍ତ୍ର ସଚିବ ଓତା ତାଙ୍କ ପତ୍ରରେ ଦର୍ଶାଇଛନ୍ତି, ଜଗତ୍‌ସିଂହପୁର ଜିଲା ଢିଙ୍କିଆର ପ୍ରତିବ କୁମାର ଶତପଥୀ କମ୍ପାନୀର ମିଥ୍ୟାକୁ ନେଇ ଏକ ଅଭିଯୋଗ ଦାଖଲ କରିଥିଲେ। ଏହାକୁ ନେଇ ୨୦୨୫ ସେପ୍ଟେମ୍ବର ୨୨ରେ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଥିଲା। ସେଥିରେ ଉପଯୁକ୍ତ ପଦକ୍ଷେପ ନେବାକୁ କୁହାଯାଇଥିଲା। ହେଲେ ଏହାର ଅନୁସନ୍ଧାନ ଏପର୍ଯ୍ୟନ୍ତ ହୋଇ ନ ଥିବାବେଳେ ଜଗତ୍‌ସିଂହପୁରର ଏରସମା ବ୍ଲକର ଜିଲା ପରିଷଦ ଜୋନ୍-୪ ସଭ୍ୟ ପିନାକୀ ନାରାୟଣ ଦାସ ପୁନଶ୍ଚ ଏକ ଅଭିଯୋଗ ଆଣିଛନ୍ତି। ଏହାର ଗୁରୁତ୍ୱକୁ ଉପଲବ୍ଧି କରି ତୁରନ୍ତ ଜଣେ ବରିଷ୍ଠ ଅଧିକାରୀଙ୍କ ଜରିଆରେ ଉକ୍ତ ଅଭିଯୋଗର ତଦନ୍ତକରି ଉପଯୁକ୍ତ ପଦକ୍ଷେପ ଗ୍ରହଣପୂର୍ବକ ତ୍ୱରିତ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବାକୁ ସେ ଦର୍ଶାଇଛନ୍ତି।

ଏ ସଂକ୍ରାନ୍ତରେ ପିନାକୀ ଏକ ଅଭିଯୋଗପତ୍ର ମୁଖ୍ୟମନ୍ତ୍ରୀ, ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ ଅଧ୍ୟକ୍ଷ, ପ୍ରଧାନମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ବିଭାଗ ସଚିବ ଏବଂ ଜଗତ୍‌ସିଂହପୁର ଜିଲାପାଳଙ୍କୁ ☞ପୃଷ୍ଠା-୪



BY SPEED POST/ E-MAIL

GOVERNMENT OF ODISHA
FOREST, ENVIRONMENT & CLIMATE CHANGE DEPARTMENT
*****

No.FE-DIV-FLD-0059-2025- 31789 /FE&CC, Date 25 OCT 2025
10F (Cons) 36/2019

From
Shri Lingaraj Otta,
OSD-cum-Special Secretary to Government

To
The Principal Chief Conservator of Forests & HoFF, Odisha
The Collector & DM, Jagatsinghpur.

Sub: Urgent Appeal against JSW False Reply and protection of Dhinkia Panchayat's Livehood, Forests, and Ecology.

Sir,

In inviting kind reference to the subject cited above, I am directed to say that you were requested vide this Department letter No.29694, dtd.22.09.2025 to take appropriate action on the representation dated 18.08.2025 of Shri Pratib Ku Satapathy, At/Po- Dhinkia, Ps- Abhagachandpur, Jagatsinghpur, Odisha-754141 under intimation to all concerned. But, no reply in this connection has been received by this Department yet.

In the meantime, petitions on the same matter have been received from the Zillaparisad, Zone-4, Erasama Block, Jagatsinghpur and PS Member, Panchayat-Dhinkia, Zone-4, Block-Erasama, Dist-Jagatsinghpur (Copies enclosed). You are therefore requested to conduct an inquiry by a senior officer and take appropriate action and furnish the action taken report to this Department at the earliest for further action.

Yours faithfully,
OSD-cum-Special Secretary to Government

Memo No. 31790 /FE&CC, Date 25 OCT 2025

Copy along with copy of enclosure forwarded to the Additional Secretary to Govt., R&DM Department/ Director, ST & SC Dev., M & BCW Department for information and necessary action.

OSD-cum-Special Secretary to Government

Memo No. 31791 /FE&CC, Date 25 OCT 2025

Copy forwarded to Shri Pinaki Narayan Das, Zillaparisad, Zone-4, Erasama Block, Jagatsinghpur, Odisha-754141, M.No.- 9090985561, (email Id:pinaki.das30@yahoo.com) / Smt. Mitanjali Bhoi, PS Member, Panchayat-Dhinkia, Zone-4, Block-Erasama, Dist-Jagatsinghpur, M.No.-8018567378, (email Id:mitanjalibhoianjali@gmail.com) for information.

OSD-cum-Special Secretary to Government

# ଯୁବତୀଙ୍କୁ ବଳାତ୍କାର ପରେ ପୋଡ଼ି ହତ୍ୟା

## ଧାନ କିଆରିରୁ ଗଳିତ ମୃତଦେହ ଜବତ

**ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅଞ୍ଚଳରେ ଜଣେ ଯୁବକଙ୍କୁ ୩ ବନ୍ଧୁ ମିଶି ହତ୍ୟା କରିବା ଘଟଣା ଜଣାପଡ଼ିବାର ୪୮ ଘଣ୍ଟା ନ ପୂରୁଣୁ ଉକ୍ତ ଫାଣ୍ଡି ଅନ୍ତର୍ଗତ ଗଏଲପିଟା ଗ୍ରାମ ନିକଟସ୍ଥ ଧାନ କିଆରିରୁ ଜଣେ ଯୁବତୀଙ୍କ ଗଳିତ ମୃତଦେହ ଜବତ ହେବା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରିବା ସହ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଅପରାଧୀମାନେ ମୁହଁକୁ ପୋଡ଼ି ଦେଇଥିବା ଜଣାପଡ଼ିଛି। ପୀଡ଼ିତାଙ୍କ ପରିଚୟ ମିଳିପାରି ନ ଥିବାବେଳେ ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।**

**ଦେଓଗାଁ,୨୯।୧୦**
**(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅନ୍ତର୍ଗତ ଗଏଲପିଟା ଗ୍ରାମରେ ବୁଧବାର ସକାଳେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଛେଳି ଚରାଇବା ପାଇଁ ଯାଇଥିଲେ। ନିକଟସ୍ଥ ଏକ ଚାଷଜମିରେ ଜଣେ ଯୁବତୀଙ୍କ ମୃତଦେହ ପଡ଼ିଥିବାର ଦେଖିଥିଲେ । ସେମାନେ ତୁରନ୍ତ ଗାଁକୁ ଆସି ଲୋକଙ୍କୁ କହିବା ପରେ ଜମି ମାଲିକ ସ୍ଥାନୀୟ ଫାଣ୍ଡିରେ ଖବର ଦେଇଥିଲେ। ପ୍ରଥମେ ବନ୍ଧପଡ଼ା ଫାଣ୍ଡି ଅଧିକାରୀ ମଳୟ ପଣ୍ଡା ଘଟଣାସ୍ଥଳକୁ ଯିବା ପରେ ଦେଓଗାଁ ଥାନାକୁ ସୂଚନା ଦିଆଯାଇଥିଲା । ଦେଓଗାଁ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ବିଭିନ୍ନ ଦିଗକୁ ଅନୁଧ୍ୟାନକରି ତଦନ୍ତ ଜାରି ରଖିଛି । ମୃତ ଯୁବତୀ ଜଣକ ସାୟା, ବ୍ଲାଉଜ ଓ ଅନ୍ତର୍ବସ୍ତ୍ର ପରିଧାନ କରିଥିବା ପୋଲିସ କହିଛି। ତେବେ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇ ପ୍ରମାଣ ନଷ୍ଟ ଏବଂ ପରିଚୟ ଲୁଚାଇବା ଉଦ୍ଦେଶ୍ୟରେ ତାଙ୍କ ମୁହଁକୁ ପୋଡ଼ି ଦିଆଯାଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଭୀମ ଭୋଇ ମେଡିକାଲକୁ ପଠାଇଛି । ଏନେଇ ଥାନାରେ ଏକ ଅପମୃତ୍ୟୁ (ନଂ .୧୮/୨୦୨୫) ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରହିଥିବା ଥାନାଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ପଣ୍ଡା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ବନ୍ଧପଡ଼ା ଫାଣ୍ଡି ଅଧୀନ ଅନ୍ତର୍ଲା ଗ୍ରାମ ପତ୍ରଫଡ଼ି ନିକଟରେ ରବିବାର ରାତିରେ ୪ଜଣ ସାଙ୍ଗ ମିଶି ଭୋଜି କରିଥିଲେ। ଏହି ସମୟରେ କୌଣସି କାରଣକୁ କେନ୍ଦ୍ର କରି ସାଙ୍ଗଙ୍କ ମଧ୍ୟରେ ବଚସା ହେବାରୁ ସୁଜିତ ଭୋଇଙ୍କୁ ତାଙ୍କ ୩ଜଣ ସାଙ୍ଗ ମିଶି ହତ୍ୟା କରିଥିଲେ। ଏନେଇ ଅଭିଯୋଗ ପରେ ୩ ଅଭିଯୁକ୍ତ ସାଙ୍ଗଙ୍କୁ ପୋଲିସ ସୋମବାର ଗିରଫ କରିଥିବାବେଳେ ମଙ୍ଗଳବାରକୋର୍ଟଚାଲାଣକରିଥିଲା।

# ଓଡ଼ିଶା ସରକାରଙ୍କ ଉପରେ ସୁପ୍ରିମକୋର୍ଟ କ୍ଷୁବ୍ଧ

**ବେଆଇନ ଖଣି ଖନନ: ୨,୭୪୫ କୋଟି କ୍ଷତିପୂରଣ ଆଦାୟରେ ବିଳମ୍ବ**

**ଡିସେମ୍ବର ୧ ସୁଦ୍ଧା ଷ୍ଟାଟସ୍ ରିପୋର୍ଟ ଦାଖଲ ନିର୍ଦ୍ଦେଶ**

**ନୂଆଦିଲ୍ଲୀ,୨୯।୧୦**
**(ପି.ଟି./ ଲାଇଭ୍ ଲ)**

ଓଡ଼ିଶାରେ ଖଣି ଖନନ ନିୟମଗୁଡ଼ିକୁ ଉଲ୍ଲଂଘନ କରିଥିବା ଲିଜ୍‌ଧାରୀଙ୍କଠାରୁ ୨,୭୪୫ କୋଟି ଟଙ୍କାର କ୍ଷତିପୂରଣ ଆଦାୟ କରିବାରେ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ଗୁରୁବାର ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଲିଜ୍‌ଧାରୀମାନେ ଯେପରି ସରକାରୀ ରାଜସ୍ୱ ଫାଙ୍କି ନ ପାରିବେ ତାହା ସୁନିଶ୍ଚିତ କରିବା ପାଇଁ ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ଅଗୁଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ଓଡ଼ିଶା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଡ୍‌ଭୋକେଟ ଜେନେରାଲ (ଏଜି) ପୀତାମ୍ବର ଆଚାର୍ଯ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କେନ୍ଦୁଝର, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲାରେ ବେଆଇନ ଖଣି ଖନନ ନେଇ ଲିଜ୍‌ଧାରୀଙ୍କଠାରୁ ୨,୭୪୫ କୋଟି ଟଙ୍କାର କ୍ଷତିପୂରଣ ଆଦାୟ କରିବାକୁ ୨୦୧୭ରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ରାଜ୍ୟ କର୍ତ୍ତୃପକ୍ଷ ଓ ଲିଜ୍‌ଧାରୀଙ୍କ ସୁଲାସୁତୁରା ଯୋଗୁ ଏହି ଅର୍ଥ ଆଦାୟ ହୋଇପାରି ନ ଥିବା ଦର୍ଶାଇ ଏନ୍‌ଜିଓ କମନ୍ କଜ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଶୁଣାଣି ବେଳେ ଆବେଦନକାରୀଙ୍କ ଓକିଲ ପ୍ରଶାନ୍ତ ଭୂଷଣ କହିଥିଲେ, ଖଣି କମ୍ପାନୀଗୁଡ଼ିକଠାରୁ ରାଜ୍ୟ ସରକାର ବହୁ କୋଟି ଟଙ୍କାର ବକେୟା ଆଦାୟ କରନ୍ତୁ ବୋଲି ପୂର୍ବରୁ ସୁପ୍ରିମକୋର୍ଟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ସନ୍ଥଙ୍କ ରହସ୍ୟମୟ ମୃତ୍ୟୁ




# ନେତା ଏପଟସେପଟ, ଭୋଟର ଦ୍ୱନ୍ଦ୍ୱରେ

**ନୂଆପଡ଼ା ଉପନିର୍ବାଚନ**



**ନୂଆପଡ଼ା,୨୯।୧୦**
**(ବୀରେନ୍ଦ୍ର କୁମାର ଝାଙ୍କର)**

ନୂଆପଡ଼ା ଉପନିର୍ବାଚନ ଯେତିକି ପାଖେଇ ଆସୁଛି, ଏକ ନୂଆ ଅଡୁଆ ବା ଦ୍ୱନ୍ଦ୍ୱ ଉଭୟ ପ୍ରାର୍ଥୀ ଓ ଭୋଟରଙ୍କୁ ଘାରିଛି। ଏହି ଉପନିର୍ବାଚନ ପୂର୍ବରୁ ବିଭିନ୍ନ ଦଳୀୟ ଓ ନିର୍ଦ୍ଦଳୀୟ ନେତା ଏପଟସେପଟ ହୋଇଛନ୍ତି। ଦିବଂଗତ ବିଧାୟକ ରାଜେନ୍ଦ୍ର ଢୋଲକିଆ ପ୍ରଥମେ ୨୦୦୪ରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଜିଣିଥିଲେ। ପରେ ସେ ବିଜେଡିରେ ଯୋଗଦେଇଥିଲେ। ବିଜେଡି ପ୍ରାର୍ଥୀ ଭାବେ ରାଜେନ୍ଦ୍ର ଲଗାତର ୪ଟି ନିର୍ବାଚନ ଲଢ଼ି ୩ଟିରେ ବିଜୟୀ ହୋଇ ଏହି ଅଞ୍ଚଳରେ ବିଜେଡିର ଅପ୍ରତିଦ୍ୱନ୍ଦ୍ୱୀ ନେତା ପାଲଟିଥିଲେ। ରାଜେନ୍ଦ୍ର ଢୋଲକିଆଙ୍କ ଦଳୀୟ ଚିହ୍ନ ଶଙ୍ଖଚିହ୍ନ ବୋଲି ନିର୍ବାଚନମଣ୍ଡଳୀର ଭୋଟରମାନେ ଜାଣିଯାଇଥିଲେ। ତାଙ୍କ ମୃତ୍ୟୁ ପରେ ଏବେ ଯେଉଁ ଉପନିର୍ବାଚନ ହେଉଛି, ସେଥିରେ ତାଙ୍କ ପୁଅ ଜୟ ଢୋଲକିଆ ପ୍ରାର୍ଥୀ ହୋଇଛନ୍ତି। ମାତ୍ର ସେ ବିଜେଡି ପରିବର୍ତ୍ତେ ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି। ଏବେ ଜୟ ଢୋଲକିଆଙ୍କ ଦଳୀୟ ନିର୍ବାଚନୀ ଚିହ୍ନ ପଦ୍ମଫୁଲ ହୋଇଛି। ସ୍ୱର୍ଗତ ରାଜୁ ଢୋଲକିଆଙ୍କୁ ଯେଉଁ ଭୋଟରମାନେ ବିଜେଡି ନେତା ଓ ତାଙ୍କ ଚିହ୍ନ ଶଙ୍ଖ ବୋଲି ଗ୍ରହଣ କରିଥିଲେ, ସେମାନେ ତାଙ୍କ ପୁଅ ଜୟଙ୍କୁ ସହାନୁଭୂତି ଦେଖାଉଥିଲେ ମଧ୍ୟ ନିର୍ବାଚନୀ ଚିହ୍ନ ଓ ଦଳ ବଦଳକୁ ନେଇ ଅଡୁଆ ସ୍ଥିତିରେ ପଡ଼ିଛନ୍ତି। ଅନେକେ ଜୟଙ୍କ ନିର୍ବାଚନୀ ପ୍ରଚାରରେ ରାଜୁଭାଇ ଜିନ୍ଦାବାଦ୍ ନାରା ଦେଉଥିଲେ ମଧ୍ୟ ଦଳୀୟ ଚିହ୍ନ ପଦ୍ମ କହୁଥିବାରୁ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ବିଶେଷକରି ଗ୍ରାମୀଣ ଅଞ୍ଚଳର ଭୋଟରଙ୍କ ପାଇଁ ଏହି ଅଡୁଆ ବଢ଼ିଛି।


ସେହିଭଳି ବିଜେଡି ପ୍ରାର୍ଥୀ ହୋଇଥିବା ☞ପୃଷ୍ଠା-୪



ଦକ୍ଷିଣ କୋରିଆର ସିଓଲରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ।

# ଲଦାଖ ହିଂସା: କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ


ସୋନମ୍ ୱାଙ୍ଗଚୁକ୍


ଗୀତାଞ୍ଜଳି ଜେ. ଆଙ୍ଗମୋ

**ନୂଆଦିଲ୍ଲୀ,୨୯।୧୦**

ଲଦାଖ ହିଂସାରେ ଆକ୍ଟିଭିଷ୍ଟ ସୋନମ୍ ୱାଙ୍ଗଚୁକ୍‌ଙ୍କ ସମ୍ପୃକ୍ତି ଥିବା ଦର୍ଶାଇ ତାଙ୍କୁ ରାଜସ୍ଥାନର ଯୋଧପୁର ଜେଲରେ ରଖାଯାଇଥିବାବେଳେ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ଜେ. ଆଙ୍ଗମୋ କେନ୍ଦ୍ର ସରକାରଙ୍କ ଏହି କାର୍ଯ୍ୟାନୁଷ୍ଠାନ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସର୍ବୋଚ୍ଚ ଅଦାଲତ ଏହା ଉପରେ ୧୦ ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ କେନ୍ଦ୍ର ସରକାର ଓ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି।

ଜଷ୍ଟିସ୍ ଅରବିନ୍ଦ କୁମାର ଏବଂ ଏନ୍‌ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ କେନ୍ଦ୍ର ତଥା ଲଦାଖ ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ସଂଶୋଧିତ ଆବେଦନ ଉପରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୨୪ରେ ହେବ। ପ୍ରକାଶ ଯେ, ସେପ୍ଟେମ୍ବର ୨୪ରେ ଲଦାଖକୁ ରାଜ୍ୟ ମାନ୍ୟତା ଓ ଷଷ୍ଠ ପରିଚ୍ଛେଦରେ ସାମିଲ ଦାବିରେ ବିକ୍ଷୋଭ ବେଳେ ହିଂସା ଘଟିଥିଲା। ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୯୦ ଆହତ ହୋଇଥିଲେ। ଏହାର ୨ ଦିନ ପରେ ସୋନମ୍‌ଙ୍କୁ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ବଳରେ ଗିରଫ କରାଯାଇଥିଲା।

## ସୋନମ୍‌ଙ୍କ ମୁହଁ ବନ୍ଦ ପାଇଁ ଉଦ୍ୟମ କରାଯାଇଛି: ସ୍ତ୍ରୀ

ସୋନମ୍ ହିଂସା ଉସୁକାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ସୋନମ୍‌ଙ୍କ ସ୍ୱରକୁ ଚପାଇ ଦେବା ପାଇଁ ସରକାରଙ୍କ ପକ୍ଷରୁ ଯୋଜନାବଦ୍ଧଭାବେ ଉଦ୍ୟମ ହୋଇଥିଲାବୋଲି ଗୀତାଞ୍ଜଳି ଅଭିଯୋଗ କରିଛନ୍ତି।

## ଏଲ୍‌ଏସିରେ ଶାନ୍ତି ପାଇଁ ଭାରତ-ଚାଇନା ସହମତି

**ନୂଆଦିଲ୍ଲୀ,୨୯।୧୦(ପି.ଟି.)**

ଲଦାଖ ସଂଲଗ୍ନ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ଶାନ୍ତି ବଜାୟ ରଖିବା ପାଇଁ ଭାରତ ଓ ଚାଇନା ମଧ୍ୟରେ ଏକ ଉଚ୍ଚସ୍ତରୀୟ ସାମରିକ ଆଲୋଚନାବେଳେ ସହମତି ପ୍ରକାଶ ପାଇଛି। ଗତ ୨୫ରେ ମୋଲ୍‌ଡୋ-ଚୁଶୁଲ୍ ସୀମାର ଭାରତ ପଟେ ଏକ କର୍ କମାଣ୍ଡରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଉଭୟ ପକ୍ଷ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ବନ୍ଧୁତାପୂର୍ଣ୍ଣ ଆଲୋଚନା ହୋଇଥିବା ବୁଧବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୀମାରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଉପରେ ଦୁଇପକ୍ଷ ସହମତ ହୋଇଛନ୍ତି।

# ୭ ନୂଆ ଯୁଦ୍ଧବିମାନ ଖସିଥିଲା: ଟ୍ରମ୍ପ୍

## ଭାରତ-ପାକିସ୍ତାନ ଅସ୍ତ୍ରବିରତି କରାଇଥିବା ପୁଣି ଦାବିକଲେ

**ଟୋକିଓ,୨୯।୧୦**

ଭାରତ-ପାକିସ୍ତାନ ସଂଘର୍ଷ ବେଳେ ୭ଟି ସମ୍ପୂର୍ଣ୍ଣ ନୂଆ ଯୁଦ୍ଧବିମାନ ଖସିଥିଲା ବୋଲି ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଏଥିସହ ୨୫୦ ପ୍ରତିଶତ ଟାରିଫ୍ ଭୟ ଦେଖାଇ ଦୁଇ ଆଣବିକ ଶକ୍ତିସମ୍ପନ୍ନ ଦେଶ ମଧ୍ୟରେ ଯୁଦ୍ଧ ବନ୍ଦ କରିଥିବା ବିଷୟ ସେ ପୁଣି ଦୋହରାଇଛନ୍ତି।

ଏସିଆ ଗସ୍ତରେ ଥିବା ଟ୍ରମ୍ପ୍ ଟୋକିଓରେ ବିଜ୍‌ନେସ୍ ଲିଡରମାନଙ୍କ ସହ ଡିନର ବେଳେ କହିଛନ୍ତି, ଦୁଇଟି ବଡ଼ ଆଣବିକ ଶକ୍ତି ସମ୍ପନ୍ନ ରାଷ୍ଟ୍ର ମଧ୍ୟରେ ସେ ଯୁଦ୍ଧ ବନ୍ଦ କରାଇଥିଲେ। ସେହି ସମୟରେ ୭ଟି ନୂଆ ଯୁଦ୍ଧବିମାନ ଖସିଥିଲା। ଭାରତ ଓ ପାକିସ୍ତାନ ମଧ୍ୟରେ ସେ ଯୁଦ୍ଧ ଅଟକାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପାକିସ୍ତାନ ସେନାମୁଖ୍ୟ ଆସିଫ୍ ମୁନିରଙ୍କୁ ଫୋନ୍‌ରେ ସେ


ଡୋନାଲ୍ଡ ଟ୍ରମ୍ପ୍

କହିଥିଲେ, ଆପଣ ଯଦି ଯୁଦ୍ଧ ବନ୍ଦ ନ କରନ୍ତି ତେବେ ଆମେରିକା ଭାରତ ଓ ପାକିସ୍ତାନ ସହ କୌଣସି ପ୍ରକାର ବାଣିଜ୍ୟିକ କାରବାର କରିବ ନାହିଁ। ଏଭଳି ଚେତାବନୀ ଦେବାର ୨୪ ଘଣ୍ଟା ଭିତରେ ଯୁଦ୍ଧ ବନ୍ଦ ହୋଇଯାଇଥିଲା ବୋଲି ଟ୍ରମ୍ପ୍ ଦାବି କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀମାନେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କୁ ଗୁଳିକରି ହତ୍ୟା କରିଥିଲେ। ଏହା ପରେ ମେ' ୭ରେ ଭାରତୀୟ ସଶସ୍ତ୍ର ବଳ ଅପରେଶନ୍ ସିନ୍ଦୂରରେ ପାକିସ୍ତାନ ତଥା ପାକ୍-ଅଧିକୃତ କଶ୍ମୀର(ପିଓକେ)ରେ ଆତଙ୍କବାଦୀଙ୍କ ଭିତ୍ତିଭୂମିକୁ ନଷ୍ଟ କରିଦେଇଥିଲା। ମେ' ୧୦ରେ ଭାରତ ଓ ପାକିସ୍ତାନ ଯୁଦ୍ଧବିରତି ପାଇଁ ସହମତି ପ୍ରକାଶ କରିଥିଲେ, ଯାହାକି ଟ୍ରମ୍ପ୍ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଘୋଷଣା କରିଥିଲେ। ସେବେଠୁ ଟ୍ରମ୍ପ୍ ଅଦ୍ୟାବଧି ୫୦ରୁ ଅଧିକ ଥର ନିଜେ ଯୁଦ୍ଧ ବନ୍ଦ କରାଇଥିବା ଦାବି କରିସାରିଲେଣି। ପାକିସ୍ତାନୀ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଏହା ପୂର୍ବରୁ ଭାରତର ୬ ଯୁଦ୍ଧବିମାନ ଖସିଥିବା ଦାବି କରିଥିଲେ। ଭାରତୀୟ ସେନା ଓ ବାୟୁସେନାର ଶୀର୍ଷ ଅଧିକାରୀମାନେ ମଧ୍ୟ ଯୁଦ୍ଧବିମାନ ଖସିଥିବା ବିଷୟ କହିଆସୁଛନ୍ତି। କିନ୍ତୁ ଭାରତ କେତୋଟି ଯୁଦ୍ଧବିମାନ ହରାଇଥିଲା, ତାହା କେହି ସ୍ପଷ୍ଟ କରୁ ନ ଥିବାବେଳେ ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଫାଲ ଫାଇଟର ଜେଟ୍‌ରେ ଉଡ଼ାଣ କରିଛନ୍ତି।

# ରାଫାଲରେ ରାଷ୍ଟ୍ରପତି



**ଅମ୍ବାଲା,୨୯।୧୦**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ରାଫାଲ ଯୁଦ୍ଧବିମାନରେ ଉଡ଼ାଣ ଭରି ଇତିହାସ ରଚିଛନ୍ତି। ହରିୟାଣାର ଅମ୍ବାଲାସ୍ଥିତ ଭାରତୀୟ ବାୟୁସେନା (ଆଇଏଏଫ୍) ଷ୍ଟେଶନ୍‌ରୁ ଫାଇଟର ଜେଟ୍‌ରେ ଏହି ଯାତ୍ରାର ଅନୁଭୂତି ତାଙ୍କ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ରାଷ୍ଟ୍ରପତି କହିଛନ୍ତି।

ରାଷ୍ଟ୍ରପତି ମୁର୍ମୁ ୨୦୨୩ ଏପ୍ରିଲରେ ଆସାମର ତେଜପୁରରେ ସୁଖୋଇ ଏମ୍‌କେଆଇରେ ଉଡ଼ାଣ କରିଥିଲେ। ଏବେ ସେ ରାଫାଲ ଯୁଦ୍ଧବିମାନରେ ଉଡ଼ାଣ କରିବା ସହ ଦୁଇଟି ଫାଇଟର ଜେଟ୍‌ରେ ଯାତ୍ରା କରିବାରେ ପ୍ରଥମ ରାଷ୍ଟ୍ରପତି ଭାବେ ଇତିହାସ ସୃଷ୍ଟି କରିଛନ୍ତି। ସଦ୍ୟ ଉଡ଼ାଣ ବେଳେ ୩ ସେନାର ସୁପ୍ରିମ କମାଣ୍ଡର ମୁର୍ମୁ ଜି-ସୁଟ୍ ଓ ସ୍ପୋର୍ଟି ସନ୍‌ଗ୍ଲାସ୍ ପିନ୍ଧିଥିଲେ। ପୂର୍ବାହ୍ନ ୧୧ଟା ୨୭ରେ ଫ୍ରାନ୍ସ ନିର୍ମିତ ରାଫାଲ ଫାଇଟର ଜେଟ୍‌ର ଚାଳକ ଗ୍ରୁପ୍ କ୍ୟାପ୍‌ଟେନ୍ ଅମିତ୍ ଗେହାନି ଏହାକୁ ୩୦ ମିନିଟ୍ ମଧ୍ୟରେ ୨୦୦ କି.ମି. ପର୍ଯ୍ୟନ୍ତ ଉଡ଼ାଇଥିଲେ। ଯୁଦ୍ଧବିମାନଟିର ବେଗ ଘଣ୍ଟା ପ୍ରତି ୭୦୦ କି.ମି. ରହିଥିଲା। ଏହା ସମୁଦ୍ର ପତ୍ତନଠାରୁ ୧୫,୦୦୦ ଫୁଟ୍ ଉଚ୍ଚତାକୁ ଉଡ଼ାଣ କରିଥିଲା।

## ତାଲିବାନ୍‌କୁ ଗୁମ୍ଫାକୁ ପଠାଇଦେବୁ: ପାକ୍ ପ୍ରତିରକ୍ଷା ମନ୍ତ୍ରୀ


ଖ୍ୱାଜା ଆସିଫ୍

**ଇସ୍‌ଲାମାବାଦ,୨୯।୧୦(ପି.ଟି.)**

ଆଫ୍‌ଗାନିସ୍ତାନର ତାଲିବାନ୍ ଭବିଷ୍ୟତରେ ପାକିସ୍ତାନ ଉପରେ ଆକ୍ରମଣ କଲେ ଏହାକୁ ସମୂଳେ ନାଶ କରି ଗୁମ୍ଫାକୁ ପଠାଇ ଦିଆଯିବ ବୋଲି ବୁଧବାର ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଧମକ ଦେଇଛନ୍ତି। ପାକିସ୍ତାନ ଓ ଆଫ୍‌ଗାନିସ୍ତାନ ମଧ୍ୟରେ ଇସ୍ତାନବୁଲରେ ୪ ଦିନ ଧରି ଚାଲିଥିବା ଶାନ୍ତି ଆଲୋଚନା ବିଫଳହେବା ପରେ ଆସିଫ୍ ସୋସିଆଲ ମିଡିଆରେ ଏଭଳି ଚେତାବନୀ ଦେଇଛନ୍ତି। ଆଫ୍‌ଗାନିସ୍ତାନ ଭୂଖଣ୍ଡକୁ ପାକିସ୍ତାନ ବିରୋଧୀ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ବ୍ୟବହାରକୁ ତାଲିବାନ୍ ରୋକିବା ଉଚିତ ବୋଲି ସେ କହିଛନ୍ତି।

# ପ୍ରତି ପରିବାରରୁ ଜଣକୁ ଚାକିରି ପ୍ରତିଶ୍ରୁତି

## ମହାମେଣ୍ଟର ନିର୍ବାଚନୀ ଇସ୍ତାହାର

**ପାଟନା ,୨୯।୧୦**

ବିହାର ବିଧାନସଭା ନିର୍ବାଚନ ପାଇଁ ବିରୋଧୀ ମହାମେଣ୍ଟ ପକ୍ଷରୁ ମଙ୍ଗଳବାର ଇସ୍ତାହାର ପ୍ରକାଶ ପାଇଛି। ତେଜସ୍ୱୀ ପ୍ରଣ (ତେଜସ୍ୱୀଙ୍କ ପ୍ରତିଜ୍ଞା) ନାମରେ ଏହି ଇସ୍ତାହାରରେ ବହୁ ଲୋକାଭିମୁଖୀ ପ୍ରତିଶ୍ରୁତି ଦିଆଯାଇଛି। ସେଥିରେ ରହିଛି ପ୍ରତି ପରିବାରରୁ ଜଣକୁ ସରକାରୀ ଚାକିରି, ମହିଳାଙ୍କୁ ମାସିକ ୨,୫୦୦ ଟଙ୍କା ଭତ୍ତା, ପ୍ରତି ପରିବାରକୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ଇତ୍ୟାଦି। ଇଣ୍ଡିଆ ବ୍ଲକ୍‌ର ଏହି ସଂକଳ୍ପ ପତ୍ରରେ



ତେଜସ୍ୱୀ ଯାଦବ ଇସ୍ତାହାର ପୁସ୍ତିକା ଦେଖାଉଛନ୍ତି।

ସ୍ଲୋଗାନ ଲେଖାଯାଇଛି 'ସମ୍ପୂର୍ଣ୍ଣ ବିହାର କା ସମ୍ପୂର୍ଣ୍ଣ ପରିବର୍ତ୍ତନ-ତେଜସ୍ୱୀ ପ୍ରତିଜ୍ଞା, ତେଜସ୍ୱୀ ପ୍ରଣ'। ଇସ୍ତାହାରରେ ନିଯୁକ୍ତିକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ମହାମେଣ୍ଟ କ୍ଷମତାକୁ ଆସିଲେ ସରକାର ଗଢ଼ିବାର ୨୦ ଦିନ ମଧ୍ୟରେ ପ୍ରତି ପରିବାରରୁ ଜଣକୁ ସରକାରୀ ଚାକିରି ସୁନିଶ୍ଚିତ କରାଇବା ପାଇଁ ଆଇନ ଆଣିବ। ସେହିପରି ୨୦ ମାସ ମଧ୍ୟରେ ନିଯୁକ୍ତି ବଣ୍ଟନ ପ୍ରକ୍ରିୟା ଆରମ୍ଭ ହେବ। ସମସ୍ତ ଠିକା ଏବଂ ଆଉଟ୍‌ସୋର୍ସିଂ କର୍ମଚାରୀକୁ ନିୟମିତ କରାଯିବା ସହ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ ମାସିକ ୩୦ ହଜାର ଟଙ୍କା ବେତନରେ ସ୍ଥାୟୀ ନିଯୁକ୍ତି ଦିଆଯିବ।

## କାନାଡାରେ ଭାରତୀୟ ବଂଶୋଦ୍ଭବ ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା

**ଅଟ୍ଟାୱା, ୨୯।୧୦(ପି.ଟି.)**

କାନାଡାର ବ୍ରିଟିଶ୍ କଲମ୍ବିଆରେ ଜଣେ ୬୮ ବର୍ଷୀୟ ଭାରତୀୟ ବଂଶୋଦ୍ଭବଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଦର୍ଶନ ସହସି ଅବୋଟ୍ସଫୋର୍ଡ ସହରସ୍ଥିତ ନିଜ ଘର ବାହାରେ ଥିବାବେଳେ ତାଙ୍କୁ ଟାର୍ଗେଟକରି ଗୁଳି କରାଯାଇଥିଲା। ପୋଲିସ ତାଙ୍କୁ ଗୁଳିବିଦ୍ଧ ଅବସ୍ଥାରେ କାର୍‌ରେ ଠାବ କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

# ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ୧୦୪ ପାଲେଷ୍ଟିନୀୟ ମୃତ

**ଦେଇର ଅଲ୍-ବଲାହ, ୨୯।୧୦**

ଇସ୍ରାଏଲୀ ସେନାର ରାତିଅଧିଆ ଏୟାରଷ୍ଟ୍ରାଇକ୍‌ରେ ଗାଜାରେ ୪୬ ଶିଶୁଙ୍କ ସମେତ ୧୦୪ ଜଣଙ୍କ ମୃତ୍ୟୁ ଘଟିଛି। ଏହା ପରେ ଯୁଦ୍ଧବିରତି ପୁଣି ଫେରିଥିବା ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ କହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ପରେ ଅକ୍ଟୋବର ୧୦ରେ ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ଅସ୍ତ୍ରବିରତି ହୋଇଥିଲା। ତେବେ ସୀମାନ୍ତରେ ହମାସ୍ ଆକ୍ରମଣରେ ଜଣେ ଇସ୍ରାଏଲୀ ସୈନ୍ୟ ନିହତ ହୋଇଥିଲେ, ଯିଏକି ଆମେରିକାର ମଧ୍ୟ ନାଗରିକ ଥିଲେ। ପରବର୍ତ୍ତୀ ସମୟରେ ଉଭୟ ପକ୍ଷ ପରସ୍ପର ଉପରେ ଯୁଦ୍ଧବିରତି ଉଲ୍ଲଂଘନ ନେଇ ଦୋଷ ଦେଇଥିଲେ। ଇସ୍ରାଏଲ୍


ଇସ୍ରାଏଲ୍ ଆକ୍ରମଣରେ ଗାଜାସ୍ଥିତ ବୁରେଇଜ୍ ଶିବିର ବିଧ୍ୱସ୍ତ ହୋଇଯାଇଥିବାବେଳେ ପିଲାମାନେ ସେଠାରୁ ଆସବାବପତ୍ର ଠୁଳ କରୁଛନ୍ତି।

ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗାଜା ଉପରେ ପୁଣି ଆକ୍ରମଣ ପାଇଁ ମଙ୍ଗଳବାର ନିଜ ସେନାକୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ଏସିଆ ଗସ୍ତରେ ଥିବା ଟ୍ରମ୍ପ୍ ଏହି ଏୟାରଷ୍ଟ୍ରାଇକ୍‌କୁ ସମର୍ଥନକରି ଯଥାର୍ଥ ବୋଲି କହିଛନ୍ତି।

# ବିବେକଙ୍କ ବଦାନ୍ୟତା


ବିବେକ ଓବରୟ

**ମୁମ୍ବାଇ**

ବଲିଉଡ୍ ଅଭିନେତା ବିବେକ ଓବରୟ ନିଜ ଅଭିନୟ ମାଧ୍ୟମରେ ତ ହୃଦୟ ଜିତିଛନ୍ତି। କିନ୍ତୁ ଏବେ ସେ ଏକ ମହାନ୍ ଉଦ୍ଦେଶ୍ୟ ପାଇଁ ଚର୍ଚ୍ଚାରେ ଅଛନ୍ତି। ନିତେଶ ତିୱାରୀଙ୍କ ବହୁ ପ୍ରତୀକ୍ଷିତ 'ରାମାୟଣ' ଫିଲ୍ମରେ ଅଭିନୟ ପାଇଁ ଯେଉଁ ପାରିଶ୍ରମିକ ମିଳିବ ତାକୁ ସେ ଦାନ ଭାବେ ଦେଇଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏକ ସାକ୍ଷାତ୍‌କାରରେ ବିବେକ କହିଛନ୍ତି, ସେ 'ରାମାୟଣ' ଅଭିନୟରୁ କୌଣସି ଟଙ୍କା ଚାହାନ୍ତି ନାହିଁ ଏବଂ ଏହି ଅର୍ଥକୁ ଏକ ଭଲ ଉଦ୍ଦେଶ୍ୟ ପାଇଁ ଦାନ କରିବାକୁ ଚାହାନ୍ତି। କ୍ୟାନ୍‌ସର ରୋଗ ସହ ଲଢୁଥିବା ପିଲାଙ୍କ ପାଇଁ ଏହି ଅର୍ଥ ଖର୍ଚ୍ଚହେବ। ଏନେଇ ସେ ପ୍ରଯୋଜକ ନମିତ ମାଲହୋତ୍ରାଙ୍କୁ ମଧ୍ୟ ଜଣାଇଦେଇଥିଲେ।

ଏହି ଫିଲ୍ମରେ ରଣବୀର କପୁର, ସନି ଦେଓଲ, 'କେଜିଏଫ' ଷ୍ଟାର ୟଶ୍ ଏବଂ ସାଇ ପଲ୍ଲବୀଙ୍କ ଭଳି କଳାକାରମାନେ ଅଛନ୍ତି। ବିବେକ 'ରାମାୟଣ'ରେ ବିଭୀଷଣଙ୍କ ଭୂମିକାରେ ଅଭିନୟ କରିବେ। ନୀତେଶ ତିୱାରୀ 'ରାମାୟଣ'କୁ ଦୁଇଟି ଭାଗରେ ୨୦୨୬ ଏବଂ ୨୦୨୭ ଦୀପାବଳିରେ ମୁକ୍ତିଲାଭ କରିବେ। ରଣବୀର ରାମ ଭୂମିକାରେ, ସାଇ ପଲ୍ଲବୀ ସୀତା ଭୂମିକାରେ, ୟଶ୍ ରାବଣ ଭୂମିକାରେ ଏବଂ ସନି ହନୁମାନ ଭୂମିକାରେ ନଜର ଆସିବେ।




# ପ୍ରତିଜବାବ ଦାଖଲ ପାଇଁ ସମୟ ନେଲା ଜିନ୍ଦଲ

**ରୋଇଡ଼ା-୧ ଲୁହାପଥର ଖଣି କାର୍ଯ୍ୟାଦେଶ ପ୍ରତ୍ୟାହାର ବିରୋଧରେ ମାମଲା**

**୧୦ରେ ପରବର୍ତ୍ତୀ ଶୁଣାଣି**

କଟକ,୨୯।୧୦(କାର୍ତ୍ତିକ ସାହୁ)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ରୋଇଡ଼ା-୧ ଲୁହାପଥର ଖଣିରେ ଜଙ୍ଗଲ ଆଇନର ଉଲ୍ଲଂଘନ ଅଭିଯୋଗରେ ବନ ବିଭାଗ ଦ୍ୱାରା ଏହାର କାର୍ଯ୍ୟାଦେଶ ପ୍ରତ୍ୟାହୃତ କରାଯିବା ଘଟଣାରେ ଜିନ୍ଦଲ ଷ୍ଟିଲ ଲିମିଟେଡ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ହାଇକୋର୍ଟ ବିଚାରପତି ଡ. ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ମଙ୍ଗଳବାର ମାମଲାର ପ୍ରାଥମିକ ଶୁଣାଣି କରିଛନ୍ତି। ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ଜରିଆରେ ଜବାବ ଦାଖଲ କରାଯାଇଥିବାବେଳେ ଆବେଦନକାରୀ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍(ଜେଏସ୍‌ପିଏଲ୍) ହାଇକୋର୍ଟରେ ପ୍ରତିଜବାବ ଦାଖଲ କରିବା ପାଇଁ କିଛି ସମୟ ଲୋଡ଼ିଛି। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ନଭେମ୍ବର ୧୦ ତାରିଖ ଅପରାହ୍ନ ୨ଟାକୁ ଧାର୍ଯ୍ୟ ହୋଇଛି।

ସୂଚନା ଅନୁସାରେ, କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ରୋଇଡ଼ା-୧ ଲୁହାପଥର ଖଣିରେ ଜଙ୍ଗଲ ଆଇନ ଉଲ୍ଲଂଘନ କରିଥିବା ଅଭିଯୋଗରେ ଜେଏସ୍‌ପିଏଲ୍ କମ୍ପାନୀର ଖଣି କାର୍ଯ୍ୟାଦେଶ ବନ ବିଭାଗ ପ୍ରତ୍ୟାହାର କରିଛି। ବନବିଭାଗ ଗତ ୨୨ ତାରିଖରେ ଏନେଇ ଏକ ମାମଲା ରୁଜୁ କରିବା ସହ ଜିନ୍ଦଲର ୨ଟି ଗାଡ଼ି ମଧ୍ୟ ଜବତ କରିଛି। ୨୦୨୫ ନିଲାମ ପ୍ରକ୍ରିୟାରେ ରୋଇଡ଼ା-୧ ଲୁହାପଥର ଖଣି ଜିନ୍ଦଲ କମ୍ପାନୀ ହାତକୁ ଯାଇଥିଲା। ପ୍ରକ୍ରିୟା ଅନୁଯାୟୀ ପୂର୍ବ ଲିଜ୍‌ଧାରୀଙ୍କ ଦ୍ୱାରା ଧାରଣ ସମସ୍ତ ଅଧିକାର ଏବଂ ବୈଧାନିକ ମଞ୍ଜୁରୀ ଅନୁଯାୟୀ କାର୍ଯ୍ୟ ଜାରି ରଖିବା ପାଇଁ ଜିନ୍ଦଲକୁ ଅନୁମତି ମିଳିଥିଲା। ୨୦୨୫ ନିଲାମ ପ୍ରକ୍ରିୟା ପୂର୍ବରୁ ଏହି ଖଣି ବଡ଼ବିଲସ୍ଥିତ ମିଡ୍ ଇଷ୍ଟ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ଅଧୀନରେ ଥିଲା। ଏହି କମ୍ପାନୀ ମଧ୍ୟ ସେତେବେଳେ ବୈଧାନିକ ସରକାରୀ ଅନୁମୋଦନରେ କିଛି ସର୍ତ୍ତକୁ ଖିଲାପ କରିଥିଲା। ଏଥିସହ ଉକ୍ତ କମ୍ପାନୀ ସେତେବେଳେ ସିଦ୍ଧମଠ ଜଙ୍ଗଲ ଦେଇ ଯାଇଥିବା ଏକ ରାସ୍ତା ବ୍ୟବହାର କରୁଥିଲା। ଜିନ୍ଦଲ ନିଲାମରେ ଖଣି ପାଇବା ପରେ ସିଦ୍ଧମଠ ଜଙ୍ଗଲ ଦେଇ ଯାଇଥିବା ସେହି ରାସ୍ତାକୁ ବ୍ୟବହାର କରୁଛି। ଯଦିଓ ପୂର୍ବରୁ ଏହା ଅଣ ଜଙ୍ଗଲରେ ରୂପାନ୍ତରିତ ପାଇଁ ଡାଇଭର୍ସନ ପ୍ରସ୍ତାବ ଦାଖଲ କରାଯାଇଥିଲା। ଏଥିରେ ସର୍ତ୍ତାବଳୀ ପାଳନ ହୋଇ ନ ଥିବାରୁ ଜଙ୍ଗଲ ଅନୁମୋଦନ ମିଳି ନ ଥିଲା। କିନ୍ତୁ ଜିନ୍ଦଲ ରୋଇଡ଼ା ଜଙ୍ଗଲ ଜମି ଡାଇଭର୍ସନ ଲାଗି ପୂର୍ବ ଅନୁମୋଦନ ନ ନେଇ ଖଣିଜ ପରିବହନ ପାଇଁ ଉକ୍ତ ରାସ୍ତାକୁ ବ୍ୟବହାର କରି ଆସୁଥିଲା, ଯାହାକି ଆବଶ୍ୟକ ଅନୁମତି ବିନା ରାସ୍ତା ବ୍ୟବହାର ଜଙ୍ଗଲ ସଂରକ୍ଷଣ ଆଇନ ଏବଂ ଓଡ଼ିଶା ଜଙ୍ଗଲ ଆଇନର ସ୍ପଷ୍ଟ ଉଲ୍ଲଂଘନ ବୋଲି ବନ ବିଭାଗ ଦର୍ଶାଇଛି। ଏନେଇ ବନ ବିଭାଗ ପକ୍ଷରୁ ଜିନ୍ଦଲର ସ୍ଥାନୀୟ ଅଧିକାରୀଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଛି। ବନ ବିଭାଗର ଏଭଳି କାର୍ଯ୍ୟକୁ ନେଇ ଜେଏସ୍‌ପିଏଲ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି।

ଜେଏସ୍‌ପିଏଲ୍ ପକ୍ଷରୁ ଆଗତ ମାମଲାରେ ରାଜ୍ୟ ସରକାର, ଓଡ଼ିଶା ମାଇନ୍‌ସ ଆଣ୍ଡ ଜିଓଲୋଜିର ନିର୍ଦ୍ଦେଶକ, ରାଜ୍ୟ ଇସ୍ପାତ ଓ ଖଣି ବିଭାଗ, କେନ୍ଦୁଝର ଡିଏଫ୍‌ଓ, କେନ୍ଦୁଝର ଜିଲାପାଳ, ବଡ଼ବିଲ ରେଞ୍ଜ ଅଫିସରଙ୍କୁ ପକ୍ଷଭୁକ୍ତ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ନାୟକ ଓ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଶୋକ ପରିଜା ମାମଲା ପରିଚାଳନା କରୁଛନ୍ତି।

# ଯୁକ୍ତ୨ ଏକ୍ସ-ରେଗୁଲାର ଫର୍ମ ପୂରଣ ଅବଧି ବୃଦ୍ଧି

ଭୁବନେଶ୍ୱର,୨୯।୧୦(ସୁଚିସ୍ମିତା ସାହୁ)

୨୦୨୬ରେ ହେବାକୁଥିବା ଯୁକ୍ତ ୨ ପରୀକ୍ଷା ପାଇଁ ଫର୍ମ ପୂରଣ ଅବଧିକୁ ବୃଦ୍ଧି କରାଯାଇଛି। ବାତ୍ୟା 'ମୋନ୍ଥା' ଲାଗି ଫର୍ମପୂରଣ ବାଧାପ୍ରାପ୍ତ ହୋଇଥିବାରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପାଠ୍ୟକ୍ରମର କେବଳ ଏକ୍ସ-ରେଗୁଲାର ଛାତ୍ରୀଛାତ୍ରଙ୍କୁ ଏହି ସୁଯୋଗ ଦିଆଯାଇଛି। ପୂର୍ବରୁ ଏକ୍ସ-ରେଗୁଲାର ଛାତ୍ରୀଛାତ୍ରଙ୍କ ଫର୍ମ ପୂରଣର ଶେଷ ତାରିଖ ଅକ୍ଟୋବର ୨୫ ଧାର୍ଯ୍ୟ କରାଯାଇଥିବା ବେଳେ ଏବେ ଏହାକୁ ନଭେମ୍ବର ୩ ଯାଏ ବୃଦ୍ଧି କରାଯାଇଛି। ସେହିପରି ଅକ୍ଟୋବର ୨୭ ପର୍ଯ୍ୟନ୍ତ ଟଙ୍କା ପଇଠ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଏବେ ଏହାକୁ ନଭେମ୍ବର ୩ ଯାଏ ବୃଦ୍ଧି କରାଯାଇଛି। କଲେଜ କର୍ତ୍ତୃପକ୍ଷଙ୍କ ନିବେଦନ ପରେ ସିଏଚ୍‌ଏସ୍‌ଇ ଏଭଳି ନିଷ୍ପତ୍ତି ନେଇଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସିଏଚ୍‌ଏସ୍‌ଇ ଅଧୀନରେ ଥିବା ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଓ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଚିଠି ଲେଖି ଜଣାଇଛନ୍ତି।

ଫର୍ମ ପୂରଣ ନିମନ୍ତେ ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କୁ ୬୦୦ ଟଙ୍କା ସହିତ ମାଇଗ୍ରେଶନ ସାର୍ଟିଫିକେଟ ପାଇଁ ୧୦୦ ଟଙ୍କା ଏବଂ ପାସ୍ ସାର୍ଟିଫିକେଟ ଲାଗି ୧୦୦ ଟଙ୍କା ପୈଠ କରିବାକୁ ପଡ଼ିବ। ଏହାସହ ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କୁ ନିଜ ବିଷୟ ଅନୁଯାୟୀ ପ୍ରୋଜେକ୍ଟ ୱାର୍କ/ପ୍ରାକ୍ଟିକାଲ ପରୀକ୍ଷା/ଇଭାଲ୍ୟୁଏଶନ କିମ୍ବା ଇଣ୍ଟରନାଲ ପରୀକ୍ଷା ପାଇଁ ପ୍ରତି ପେପର ପିଛା ୪୦ ଟଙ୍କା ଲେଖାଏ ଦାଖଲ କରିବାକୁ ପଡ଼ିବ। ଯେଉଁ ପରୀକ୍ଷାର୍ଥୀମାନେ ବିଳମ୍ବରେ ଫର୍ମ ପୂରଣ କରିବେ, ସେମାନଙ୍କୁ ଅତିରିକ୍ତ ଦେୟ ବା ଫାଇନ୍ ଦେବାକୁ ପଡ଼ିବ। ଫର୍ମ ପୂରଣ ପାଇଁ ଦିଆଯାଇଥିବା ନିର୍ଦ୍ଧାରିତ ତାରିଖ ପରେ ଅର୍ଥାତ୍ ନଭେମ୍ବର ୧୦ରୁ ୧୪ ମଧ୍ୟରେ ଫର୍ମ ପୂରଣ କଲେ ୨୦୦ ଟଙ୍କା ଫାଇନ୍ ଦେବାକୁ ପଡ଼ିବ। ଯଦି ଏହି ସମୟରେ ପରୀକ୍ଷାର୍ଥୀମାନେ ଫର୍ମ ପୂରଣ କରିପାରିବେ ନାହିଁ, ତେବେ ସେମାନେ ନଭେମ୍ବର ୧୭ରୁ ୧୯ ଭିତରେ ଫର୍ମ ପୂରଣ କରିବା ପାଇଁ ପରିଷଦ ପକ୍ଷରୁ ସୁଯୋଗ ଦିଆଯିବ। କିନ୍ତୁ ଏଥିନିମନ୍ତେ ଅତିରିକ୍ତ ଦେୟ ୬୦୦ ଟଙ୍କା ପଇଠ କରିବାକୁ ହେବ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ରେଗୁଲାର ପରୀକ୍ଷାର୍ଥୀଙ୍କ ଫର୍ମ ପୂରଣ ଓ ଅନ୍ୟାନ୍ୟ ପ୍ରକ୍ରିୟାରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ।

# ରାଜ୍ୟ ସମବାୟ ବ୍ୟାଙ୍କକୁ ୨୦ହଜାର ଜରିମାନା

**ଅବସରପ୍ରାପ୍ତଙ୍କୁ ଗ୍ରାଚ୍ୟୁଇଟି ପ୍ରଦାନରେ ଟାଳଟୁଳ**

ଭୁବନେଶ୍ୱର,୨୯।୧୦
(ରବିନାରାୟଣ ଜେନା)

ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ(ଓଏସ୍‌ସିବି) ଓ ତାହାର ଅଧିବକ୍ତାଙ୍କ ଆଚରଣକୁ ନେଇ ଓଡ଼ିଶା ହାଇକୋର୍ଟ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ଜଣେ କର୍ମଚାରୀଙ୍କୁ ସରକାରୀ ପ୍ରାପ୍ୟ(ଗ୍ରାଚ୍ୟୁଇଟି) ପ୍ରଦାନରେ ଅହେତୁକ ବିଳମ୍ବ ଏବଂ କୋର୍ଟଙ୍କ ସମୟ ଅପଚୟକୁ ନେଇ ଓଡ଼ିଶା ହାଇକୋର୍ଟଙ୍କ ପକ୍ଷରୁ ଓଏସ୍‌ସିବିକୁ ଭର୍ତ୍ସନା କରାଯାଇଛି। ଏହାସହିତ ୬ ସପ୍ତାହ ମଧ୍ୟରେ ୨୦ ହଜାର ଟଙ୍କାର ଜରିମାନା ରାଶିକୁ ସଂପୃକ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଗତ ମଙ୍ଗଳବାର ମାନଗୋବିନ୍ଦ ବାରିକ ନାମକ ଜଣେ କର୍ମଚାରୀଙ୍କ ମାମଲାର ଶୁଣାଣିକରି ବିଚାରପତି ସଞ୍ଜୟ କୁମାର ମିଶ୍ର ଏହି ରାୟ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ଜଣାଯାଇଛି ଯେ, ମାନଗୋବିନ୍ଦ ଅବସର ନେଲାପରେ ବି ତାଙ୍କ ଗ୍ରାଚ୍ୟୁଇଟି ରାଶି ଦୀର୍ଘଦିନ ଧରି ପ୍ରଦାନ କରାଯାଇ ନ ଥିଲା। ଏଥିପାଇଁ ତାଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଆଇନ ସହ ଲଢ଼ିବାକୁ ପଡ଼ିଥିଲା। ବିଚାରପତି ମାମଲାର ଶୁଣାଣିବେଳେ କହିଛନ୍ତି, ବ୍ୟାଙ୍କ ପକ୍ଷରୁ ଅଧିବକ୍ତା ଅଦାଲତ ସମ୍ମୁଖରେ ଭୁଲ୍ ବିବୃତି ଦେଇଥିଲେ ଓ ପୂର୍ବର ସମାନ ମାମଲାର ରାୟଗୁଡ଼ିକୁ ମଧ୍ୟ ଲୁଚାଇ ରଖିଥିଲେ। ହାଇକୋର୍ଟ ଏହାକୁ ପେସାଗତ ଅନୀତି ଭାବେ ବିବେଚନା କରିବା ସହିତ ଏପରି ଆଚରଣ ଅଧିବକ୍ତାଙ୍କ ସତ୍ୟନିଷ୍ଠା ଓ ଅଦାଲତର ଭରସାକୁ ହାନି କରେ ବୋଲି ଟିପ୍ପଣୀ ଦେଇଛନ୍ତି। ଅଦାଲତକୁ ଭ୍ରମିତ କରିବା କିମ୍ବା ତଥ୍ୟ ଲୁଚାଇ ରଖିବା ଗୁରୁତର ଅପରାଧ। ତେଣୁ ହାଇକୋର୍ଟ ରିଟ୍ ପିଟିଶନକୁ ଖାରଜ କରିବା ସହିତ ଓଏସ୍‌ସିବି ଉପରେ ୨୦,୦୦୦ ଟଙ୍କାର ଆର୍ଥିକ ଦଣ୍ଡ ପ୍ରଦାନ କରିଛନ୍ତି। ଏହି ଅର୍ଥକୁ ୬ ସପ୍ତାହ ମଧ୍ୟରେ ଅବସରପ୍ରାପ୍ତ ମାନଗୋବିନ୍ଦଙ୍କୁ ପ୍ରଦାନ କରିବାକୁ ବିଚାରପତି ଆଦେଶରେ ଦର୍ଶାଇଛନ୍ତି।

# ଖୁବ୍‌ଶୀଘ୍ର କ୍ଷୟକ୍ଷତି ଆକଳନ, ସହାୟତା ବଣ୍ଟନ: ରାଜସ୍ୱମନ୍ତ୍ରୀ

ଭୁବନେଶ୍ୱର,୨୯।୧୦
(ରବିନାରାୟଣ ଜେନା)



ଖବରଦାତା ସମ୍ମିଳନୀରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ସଚିବ ଦେଓରଞ୍ଜନ କୁମାର ସିଂ।

- ୩୩ ବ୍ଲକ୍, ୧୧ ସହରାଞ୍ଚଳ ପ୍ରଭାବିତ
- ବାତ୍ୟା ପରବର୍ତ୍ତୀ ସମୀକ୍ଷା ବୈଠକ

ବାତ୍ୟା ମୋନ୍ଥା ପ୍ରଭାବରେ ୩୩ଟି ବ୍ଲକ୍ ଓ ୧୧ଟି ସହରାଞ୍ଚଳ ପ୍ରଭାବିତ ହୋଇଛି। ୩୬୨ ସ୍ଥାନରେ ୧୮ ହଜାର ୭୬୨ ଜଣଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି। ଗୁରୁବାରଠାରୁ କ୍ଷୟକ୍ଷତି ଆକଳନ ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ବୁଧବାର ବାତ୍ୟା କ୍ଷୟକ୍ଷତି ସମୀକ୍ଷା ପରେ ମନ୍ତ୍ରୀ ପୂଜାରୀ ଗଣମାଧ୍ୟମକୁ କହିଛନ୍ତି, ବାତ୍ୟା ଯୋଗୁ କ୍ଷତି ହୋଇଥିବା ଶସ୍ୟର ଠିକ୍ ଭାବେ ଅଧିକାରୀ ଆକଳନ କରିବେ। ୭୨ ଘଣ୍ଟାରେ ରିପୋର୍ଟ ଦେବାକୁ କୁହାଯାଇଛି। ଅଧିକ ସରକାରୀ କର୍ମଚାରୀ ଆବଶ୍ୟକ ହେଲେ ଅନ୍ୟ ଜିଲାରୁ ଅଣାଯିବ। ବହୁ ସ୍ଥାନରେ ଘରର କାନ୍ଥ ଭାଙ୍ଗିଛି, ସେମାନଙ୍କୁ ପଲିଥିନ ଯୋଗାଇ ଦିଆଯାଇଛି। ଘର କ୍ଷତି ହୋଇଥିଲେ ଆକଳନ ପରେ କ୍ଷତିପୂରଣ ଦିଆଯିବ। ଆକଳନ ବେଳେ ଅଧିକାରୀମାନେ ବ୍ୟାଙ୍କଖାତା, ଆକାଉଣ୍ଟ ନମ୍ବର ସଂଗ୍ରହ କରିବାକୁ କୁହାଯାଇଛି। ଯାହାଫଳରେ ଅନ୍‌ଲାଇନ୍ ଜରିଆରେ ତୁରନ୍ତ କ୍ଷତିପୂରଣ ସହାୟତା ଦିଆଯାଇପାରିବ।

ମନ୍ତ୍ରୀ ଆହୁରି କହିଥିଲେ, ଆସନ୍ତା ୩୧ ତାରିଖ ଯାଏ ସତର୍କ ରହିବାକୁ ପଡ଼ିବ। ଗୁରୁବାର ମଧ୍ୟ କିଛି ସ୍ଥାନରେ ବର୍ଷାହେବାର ସମ୍ଭାବନା ରହିଛି। ଗଜପତିର ଗୋଷାଣୀ ବ୍ଲକ୍‌ରେ ସର୍ବାଧିକ ୧୫୦ ମିଲିମିଟର ବର୍ଷା ହୋଇଛି। ଅନ୍ୟ ୫୬ଟି ବ୍ଲକ୍‌ରେ ୫୦ରୁ ୧୦୦ ମି.ମି. ବର୍ଷା ହୋଇଛି। ବାତ୍ୟା ମୁକାବିଲା ନିମନ୍ତେ ୧୬୧ଟି ଟିମ୍ ନିୟୋଜିତ ହୋଇଥିଲା। ୨୧୬୪ଟି ବାତ୍ୟା ଆଶ୍ରୟସ୍ଥଳକୁ ୧୯ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଏଥିସହ ୨୧୮୯ ଗର୍ଭବତୀଙ୍କୁ ସ୍ଥାନାନ୍ତର କରାଯାଇଥିଲା। ନୀରବଚ୍ଛିନ୍ନ ବିଦ୍ୟୁତ୍ ସେବା ଆହ୍ୱାନ ଥିଲା। ଅଧିକାଂଶ ସ୍ଥାନରେ ଭାଙ୍ଗିପଡ଼ିଥିବା ଗଛ କଟାଯାଇ ରାସ୍ତା ସଫା କରାଯାଇଛି। ୨୯ ଅକ୍ଟୋବର ଆଜିର ଦିନରେ ୧୯୯୯ ମସିହାରେ ମହାବାତ୍ୟା ଆସିଥିଲା। ଆଇଏମ୍‌ଡିର ପୂର୍ବ ଆକଳନ ଅନୁଯାୟୀ ବାତ୍ୟା ମୋନ୍ଥା ୨୯ ତାରିଖରେ ହେବାର ଥିଲା। ସମ୍ଭାବ୍ୟ ବାତ୍ୟାରୁ ଓଡ଼ିଶା ରକ୍ଷା ପାଇଯାଇଛି। ବାତ୍ୟା ଦିଗ ପରିବର୍ତ୍ତନ କରି ଓଡ଼ିଶା ସୀମା ଛୁଇଁ ଝାଡ଼ଖଣ୍ଡ ଚାଲିଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ପୂଜାରୀ ପୁଣି କହିଛନ୍ତି, ରାଜ୍ୟ ସରକାର ବାତ୍ୟା ପୂର୍ବରୁ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷାକରି ପ୍ରାକ୍ ପ୍ରସ୍ତୁତି କରିଥିଲେ। ମୋନ୍ଥା ପରିଚାଳନା ପାଇଁ ୩୩ଟି ଓଡ୍ରାଫ୍ ଦଳ, ୫ଟି ଏନ୍‌ଡିଆର୍‌ଏଫ୍, ୧୩୩ଟି ଅଗ୍ନିଶମ ବାହିନୀକୁ ମିଶାଇ ମୋଟ ୧୬୧ଟି ଦଳ ନିୟୋଜିତ ହୋଇଥିଲେ। ୨୧୬୪ଟି ବାତ୍ୟା/ବନ୍ୟା ଆଶ୍ରୟସ୍ଥଳକୁ ଚିହ୍ନଟ କରାଯାଇ ୧୮,୭୩୨ ଜଣ ଲୋକଙ୍କୁ ନିରାପଦ ଭାବେ ସ୍ଥାନାନ୍ତର କରାଯାଇଥିବାବେଳେ ସେମାନଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ଏହାସହିତ ୨୧୯୮ ଜଣ ଆସନ୍ନ ପ୍ରସବାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ଓ ମା'ଗୃହକୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇଥିଲା। ବାତ୍ୟା ପ୍ରଭାବ ଆଶଙ୍କା ଥିବା ଅଞ୍ଚଳରେ ୬୦ ଡାକ୍ତରୀଦଳକୁ ନିୟୋଜିତ କରାଯାଇଥିବାବେଳେ ପ୍ରାଣୀସମ୍ପଦର ସୁରକ୍ଷା ପାଇଁ ୩୫ଟି ପଶୁଚିକିତ୍ସା ଦଳ ନିୟୋଜିତ ହୋଇଥିଲେ।

# ନିଶା ମାଙ୍କଡ଼ିଆଙ୍କ ଅନାହାର ମୃତ୍ୟୁ ଏକ କଳଙ୍କିତ ଅଧ୍ୟାୟ: କଂଗ୍ରେସ

ଭୁବନେଶ୍ୱର,୨୯।୧୦
(ରବିନାରାୟଣ ଜେନା)

ଯାଜପୁର ଜିଲା ସୁକିନ୍ଦା ଅଞ୍ଚଳରେ ଘଟିଥିବା ନିଶା ମାଙ୍କଡ଼ିଆଙ୍କ ଅନାହାର ମୃତ୍ୟୁ ରାଜ୍ୟ ସରକାରଙ୍କ ପାଇଁ ଏକ କଳଙ୍କିତ ଅଧ୍ୟାୟ ବୋଲି କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି। ବୁଧବାର କଂଗ୍ରେସ ଭବନରେ ବିଧାୟକ ଦାସ ଖବରଦାତା ସମ୍ମିଳନୀରେ କହିଛନ୍ତି, ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଏକ ତଥ୍ୟ ଅନୁଧ୍ୟାନ କମିଟି ଉକ୍ତ ଅଞ୍ଚଳକୁ ଗସ୍ତ କରିଥିଲା। ଉକ୍ତ କମିଟିର ସଦସ୍ୟ ଭାବେ ମୁଁ ମଧ୍ୟ ଅନାହାର ମୃତ୍ୟୁ ସ୍ଥଳକୁ ଯାଇ ସମସ୍ତ ତଥ୍ୟ ଅନୁଧ୍ୟାନ କରିଥିଲୁ। ନିଶା ମାଙ୍କଡ଼ିଆକୁ ଚାଉଳ ମିଳୁ ନ ଥିଲା। ବାସୋପଯୋଗୀ ଘର ଖଣ୍ଡିଏ ନ ଥିବାରୁ ସେ ପଲିଥିନ ତଳେ ରହୁଥିଲେ। ସମ୍ପର୍କୀୟଙ୍କ କିଛି ଖାଦ୍ୟରେ ସେ ଜୀବନ ବିତାଉଥିଲେ। ରୋଗଗ୍ରସ୍ତ ହୋଇ ସେ ଅନାହାରରେ ମୃତ୍ୟୁବରଣ କରିଛନ୍ତି। ସେ ପୁଣି କହିଛନ୍ତି, କଂଗ୍ରେସ ସରକାର ଥିବା ବେଳେ ଅନାହାର ମୃତ୍ୟୁକୁ ରୋକିବା ପାଇଁ ଏମ୍‌ଜିଏନ୍‌ଆର୍‌ଜିଏସ୍ ଯୋଜନା ଆରମ୍ଭ ହୋଇଥିଲା ଏବଂ ଏହାର ସୁଫଳ ମଧ୍ୟ ମିଳିଥିଲା। କିନ୍ତୁ ଏବର ସରକାର ବିଭିନ୍ନ ଆଳ ଦେଖାଇ ଉକ୍ତ ଯୋଜନାକୁ ଯେତେ ଟଙ୍କା ଦେବା କଥା ଦେଉନାହାନ୍ତି।

ଦାସ କହିଛନ୍ତି ଯେ, ଆଦିବାସୀଙ୍କ କଲ୍ୟାଣ ନିମିତ୍ତ ଅନେକ ଯୋଜନା ଅଛି। ହେଲେ ହିତାଧିକାରୀଙ୍କ ପାଖରେ ତାହା ପହଞ୍ଚିପାରୁନାହିଁ କିମ୍ବା ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନାହିଁ। ପୂର୍ବରୁ ସୁକିନ୍ଦା ଅଞ୍ଚଳରେ ସୁଭଦ୍ରା ମାଙ୍କଡ଼ିଆ ନାମ୍ନୀ ଜଣେ ଆଦିବାସୀ ମହିଳାଙ୍କ ଅନାହାରରେ ମୃତ୍ୟୁ ଘଟିଥିବାବେଳେ ଏବେ ନିଶା ମାଙ୍କଡ଼ିଆଙ୍କ ମୃତ୍ୟୁ ସରକାରଙ୍କ ଅସଲ ମୁଖା ଖୋଲିଦେଇଛି। ଅନାହାରଜନିତ ମୃତ୍ୟୁକୁ ସରକାର ହାଲୁକା ଭାବେ ଗ୍ରହଣ ନ କରି ଆଦିବାସୀଙ୍କ ସୁବିଧା ସୁଯୋଗ ପ୍ରତି ଯତ୍ନବାନ୍ ହେବା ପାଇଁ ବିଧାୟକ ଦାସ ଦାବି କରିଛନ୍ତି। ଏହି ସମ୍ମିଳନୀରେ ପିସିସି ମୁଖପାତ୍ର ହିମାଂଶୁ ଲେଙ୍କା ଉପସ୍ଥିତ ଥିଲେ।

# ଗଜପତିରେ ଭୂସ୍ଖଳନ: ରାସ୍ତା ଅବରୋଧ, ଯାତାୟାତ ଠପ୍



ପାରଳାଖେମୁଣ୍ଡି,୨୯।୧୦
(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ରାୟଗଡ ବ୍ଲକ ଏସ. କରାଡସିଂ ପଞ୍ଚାୟତର ବୋଣ୍ଡା ଗ୍ରାମରେ ଭୂସ୍ଖଳନ ଘଟିଛି। ଫଳରେ ବୋଣ୍ଡା, ଖିଲିଗଣ୍ଡା, କୁଡ଼ିଙ୍ଗି, ଉପରସାଙ୍କୁରଡ଼ା ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଗତ ୪ଦିନ ହେଲା ଲଗାଣ ବର୍ଷା ଯୋଗୁ ବ୍ଲକର ବିଭିନ୍ନ ସ୍ଥାନରେ ମାଟି ଅତଡା ଧସିବା ସହ ଭୂସ୍ଖଳନ ଘଟିଥିବା ଜଣାପଡ଼ିଛି। ଘଟଣା ସ୍ଥଳରେ ଏନ୍‌ଡିଆରଏଫ ଓ ଓଡ୍ରାଫ ଟିମ୍ ପହଞ୍ଚି ଯାତାୟାତ ସ୍ୱାଭାବିକ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ବାତ୍ୟା 'ମୋନ୍ଥା' ଦୁର୍ବଳ ହୋଇଥିଲେ ମଧ୍ୟ ଅନେକ ସ୍ଥାନରେ ଲଗାଣ ବର୍ଷା ଜାରି ରହିଥିବାରୁ ଜିଲାର ବିଭିନ୍ନ ସ୍ଥାନରେ ମାଟି ଧସିବା ସହ ଭୂସ୍ଖଳନ ପରିସ୍ଥିତି ସୃଷ୍ଟି ହୋଇଛି।

# ପିନ୍ ଗିଳିଦେବାରୁ ଛାତ୍ରଙ୍କ ମୃତ୍ୟୁ

**ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଅଭିଯୋଗ ଆଣିଲେ ବାପା**

ଫୁଲବାଣୀ,୨୯।୧୦
(ରାକେଶ କୁମାର ରାଉତ)

ଫୁଲବାଣୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଜଣେ ୭ମ ଶ୍ରେଣୀ ଛାତ୍ର ନୋଟିସ୍ ବୋର୍ଡରେ ଲାଗିଥିବା ପିନ୍ ଗିଳି ଦେବାରୁ ତାଙ୍କର ମୃତ୍ୟୁ ହୋଇଛି। ଛାତ୍ର ଜଣଙ୍କ ହେଲେ ତୁଷାର ମିଶ୍ର। ପୁଅର ମୃତ୍ୟୁ ପାଇଁ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ପ୍ରିନ୍ସିପାଲ ଦାୟୀ ବୋଲି ତୁଷାରଙ୍କ ବାପା କାଳୀପ୍ରସାଦ ମିଶ୍ର ଅଭିଯୋଗ କରିଛନ୍ତି। ତୁଷାରଙ୍କ ଘର ଦାରିଙ୍ଗବାଡ଼ିରେ।



ସେ ମାମୁଘର ଫୁଲବାଣୀ କଣ୍ଟ୍ରାକ୍ଟରପଡ଼ାରେ ରହି ଆଦର୍ଶ ବିଦ୍ୟାଳୟରେ ପଢୁଥିଲେ। ଗତ ୧୫ ତାରିଖରେ ତୁଷାର ସ୍କୁଲ ଯାଇଥିଲେ। ସ୍କୁଲ ନୋଟିସ ବୋର୍ଡରୁ ଏକ ପିନ୍ ଆଣି ସେ ପାଟିରେ ଧରିଥିବା ବେଳେ ଅସାବଧାନତାବଶତଃ ତାହାକୁ ଗିଳି ଦେଇଥିଲେ। ତୁଷାର ଏବଂ ତାଙ୍କର କେତେଜଣ ସାଙ୍ଗ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ପ୍ରିନ୍ସିପାଲଙ୍କୁ ଜଣାଇଥିଲେ। ହେଲେ ସେମାନେ ଏହାକୁ ଗୁରୁତ୍ୱ ନ ଦେଇ ପାଣି ପିଇଦେ ଚାଲିଯିବ ବୋଲି କହିଥିଲେ। ଘରକୁ ଆସିବା ବାଟରେ ତୁଷାର ନିଃଶ୍ୱାସ ନେବାରେ ଅସୁବିଧା ଅନୁଭବ କରିଥିଲେ। ଅଜାଙ୍କୁ ସେ ଏହି ଘଟଣା କହିବାରୁ ତୁରନ୍ତ ତାଙ୍କୁ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ରେଫର କରି ଦିଆଯାଇଥିଲା। ବ୍ରହ୍ମପୁର ମେଡିକାଲରେ ଡାକ୍ତର ପରୀକ୍ଷା କରିବାରୁ ପିନ୍‌ଟି ଫୁସ୍‌ଫୁସ ପାଖରେ ଅଟକି ଥିବା ଜଣାପଡ଼ିଥିଲା। ସେଠାରୁ ତୁଷାରଙ୍କୁ କଟକ ଶିଶୁଭବନ ପଠାଇ ଦିଆଯାଇଥିଲା। ଡାକ୍ତର ଅସ୍ତ୍ରୋପଚାର କରି ପିନ୍‌ଟି କାଢ଼ିଥିଲେ। ଚିକିତ୍ସାରେ ବିଳମ୍ବ ହୋଇଥିବାରୁ ତୁଷାର ପ୍ରଥମେ ପକ୍ଷାଘାତର ଶିକାର ହୋଇ କୋମାକୁ ଚାଲି ଯାଇଥିଲେ। ଡାକ୍ତରମାନଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ଗତ ୨୬ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ପୁଅ ପିନ୍ ଖାଇ ଦେଲା ପରେ ଶିକ୍ଷକମାନଙ୍କୁ ଜଣାଇଥିଲା। ହେଲେ ଏହାକୁ କେହି ଗୁରୁତ୍ୱର ସହ ନେଇ ନ ଥିଲେ। ତେଣୁ ମୋ ପୁଅ ଚାଲିଗଲା। ସରକାର ଏ ଦିଗରେ କଡ଼ା ପଦକ୍ଷେପ ନେଇ ତୁରନ୍ତ ସେମାନଙ୍କୁ ବହିଷ୍କାର କରନ୍ତୁ ବୋଲି ତୁଷାରଙ୍କ ବାପା କାଳୀପ୍ରସାଦ କହଛନ୍ତି।

DSPL - 331

## ବିଶ୍ୱ ମିତବ୍ୟୟିତା ଦିବସ ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଭାରତ ବର୍ଷର ଅନ୍ୟାନ୍ୟ ରାଜ୍ୟ ଭଳି ଆମ ରାଜ୍ୟରେ ମଧ୍ୟ ଅକ୍ଟୋବର ୩୦ ତାରିଖକୁ ବିଶ୍ୱ ମିତବ୍ୟୟିତା ଦିବସ ରୂପେ ପାଳନ କରାଯାଉଛି । ଏହି ଅବସରରେ ଓଡ଼ିଶାବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଯୁଗେ ଯୁଗେ ମନୁଷ୍ୟ ଜୀବନରେ ମିତବ୍ୟୟିତା ଓ ସଂଚୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଆସିଛି । ଆର୍ଥିକ ଦୃଷ୍ଟିରୁ ଏକ ସୁରକ୍ଷିତ ଭବିଷ୍ୟତ ପାଇଁ ନିୟମିତ ସଞ୍ଚୟ ଏକାନ୍ତ ଅପରିହାର୍ଯ୍ୟ । ନିୟମିତ ସଞ୍ଚୟ ବ୍ୟକ୍ତିକୁ ଆର୍ଥିକ ନିରାପତ୍ତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗୃହନିର୍ମାଣ ଭଳି ପ୍ରମୁଖ ଅତ୍ୟାବଶ୍ୟକୀୟ କାର୍ଯ୍ୟ ସମାପନ ପାଇଁ ପାଣ୍ଠି ଯୋଗାଇ ଦେଇଥାଏ ।

ଆର୍ଥିକ ଦୃଷ୍ଟିରୁ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା ପାଇଁ ଅପବ୍ୟୟ ପରିହାର, ମିତବ୍ୟୟିତା ଅବଲମ୍ବନ ଓ ସଞ୍ଚୟକୁ ଏକ ଅଭ୍ୟାସରେ ପରିଣତ କରିବା ଆଜିର ଦିବସରେ ଆମ ସମସ୍ତଙ୍କର ସଂକଳ୍ପ ହେଉ ।

ବିଶ୍ୱ ମିତବ୍ୟୟିତା ଦିବସ ପାଳନର ଉଦ୍ଦେଶ୍ୟ ସାଧନ କରିବା ନିମନ୍ତେ ସମସ୍ତଙ୍କର ସହଯୋଗ ଆଶା କରିବା ସହିତ ମୁଁ ସମସ୍ତ ରାଜ୍ୟବାସୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

(ହରି ବାବୁ କମ୍ଭମ୍ପାଟି)
ରାଜ୍ୟପାଳ, ଓଡ଼ିଶା

OIPR-05001/13/0012/2526

DSPL - 331

## ବିଶ୍ୱ ମିତବ୍ୟୟିତା ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ବିଶ୍ୱ ମିତବ୍ୟୟିତା ଦିବସ ଉପଲକ୍ଷେ ରାଜ୍ୟବାସୀ ସମସ୍ତ ଭାଇ ଓ ଭଉଣୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଖାଦ୍ୟ, ବସ୍ତ୍ର, ବାସଗୃହ ମନୁଷ୍ୟର ଜୀବନଧାରଣ ପାଇଁ ଯେପରି ତିନୋଟି ମୌଳିକ ଆବଶ୍ୟକତା, ଠିକ୍ ସେହିପରି ବର୍ତ୍ତମାନ ସମୟରେ ସୁଶିକ୍ଷା, ସୁସ୍ୱାସ୍ଥ୍ୟ ଓ ସୁଚିନ୍ତିତ ଆର୍ଥିକ ସଞ୍ଚୟ ମଧ୍ୟ ପ୍ରତ୍ୟେକ ବ୍ୟକ୍ତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅନିଶ୍ଚିତ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ନିୟମିତ ଓ ଯୋଜନାବଦ୍ଧ ସଞ୍ଚୟ ଏକାନ୍ତ ଜରୁରୀ ।

ଅପବ୍ୟୟ ଓ ଅପଚୟକୁ ପରିତ୍ୟାଗ କରି ନିଜସ୍ୱ ସମ୍ବଳର ମିତବ୍ୟୟିତା ପୂର୍ବକ ସୁବିନିଯୋଗ, ନିୟମିତ ସଞ୍ଚୟକୁ ସହଜସାଧ୍ୟ କରିଥାଏ । ଏହି ସଞ୍ଚିତ ଜମାରାଶି ହିଁ ବ୍ୟକ୍ତିକୁ ଭବିଷ୍ୟତର କୌଣସି ଆକସ୍ମିକ ଜରୁରୀ ପରିସ୍ଥିତି ପାଇଁ ଅତ୍ୟନ୍ତ ସହାୟକ ହୋଇଥାଏ ଓ ଆବଶ୍ୟକୀୟ ଅର୍ଥରାଶି ଯୋଗାଇ ଦେଇଥାଏ । ଅନାବଶ୍ୟକ ଖର୍ଚ୍ଚରୁ ଦୁରେଇ ରହି ମିତବ୍ୟୟୀ ହେବା, ଆଜିର ଦିବସରେ ସମସ୍ତଙ୍କର ସଂକଳ୍ପ ହେଉ । ଏହା ବ୍ୟକ୍ତିଗତ ତଥା ରାଷ୍ଟ୍ରୀୟ ସ୍ୱାର୍ଥ ସାଧନରେ ଅତ୍ୟନ୍ତ ଉପଯୋଗୀ ।

ରାଜ୍ୟବାସୀଙ୍କ ହିତଦୃଷ୍ଟିରୁ ସରକାର ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ଅଗ୍ରାଧିକାର ଦେଉଛନ୍ତି । କୌଣସି ସନ୍ଦିଗ୍ଧ, ଅଣ ସ୍ୱୀକୃତିପ୍ରାପ୍ତ ବେସରକାରୀ ଅର୍ଥ ଲଗାଣକାରୀ ସଂସ୍ଥାର ମିଥ୍ୟା ପ୍ରତିଶ୍ରୁତିରେ ପ୍ରଲୋଭିତ ହୋଇ ସର୍ବସ୍ୱାନ୍ତ ନ ହେବା ପାଇଁ ସମସ୍ତଙ୍କୁ ମୋର ନିବେଦନ ।

ଡାକଘର ଓ ବ୍ୟାଙ୍କ ଭଳି ବିଶ୍ୱସନୀୟ ସଂସ୍ଥାମାନଙ୍କ ଦ୍ୱାରା ପ୍ରଦତ୍ତ ବ୍ୟାଙ୍କିଙ୍ଗ୍ ସେବା ଓ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନାର ଉପଯୋଗ କରି ନିଜର ତଥା ପରିବାରର ଆର୍ଥିକ ସ୍ଥିତି ସୁଦୃଢ଼ କରିବା ସହିତ ରାଷ୍ଟ୍ରୀୟ ପ୍ରଗତିରେ ଭାଗୀଦାର ହେବା ପାଇଁ ମୋର ସମସ୍ତଙ୍କୁ ଅନୁରୋଧ ।

ଏହି ଅବସରରେ ମୁଁ ସମସ୍ତ ରାଜ୍ୟବାସୀଙ୍କ ସ୍ୱଚ୍ଛଳ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-05001/13/0013/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବାର୍ଷିକ ଗୋଷ୍ଠାଷ୍ଟମୀ ଉତ୍ସବ ପାଳନ, ସ୍ଥାନ: ବାଲିଅନ୍ତା ବ୍ଲକ ଭୁବନପୁର ଗ୍ରାମର ଶ୍ରୀ ଲକ୍ଷ୍ମୀ ନୃସିଂହ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ନବୀନ ବରଣ ଉତ୍ସବ, ସ୍ଥାନ: ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ମା' ପଞ୍ଚବଟୀ ତାରିଣୀଙ୍କ ୨୩ ତମ ବାର୍ଷିକ ଜନ୍ମୋତ୍ସବ ପାଳନ ଉପଲକ୍ଷେ କଳସ ଯାତ୍ରା ଓ ଅଙ୍କୁରରୋପଣ, ସ୍ଥାନ: ବାଲିଅନ୍ତାସ୍ଥିତ ମା' ଙ୍କ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।
- ସଂସ୍କୃତିର୍ଚ୍ଚା ପକ୍ଷରୁ ୮୮ତମ ସଂସ୍କୃତିର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସମୟ: ସନ୍ଧ୍ୟା ୫ଟା ୩୦।
- ୨୮ତମ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନର ପ୍ରସଙ୍ଗ ରାବଣ ବଧ ଓ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ, ସ୍ଥାନ: ବାଲିଅନ୍ତାସ୍ଥିତ ଶ୍ରୀନିକୁଞ୍ଜ ବିହାରୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## କଟକ
- ଏଆଇଡିଏସଓ ସର୍ବଭାରତୀୟ ସ୍ତରୀୟ ନେତୃବୃନ୍ଦଙ୍କ ଦ୍ୱାରା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଗୋପବନ୍ଧୁ ବାଗ, ବକ୍ସିବଜାର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏଆଇଡିଏସଓ ସର୍ବଭାରତୀୟ ପରିଷଦ ପକ୍ଷରୁ ଛାତ୍ର ସମାବେଶ, ସ୍ଥାନ: କଳା ବିକାଶ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସାଇ ତ୍ରିନାଥ ନୀଳଚକ୍ର ଯୋଗ ସମିତି ଆନୁକୂଲ୍ୟରେ ବିଶ୍ୱଶାନ୍ତି ଗୀତା ଜ୍ଞାନଯଜ୍ଞ, ସ୍ଥାନ: ଶ୍ରୀଚୈତନ୍ୟ ମଠ, ରାୟ ରାମାନନ୍ଦ ଉଦ୍ୟାନ, ସମୟ: ଅପରାହ୍ନ ୫ଟା।

## ପୁରୀ
- ନିମାପଡ଼ା ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ, ସୁରଭି -୨୦୨୫, ସ୍ଥାନ: ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର
- ମିନି ମାରାଥନ୍, ସ୍ଥାନ: ମଥାନୀ ବାଇପାସ୍, ବସ୍ତା, ସମୟ: ସକାଳ ୬ଟା।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ପ୍ରାଣୀ ଚିକିତ୍ସାଳୟ ପଡ଼ିଆ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ଜଗଦ୍ଧାତ୍ରୀ ପୂଜା ଓ ଗ୍ରାମୀଣ ମେଳା, ସ୍ଥାନ: ସାତଗୋହଳିଆ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଷ୍ଟେଶନ କ୍ଲବ ସଭାଗୃହ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜଗଦ୍ଧାତ୍ରୀ ପୂଜୋତ୍ସବ ଓ ସ୍ଥାନୀୟ ମେଳା, ସ୍ଥାନ: ବାଗରୁଖୀ ହାଇସ୍କୁଲ ଖେଳ ପଡ଼ିଆ, ଭୋଗରାଇ, ସମୟ: ଅପରାହ୍ନ ୧ଟା।
- ବାର୍ଷିକ ଭାଗବତ କଥାମୃତ ପ୍ରବଚନ ସଭା ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ନୀଳବାଡି ଶୀତଳା ମଣ୍ଡପ, ରୂପସା, ସମୟ: ସନ୍ଧ୍ୟା ୬ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ଏକାଦଶ ଦିବସ, ସ୍ଥାନ: ପୋଡ଼ାଶୁଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସିମୁଳିଆ ଫାଷ୍ଟ ଫୁଡ୍ ମାର୍କେଟ, ବାଲିଆପାଳ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ଚକ୍ଷୁ ଚିକିତ୍ସା ଶିବିର , ସ୍ଥାନ : ମରିଗାଁ, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୧ଟା
- ଭଜନ ମଣ୍ଡଳୀ ତରଫରୁ ଭଜନ ସମ୍ମିଳନୀ ଏବଂ ନାମ ସଂକୀର୍ତ୍ତନ : ହାଟଡିହୀ ତହସିଲ ସାମ୍ନା , ହାଟଡିହୀ, ସମୟ : ସନ୍ଧ୍ୟା ୬ଟା

## ମୟୂରଭଞ୍ଜ
- ଜଗଧାତ୍ରୀ ପୂଜା ଲାଗି ଘଟତ୍ତୋଳନ,ସ୍ଥାନ: ଭଞ୍ଜପୁର, ବାରିପଦା,ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର
- ଗୌରୀଆମ୍ମା ଯାତ୍ରାରେ ମଞ୍ଚସ୍ଥ ହେବ ନାଟକ, ସ୍ଥାନ: ଲାଞ୍ଜିପଲ୍ଲୀ ରେଡିକା ସାହି, ସମୟ: ରାତି ୮ଟା।

## କନ୍ଧମାଳ
- ବିଶ୍ୱ ସଞ୍ଚୟ ଦିବସ ପାଳନ, ସ୍ଥାନ: ଫୁଲବାଣୀ ବ୍ଲକ ସଭାଗୃହ, ସମୟ: ସକାଳ ୯ଟା ୩୦।

## ଗଜପତି
- ଆଇନ ଓ ପୂର୍ତ୍ତମନ୍ତ୍ରୀଙ୍କ ସମୀକ୍ଷା, ସ୍ଥାନ: ପାରଳାଖେମୁଣ୍ଡିସ୍ଥିତ ସର୍କିଟ ହାଉସ୍, ସମୟ: ପୂର୍ବାହ୍ନ ୧୧ଟା।

## ଅନୁଗୋଳ
- ଗୋପାଷ୍ଟମୀ ଉତ୍ସବ ପାଳନ, ସ୍ଥାନ: ରନ୍ତଲେଇ ଶ୍ରୀଗୋପାଳ ଗୋଶାଳା, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର
- ପିସି ଓ ପିଏନ୍‌ଡିଟି ଉପରେ ଜିଲାସ୍ତରୀୟ ଉପଦେଷ୍ଟା ସମିତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଚାମ୍ବର, ସମୟ: ପୂର୍ବାହ୍ନ ୧୧ଟା।
- ଶିକ୍ଷା ଉପରେ ମାସିକିଆ ଜିଲାସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା ୩୦।

## କେନ୍ଦ୍ରାପଡ଼ା
- ଶ୍ରୀ ସିଦ୍ଧ ବଳଦେବଜୀଉ ଗୋତୀର୍ଥ ଗୋ ନବରାତ୍ର ମହୋତ୍ସବ, ସ୍ଥାନ:ବସନ୍ତ ବଗିଚା, ଗୁଣ୍ଡିଚା ମନ୍ଦିର ନିକଟ, ନାଗପାଟଣା, କେନ୍ଦ୍ରାପଡା ସହର, ସମୟ:ପ୍ରାତଃ ୫ଟା ।
- ସାଇବର ଅପରାଧ ସମ୍ପର୍କରେ ଜିଲା ପୋଲିସର ସଚେତନତା ରଥ ଉଦ୍‌ଘାଟନ, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡା ସହର, ସମୟ: ପୂର୍ବାହ୍ନ ୧୧ଟା ।

## ଯାଜପୁର
- ଧର୍ମଶାଳା ଗୋମାତା ସେବା ସଙ୍ଗଠନ ଜାରକା ଶାଖା ପକ୍ଷରୁ ଗୋମାତା ପୂଜା, ସ୍ଥାନ: ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ ସକାଳ: ୯ଟା।

## ନୟାଗଡ଼
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣର ଅଷ୍ଟମ ଦିବସରେ ସୂର୍ଯ୍ୟପୂଜା ଓ ନଗର କୀର୍ତ୍ତନ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ପ୍ରାତଃ ୫ଟା ।
- ଜୀବନଜ୍ୟୋତି ପରିଷଦ ଦ୍ୱାରା ଗୋଷ୍ଠାଷ୍ଟମୀ ମହୋତ୍ସବ, ସ୍ଥାନ: ନୂଆଗାଁ ବ୍ଲକ ଜଗନ୍ନାଥପ୍ରସାଦ ଗୋଶାଳା, ସମୟ: ପ୍ରାତଃ ୫ଟାରୁ ପୂର୍ବାହ୍ନ ୧୦ଟା।
- ପଞ୍ଚଦଶ ଭାଗବତ ପାରାୟଣ, ସ୍ଥାନ: ନୟାଗଡ ବେଗୁନିଆପାଟଣା ଗୋପୀନାଥ ଜୀଉଙ୍କ ମନ୍ଦିର, ସମୟ: ସକାଳ ୭ଟା।
- ସପ୍ତାଙ୍ଗ କାର୍ଯ୍ୟକ୍ରମର ୨ୟ ଦିବସ, ସ୍ଥାନ, ଖଣ୍ଡପଡା ବ୍ଲକ ମୁଣ୍ଡିଆ ହନୁମାନ ପୀଠ, ମର୍ଦ୍ଦରାଜପୁର, ସମୟ: ସକାଳ ୮ଟା ।
- ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ, ମର୍ଦ୍ଦରାଜପୁର, ସମୟ:ସକାଳ ୯ଟା ।
- ଗୋଷ୍ଠାଷ୍ଟମୀ ପର୍ବ, ସ୍ଥାନ: କଣ୍ଟିଲୋ ରାଧାମୋହନ ଜୀଉ ମଠ, ସମୟ: ଅପରାହ୍ନ ୪ଟା ।
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣରେ କଥାଯଜ୍ଞର ଅଷ୍ଟମ ଦିବସରେ ପ୍ରବଚନ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ସନ୍ଧ୍ୟା ୬ଟା ।

## ନବରଙ୍ଗପୁର
- ନୋଡାଲସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା, ସ୍ଥାନ: ନବରଙ୍ଗପୁର ଆର୍‌ସିଡି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଘରୋଇ ହିଂସାରୁ ସୁରକ୍ଷା ସମ୍ପର୍କିତ ଜିଲାସ୍ତରୀୟ ତାଲିମ୍, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଗୋ ଅଷ୍ଟମୀ ପୂଜା, ସ୍ଥାନ: ଉମରକୋଟ ବ୍ଲକ ଏକମ୍ବା, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ଆନ୍ତଜିଲା କ୍ରିକେଟ ଟୁର୍ନାମେଣ୍ଟ ନେଇ ବୈଠକ, ସ୍ଥାନ: କୋରାପୁଟ ବାର ଆସୋସିଏସନ ସଭାଗୃହ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ପରବ ପ୍ରସ୍ତୁତି ବୈଠକ, ସ୍ଥାନ: ଲକ୍ଷ୍ମୀପୁର ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଏକ ଭାରତ ଆତ୍ମନିର୍ଭରଶୀଳ ଭାରତ କାର୍ଯ୍ୟକ୍ରମ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୪ ଟା।

## ସମ୍ବଲପୁର
- ଜିଲା ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ : ବାମରା ବ୍ଲକ ଗୋବିନ୍ଦପୁର, ସମୟ : ପୂର୍ବାହ୍ନ ୧୧ଟା।
- ଜିଲା ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ : କବରିବାହାଲ ଗ୍ରାମ, ସମୟ : ପୂର୍ବାହ୍ନ ୧୧ଟା।
- ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ଦ୍ୱିତୀୟ ସମ୍ବଲପୁର ଅନ୍ତର୍ଜାତୀୟ ଟ୍ରେଡ ଫେୟାର, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୨ଟା ୩୦ରୁ ରାତି ୧୦ଟା।
- ଶ୍ରୀରାମ କଥା ଭକ୍ତ ମଣ୍ଡଳ ଆୟୋଜିତ ପ୍ରବଚନ, ସ୍ଥାନ : କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ : ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ଟା।
- ସମ୍ବଲପୁର ରେଳ ମଣ୍ଡଳ ଆୟୋଜନରେ ଆନ୍ତଃ ବିଭାଗୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ରେଳବାଇ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା।
- ସାଇ ଶିକ୍ଷା ପରିଷଦ ଆୟୋଜିତ ସମ୍ବଲପୁର ଲିଟିଲ ମିସ, ମାଷ୍ଟର, ମିସ ଟିନ ଓ ମାଷ୍ଟର ଟିନ-୨୫ର ପ୍ରସ୍ତୁତି ବୈଠକ, ସ୍ଥାନ: ଜଗନ୍ନାଥ କଲୋନୀସ୍ଥିତ କାର୍ଯ୍ୟାଳୟ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ଲୋଇସିଂହା ବ୍ଲକ କଳାକାର ସଂଘ ସମାବେଶ, ସ୍ଥାନ: କଲ୍ୟାଣ ମଣ୍ଡପ,ଲୋଇସିଂହା, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- କାହାଣୀ ଲିଖନ ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୧୪ ଡିପିଏସ୍ ସ୍କୁଲ, ସମୟ: ସକାଳ ୮ଟା।
- ନୃତ୍ୟ ଅନୁରାଗ ପକ୍ଷରୁ ନାଟ୍ୟ କର୍ମଶାଳା, ସ୍ଥାନ: ସେକ୍ଟର-୨୦ ଏକତା କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।
- ମା' ଇନ୍ଦିରା ମହିଳା ସମିତି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: ହୋଟେଲ ସୋଲେସ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ଶ୍ରୀ ଶ୍ରୀ ସୁରଭି ଯଜ୍ଞ ଓ ଗୋପାଷ୍ଟମୀ ମହୋତ୍ସବ,ସ୍ଥାନ: ଆନନ୍ଦକୁଞ୍ଜ ଆଶ୍ରମ, ଭୁଦୁବାହାଲ, ଗାଇସିଲେଟ,ସମୟ: ସକାଳ ୯ଟା।
- ପୁରାତନ ଛାତ୍ରୀଛାତ୍ରଙ୍କ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘ,ସମୟ:ସନ୍ଧ୍ୟା ୬ଟା।
- ନାଟକ ଜୀବନ ଡାକର୍, ସ୍ୱାଧୀନତା ଆମର୍ (ମାଧୋ ସିଂ) ମଞ୍ଚସ୍ଥ,ସ୍ଥାନ:ସମଲେଶ୍ୱରୀ ମଣ୍ଡପ, ତଳିପଡ଼ା, ବରଗଡ଼,ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ସାଇବର ଅପରାଧ ଉପରେ କର୍ମଶାଳା, ସ୍ଥାନ:ଭବାନୀପାଟଣା ସ୍ଥିତ ଜିଲାପରିଷଦ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୧ଟା।
- ମା' ମାଣିକେଶ୍ୱରୀଙ୍କ ବିଶ୍ୱ ବିଦ୍ୟାଳୟରେ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ସ୍ଥିତ ମା' ମାଣିକେଶ୍ୱରୀଙ୍କ ବିଶ୍ୱ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର, ସ୍ଥାନ: ଟାଉନ ହଲ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦୁର୍ନୀତି ନିବାରଣ ସପ୍ତାହ ପାଳନ, ସ୍ଥାନ: ରୁଣ୍ଡିମହୁଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, କଣ୍ଟାମାଳ ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ଶିଶୁ ଉତ୍ସବ ମହକ-୨୦୨୫, ସ୍ଥାନ: ଦେବଗଡ଼ସ୍ଥିତ ସେଣ୍ଟର୍ ଫର୍ କଲଚର୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆନ୍ତଃସ୍କୁଲ କ୍ରିକେଟ ଟୁର୍ନାମେଣ୍ଟେ ଷଷ୍ଠ ଦିବସ, ସ୍ଥାନ: ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦକ୍ଷତା ବିକାଶ ତାଲିମ ଶିବିର, ସ୍ଥାନ: ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ସନ୍ତୁଳନ ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଅଲେଖ ମହିମା ଅଷ୍ଟପ୍ରହର ଭଜନ କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ: ବିନିକା ମହିମା ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୬ଟା।
- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଦିବସ ଅବସରରେ ଏକତା ପାଇଁ ଗଣଦୌଡ, ସ୍ଥାନ: ସୁବର୍ଣ୍ଣପୁର ରୟାଲ ପଡିଆରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୬ଟା ୩୦।
- ବଜରଙ୍ଗ ଦଳ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଶିଶୁ ଓ ପ୍ରସୂତି ମା' ବିଭାଗ ପରିସର, ସମୟ: ସକାଳ ୯ଟା୩୦।
- ତରଭା ବ୍ଲକ ପୁଆର ପ୍ରସିଦ୍ଧ କଳାସୀ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ପୁଆ ବନ୍ଧ ନିକଟସ୍ଥ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ହଠାତ୍ ସକାଳୁ ସକାଳୁ ବିଗିଡ଼ିଯାଇଥିବା ସ୍ୱାସ୍ଥ୍ୟ ଓ ପୂର୍ବ ଶତ୍ରୁତା ସମ୍ପର୍କରେ ଚିନ୍ତା କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବାରେ କୌଣସି ଅସୁବିଧା ହେବ ନାହିଁ। ଅଭାବ ଦୂରେଇବା କ୍ଷେତ୍ରରେ ଜଣେ ପୁରୁଣା ବନ୍ଧୁ ସାହାଯ୍ୟ କରିପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ଭ୍ରାତୃ ସମ୍ପର୍କ, ବନ୍ଧୁପ୍ରୀତି, ଅର୍ଥପ୍ରାପ୍ତି , ଯାତ୍ରା ଓ ଆଲୋଚନା ବାଧାପ୍ରାପ୍ତ ହେବ।

**ବୃଷ** ଅନ୍ୟମାନଙ୍କୁ ମନେଇ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ବିଭିନ୍ନ ଚେଷ୍ଟା କରିବେ। କିନ୍ତୁ କର୍ମକ୍ଷେତ୍ରରେ ଅପ୍ରିୟସତ୍ୟ କଥା ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟା ସମାଧାନ ହେବାର ଆଶା ରହିଛି। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ପଡ଼ିପାରେ।

**ମିଥୁନ** ଆଜି ଯେମିତି ଯାହା ଆଶା କରୁଛନ୍ତି ସେହିପରି ପାଇବାରେ ଅସୁବିଧା ରହିବ ନାହିଁ। ଦୀର୍ଘଦିନରୁ ଅଟକି ରହିଥିବା କାମ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢ଼ା, ଯାତ୍ରା ପାଇଁ ଦିନଟି ଭଲ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ ସାଧାରଣ କଥାରୁ କଳହ କିମ୍ବା ମନାନ୍ତର ଘଟିପାରେ। ଟିକିଏ ଟିକିଏ କଥାରେ ବିରକ୍ତ ହେଲେ ପାରିବାରିକ ସମସ୍ୟା ବଢ଼ିଯାଇପାରେ। ବନ୍ଧୁଙ୍କ ନିକଟରୁ କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କାମରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇବାର ଆଶା ରହିଛି।

**ସିଂହ** ପୂର୍ବର କଳହକୁ ନେଇ ଆତ୍ମୀୟ ଓ ପଡ଼ୋଶୀଙ୍କ ସହ ସମ୍ପର୍କ ଭଲ ରହିବ ନାହିଁ। ବିଭିନ୍ନ ପ୍ରତିବନ୍ଧକଜନିତ ବିଳମ୍ବରେ କାମ ସମ୍ପନ୍ନ ହେବାରୁ ମନସ୍ତାପ କରିପାରନ୍ତି। କର୍ମକ୍ଷେତ୍ରରେ ନୂତନ ଯୋଜନାରମ୍ଭ କିମ୍ବା ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରିବ। ଆଶା କରୁଥିବା ଦିଗରୁ କିଛି ପାଇବା ପଛରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷ ସାହାଯ୍ୟ ରହିବ।

**କନ୍ୟା** ଦିନଟି ବହୁତ ଭଲ ମାତ୍ର କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିବ। ସାମାଜିକ କ୍ଷେତ୍ରରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ ଓ ସାହାଯ୍ୟ ସହଯୋଗ ପାଇପାରନ୍ତି। ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ୍ୟ ପଛରେ ସମାଲୋଚନା କରିପାରନ୍ତି।

**ତୁଳା** କେତେକ କଥାରେ ମନ ଚାହୁଁ ନ ଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ଚଳିବାକୁ ପଡ଼ିବ। ସହକର୍ମୀ କିମ୍ବା ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ଅତ୍ୟଧିକ ପରିଶ୍ରମଜନିତ ସାମୟିକ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଲେଖାପଢ଼ା, ନିର୍ମାଣ, ଗବେଷଣାରୁ ପ୍ରଶଂସିତ ହେବାର ଆଶା ରହିଛି।

**ବିଛା** କର୍ମକ୍ଷେତ୍ରରେ ମିତ୍ର ବନ୍ଧୁମାନଙ୍କ ଦ୍ୱାରା ଅର୍ଥ ଓ ସମ୍ମାନ ଲାଭ କରିବେ। ଅଟକି ରହିଥିବା କାମରେ ଅଳ୍ପ ସମୟ ଅପେକ୍ଷା କରନ୍ତୁ, ଦେଖିବେ ସବୁ ଠିକ୍ ହୋଇଯିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସକାଳୁ ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ହୋଇଯିବ।

**ଧନୁ** ଆଜିର ପ୍ରତ୍ୟୁଷ ଯାତ୍ରାରେ ବନ୍ଧୁମିଳନ ସାଙ୍ଗକୁ ମୂଲ୍ୟବାନ ଦ୍ରବ୍ୟ ପ୍ରାପ୍ତିର ସମ୍ଭାବନା ରହିଛି। ଫେରିବା ରାସ୍ତାରେ ଜଣେ ବନ୍ଧୁଙ୍କ ସହ ମିଶି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଦ୍ୱାରା ସୁଫଳ ମିଳିବ। ଅତିରିକ୍ତ ଭ୍ରମଣ ହେତୁ କ୍ଲାନ୍ତି ଅନୁଭବ କରିପାରନ୍ତି। ଭାବପ୍ରବଣତାର ବଶବର୍ତ୍ତୀ ହୋଇ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରନ୍ତି।

**ମକର** ଆଜିର ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତି ଦ୍ୱାରା ଗୁରୁତ୍ୱପୂର୍ଣ୍ଣ କାମ ହାସଲ କରିବେ। ବାଣିଜ୍ୟ କ୍ଷେତ୍ରରେ ଯୁକ୍ତିତର୍କ କାରଣରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। କଳା ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ଅନ୍ୟମାନଙ୍କ ସହଯୋଗ ଅଭାବରୁ କର୍ମକ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇ ପାରେ।

**କୁମ୍ଭ** ପରିବାରରେ ଅଭାବ ଅସୁବିଧା ଅସ୍ଥିରତାର ମୁଖ୍ୟ କାରଣ ହୋଇପାରେ। ପଡ଼ୋଶୀଙ୍କ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ୍ୟ ସେମାନଙ୍କ ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ପାରିବାରିକ, ବ୍ୟବସାୟିକ, ସାମାଜିକ, ନୂଆ ଯୋଜନାରୁ ଖୁସି ରହିବେ। ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି ।

**ମୀନ** ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବା କ୍ଷେତ୍ରରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ। ବାଣିଜ୍ୟ, ପରିବହନ, ନିର୍ମାଣ ଓ ସଭାସମିତିରେ ସଫଳତା ହାସଲ କରିବେ। ପରୋକ୍ଷ ଶତ୍ରୁତା ବିଚଳିତ କରିପାରେ ତଥାପି ଅନ୍ୟର ସେବା କରି ଖୁସି ରହିବେ।

ଆଜି ଅକ୍ଟୋବର ୩୦ ତାରିଖ, ବିଶ୍ୱ ମିତବ୍ୟୟିତା ଦିବସ, ଜଗମୋହନ ଭୋଗ, ଭାଗବତ ସପ୍ତାହ ଆରମ୍ଭ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, କାର୍ତ୍ତିକ ଶୁକ୍ଳ ଅଷ୍ଟମୀ ଯୁକ୍ତ ନବମୀ ଗୁରୁବାର, ରାଶିନକ୍ଷତ୍ର-ଶ୍ରବଣା/ମକର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୫।୨୫ ଗତେ ଘ.୦୭।୧୧ ମଧ୍ୟେ, ଘ.୦୬।୦୦ ଗତେ ଘ.୦୯।୨୩ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୨।୫୫ ଗତେ ଘ.୦୨।୨୦ ମଧ୍ୟେ ରାହୁ କାଳ।

# ବନ୍ଧୁକ ସହ ୭୨ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୨୯।୧୦(ଦୁର୍ଯ୍ୟୋଧନ ପାତ୍ର)** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦୁଇଟି ସ୍ଥାନରେ ବୁଧବାର ୭୨ ଜଣ ମାଓବାଦୀ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ଼ର ବିଜାପୁର ଜିଲା ପୋଲିସ ନିକଟରେ ଦକ୍ଷିଣ ବସ୍ତର ଡିଭିଜନର ୫୧ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୯ଜଣ ମହିଳା ଓ ୪୨ ଜଣ ପୁରୁଷ ମାଓବାଦୀ ରହିଛନ୍ତି। ସେହିପରି କାଙ୍କେର ଜିଲା ପୋଲିସ ନିକଟରେ ମଧ୍ୟ ୨୧ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ତେବେ ଏହି ସମସ୍ତ ମାଓବାଦୀ ଜଙ୍ଗଲ ଛାଡି ସହରମୁହାଁ ହେଉଥିବା ବେଳେ ସମସ୍ତେ ବନ୍ଧୁକ ସହ ଆତ୍ମସମର୍ପଣକରି ଅସ୍ତ୍ର ତ୍ୟାଗ କରିଥିବା କହିଛନ୍ତି। ମାଓବାଦୀ ସଂଗଠନ ଦିନକୁ ଦିନ ଭୁଶୁଡିବାରେ ଲାଗିଛି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ବିଜାପୁର ପୋଲିସ ନିକଟରେ ମୋଟ ୪୬୧ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ୧୩୮ ଜଣ ମାଓବାଦୀ ପୋଲିସ ଗୁଳିରେ ନିହତ ହୋଇଛନ୍ତି। ସେହିପରି ୪୮୫ ଜଣ ମାଓବାଦୀଙ୍କୁ ପୋଲିସ ଗିରଫ କରିଥିବା ବିଜାପୁର ଏସ୍‌ପି. ସୂଚନା ଦେଇଛନ୍ତି।



ବିଜାପୁର ଜିଲା ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଓଷକା କଢ଼ି**
**ମନେ ପଡୁଥିବ ଘଡ଼ିକି ଘଡ଼ି।**

ସମବୟସ୍କା ଦୁଇ ତରୁଣୀ ପରସ୍ପର ମଧ୍ୟରେ ମିତ୍ରତା ଗଢ଼ିବାକୁ ଯାଇ ଓଷକା ବସିଥାନ୍ତି। ଏହା ସଙ୍ଗାତ, ସହୀ ଓ ମିତର ଅନ୍ୟରୂପ ହୋଇଥାଏ। ଏହି ଭାବରେ ଦୁହେଁ ପରସ୍ପରକୁ ସ୍ମରଣ କରିଥାନ୍ତି। ଦୁଇ ବାନ୍ଧବୀଙ୍କ ମଧ୍ୟରେ ବନ୍ଧୁତାକୁ ବାନ୍ଧି ରଖିବା ନେଇ ଦୃଢ଼ ପ୍ରତିଶ୍ରୁତି ଦିଆଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଧ ଖାଇଗଲା ପାଣି କଖାରୁ,**
**ଗେଧ ଖାଇଗଲା ପାନ**
**ଭୁଆଁ ଖାଇଗଲା କୋଡ଼ି କୋଦାଳ,**
**କାଉ ନେଇଗଲା କାନ।**

ଅବିଶ୍ୱସନୀୟ ଘଟଣା ବେଳେବେଳେ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ। ସତର୍କତାରେ ଯିଏ ଯାହା ମାରିନିଏ, ଅସତର୍କ ରହିଲେ ନିଜର କିଛି ହରାଇବାକୁ ପଡ଼େ, ଯାହାକି ଜୀବଜନ୍ତୁଙ୍କ ଛଳରେ ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ନେତା ଏପଟସେପଟ,...

ପୂର୍ବତନ ମନ୍ତ୍ରୀ ତଥା ବରଗଡ ଜିଲା ଅତାବିରା ଅଞ୍ଚଳର ନାରୀ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ନେଇ ମଧ୍ୟ ଭୋଟର ଦ୍ୱନ୍ଦ୍ୱରେ ରହିଛନ୍ତି। ସ୍ନେହାଙ୍ଗିନୀ ଅତାବିରା ଅଞ୍ଚଳରେ ଲୋକପ୍ରିୟ ନେତ୍ରୀ ହୋଇଥିଲେ ମଧ୍ୟ ନୂଆପଡା ନିର୍ବାଚନମଣ୍ଡଳୀରେ ତାଙ୍କର ସେପରି ଲୋକପ୍ରିୟତା ନାହିଁ। ତାଙ୍କୁ ବାହାର ଜିଲାର ପ୍ରାର୍ଥୀ ବୋଲି ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀମାନେ ଟାର୍ଗେଟ କରୁଥିବାରୁ ନିର୍ବାଚନ ପ୍ରଚାରବେଳେ ବିଜେଡି ନେତା ଓ କର୍ମୀମାନେ ଅଡୁଆର ସମ୍ମୁଖୀନ ହେଉଛନ୍ତି। ଲୋକେ ଶଙ୍ଖଚିହ୍ନକୁ ଆଦର କରୁଥିଲେ ମଧ୍ୟ ଦଳୀୟ ପ୍ରାର୍ଥୀ ବଦଳକୁ ନେଇ ଅଡୁଆ ଦେଖାଦେଇଛି। ବିଶେଷକରି ଗ୍ରାମୀଣ ଅଞ୍ଚଳରେ ବିଜେଡିର ଚିହ୍ନ ଠିକ୍ ଥିଲେ ମଧ୍ୟ ପ୍ରାର୍ଥୀତ୍ୱକୁ ନେଇ ଅଡୁଆ ବଢ଼ିଛି। ବୁଧବାର ସ୍ନେହାଙ୍ଗିନୀ ନିର୍ବାଚନ ମଣ୍ଡଳୀର ସୁନାବେଡା ଅଞ୍ଚଳରେ ଗାଁକୁ ଗାଁ ଯାଇ ଭୋଟ ପ୍ରଚାର କରିଥିଲେ। କିଛି ଗାଁରେ ଭୋଟରମାନେ ଯେଭଳି ଶଙ୍ଖଚିହ୍ନକୁ ନେଇ ଆଗ୍ରହ ଦେଖାଇଥିଲେ ପ୍ରାର୍ଥୀଙ୍କୁ ଦେଖିବା ପରେ ନକାରାତ୍ମକ ମନ୍ତବ୍ୟ ଦେଉଥିବା ଶୁଣିବାକୁ ମିଳିଛି।

ଅନ୍ୟପଟେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ଘାସିରାମ ମାଝି ୨୦୨୪ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ 'ଫୁଟ୍‌ବଲ ଖେଳାଳି' ଚିହ୍ନରେ ନିର୍ବାଚନ ଲଢ଼ି ୫୦ ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇଥିଲେ। ସେତେବେଳେ ଘାସିରାମଙ୍କ ସମର୍ଥକମାନେ କଂଗ୍ରେସର ଟିକେଟ ବଣ୍ଟନ ନୀତିକୁ ଜୋରଦାର ସମାଲୋଚନା କରି ତାଙ୍କୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ପରାମର୍ଶ ଦେଇଥିଲେ। ଘାସିରାମ ମଧ୍ୟ ସମର୍ଥକଙ୍କ କଥା ମାନି ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢି ଶକ୍ତି ପ୍ରଦର୍ଶନ କରିଥିଲେ। ତେବେ ଗତ ନିର୍ବାଚନର ପ୍ରାୟ ୧୭ ମାସ ପରେ ଏବେ ଘାସିରାମ କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ଚିହ୍ନ ବି ବଦଳି ଯାଇ ହାତଚିହ୍ନ ହୋଇଯାଇଛି। ତାଙ୍କର ସବୁଠୁ ବେଶୀ ସମର୍ଥକ ଆଦିବାସୀ ସମ୍ପ୍ରଦାୟର ରହିଛନ୍ତି ବୋଲି କୁହାଯାଉଛି। ସେ ଏବେ କଂଗ୍ରେସ ପ୍ରାର୍ଥୀ ହୋଇଥିବାରୁ ଭୋଟର ଏବଂ ତାଙ୍କ ସମର୍ଥକମାନେ ଏହାକୁ କିପରି ଗ୍ରହଣ କରିବେ ତାହା ବଡ଼ ପ୍ରଶ୍ନ ଭାବେ ଉଭା ହୋଇଛି। ନୂଆପଡା ନିର୍ବାଚନ ମଣ୍ଡଳୀର ଭୋଟରମାନେ ତିନି ପ୍ରମୁଖ ଦଳର ପ୍ରାର୍ଥୀ ଏପଟସେପଟକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ସେମାନଙ୍କ ଦଳୀୟ ନିର୍ବାଚନ ଚିହ୍ନ ମଧ୍ୟ ଅଡୁଆ ବଢ଼ାଇଛି। ଅନେକଙ୍କ ନିର୍ବାଚନୀ ପ୍ରଚାର ସଭାରେ ଏହି ଆଭାସ ମିଳିଲାଣି। ଚଳିତ ଉପନିର୍ବାଚନରେ ନେତାମାନେ ନିଜ ସ୍ୱାର୍ଥ ପାଇଁ ଏପଟସେପଟ ହୋଇଥିବା ଏବେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରାର୍ଥୀମାନଙ୍କ ଏପଟସେପଟ ହେବା ଏବଂ ସେମାନଙ୍କ ଦଳୀୟ ଚିହ୍ନ ବଦଳିଯିବା ଏଠାକାର ଭୋଟରମାନଙ୍କୁ ଯେ ଅଡୁଆରେ ପକାଇବ ଏହା ଜଳ ଜଳ ଦେଖାଗଲାଣି।

## କମ୍ପାନୀ ମିଥ୍ୟାରେ ...

ପ୍ରଦାନ କରିଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି ଯେ, ଡିଙ୍କିଆ, ନୂଆଗାଁ, ଗଡ଼କୁଜଙ୍ଗ, ବାଲିତୁଠ, ବାମଦେଇପୁର, ଛତୁଆ ପଞ୍ଚାୟତରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିଃ. ବେଆଇନ ନିର୍ମାଣ କାର୍ଯ୍ୟ କରୁଛି। ସେଠାରେ ଦଶନ୍ଧି ଦଶନ୍ଧି ଧରି ଚାଷ ଉପରେ ନିର୍ଭର କରୁଥିବା ଏହିସବୁ ଗ୍ରାମବାସୀଙ୍କ କ୍ଷେତ ଉଜୁଡ଼ିଯାଇଛି। ଜୀବନଜୀବିକା ଦୁର୍ବିସହ ହୋଇପଡୁଛି। କମ୍ପାନୀ ପକ୍ଷରୁ ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ମିଳି ନ ଥିବାବେଳେ ଥଇଥାନ ନୀତି ପାଳନ ହୋଇନାହିଁ। ଯେଉଁମାନେ କମ୍ପାନୀର ଏଭଳି ବେଆଇନ କାର୍ଯ୍ୟକୁ ଶାନ୍ତିପୂର୍ଣ୍ଣ ଭାବେ ବିରୋଧ କରୁଛନ୍ତି, ସେମାନଙ୍କ ନାଁରେ ମିଥ୍ୟା ମାମଲା ରୁଜୁ କରାଯିବା ସହ ଅପରାଧୀ ସଜାଇ ଦିଆଯାଉଛି, ଯଦ୍ଦ୍ୱାରା ଲୋକଙ୍କ ମୌଳିକ ଅଧିକାର ୧୯(୧) (ଏ) ଏବଂ ୧୯(୧)(ବି) କ୍ଷୁଣ୍ଣ ହେଉଛି।

ପିନାକୀ ପୁଣି ଅଭିଯୋଗରେ ଦର୍ଶାଇଛନ୍ତି, କମ୍ପାନୀ ସରକାରଙ୍କୁ କହିଛି ଯେ ଗୋଟିଏ ବି ଗଛ ସେ ଅଞ୍ଚଳରୁ କଟାଯାଇନାହିଁ। କିନ୍ତୁ ବାସ୍ତବରେ ଉକ୍ତ ଅଞ୍ଚଳରୁ ୧୦ ଲକ୍ଷ ଗଛ କଟାଯାଇଛି। ଏଥିପାଇଁ ବନ୍ୟପ୍ରାଣୀମାନେ ବାସଚ୍ୟୁତ୍ ହୋଇପଡ଼ିଛନ୍ତି, ଯାହା ବନ୍ୟପ୍ରାଣୀ ସୁରକ୍ଷା ଆଇନ-୧୯୭୨ର ଖୋଲାଖୋଲି ଉଲ୍ଲଂଘନ। ଏହାବାଦ୍ କମ୍ପାନୀ କର୍ତ୍ତୃପକ୍ଷ କିଭଳି ବିଭିନ୍ନ ପ୍ରକାର ମିଥ୍ୟା ତଥ୍ୟ ସରକାରଙ୍କୁ ଦେଇ ନିର୍ମାଣ କାର୍ଯ୍ୟ କରୁଛି ସେ ସମ୍ପର୍କରେ ପିନାକୀ ଟିକିନିଖି ଦର୍ଶାଇଛନ୍ତି।

## ବେଆଇନ ଉତ୍ତୋଳନ ...

ବୋଲି କହିଥିଲେ। ସତ୍ୟାଗ୍ରହରେ ପୂର୍ବତନ ସରପଞ୍ଚ ଗୋପାଳ ସେଠୀ, ସତ୍ୟବ୍ରତ ଜେନା, ଆଲୋକ ବେହେରା, ବିଜୟ ସାହୁ, ସୁଲି ଜେନା, ଅହଲ୍ୟା ସାହୁ, ରିତାଞ୍ଜଳି ସାହୁ, କ୍ଷୀରୋଦ ସାହୁ, ନୀଳମଣି ଜେନା, ନରହରି ଜେନାଙ୍କ ସମେତ ୩ଶହରୁ ଅଧିକ ସତ୍ୟଗ୍ରହୀ ସାମିଲ ହୋଇଥିଲେ। ଉପଜିଲାପାଳ ନୀଳମାଧବ ସୁନା ସତ୍ୟାଗ୍ରହୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ନିଷ୍କର୍ଷ ବାହାରିପାରିନାହିଁ।

## ଓଡ଼ିଶା ସରକାରଙ୍କ ...

ନିର୍ଦ୍ଦେଶ ଦେବା ସହ ଅନେକ ରାୟ ପ୍ରକାଶ କରିଛନ୍ତି। ତେବେ ଖଣି ଖନନକାରୀ ସଂସ୍ଥାଗୁଡ଼ିକ ଟାଳଟୁଳ ନୀତି ଆପଣାଇଥିବା ସମ୍ପର୍କରେ ରାଜ୍ୟ ସରକାର ନିକଟରେ ଏନେଇ ଦାଖଲ କରିଥିବା ଷ୍ଟାଟସ୍ ରିପୋର୍ଟରୁ ପ୍ରଘଟ ହୋଇଛି। ୨୦୧୭ ଡିସେମ୍ବର ୩୧ ସୁଦ୍ଧା ୨,୭୪୫ କୋଟି ଟଙ୍କାର ବକେୟା (ସୁଧକୁ ବାଦ୍ ଦେଇ) ପଇଠ ହୋଇଯିବା ଉଚିତ ଥିଲା। ସୁଧକୁ ମିଶାଇଲେ ଏହା ପ୍ରାୟ ଦୁଇଗୁଣା ହୋଇଯିବ ବୋଲି ପ୍ରଶାନ୍ତ ଭୂଷଣ କହିଥିଲେ। ଅନ୍ୟପକ୍ଷେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଓ ଅନ୍ୟମାନଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ଆଡଭୋକେଟ ଜେନେରାଲ ଖଣ୍ଡପୀଠଙ୍କୁ ସମୟ ମାଗିଛନ୍ତି। ଯାହା ଆଇନଗତ ପଦକ୍ଷେପ ନିଆଯିବା ଆବଶ୍ୟକ, ସେସବୁ ନିଆଯିବ ବୋଲି ଏଜି କହିଛନ୍ତି। ତେବେ ଖିଲାପକାରୀଙ୍କଠାରୁ ବକେୟା ଆଦାୟ ନେଇ ବ୍ୟକ୍ତିଗତ ଭାବେ ଏଜି ଉପଯୁକ୍ତ ପଦକ୍ଷେପ ନେବେ ବୋଲି କହିଥିବା ଖଣ୍ଡପୀଠ ପ୍ରକାଶ କରିଛନ୍ତି। ଓଡ଼ିଶା ସରକାର ଖିଲାପକାରୀ ଲିଜ୍‌ଧାରୀଙ୍କଠାରୁ ବକେୟା ଆଦାୟ ନେଇ ଯେଉଁ ପଦ୍ଧତି ଆପଣାଇଛନ୍ତି ତାକୁ ନେଇ ଆମେ ଅସନ୍ତୁଷ୍ଟ ବୋଲି ଖଣ୍ଡପୀଠ କହିଛନ୍ତି। ଏହା ଉପରେ ଡିସେମ୍ବର ୧ ସୁଦ୍ଧା ଷ୍ଟାଟସ୍ ରିପୋର୍ଟ ଦାଖଲ କରିବା ପାଇଁ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ସମୟ ଦେଇଛନ୍ତି। ଏହି ପ୍ରସଙ୍ଗରେ ୮ ସପ୍ତାହ ପରେ ଅର୍ଥାତ୍ ଡିସେମ୍ବର ୩ରେ ପରବର୍ତ୍ତୀ ଶୁଣାଣି କରାଯିବ।

# ମହିଳା ମତଦାତାଙ୍କ ଉପରେ ୩ ଦଳର ନଜର

## ନୂଆପଡ଼ା ଉପନିର୍ବାଚନ

### ପୁରୁଷଙ୍କଠୁ ମହିଳା ଭୋଟରଙ୍କ ସଂଖ୍ୟା ଅଧିକ

ନୂଆପଡ଼ା,୨୯।୧୦ (ପୀତାମ୍ବର ସାହୁ)

ନୂଆପଡ଼ା ଉପନିର୍ବାଚନ ପାଖେଇ ଆସୁଥିବାବେଳେ ତିନି ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ପ୍ରଚାରକୁ ଜୋରଦାର କରିଦେଲେଣି। ଏବେ ଏଠାରେ ମନ୍ତ୍ରୀ, ବିଧାୟକ, ଏମ୍‌ପି ଓ ବିଭିନ୍ନ ଦଳର ହେଭିୱେଟ ନେତା ଡେରା ପକାଇ ପ୍ରଚାରରେ ଲାଗି ପଡିଛନ୍ତି। ଚଳିତ ଉପନିର୍ବାଚନରେ ୩୫୮ଟି ବୁଥ୍‌ରେ ସମୁଦାୟ ୨ଲକ୍ଷ ୫୩ହଜାର ୬୪୪ ଜଣ ମତଦାତା ମତ ସାବ୍ୟସ୍ତ କରିବେ। ସେଥିମଧ୍ୟରୁ ୧ଲକ୍ଷ ୨୪ ହଜାର ୧୦୮ ଜଣ ପୁରୁଷ, ୧ଲକ୍ଷ ୨୯ ହଜାର ୪୯୫ ଜଣ ମହିଳା ଓ ୨୧ ଜଣ ତୃତୀୟଲିଙ୍ଗୀ ମତଦାତା ଅଛନ୍ତି। ନୂଆପଡ଼ା ଏନ୍‌ଏସିରେ ୧୩ ହଜାର ୮୨୮ ଜଣ ମତଦାତାଙ୍କ ମଧ୍ୟରୁ ୬ ହଜାର ୭୦୩ ଜଣ ପୁରୁଷ ଓ ୭ ହଜାର ୧୨୪ ଜଣ ମହିଳା ଭୋଟର ଅଛନ୍ତି। ଏଠାରେ ଜଣେ ତୃତୀୟଲିଙ୍ଗୀ ମତଦାତା ଅଛନ୍ତି। ସେହିପରି ଖରିଆର ରୋଡ ଏନ୍‌ଏସିରେ ୭ ହଜାର ୩୮୩ ଜଣ ପୁରୁଷ, ୮ ହଜାର ୩ ଜଣ ମହିଳା ଓ ଜଣେ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ନୂଆପଡ଼ା ବ୍ଲକରେ ୩୧ ପଞ୍ଚାୟତ ଓ ୩ ଜିଲା ପରିଷଦ ଜୋନ ରହିଥିବା ବେଳେ ୫୩ ହଜାର ୫୧୮ ଜଣ ପୁରୁଷ, ୫୫ ହଜାର ୩୮୮ ଜଣ ମହିଳା ଓ ୧୩ ଜଣ ତୃତୀୟ ଲିଙ୍ଗୀ ମତଦାତା ରହିଛନ୍ତି। ସେହିପରି କୋମନା ବ୍ଲକରେ ୩୨ ଗ୍ରାମ ପଞ୍ଚାୟତ, ୩ ଜିଲା ପରିଷଦ ଜୋନ ରହିଥିବା ବେଳେ ୫୬ ହଜାର ୫୦୪ ଜଣ ପୁରୁଷ, ୫୮ ହଜାର ୯୮୦ ଜଣ ମହିଳା ଓ ୬ ଜଣ ତୃତୀୟ ଲିଙ୍ଗୀ ମତଦାତା ରହିଛନ୍ତି। ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବ୍ଲକ ଓ ଏନ୍‌ଏସି ସବୁଠି ମହିଳା ଭୋଟରଙ୍କ ସଂଖ୍ୟା ପୁରୁଷ ଭୋଟରଙ୍କଠୁ ଅଧିକ ଅଛନ୍ତି। ତେଣୁ ଚଳିତ ଉପନିର୍ବାଚନରେ ମହିଳା ଭୋଟର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ଆକଳନ କରାଯାଉଛି। ମହିଳା ଭୋଟରଙ୍କୁ ଆକୃଷ୍ଟ କରି ନିଜ ସପକ୍ଷକୁ ଆଣିବା ପାଇଁ ତିନି ପ୍ରମୁଖ ଦଳ ଜୋରଦାର ପ୍ରୟାସ କରୁଛନ୍ତି। ତିନିପ୍ରମୁଖ ଦଳ ପକ୍ଷରୁ ଭିନ୍ନ ଭିନ୍ନ ସ୍ଥାନରେ ମହିଳା ସମାବେଶ କରାଯାଉଛି। ଭାଜପା ସୁଭଦ୍ରା ଯୋଜନା ଉପରେ ଫୋକସ କରୁଥିବା ବେଳେ ବିଜେଡ଼ି ସରକାରରେ ଥିବା ସମୟରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ମିଶନ ଶକ୍ତି ଗଠନ କରି ମହିଳାଙ୍କୁ ଆତ୍ମ ନିର୍ଭରଶୀଳ କରିଥିବା କହି ପ୍ରଚାର କରୁଛି। ଏହା ସହିତ ବିଜେଡି ମହିଳା ଭୋଟରଙ୍କୁ ହାତେଇବା ପାଇଁ ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥୀ କରି ମହିଳା କାର୍ଡ ଖେଳିଛି। ସେହିପରି କଂଗ୍ରେସ ମହିଳାଙ୍କୁ ସବୁବେଳେ ଗୁରୁତ୍ୱ ଦେଇ ଆସୁଥିବା କହି ପ୍ରଚାର ଚଳାଇଛି।

# ମାଲବାହୀ ଟ୍ରେନ୍‌ର ୧୦ ବଗି ଲାଇନଚ୍ୟୁତ

## ରାଉରକେଲା-ରାଞ୍ଚି ରୁଟ୍‌ରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ

ରାଉରକେଲା,୨୯।୧୦ (ସଙ୍ଗୀତା ଜେନା)



ବୁଧବାର ସକାଳେ ରାଉରକେଲା-ରାଞ୍ଚି ମୁଖ୍ୟ ରେଳ ଲାଇନ୍‌ରେ ଏକ ମାଲବାହୀ ଟ୍ରେନ୍‌ର ବଗିଗୁଡିକ ଲାଇନ୍‌ଚ୍ୟୁତ ହୋଇଛି।

ରାଉରକେଲା-ରାଞ୍ଚି ମୁଖ୍ୟ ରେଳ ଲାଇନରେ ବୁଧବାର ସକାଳେ ଏକ ମାଲବାହୀ ଟ୍ରେନ୍‌ର ପ୍ରାୟ ୧୦ଟି ବଗି ଲାଇନଚ୍ୟୁତ ହୋଇଛି। ଫଳରେ ଉକ୍ତ ମାର୍ଗରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଏକାଧିକ ଟ୍ରେନ ବାତିଲ ଯୋଗୁ ରାଉରକେଲା ଷ୍ଟେଶନରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଅପରପକ୍ଷେ ହାଟିଆ ଓ ବନ୍ଧମୁଣ୍ଡା ରେଲୱେ ରିଲିଫ୍ ଏବଂ ଉଦ୍ଧାରକାରୀ ଦଳକୁ ତୁରନ୍ତ ଘଟଣାସ୍ଥଳକୁ ପଠାଯାଇଛି। ଏହି ଦୁର୍ଘଟଣାରେ ସେଭଳି ବଡ଼ଧରଣର କ୍ଷୟକ୍ଷତି ହୋଇ ନ ଥିବାବେଳେ ରେଲୱେ ପକ୍ଷରୁ ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁଯାୟୀ, ବୁଧବାର ପୂର୍ବାହ୍ନ ୧୦ଟାରେ ବନ୍ଧମୁଣ୍ଡାରୁ ହାଟିଆ ଯାଉଥିବା ଏକ ବିଏସ୍‌ସିଏସ୍ ମାଲବାହୀ ଟ୍ରେନ୍‌ର ୧୦ଟି ବଗି ବାନୋ ଓ କନରୱା ଷ୍ଟେଶନ ମଧ୍ୟରେ ଲାଇନଚ୍ୟୁତ ହୋଇଥିଲା। ଦୁର୍ଘଟଣା ଏତେ ଅଧିକ ଥିଲା ଯେ, ଏଥିରେ ୨ଟି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଓଭରହେଡ୍ ତାର କ୍ଷତିଗ୍ରସ୍ତ ହୋଇଥିଲା। ଫଳରେ ଅପ୍ ଓ ଡାଉନ୍ ଲାଇନ୍‌ରେ ରେଳସେବା ବ୍ୟାହତ ହୋଇଥିଲା। ସୂଚନା ପାଇ ରେଲୱେ ସୁରକ୍ଷା ବାହିନୀ, ବାନୋ ପୋଲିସ ଷ୍ଟେଶନ ଅଧିକାରୀ ଏବଂ ରେଳ ବୈଷୟିକ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁର୍ଘଟଣା ସମୟରେ ପୁରୀ-ହାଟିଆ ତପସ୍ୱିନୀ ଏକ୍ସପ୍ରେସକୁ ତାଟି ରେଳ ଷ୍ଟେଶନରେ ଅଟକାଯାଇ ରୁଟ୍ ପରିବର୍ତ୍ତନ କରାଯାଇଥିଲା। ସେହିପରି ଅନ୍ୟ ଏକାଧିକ ଟ୍ରେନର ରୁଟ୍ ପରିବର୍ତ୍ତନ କରାଯାଇଛି। ଚକ୍ରଧରପୁର ରେଳ ଡିଭିଜନରେ ଅନେକ ଟ୍ରେନକୁ ବାତିଲ ମଧ୍ୟ କରାଯାଇଛି। ହାଟିଆରୁ ପୁରୀ ଯାଉଥିବା ତପସ୍ୱିନୀ ଏକ୍ସପ୍ରେସ (ଉଭୟ ଅପ୍ ଆଣ୍ଡ ଡାଉନ୍) ବୁଧବାର ପାଇଁ ବାତିଲ କରାଯାଇଛି। ସମ୍ବଲପୁର-ଗୋରଖପୁର ଦେଇ ମୁରି ଅଭିମୁଖେ ଟ୍ରେନ୍‌ର ରୁଟ୍ ପରିବର୍ତ୍ତନ କରାଯାଇଛି। ବିଶାଖାପାଟଣା-ବନାରସ ଏବଂ ବନାରସ-ବିଶାଖାପାଟଣା ରୁଟ୍‌ରେ ଟ୍ରେନଗୁଡ଼ିକୁ ମଧ୍ୟ ଅପରାହ୍ନ ସାଢ଼େ ୩ଟାରେ ମୁରି ଓ ଚକ୍ରଧରପୁର ଷ୍ଟେଶନ ଦେଇ ଛଡାଯାଇଛି। ଯଥାଶୀଘ୍ର ଅପ୍ ଏବଂ ଡାଉନ ଲାଇନ୍‌ରେ ରେଳ ଚଳାଚଳ ସ୍ୱାଭାବିକ କରାଯିବ। ସେହିପରି କ୍ଷତିଗ୍ରସ୍ତ ଟ୍ରାକ୍‌ଗୁଡ଼ିକର ଯାଞ୍ଚ କରାଯାଉଛି ଏବଂ ଶୀଘ୍ର ଯାତାୟାତ ପୁନଃ ସ୍ଥାପିତ କରିବା ପାଇଁ ପ୍ରୟାସ କରାଯାଉଛି ବୋଲି ରେଲୱେ ସୂତ୍ରରୁ ସୂଚନା ମିଳିଛି।

# କଂଗ୍ରେସ କାର୍ଯ୍ୟାଳୟରେ ପଶିଲା ପୋଲିସ



ଦଳୀୟ କର୍ମୀ ଓ ପୋଲିସ କଥା କଟାକଟି ହେଉଛନ୍ତି।

ନୂଆପଡ଼ା,୨୯।୧୦ (ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନକୁ ନେଇ ସ୍ଥାନୀୟ ଖୁଣ୍ଟିଆ ଭବନରେ କଂଗ୍ରେସ ପକ୍ଷରୁ କାର୍ଯ୍ୟାଳୟ ଖୋଲାଯାଇଛି। ବୁଧବାର ପୂର୍ବାହ୍ନରେ ଏହି କାର୍ଯ୍ୟାଳୟରେ ଦଳ ପକ୍ଷରୁ ଖବରଦାତା ସମ୍ମିଳନୀ ଚାଲିଥିଲା। ଏହି ସମୟରେ କଂଗ୍ରେସ ପକ୍ଷରୁ ଟଙ୍କା ବଣ୍ଟାଯାଉଛି ବୋଲି ଖବର ପାଇ ପୋଲିସ କାର୍ଯ୍ୟାଳୟ ଭିତରକୁ ପଶିଥିଲା। ସେ ସମୟରେ କଂଗ୍ରେସ ମୁଖପାତ୍ର ଓ ଅନ୍ୟ କର୍ମକର୍ତ୍ତା ପୋଲିସକୁ ପ୍ରଶ୍ନ କରିଥିଲେ। ଏଠାରେ ଖବରଦାତା ସମ୍ମିଳନୀ ଚାଲିଛି, ଆପଣ କାହିଁକି ଆସିଲେ ବୋଲି ପଚାରିଥିଲେ। ପୋଲିସ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ଟଙ୍କା ବଣ୍ଟାଯାଉଛି ବୋଲି ଅଭିଯୋଗ ପାଇ ତଦନ୍ତରେ ଆସିଥିଲୁ ବୋଲି କହିଥିଲା। ଏହାକୁ ନେଇ କାର୍ଯ୍ୟାଳୟ ବାହାରେ ପୋଲିସ ଓ ଦଳୀୟ କର୍ମୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ପୋଲିସ କାର୍ଯ୍ୟାଳୟ ଛାଡି ଚାଲିଯାଇଥିଲା।

# ଡ. ପବିତ୍ର ସାମଲ ଆଇନ ବିଭାଗ ସଚିବ ନିଯୁକ୍ତ

ଭୁବନେଶ୍ୱର,୨୯।୧୦ (ରବିନାରାୟଣ ଜେନା)

ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପକ୍ଷରୁ ମଙ୍ଗଳବାର ରାଜ୍ୟ ଆଇନ ବିଭାଗ ସଚିବଙ୍କ ସହ ଅନ୍ୟ ଅଧିକାରୀଙ୍କ ବଦଳି ନିର୍ଦ୍ଦେଶନାମା ଜାରି ହୋଇଛି। ହାଇକୋର୍ଟଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ, ଡ. ପବିତ୍ର ମୋହନ ସାମଲଙ୍କୁ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଭାବେ ନିଯୁକ୍ତ କରାଯାଇଛି। ସେହିପରି ଅଶାନ୍ତ କୁମାର ଦାସଙ୍କୁ ଗଞ୍ଜାମର ବ୍ରହ୍ମପୁରସ୍ଥିତ ଜିଲା ସେସନ୍ସ ଜଜ୍ ଭାବେ ନିଯୁକ୍ତ କରାଯାଇଥିବାବେଳେ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ଜଗତ୍‌ସିଂହପୁର ଜିଲା ସେସନ୍ସ ଜଜ୍ ଭାବେ ଅବସ୍ଥାପିତ କରାଯାଇଛି।

# ମହୁମାଛି ଆକ୍ରମଣରେ ଜଣେ ମୃତ, ୨ ଗୁରୁତର



ମହୁମାଛି ଆକ୍ରମଣରେ ଗୁରୁତର ମାର୍କଣ୍ଡ ଓ ରାଜା।

ଚମ୍ପୁଆ,୨୯।୧୦(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମରେ ବୁଧବାର ମହୁମାଛି ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଛି। ଏଥିସହ ୨ ଗୁରୁତର ହୋଇଛନ୍ତି। ମୃତକ ହେଲେ ରାମଚନ୍ଦ୍ରପୁର ଗ୍ରାମର ମଝିସାହିର ନିରାଶ ମୁଣ୍ଡା (୭୦)। ଗୁରୁତ୍ୱର ଦ୍ୱୟ ମାର୍କଣ୍ଡ ମୁଣ୍ଡା (୫୦), ରାଜା ମୁଣ୍ଡା(୧୪)। ଉଭୟଙ୍କୁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁସାରେ, ନିରାଶ, ମାର୍କଣ୍ଡ, ରାଜାଙ୍କ ସମେତ ଗ୍ରାମର ଫୁଲମତି ମୁଣ୍ଡା ଓ ଅନ୍ୟ ଜଣେ ମହିଳା ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିଲେ। ଛେଳି ଚରାଇବା ସମୟରେ ବଣୁଆ ମହୁମାଛି ପ୍ରଥମେ ରାଜାଙ୍କୁ ଆକ୍ରମଣ କରିଥିଲେ। ପରେ ମାର୍କଣ୍ଡ ମୁଣ୍ଡାଙ୍କୁ ଆକ୍ରମଣ କରିବାରୁ ସମସ୍ତେ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ଦୌଡ଼ି ପଳାଇବା ସମୟରେ ନିରାଶ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଅବସ୍ଥା ଗୁରୁତର ହେବାରୁ ସେଠାରେ ଉପସ୍ଥିତ ଲୋକେ ତୁରନ୍ତ ୩ ଜଣଙ୍କୁ ଚମ୍ପୁଆ ଡାକ୍ତରଖାନାକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ନିରାଶଙ୍କୁ ମୃତ ଘୋଷଣା କରିଥିଲେ। ବର୍ତ୍ତମାନ ରାଜା ଓ ମାର୍କଣ୍ଡଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି।

# ଲୌହ ପଥର ଖଣିରେ ଖଣି ବିଭାଗର ଯାଞ୍ଚ

ଟେନ୍‌ସା, ୨୯।୧୦ (ସମୀର କୁମାର ପାଢୀ)

ସୁନ୍ଦରଗଡ଼ ଜିଲା କୋଇଡା ମାଇନିଂ ସେକ୍ଟର ଅନ୍ତର୍ଗତ ନୂଆଗାଁରେ ଥିବା ଜିଭିପିଆର୍ ସଂସ୍ଥାର ଲୌହ ପଥର ଖଣିରେ ବୁଧବାର ଖଣିବିଭାଗ ପକ୍ଷରୁ ଯାଞ୍ଚ କରାଯାଇଛି। କୋଇଡା ଖଣି ବିଭାଗର ୩ଜଣ ଅଧିକାରୀ ଖଣି ନିକଟରେ ପହଞ୍ଚି ଯାଞ୍ଚ କରିଥିଲେ। ପୂର୍ବାହ୍ନ ୧୧ଟାରେ ଖଣିରେ ପହଞ୍ଚି ଗଚ୍ଛିତ ରହିଥିବା ଲୌହ ପଥର ବା ଚାଟା (ଷ୍ଟାକ)ଗୁଡିକୁ ୧ଘଣ୍ଟା ପର୍ଯ୍ୟନ୍ତ ଯାଞ୍ଚ କରିବା ପରେ ଫେରି ଯାଇଥିଲେ। ଗତ କିଛି ଦିନ ତଳେ ଜିଭିପିଆର୍ ସଂସ୍ଥା ନୂଆଗାଁ ଲୌହ ଖଣିକୁ ଅକ୍ସସନରେ ପାଇଥିଲା। ନିମ୍ନମାନର ଲୌହପଥର ପରିବହନ ଲାଗି ଅନୁମତି ପାଇ ଉଚ୍ଚମାନର ଲୌହ ଖଣିଜ ପଥର ପରିବହନ କରୁଥିବା ନେଇ ଖଣି ବିଭାଗରେ ଅଭିଯୋଗ ହେବା ପରେ ଯାଞ୍ଚ କରାଯାଇଥିଲା। ଏ ନେଇ କୋଇଡା ଖଣି ବିଭାଗର ଉପନିର୍ଦ୍ଦେଶକ ଅସୀତ ବେହେରାଙ୍କୁ ପଚାରିବାରୁ ସେ କହିଲେ, ଅଭିଯୋଗ ପାଇବା ପରେ ୩ଜଣ ଅଫିସରଙ୍କୁ ଜିଭିପିଆର୍ ଖଣି ଖନନ କରୁଥିବା ସ୍ଥାନକୁ ଯାଞ୍ଚ ପାଇଁ ପଠାଇଥିଲୁ। ସେମିତି କିଛି ଅନିୟମିତତା ହୋଇନାହିଁ ବୋଲି ପ୍ରକାଶ କରିଥିଲେ।

# ୬୦ ସ୍ଥାନରେ ଗଛ କାଟି ସଫା କଲା ଅଗ୍ନିଶମ ଟିମ୍





## ବାତ୍ୟା 'ମୋନ୍ଥା' ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟ ଜାରି

ଭୁବନେଶ୍ୱର,୨୯।୧୦ (ସତ୍ୟଜିତ ରାଉତ)

ବାତ୍ୟା 'ମୋନ୍ଥା' ଦ୍ୱାରା ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲା ଅଧିକ ପ୍ରଭାବିତ ହୋଇଛି। ସେସବୁ ଜିଲାରେ ଅଗ୍ନିଶମ ସେବା ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ତେବେ ଏଯାଏ ଅଗ୍ନିଶମ ବାହିନୀ ମୋଟ ୬୦ ସ୍ଥାନରେ ଗଛ କାଟି ରାସ୍ତା ସଫା କରିଥିବାବେଳେ ଅନ୍ୟାନ୍ୟ ଉଦ୍ଧାର କାର୍ଯ୍ୟ କରାଯାଉଥିବା ବୁଧବାର ସୂଚନା ଦିଆଯାଇଛି। ଗଜପତି ଜିଲାର ଗୁମ୍ମା ବ୍ଲକ ଅନ୍ତର୍ଗତ ରୁଙ୍ଗୁରୁଙ୍ଗୁବାଠାରେ ଏକ ଗଛ ଉପୁଡ଼ିପଡ଼ିବାରୁ ଜଣେ ବ୍ୟକ୍ତିଙ୍କ ଗୁହାଳ କ୍ଷତିଗ୍ରସ୍ତ ହୋଇଥିଲା। ସେଥିରେ ଥିବା ଦୁଇଟି ଗାଈ ଗୁରୁତର ଆହତ ହୋଇଥିଲେ। ଗୁମ୍ମା ଅଗ୍ନିଶମ କେନ୍ଦ୍ରର ଏକ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତ ଗାଈକୁ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ଥାନାନ୍ତର କରିଥିଲେ। ଅନ୍ୟ ଏକ ଘଟଣାରେ ଗଜପତି ଜିଲା ମୁନିସିଂ ହାଇସ୍କୁଲ ନିକଟରେ ଏକ ବିରାଟ ଗଛ ଉପୁଡ଼ି ପଡ଼ିବାରୁ ରାସ୍ତା ଅବରୋଧ ହୋଇଥିଲା। ଗୁମ୍ମା ଅଗ୍ନିଶମ ଟିମ୍ ଗଛ କାଟିରାସ୍ତା ସଫା କରିବାରୁ ଯାତାୟାତ ସ୍ୱାଭାବିକ ହୋଇଥିଲା। ସେପଟେ କୋରାପୁଟ ଜିଲା ନନ୍ଦପୁର ଅଗ୍ନିଶମ ଟିମ୍ ଭଣ୍ଡାରୀସାହିସ୍ଥିତ ଏକ ଘର ଛାତ ଉପରେ ପଡ଼ିଥିବା ବଡ଼ ଗଛକୁ ସଫା କରିବାରୁ ବଡ଼ ଦୁର୍ଘଟଣାରୁ ପରିବାର ବର୍ତ୍ତି ଯାଇଥିବା ସୂଚନା ଦିଆଯାଇଛି। ଗଜପତି ଜିଲାରେ ସର୍ବାଧିକ ୧୬ ସ୍ଥାନ ଓ ଗଞ୍ଜାମ ଜିଲାର ୯ଟି ଅଞ୍ଚଳରେ ଗଛ କଟାଯାଇ ରାସ୍ତା ସଫା କରାଯାଇଛି। ସେହିପରି କୋରାପୁଟ ଜିଲାରେ ୧୪ଟି ଘଟଣାରେ ଉଦ୍ଧାର କାର୍ଯ୍ୟ କରାଯାଇଛି। ରାୟଗଡା ଜିଲାରେ ୭ଟି ସ୍ଥାନ, କନ୍ଧମାଳରେ ୩, ମାଲକାନଗିରିରେ ୨, ବଲାଙ୍ଗୀରରେ ୨ଟି ସ୍ଥାନରେ ଗଛ ହଟାଯାଇଛି। ସେହିପରି ମୟୂରଭଞ୍ଜର କପ୍ତିପଦାର ପେଡ଼ାଗଡ଼ି, କଟକ ଏବଂ କେନ୍ଦୁଝର ଚମ୍ପୁଆ ନୋଡାଲ୍ ଗାର୍ଲ୍ସ ହାଇସ୍କୁଲ୍ ଅଞ୍ଚଳରେ ପଡ଼ିଥିବା ଗଛ ହଟାଯାଇଛି। ଅନ୍ୟପକ୍ଷରେ ଗଞ୍ଜାମ ଜିଲାରେ ୪ଟି ଏବଂ ପୁରୀ ଜିଲାରେ ୪ଟି ସ୍ଥାନରେ ଜଳ ନିଷ୍କାସନ କରାଯାଇଛି। ଗଜପତି ଜିଲା ରାମଗିରି ଓ ଗର୍ଭାରେ ୨ଟି ଭୂସ୍ଖଳନ ଘଟଣା ଏବଂ କୋରାପୁଟ ଜିଲାର ବରିପୁର ଘାଟିରେ ଗୋଟିଏ ଭୂସ୍ଖଳନ ଘଟଣାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏନେଇ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, ଭୁବନେଶ୍ୱରରେ ୨୪ ଘଣ୍ଟିଆ ରାଜ୍ୟ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି। ଆମେ ବିପର୍ଯ୍ୟୟ ପରର ସ୍ଥିତିକୁ ପୂର୍ବବସ୍ଥାକୁ ଫେରିଆଣିବାକୁ ଚେଷ୍ଟା କରୁଛୁ ବୋଲି ଡିଜି କହିଛନ୍ତି।

# ସ୍କୁଟି ଡିକି ଭାଙ୍ଗି ୧୦ ଲକ୍ଷ ଲୁଟ୍

ମଙ୍ଗୁଳି-ଜଗତପୁର, ୨୯।୧୦ (ମାନସ ସାମଲ)

କଟକ ଜିଲା ଟାଙ୍ଗୀ ଅଞ୍ଚଳରେ ଦିନ ଦ୍ୱିପ୍ରହରରେ ୪ଜଣ ଦୁର୍ବୃତ୍ତ ସ୍କୁଟି ଡିକି ଭାଙ୍ଗି ୧୦ ଲକ୍ଷ ଟଙ୍କା ଲୁଟ କରିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ବୁଧବାର ଅପରାହ୍ନରେ ଟାଙ୍ଗୀ ଥାନା ଅଧୀନ ନପଙ୍ଗ ପଞ୍ଚାୟତ କୋରକୋର ଗ୍ରାମର ରବୀନ୍ଦ୍ର ତ୍ରିପାଠୀ ଟାଙ୍ଗୀସ୍ଥିତ ଡ୍ରିମ୍‌ସ ଛକ ନିକଟ ଏକ ବ୍ୟାଙ୍କରୁ ୧୦ଲକ୍ଷ ଟଙ୍କା ଉଠାଇ ସ୍କୁଟି ଡିକିରେ ରଖିଥିଲେ। ପରେ ସେ ଆସି ଘର ସମ୍ମୁଖରେ ସ୍କୁଟିକୁ ଛିଡା କରିଥିଲେ। ଏହି ସମୟରେ ରବୀନ୍ଦ୍ରଙ୍କ ମୋବାଇଲକୁ ଏକ ଫୋନ କଲ ଆସିଥିଲା। ରବୀନ୍ଦ୍ର ମୋବାଇଲରେ କଥାହୋଇ ଅନ୍ୟ ମନସ୍କରେ ଡିକିରୁ ଟଙ୍କା ବାହାର ନ କରି ଘର ଭିତରକୁ ଚାଲି ଯାଇଥିଲେ। ହଠାତ୍ ଦୁଇଟି ବାଇକ୍‌ରେ ୪ଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚିଥିଲେ। ସ୍କୁଟି ଡିକି ଭାଙ୍ଗି ଟଙ୍କା ନେଇ ବାଇକ୍‌ରେ ଫେରାର ହୋଇଯାଇଥିଲେ। ରବୀନ୍ଦ୍ର ତୁରନ୍ତ ଏ ସମ୍ପର୍କରେ ଟାଙ୍ଗୀ ଥାନାକୁ ଖବର ଦେବା ପରେ ଟାଙ୍ଗୀ ଥାନା ଅଧିକାରୀମାନେ ବ୍ୟାଙ୍କର ଲାଗିଥିବା ସିସିଟିଭି ଯାଞ୍ଚ କରୁଛି। ଟାଙ୍ଗୀ ଥାନା ଇନଚାର୍ଜଙ୍କୁ ପଚାରିବାରୁ ୧୦ ଲକ୍ଷ ଟଙ୍କା ଲୁଟ ଅଭିଯୋଗ ଆସିଛି, କିନ୍ତୁ କେସ୍ ହୋଇନି। କେତେ ଟଙ୍କା ଚୋରି ହୋଇଛି, ବ୍ୟାଙ୍କର ସିସିଟିଭି ଯାଞ୍ଚ ଚାଲିଛି। ଯାଞ୍ଚ ପରେ ସତ୍ୟାସତ୍ୟ ଜଣାପଡିବ ବୋଲି କହିଥିଲେ।

# ଆସନ୍ତାକାଲିକୁ ଜୟ କରନ୍ତୁ

## ବିଶ୍ୱ ସଞ୍ଚୟ ଦିବସ



ଟଙ୍କା ସଞ୍ଚୟର ଗୁରୁତ୍ୱ ବିଷୟରେ ସଚେତନ କରାଇବା ଲାଗି ପାଳିତ ହୋଇଆସୁଛି ବିଶ୍ୱ ସଞ୍ଚୟ(ବଚତ୍) ଦିବସ। ଏହି ଦିବସ ଆମ ଦେଶରେ ଅକ୍ଟୋବର ୩୦ ଏବଂ ବିଶ୍ୱ ସ୍ତରରେ ଅକ୍ଟୋବର ୩୧ରେ ପାଳନ କରାଯାଏ। ଟଙ୍କା ଘରେ ରଖିବା ପରିବର୍ତ୍ତେ ବ୍ୟାଙ୍କରେ ସଞ୍ଚୟ କରିବାର ଧାରଣା ବିଷୟରେ ସୂଚନା ଦେବା ନିମନ୍ତେ 'ବିଶ୍ୱ ସଞ୍ଚୟ ଦିବସ' ୧୯୨୪ ମସିହାରେ ପ୍ରଥମେ ଇଟାଲୀରେ ଆରମ୍ଭ ହୋଇଥିଲା। ଏହାର ସୂତ୍ରଧର ଥିଲେ ଇଟାଲୀୟ ପ୍ରଫେସର ଫିଲିପୋ ରବିଜା। ଚଳିତବର୍ଷ ଏହି ଦିବସଲାଗି ବିଷୟବସ୍ତୁ ରହିଛି 'ଆପଣଙ୍କର ଆସନ୍ତାକାଲିକୁ ଜୟ କରନ୍ତୁ'। ଯାହା ବିଶ୍ୱ ସଞ୍ଚୟ ଏବଂ ଖୁଚୁରା ବ୍ୟାଙ୍କିଂ ପ୍ରତିଷ୍ଠାନ (ଡବ୍ଲ୍ୟୁଏସ୍‌ବିଆଇ) ଦ୍ୱାରା ଆରମ୍ଭ କରାଯାଇଛି। ଏଥି ସହ ଜଡିତ ଏକ ଅଭିଯାନ 'ଏହା ଏକ ସଞ୍ଚୟ ଆକାଉଣ୍ଟ ନୁହେଁ' ବାର୍ତ୍ତା ବହନ କରେ। ଏହି ଅଭିଯାନର ଲକ୍ଷ୍ୟ ହେଉଛି ଲୋକେ ସଞ୍ଚୟକୁ କେବଳ ବ୍ୟାଙ୍କରେ ଟଙ୍କା ରଖିବା ଅପେକ୍ଷା ଅଧିକ କିଛି ଦେଖାଇ ଦୃଷ୍ଟିକୋଣକୁ ପରିବର୍ତ୍ତନ କରିବା। ଏହା ସୂଚିତ କରେ ଯେ, ସଞ୍ଚୟ କିପରି ବ୍ୟକ୍ତି, ପରିବାର ଏବଂ ସମ୍ପ୍ରଦାୟ ସକାଶେ ଆର୍ଥିକ ସ୍ଥିରତା, ସୁରକ୍ଷା ଏବଂ ଏକ ସ୍ଥିର ଭବିଷ୍ୟତ ଗଠନ କରିବାରେ ସାହାଯ୍ୟ କରେ। ଏଥିସହିତ ଆସନ୍ତା କାଲିକୁ ସୁରକ୍ଷିତ କରିବା ପାଇଁ ଆଜି ପ୍ରସ୍ତୁତ ହେବାର ଧାରଣାକୁ ପ୍ରୋତ୍ସାହିତ କରେ।


## ଝୋଟ ପାଇଁ ଭାରତ ସରକାରଙ୍କ ତରଫରୁ ବର୍ଦ୍ଧିତ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ର ଘୋଷଣା

ଭାରତ ସରକାର ଛଅଗୋଟି ଝୋଟ ଉତ୍ପାଦନକାରୀ ରାଜ୍ୟରେ ଭାରତୀୟ ଝୋଟ ନିଗମ ଲିମିଟେଡ୍ (ଜେସିଆଇ)ର ୧୧୦ଟି କ୍ରୟ କେନ୍ଦ୍ର ଓ ୧୪ଟି ଆଞ୍ଚଳିକ କାର୍ଯ୍ୟାଳୟ ମାଧ୍ୟମରେ ଚାଷୀମାନଙ୍କୁ ଏମ୍‌ଏସ୍‌ପି ସହାୟତା ପ୍ରଦାନ କରୁଛନ୍ତି

JCI ଭାରତୀୟ ଝୋଟ ନିଗମ ଲିମିଟେଡ୍ (ଜେସିଆଇ) କଞ୍ଚା ଝୋଟ ପାଇଁ କେନ୍ଦ୍ରୀୟ ନୋଡାଲ ଏଜେନ୍ସି ଅଟେ

ଏମ୍‌ଏସ୍‌ପି ଦର : ୨୦୨୫-୨୬

ସାରା ଭାରତରେ ୨୦୨୫-୨୦୨୬ ଫସଲ ଋତୁ ପାଇଁ କଞ୍ଚା ଝୋଟ ମେସ୍ତା ଓ ବିମ୍‌ଲିର ବିଭିନ୍ନ କିସମ ଓ ଗ୍ରେଡ୍ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ନିମ୍ନ ଅନୁଯାୟୀ ସ୍ଥିର କରାଯାଇଛି:

ସମଗ୍ର ଭାରତ

| କିସମ | ଗ୍ରେଡ୍ ⇨ | ଟିଡି-୧/ଡବ୍ଲ୍ୟୁ୧ | ଟିଡି-୨/ଡବ୍ଲ୍ୟୁ୨ | ଟିଡି-୩/ଡବ୍ଲ୍ୟୁ୩ | ଟିଡି-୪/ଡବ୍ଲ୍ୟୁ୪ | ଟିଡି-୫/ଡବ୍ଲ୍ୟୁ୫ | |
|---|---|---|---|---|---|---|---|
| ଟୋସ୍ସା/ହ୍ୱାଇଟ୍ | ₹ / କୁଇଣ୍ଟାଲ | ୬୩୫୦ | ୬୧୫୦ | ୫୬୫୦ | ୫୧୨୫ | ୪୮୭୫ | |
| | | | | | | | |
| କିସମ | ଗ୍ରେଡ୍ ⇨ | ଏମ୍୧ / ଓ.ଟିଓପି | ଏମ୍୨ / ଏସ୍.ଏମ୍‌ଆଇଡି | ଏମ୍୩ / ଏମ୍‌ଆଇଡି | ଏମ୍୪ / ବିଓଟି | ଏମ୍୫ / ବି.ବିଓଟି | ଏମ୍୬ / ଏକ୍ସ.ବିଓଟି |
| ମେସ୍ତା / ବିମ୍‌ଲି | ₹ / କୁଇଣ୍ଟାଲ | ୪୧୩୫ | ୩୯୮୫ | ୩୮୬୦ | ୩୭୬୦ | ୩୬୬୦ | ୩୫୬୦ |

ଭାରତୀୟ ଝୋଟ ନିଗମ ଲିମିଟେଡ୍ (ଜେସିଆଇ) ୧୯୭୧ରେ ଏହାର ଗଠନ ପରଠାରୁ ଝୋଟ ଚାଷୀମାନଙ୍କୁ ସହାୟତା କରିଆସିଛି

- ୧୦ ବର୍ଷରେ ଏମ୍‌ଏସ୍‌ପି ୧୩୫% ବୃଦ୍ଧି - ସିଓ୍ୱାଇ ୨୦୧୪-୧୫ରେ ଥିବା ₹୨୪୦୦/କୁଇଣ୍ଟାଲ ସିଓ୍ୱାଇ ୨୦୨୫-୨୬ରେ ₹୫୬୫୦/କୁଇଣ୍ଟାଲକୁ ବୃଦ୍ଧି ପାଇଛି
- ନୂଆ ରାଜ୍ୟରେ ଏମ୍‌ଏସ୍‌ପି କାର୍ଯ୍ୟ ଆରମ୍ଭ - ନାଗାଲାଣ୍ଡ, ମେଘାଳୟ, ଝାଡ଼ଖଣ୍ଡ
- ୩ କାର୍ଯ୍ୟଦିବସ ମଧ୍ୟରେ ଚାଷୀଙ୍କୁ ଦେୟରାଶି ବିତରଣ
- ବାସ୍ତବ ସମୟ ଭିତ୍ତିରେ ସ୍ୱଚ୍ଛତା ଆଣିବା, ଅନୁସନ୍ଧାନଯୋଗ୍ୟତା, ମୂଲ୍ୟ ଆବିଷ୍କାର ତଥା ଦ୍ରବ୍ୟ ତାଲିକା ପରିଚାଳନା ପାଇଁ ବ୍ଲକ୍ ଚେନ୍ ଟେକ୍ନୋଲୋଜି ଭିତ୍ତିରେ ଇ-ଯୋଗାଣ ଶୃଙ୍ଖଳ ତଥା ଇ-ନିଲାମ ପ୍ଲାଟ୍‌ଫର୍ମ ଯୋଜନା ପଥରେ
- କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କଠାରୁ ତ୍ୱରିତ ଭାବେ ଉତ୍ପାଦ କିଣିବା ପାଇଁ ପରିଚାଳନା କାର୍ଯ୍ୟର ଡିଜିଟାଲାଇଜେଶନ୍
- ଜେସିଆଇ "ଏକ କାର୍ଯ୍ୟାନ୍ୱୟନକାରୀ ଏଜେନ୍ସି ଭାବେ" ୧୧ ବର୍ଷ ଧରି ଜ୍ୟୁଟ୍ ଏଗ୍ରୋନୋମି ଡେଭଲପମେଣ୍ଟ ପ୍ରୋଜେକ୍ଟ ଆଇ-କେୟାର୍‌ର ପରିଚାଳନା କରିଆସୁଛି
- ସବ୍‌ସିଡିଯୁକ୍ତ (୫୦%) ଉଚ୍ଚ ଅମଳକ୍ଷମ ପ୍ରମାଣିତ ବିହନ ବିତରଣ
- ଚାଷୀମାନଙ୍କ ପାଇଁ ଆଧୁନିକ କୃଷିବିଜ୍ଞାନ ଯନ୍ତ୍ରପାତି ନିଃଶୁଳ୍କରେ ବିତରଣ
- ନିଃଶୁଳ୍କ ରେଟିଂ ଆକ୍ସିଲିରେଟର୍ସ ବିତରଣ
- ନିଃଶୁଳ୍କ ପ୍ରଦର୍ଶନ ଓ ସଚେତନାତା କାର୍ଯ୍ୟକ୍ରମ
- ୨୦୧୫ଠାରୁ ୨.୧୫ ଲକ୍ଷ ହେକ୍ଟର ଜମିରେ ୫.୬ ଲକ୍ଷ ଚାଷୀମାନଙ୍କୁ ଲାଭାନ୍ୱିତ କରୁଛି




ଜେସିଆଇ ଶୁଭାରମ୍ଭ କରିଛି ପିଏଏଟି ମିତ୍ରୋ ଆପ୍ ଯାହା ଯୋଗାଉଛି:
- ଏମ୍‌ଏସ୍‌ପି ଦର ଏବଂ କ୍ରୟ କେନ୍ଦ୍ରର ସୂଚନା।
- କୃଷିବିଜ୍ଞାନ ପରାମର୍ଶ।
- ପାଣିପାଗର ସୂଚନା।
- ଝୋଟର ଗୁଣବତ୍ତା ମାନଦଣ୍ଡ।
- ସଂଗ୍ରହଣ ପରେ ଦେୟ ପରିଶୋଧ ସ୍ଥିତି।

ବିଗତ ଦୁଇ ଦଶନ୍ଧିରେ ଭାରତ ସରକାରଙ୍କ ଦ୍ୱାରା ଏମ୍‌ଏସ୍‌ପି ଜରିଆରେ କରାଯାଇଥିବା କ୍ରୟଗୁଡ଼ିକର ତୁଳନା (୨୦୦୪-୨୦୧୪ : ୨୦୧୫ - ୨୦୨୪)

| ୨୦୦୪-୨୦୧୪ | | ୨୦୧୫ - ୨୦୨୪ | |
|---|---|---|---|
| ପରିମାଣ (ଆନୁମାନିକ ଲକ୍ଷ ବେଲ୍‌ସରେ) | ମୂଲ୍ୟ (କୋଟି ₹ ରେ) | ପରିମାଣ (ଆନୁମାନିକ ଲକ୍ଷ ବେଲ୍‌ସରେ) | ମୂଲ୍ୟ (କୋଟି ₹ ରେ) |
| ୧୫ | ୩୮୦ | ୧୮ | ୧୩୪୫ |

ଦ୍ୟ ଜୁଟ କର୍ପୋରେଶନ ଅଫ ଇଣ୍ଡିଆ ଲିମିଟେଡ
भारतीय पटसन निगम लिमिटेड
The Jute Corporation of India Limited
A Government of India CPSE under Ministry of Textiles

ମୁଖ୍ୟ କାର୍ଯ୍ୟାଳୟ: ପଟସନ ଭବନ, ୩ୟ ଓ ୪ର୍ଥ ମହଲା, ବ୍ଲକ୍-ସିଏଫ୍, ଆକ୍ସନ୍ ଏରିଆ-୧ ନ୍ୟୁ ଟାଉନ୍, କୋଲକାତା-୭୦୦୧୫୬, ଫୋନ୍: (୦୩୩) ୨୨୫୨ ୧୧୦୦ / ୬୬୨୦ / ୬୭୬୦ / ୭୧୦୭ / ୭୧୦୯ ଫାକ୍ସ: (୦୩୩) ୨୨୫୨ ୧୭୭୧ । ଇମେଲ୍: jci@jcimail.in. www.jutecorp.in

ପଶ୍ଚିମବଙ୍ଗ: ଆଞ୍ଚଳିକ କାର୍ଯ୍ୟାଳୟ (ଆର୍‌ଓ): କୋଲକାତା ଆର୍‌ଓ, କ୍ରୀଶନଗର ଆର୍‌ଓ, ବେଥୁଆଦାହାରି ଆର୍‌ଓ, ବ୍ରହ୍ମପୁର ଆର୍‌ଓ, ସିଲିଗୁଡ଼ି ଆର୍‌ଓ, କୁଚ୍‌ବିହାର ଆର୍‌ଓ, ମାଲ୍‌ଦା ଆର୍‌ଓ

ଆସାମ: ଆର୍‌ଓ: ଗୁଆହାଟି ଆର୍‌ଓ, ଗୌରିପୁର ଆର୍‌ଓ, ନାଗାଓଁ ଆର୍‌ଓ

ବିହାର: ଆର୍‌ଓ: ଫୋର୍ବସ୍‌ଗଞ୍ଜ ଆର୍‌ଓ

ଓଡ଼ିଶା: ଆର୍‌ଓ: ଭଦ୍ରକ ଆର୍‌ଓ ପର୍ଚେଜ୍ ସେଣ୍ଟର୍ସ (ଡିପିସି): ଧାମନଗର, ଭଦ୍ରକ, କେନ୍ଦ୍ରପାଟଣା, ସାଇଲଙ୍ଗ, ଦାନପୁର, ମାର୍ଶାଘାଇ

ଆନ୍ଧ୍ରପ୍ରଦେଶ: ଆର୍‌ଓ: ପାର୍ବତୀପୁରମ୍ ଆର୍‌ଓ

ତ୍ରିପୁରା: ଆର୍‌ଓ: ଉଦୟପୁର ଆର୍‌ଓ

CBC 41122/15/0035/2526

କେତେ ହଜାର ଟଙ୍କା ନଷ୍ଟ ହୋଇଗଲେ ଲୋକେ ଖୁବ୍ ବ୍ୟସ୍ତ ହୋଇ ପଡନ୍ତି। କିନ୍ତୁ ସତ୍ୟରେ ଉପନୀତ ହେବା ଲାଗି ଉଦ୍ଦିଷ୍ଟ ଥିବା ଚେତନା ଓ ଶକ୍ତିର ମହାତରଙ୍ଗ ସବୁ ନଷ୍ଟ ହୋଇଗଲେ ଲୋକଙ୍କୁ ବାଧେ ନାହିଁ। -ଶ୍ରୀମା

-ଗୋଷ୍ଠାଷ୍ଟମୀ



# ସନ୍ଥଙ୍କ ରହସ୍ୟମୟ ମୃତ୍ୟୁ



ଦେବଦତ୍ତ ପଟ୍ଟନାୟକ

ଦ୍ୱାଦଶ ଶତାବ୍ଦୀରେ ଗୁଜରାଟ ଓ ମହାରାଷ୍ଟ୍ରରେ ଚକ୍ରଧର ସ୍ୱାମୀ ନାମକ ଜଣେ ବ୍ୟକ୍ତି ଥିଲେ। ସେ କୃଷ୍ଣଙ୍କ ଭକ୍ତି ବାଣୀ ପ୍ରଚାର କରୁଥିଲେ। ତାଙ୍କ କୃଷ୍ଣ ଭକ୍ତିରେ ରାଧାଙ୍କୁ ସେ ସମିଲକରି ନ ଥିଲେ। ତାଙ୍କ ଭକ୍ତି ଥିଲା ଅଦ୍ୱୈତ ଅର୍ଥାତ୍ ପରମେଶ୍ୱର କୃଷ୍ଣ ହିଁ ଏକ। ଏହି ଭକ୍ତି ପବିତ୍ରତା ଓ ବ୍ରହ୍ମଚର୍ଯ୍ୟ ଉପରେ ଆଧାରିତ ଥିଲା। ତେବେ ଜଣେ ଉଚ୍ଚ ଖ୍ୟାତିସମ୍ପନ୍ନ ପଣ୍ଡିତଙ୍କ ମତରେ, ସେ ସ୍ଥାନୀୟ ବ୍ରାହ୍ମଣ ସମୁଦାୟଙ୍କ ବିରୋଧର ସମ୍ମୁଖୀନ ହୋଇଥିଲେ ଏବଂ ଏମାନଙ୍କ ପ୍ରଭାବରେ ଯାଦବ ରାଜା ତାଙ୍କ ମୁଣ୍ଡ କାଟ ପାଇଁ ସୈନ୍ୟମାନଙ୍କୁ ପଠାଇଲେ। ଚକ୍ରଧର ସ୍ୱାମୀ କୌଣସି ପ୍ରକାରେ ସେହି ଆକ୍ରମଣରୁ ନିଜ ଜୀବନ ରକ୍ଷା କରିବା ପାଇଁ ସକ୍ଷମ ହୋଇଥିଲେ। ମୁଣ୍ଡଠାରୁ ଅଲଗା ହୋଇଥିବା ତାଙ୍କ ଶରୀର ପୁଣି ମୁଣ୍ଡକୁ ଉଠାଇ ଆଣି ତାଙ୍କ ବେକରେ ଲଗାଇଦେଇଥିଲେ। ସେ ପୁନର୍ଜୀବନ ପ୍ରାପ୍ତ ହୋଇ ଜଣେ ଯୋଗୀ ହେବା ପାଇଁ ହିମାଳୟ ଅଭିମୁଖେ ଯାତ୍ରା କରିଥିଲେ। ଏହିପରି ଭାବେ ଭକ୍ତି ମାର୍ଗର ସନ୍ନ୍ୟାସୀଙ୍କ ସହ ଲଢ଼େଇ ଭାରତର ବିଭିନ୍ନ ପ୍ରାନ୍ତରେ ଦେଖିବାକୁ ମିଳେ।

ପଞ୍ଚଦଶ ଶତାବ୍ଦୀର ସନ୍ଥ ଚୈତନ୍ୟ ମହାପ୍ରଭୁଙ୍କ ଜନ୍ମସ୍ଥାନ ପଶ୍ଚିମବଙ୍ଗ। ଓଡ଼ିଶାର ପୁରୀରେ ତାଙ୍କର ବହୁ ଭକ୍ତ ଥିଲେ। ସେ ସର୍ବସାଧାରଣ ସ୍ଥାନରେ ନାମ ଓ ଭକ୍ତି ସଙ୍ଗୀତ ଗାନ କରୁଥିଲେ। ତାଙ୍କର ଭକ୍ତି ମାର୍ଗକୁ ସ୍ଥାନୀୟ ପୂଜକମାନେ ସହଜରେ ଗ୍ରହଣ କରିପାରୁ ନ ଥିଲେ, ଯେଉଁମାନେ ସାଖ୍ୟ ଭାବ (ବନ୍ଧୁତ୍ୱ) ମାର୍ଗରେ ଦେବତ୍ୱ ପ୍ରାପ୍ତି ହୋଇଥାଏ ବୋଲି ଭାବୁଥିଲେ। କୁହାଯାଏ, ଚୈତନ୍ୟ ମହାପ୍ରଭୁ ଜଗନ୍ନାଥଙ୍କ ସହ ନିମଗ୍ନ ହୋଇଯାଇଥିଲେ। ତେବେ ଅନେକ ଶତାବ୍ଦୀ ପରେ ତାଙ୍କ ଉପରେ ଲିଖିତ ଜୀବନୀ ଚରିତରେ ଅନେକ ପ୍ରକାର କଥା ଉଲ୍ଲେଖ ରହିଛି। ଅନେକେ ଦାବି କରନ୍ତି, ସେ ସମୁଦ୍ର ମଧ୍ୟକୁ ଚାଲିଯାଇ ଅଦୃଶ୍ୟ ହୋଇଯାଇଥିଲେ। ଆଉ କେହି ଦର୍ଶାଇଛନ୍ତି, ତାଙ୍କ ମନ୍ଦିର ବାହାରେ ଦେଖିବାକୁ ମିଳିଥିଲା। ଏପରିକି ଏକ ଲେଖାରେ କୁହାଯାଇଛି, ତାଙ୍କୁ ସ୍ଥାନୀୟ ବ୍ରାହ୍ମଣମାନେ ଆକ୍ରମଣ କରିଥିଲେ। କିନ୍ତୁ ଏହିସବୁ ଲେଖା ବା ସିଦ୍ଧାନ୍ତଗୁଡ଼ିକର କୌଣସି ପ୍ରମାଣ ନାହିଁ। କିନ୍ତୁ ଚୈତନ୍ୟ ମହାପ୍ରଭୁଙ୍କ ମୃତ୍ୟୁ ଅଦ୍ୟାବଧି ରହସ୍ୟମୟ ତଥା କଳ୍ପନାର ଉତ୍ସ ହୋଇ ରହିଯାଇଛି।

ମରାଠୀ ସନ୍ଥ ତୁକାରାମ ପଣ୍ଡରପୁରଙ୍କ ପାଇଁ ତାଙ୍କ ଭକ୍ତି ସଙ୍ଗୀତ ସକାଶେ ବିଖ୍ୟାତ। ମହାରାଷ୍ଟ୍ରରେ କୃଷ୍ଣଙ୍କ ସ୍ଥାନୀୟ ରୂପ ହେଉଛି ପଣ୍ଡରପୁର। ସେ ସଶରୀରରେ ବୈକୁଣ୍ଠ ଯାଇଛନ୍ତି ବୋଲି କୁହାଯାଏ। ଏଭଳି ଧାରଣାକୁ ଅନେକ ଲେଖା ଏବଂ ଚଳଚ୍ଚିତ୍ରରେ ମଧ୍ୟ ଦର୍ଶାଯାଇଛି।



ସ୍ଥାନୀୟ ଭାଷାରେ ରଚିତ ତାଙ୍କ କାବ୍ୟକୁ ଭୌତିକ ସୁଖକୁ ଭୁଲ୍ ବୁଝୁଥିବା ଶୁଦ୍ଧାଚାରୀବାଦୀମାନେ ବିରୋଧ କରିଥିଲେ। ସେମାନେ ବିଶ୍ୱାସ କରୁଥିଲେ, ଭଗବାନ୍‌ଙ୍କ କଥା କେବଳ ସଂସ୍କୃତରେ ଉପସ୍ଥାପିତ ହେବା ଉଚିତ। ଏହି କଥାକୁ ବିଚାରକୁ ନେଲେ ତାଙ୍କର ଏହା ଏକ ପ୍ରାକୃତିକ ନା ହିଂସାତ୍ମକ ମୃତ୍ୟୁ, ତାହାକୁ ନେଇ ପ୍ରଶ୍ନ ଉଠେ।

ରାଜପୁତ ରାଜକୁମାରୀ ମୀରାବାଈ ସବୁ ସ୍ଥାନରେ ବୁଲି ବୁଲି ଭକ୍ତିସଙ୍ଗୀତ ଗାନ କରୁଥିଲେ ଏବଂ ତାଙ୍କ ରାଜପୁତ ପରିବାର ସହଜରେ ଏହାକୁ ଗ୍ରହଣ କରିପାରୁ ନ ଥିଲେ। କୁହାଯାଇଛି, ସେ ଦ୍ୱାରକାରେ ପ୍ରଭୁ କୃଷ୍ଣଙ୍କ ମୂର୍ତ୍ତିରେ ଲୀନ ହୋଇଯାଇଥିଲେ। ଏଥିରୁ କ'ଣ ବୁଝାପଡୁଛି? ଏହା ଅନର କିଲିଂ ବା ସମ୍ମାନ ପାଇଁ ମୃତ୍ୟୁ ହୋଇପାରେ ବୋଲି ନାରୀବାଦୀମାନେ ଦାବି କରନ୍ତି। କିନ୍ତୁ ଭକ୍ତିମାର୍ଗୀମାନେ ସୂଚିତ କରନ୍ତି,ଏହା ଏକ ଆଧ୍ୟାତ୍ମିକ, ଅଲୌକିକି ତଥା ଚମତ୍କାର ଘଟଣା ଥିଲା। ତାମିଲନାଡୁରେ ଅଷ୍ଟମ ଓ ନବମ ଶତାବ୍ଦୀରେ ନାୟନାର ସନ୍ଥ ନନ୍ଦନାର ସକ୍ରିୟ ଥିଲେ। ସେ ଥିଲେ ନୀଚବର୍ଗର ଏବଂ ଜଣେ ଶିବଭକ୍ତ। ସେ ଶିବ ସ୍ତୁତି ଗାନ କରୁଥିଲେ ଏବଂ ଶିବ ମନ୍ଦିରରେ ପ୍ରବେଶ କରିବାକୁ ଚାହୁଁଥିଲେ। ନିଜକୁ ଅଗ୍ନିରେ ଶୁଦ୍ଧକଲେ ମନ୍ଦିରରେ ପ୍ରବେଶ କରିପାରିବେ ବୋଲି ତାଙ୍କୁ କୁହାଯାଇଥିଲା ଏବଂ ସେ ତାହା କରିଥିଲେ। ନିଆଁରେ ଝାସ ଦେଇ ବଞ୍ଚିବାର ଏହା ଏକ କାଳ୍ପନିକ କଥା ନା ତାଙ୍କ ଜାତି ପରିବର୍ତ୍ତନ ସମ୍ପର୍କିତ ରୀତିନୀତିର ଏକ ବର୍ଣ୍ଣନା କିମ୍ବା ଉଚ୍ଚଜାତିର କ୍ଷେତ୍ରକୁ ଗ୍ରହଣ କରିବାର ବିଷୟ, ତାହାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ରଢ଼ିବାଦକୁ ଯେଉଁ ସନ୍ଥମାନେ ବିରୋଧ କରିଥିଲେ ସେମାନଙ୍କର ମୃତ୍ୟୁ ରହସ୍ୟଜନକ ଭାବେ ଘଟିଛି କିମ୍ବା ନିଜେ ସମାଧି ନେଇଥିବା (ଜ୍ଞାନଦେବ ଯୁବାବସ୍ଥାରେ ନିଜେ ସମାଧି ନେଇଛନ୍ତି) କଥା କୁହାଯାଇଛି, ଯାହାକୁ ନେଇ ପ୍ରଶ୍ନ ଉଠୁଛି। ଏହିସବୁ କାହାଣୀରେ ସେସମୟର ପ୍ରାୟୋଜିତ କିଛି ବାଧ୍ୟବାଧକତାକୁ ସୂଚିତ କରିବାକୁ ଚେଷ୍ଟା କରାଯାଇଛି କି?

ଏପରିକି ଏବେ ମଧ୍ୟ ଧର୍ମରେ ପ୍ରାଧାନ୍ୟ ବଢ଼ାଇବା ପାଇଁ ବିଭିନ୍ନ ଧର୍ମୀୟ ବିଚାର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଜାରି ରହିଛି। ସନାତନୀ ସାତ୍ତ୍ୱିକ ଧର୍ମ ଏବେ ନିଜକୁ ଶ୍ରେଷ୍ଠ ବୋଲି ଦର୍ଶାଇବାକୁ ଚେଷ୍ଟା କରୁଛି, ଏପରିକ ଅନେକ ସମୟରେ ସରକାରୀ ସହଯୋଗରେ ଏହା କରାଯାଉଛି। ଇତିହାସରେ ପ୍ରଥମ ଥର ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ମହାକାବ୍ୟର କାହାଣୀ, ଭକ୍ତି କାବ୍ୟ କିମ୍ବା ବେଦାନ୍ତ ଦର୍ଶନ ବଦଳରେ ମନୁସ୍ମୃତି ମାଧ୍ୟମରେ ହିନ୍ଦୁଧର୍ମ ସମ୍ପର୍କରେ ଶିକ୍ଷା ଦିଆଯାଉଛି। ବୈଷ୍ଣବ ଗ୍ରନ୍ଥ ଭଗବଦ୍ ଗୀତା ହିନ୍ଦୁଧର୍ମର ସବୁଠୁ ପବିତ୍ର ଗ୍ରନ୍ଥ ବୋଲି ଆମକୁ କୁହାଯାଉଛି, ଯାହା ଅଦ୍ୱୈତ ଧର୍ମର ପବିତ୍ର ଗ୍ରନ୍ଥର ସିଦ୍ଧାନ୍ତକୁ ପରିହାସ କରେ। କିନ୍ତୁ ଶ୍ରୀରଙ୍ଗମର ବୈଷ୍ଣବ ବ୍ରାହ୍ମଣମାନେ ବିଷ୍ଣୁ ପୁରାଣକୁ ସ୍ୱୀକାର କରନ୍ତି ଏବଂ ଗରୁଡ଼କୁ ପୂଜା କରୁଥିବାବେଳେ ଉଡୁପିର ମହାଦେବ ବ୍ରାହ୍ମଣମାନେ ଭାଗବତ ପୁରାଣକୁ ଗ୍ରହଣ କରନ୍ତି ଓ ହନୁମାନଙ୍କୁ ପୂଜା କରିଥାନ୍ତି। ଗୁଜରାଟର ପୁଷ୍ଟିମାର୍ଗୀମାନେ ଏକ ହିନ୍ଦୁଧର୍ମକୁ ଅନୁସରଣ କରିଥାନ୍ତି ଯାହା ସେହି ରାଜ୍ୟରେ ଜଣାଶୁଣା ସ୍ୱାମୀନାରାୟଣମାର୍ଗୀଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ। ହିନ୍ଦୁଧର୍ମ କେବେ ବି ଏକ ରୂପରେ ପରିପ୍ରକାଶ ହୋଇନାହିଁ। ତେବେ ଭକ୍ତି ଇତିହାସରୁ ଜଣାପଡ଼େ, ଯେ, ହିନ୍ଦୁଧର୍ମର ବିକଳ୍ପ ବିଚାରଗୁଡ଼ିକୁ ଧ୍ୱଂସ କରାଯାଇଛି ଏବଂ ଧର୍ମରେ ଥିବା ଉଚ୍ଚବର୍ଗର ବ୍ୟକ୍ତିମାନେ ସେମାନଙ୍କ ମାର୍ଗକୁ ଅନୁସରଣ କରିବା ପାଇଁ ବାଧ୍ୟ କରିଛନ୍ତି।

ଏହା କେବଳ ହିନ୍ଦୁଧର୍ମରେ ସୀମିତ ନାହିଁ। ରୋମ୍‌ରେ କ୍ୟାଥିଲିକମାନେ ପୋପ୍‌ଙ୍କୁ ଅନୁସରଣ କରନ୍ତି। ରଢ଼ିବାଦୀ ଖ୍ରୀଷ୍ଟିଆନମାନେ ରୁଷିଆ ଓ ଗ୍ରୀସ୍‌ର ନେତାମାନଙ୍କୁ ଅନୁସରଣ କରନ୍ତି। ପ୍ରୋଟେଷ୍ଟାଣ୍ଟଙ୍କର ନିଜସ୍ୱ ଚର୍ଚ୍ଚ ଅଛି। କେତେକ ଚର୍ଚ୍ଚରେ ଧର୍ମଯାଜକଙ୍କୁ ବିବାହ କରିବା ପାଇଁ ଅନୁମତି ରହିଛି। କେତେକଙ୍କ ସମଲିଙ୍ଗୀ ବିବାହ ପାଇଁ ଅନୁମତି ଦିଆଯାଏ। ଇସ୍‌ଲାମ ସମ୍ପୂର୍ଣ୍ଣ ଭାବେ ବିରୋଧୀ ବିଚାରରେ ପରିପୂର୍ଣ୍ଣ। ଶିୟା, ସୁନି ଏବଂ ସୁଫିମାନେ ଅନେକ ବିଷୟରେ ଏକମତ ନୁହନ୍ତି, ଯେଉଁଥିପାଇଁ ହିଂସକ ଲଢ଼େଇ ଜାରି ରହିଛି। ବୌଦ୍ଧଧର୍ମାବଲମ୍ବୀଙ୍କ ବିଚାରକୁ ନେଇ ସବୁବେଳେ ଝଗଡ଼ା ଦେଖିବାକୁ ମିଳେ। ଏପରିକି ମୌର୍ଯ୍ୟ ସମ୍ରାଟ ଅଶୋକ ସେମାନଙ୍କ ସହ ଏକମତ ହୋଇପାରି ନ ଥିଲେ।

ଧର୍ମ କହିଲେ ଆଧ୍ୟାତ୍ମିକତାକୁ ବୁଝାଏ ଏବଂ ଆମକୁ ଉଚ୍ଚସ୍ତରକୁ ନେଇଯାଏ। କିନ୍ତୁ ଏହାକୁ ଏକ ରାଜନୈତିକ ସାଧନ ଭାବେ ଦେଖିଲେ ତାହା ଶେଷ ହୋଇଯାଏ। ଏଠାରେ ସ୍ୱାଧୀନ ଚିନ୍ତାଶୀଳ ବ୍ୟକ୍ତିମାନେ ସବୁଠୁ ଭୟଭୀତ ରହିଛନ୍ତି। ଭକ୍ତି ହିନ୍ଦୁ ସନ୍ଥମାନେ ସହସୀ ଭାବେ ପ୍ରତିକୂଳ ପରିସ୍ଥିତିକୁ ସାମ୍ନାକରି ନିଜସ୍ୱ ପଥରେ ଆଗକୁ ବଢ଼ିଛନ୍ତି । ହେଲେ ହିନ୍ଦୁଧର୍ମରେ ଥିବା ପୁରୋଧାମାନେ ସେମାନଙ୍କୁ ସେହି ଦୃଷ୍ଟିରେ ନ ଦେଖନ୍ତାହାନ୍ତି।

-devduttofficial@gmail.com

# ପୋଷ୍ୟ ପ୍ରାଣୀ ଓ ମାନସିକ ପୀଡ଼ା



ଡା. ସମ୍ରାଟ କର

୧୯୭୭ ମସିହାରେ ବିଶିଷ୍ଟ ମନୋବିଜ୍ଞାନୀ ଲିଓ କେ ବୁଷ୍ଟାର୍ଡ ଏବଂ ମାଇକେଲ ଡିଜ ମ୍ୟାକୁଲକ ଆମେରିକାର ଓରିଗନ ରାଜ୍ୟର ପୋର୍ଟଲାଣ୍ଡ ସହରରେ ପ୍ରତିଷ୍ଠା କରିଥିଲେ ଡେଲା ସୋସାଇଟି, ଯାହାର ଉଦ୍ଦେଶ୍ୟ ହେଲା ପୋଷ୍ୟ ପ୍ରାଣୀଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ସେମାନଙ୍କ ସାହାଯ୍ୟରେ ମାନସିକ ଭାରସାମ୍ୟହୀନ ରୋଗୀଙ୍କୁ ଆରୋଗ୍ୟ କରାଇବା। ବିଂଶ ଶତାବ୍ଦୀରେ ଏହାଥିଲା ଡିମେନସିଆ ବା ସ୍ମୃତିହୀନ, ଆଲଜିମରସ ଭଳି ମାନସିକ ରୋଗ ଆକ୍ରାନ୍ତ ବୟସ୍କ ବ୍ୟକ୍ତି, ପୋଷ୍ଟ ଟ୍ରମାଟିକ ଷ୍ଟ୍ରେସ ଡିସ୍‌ଅର୍ଡର, ଗୁରୁତର ଆଘାତପ୍ରାପ୍ତିର ପରବର୍ତ୍ତୀ ଅବସ୍ଥାରେ ମାନସିକ ଚାପବୃଦ୍ଧି ଜଡ଼ିତ ବ୍ୟାଧିରେ ଆକ୍ରାନ୍ତ ଏବଂ ଅବସରପ୍ରାପ୍ତ ସୈନିକ ଓ ଅଟିଜମ୍ ଆକ୍ରାନ୍ତ ଶିଶୁଙ୍କଠାରେ ମନୋରୋଗ ଉପଶମର ଅନ୍ୟତମ ବୃହତ୍ ପ୍ରତିଷ୍ଠାନ। ଯାହାକି ୨୦୧୨ରେ ପୋଷ୍ୟ ସାଥୀ ବା ପେଟ୍ ପାର୍ଟନର୍ସ ଭାବେ ନୂଆ ନାମରେ ନାମିତ ହୋଇଥିଲା। ତେବେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଖ୍ୟାତ ଗବେଷକ କୋଲେଙ୍କ ମତ ଅନୁଯାୟୀ, ମାନସିକ, ଶାରୀରିକ ଏପରି କି ମନୋ ସାମାଜିକ ଅବସ୍ଥାର ଉପଶମ ଓ ଉନ୍ନତି ବିଧାନ ପାଇଁ ପୋଷ୍ୟଭିତ୍ତିକ ଥେରାପି ଚିକିତ୍ସା ବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ପରିଚିତ । ଆମେ ଦେଖିଛେ ବିରାଡି ହୁଅନ୍ତୁ ବା କୁକୁର, ଗୋରୁ ଗାଈଙ୍କଠାରୁ ପକ୍ଷୀ, ଘୋଡ଼ା ହୁଅନ୍ତୁ ବା ଠେକୁଆ ଏପରିକି ଡଲ୍‌ଫିନଙ୍କୁ ମଧ୍ୟ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷିତ କରି ସେମାନଙ୍କୁ ମାନସିକ ପୀଡିତଙ୍କ ଶାରୀରିକ ସୁସ୍ଥତା ଓ ଆନନ୍ଦ ପ୍ରଦାନ କରିବା ପାଇଁ ପ୍ରୋତ୍ସାହନ ଦିଆଯାଉଛି। ଏହି ମର୍ମରେ ଓୟେସ୍କ ଜର୍ନାଲ ଅଫ୍ ନର୍ସିଂ ରିସର୍ଚ୍ଚ ପତ୍ରିକାରେ ଉଲ୍ଲେଖ ରହିଛି ଯେ ମାନସିକ ରୋଗାକ୍ରାନ୍ତ ହୁଅନ୍ତୁ ବା ପୀଡ଼ିତ, ସେମାନଙ୍କର ପୁନର୍ବାସ କେନ୍ଦ୍ରରେ ରହିଥିବା ଆକ୍ୱାରିୟମର ରଙ୍ଗିନ ମାଛ ହେଉ ବା ଡଲ୍‌ଫିନର ଆନନ୍ଦମୟ ସନ୍ତରଣ ଦୃଶ୍ୟ ସେମାନଙ୍କୁ ଉଲ୍ଲସିତ ଓ ଆନନ୍ଦିତ କରିଥାଏ। ସମ୍ପ୍ରତି ଆମେରିକା ବ୍ୟତୀତ ନେଦରଲାଣ୍ଡ, ସୁଇଜରଲାଣ୍ଡ ଓ ବେଲଜିୟମରେ ପ୍ରାଣୀଙ୍କ ସହିତ ଆଲିଙ୍ଗନଜନିତ ଚିକିତ୍ସା ପଦ୍ଧତିକୁ ପ୍ରୋତ୍ସାହିତ କରାଯାଉଛି ।

ଭାରତ ମଧ୍ୟ ଏ କ୍ଷେତ୍ରରେ ପଛୁଆ ନାହିଁ। ଏହି ପ୍ରଚେଷ୍ଟା ମଧ୍ୟ ଆରମ୍ଭ ହୋଇଗଲାଣି। ପ୍ରଶିକ୍ଷିତ ପୋଷ୍ୟଜନ୍ତୁମାନଙ୍କ ସାହାଯ୍ୟରେ ମାନସିକ ସ୍ୱାସ୍ଥ୍ୟ ପୁନରୁଦ୍ଧାର ପରି ସେବା ପ୍ରଚଳନ ପାଇଁ କାର୍ଯ୍ୟରତ ରହିଛି ଆନିମଲ ଆଞ୍ଜେଲସ ଫାଉଣ୍ଡେଶନ ଓ ମାନିବ ଫାଉଣ୍ଡେଶନ, ମୁମ୍ବାଇ, ଓୟେରାଭିଲେ, ବେଙ୍ଗାଲୁରୁ ଏବଂ ଫାର ବଲ ଷ୍ଟୋରି, ଦିଲ୍ଲୀ। ପ୍ରଥମ ଓ ଚତୁର୍ଥ କେନ୍ଦ୍ରରେ ପୋଷ୍ୟପ୍ରାଣୀ କୁକୁର, ଦ୍ୱିତୀୟ କେନ୍ଦ୍ରରେ ବିରାଡ଼ି ଏବଂ ତୃତୀୟ କେନ୍ଦ୍ରରେ ପୋଷ୍ୟ ହେଉଛି ଘୋଡ଼ା। ଜର୍ନାଲ ଅଫ୍ ସାଇକୋସୋମାଟିକ ରିସର୍ଚ୍ଚ ପତ୍ରିକାରେ ୨୦୦୦ରେ ପ୍ରକାଶିତ ଗବେଷଣା ନିବନ୍ଧରେ ମନୋବିଜ୍ଞାନୀ ଜେ.ଏସ୍. ଓଡେଣ୍ଡାଲ ଉଲ୍ଲେଖ କରିଛନ୍ତି, ମାନସିକ ରୋଗୀ ଏବଂ ପୋଷ୍ୟମାନଙ୍କ ଶାରୀରିକ ସାକ୍ଷାତରେ ସେମାନଙ୍କ ଉଭୟଙ୍କ ଦେହରେ ନିଉରୋକେମିକାଲ କ୍ଷରଣରେ ତାତ୍ପର୍ଯ୍ୟପୂର୍ଣ୍ଣ ପରିବର୍ତ୍ତନ ସଂଘଟିତ ହୋଇଥାଏ, ଯାହା ସେମାନଙ୍କ ମଧ୍ୟରେ ପାରସ୍ପରିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସ୍ଥାପନରେ ସହାୟକ ଏବଂ ରୋଗୀର ରୋଗମୁକ୍ତିରେ ଅତ୍ୟନ୍ତ ଫଳପ୍ରଦ। ଆମେରିକାନ ହାର୍ଟ ଆସୋସିଏଶନର ତଥ୍ୟ ଅନୁଯାୟୀ ପୋଷ୍ୟପ୍ରାଣୀଭିତ୍ତିକ ଚିକିତ୍ସା ମଧ୍ୟ ଫଳପ୍ରଦ ହୋଇଥାଏ। ରିପୋର୍ଟ ଅନୁଯାୟୀ ପୋଷ୍ୟପ୍ରାଣୀଙ୍କ ସହ ସୁମଧୁର ଆଳାପ ବା ସମୟ ଅତିବାହିତ କରିବା ଦ୍ୱାରା ରକ୍ତରେ ଆଡ୍ରେଲିନ ହରମୋନର ମାତ୍ରା ୧୭ ଶତାଂଶ କମିଯାଉଛି, ହୃତ୍‌ପିଣ୍ଡସ୍ଥିତ ବାମ ଅଳିନ୍ଦର ରକ୍ତଚାପ ଦଶ ଶତାଂଶ ପ୍ରଶମିତ ହୋଇଯାଉଛି, ଯାହାଦ୍ୱାରା ହୃଦ୍‌ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କଠାରେ ରୋଗଜନିତ ଉଦ୍‌ବେଗ ୨୪ ଶତାଂଶ ହ୍ରାସ ଘଟୁଛି। ଏହି ମର୍ମରେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ତଥ୍ୟ ଅନୁଯାୟୀ, ଦେଢ଼ଶହ ମିନିଟର ହାଲୁକା ଶାରୀରିକ ପରିଶ୍ରମ ଦ୍ୱାରା ଜଣେ ଯେଉଁ ସ୍ୱାସ୍ଥ୍ୟଗତ ଫାଇଦା ବା ଉପଶମ ପାଇଥାଏ ତାହା ଦିନକୁ ଦୁଇଥର ନିଜ ପୋଷା କୁକୁର ସହ ପ୍ରଶସ୍ତ ଜାଗାରେ ଚଲାବୁଲା କଲେ ସମାନ ଫଳପ୍ରଦ ମିଳିଥାଏ। ଆପଣ ଅନୁଭବ କରୁଥିବେ ପୋଷ୍ୟ ପ୍ରାଣୀମାନେ ବାସ୍ତବିକ କେବଳ ମାନସିକ ପୀଡ଼ିତଙ୍କ ପାଇଁ ନୁହେଁ, ବରଂ ସାମଗ୍ରିକ ଭାବେ ଜଣଙ୍କ ଜୀବନକୁ ଆନନ୍ଦମୟ କରି ଗଢ଼ି ତୋଳିବାରେ ଯେଉଁ ଅତୁଟ ଅମାପ ଓ ନିଃସ୍ୱାର୍ଥପର ସେବା ସହଯୋଗ, ଭଲପାଇବା ଦେଇଥାଏ ତାହା ସ୍ମରଣୀୟ।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ୍, କଟକ**
**ମୋ: ୯୧୩୨୪୩୩୩୩୩**

## ଏଇ ଭାରତରେ

ଚେନ୍ନାଇର ମୟାବତୀଙ୍କ ବୟସ ଏବେ ୨୬, ହେଲେ ତାଙ୍କ କାର୍ଯ୍ୟ ଅତ୍ୟନ୍ତ ପ୍ରେରଣାଦାୟକ। ସେ ଷ୍ଟେଶନରେ ବହି ପଢ଼ିବା ଲାଗି ଲୋକଙ୍କୁ ସହଯୋଗ କରୁଛନ୍ତି। ବିଶେଷକରି ସେ ଏମ୍‌ଜିଆର ଚେନ୍ନାଇ ସେଣ୍ଟ୍ରାଲ ଏବଂ ତାମ୍ବାରାମ ରେଲଓ୍ୱେ ଷ୍ଟେଶନରେ ବୁକ୍ ଭେଣ୍ଡିଂ ମେଶିନ ବସାଇଛନ୍ତି। ତାଙ୍କ ଦ୍ୱାରା ପ୍ରତିଷ୍ଠିତ 'ସନ୍‌ସେଟ୍ ହ୍ୟୁଜ୍' ମାଧ୍ୟମରେ ସେ ଏହି କାର୍ଯ୍ୟ କରୁଛନ୍ତି। ମୟାବତୀ ବ୍ୟାଙ୍କିଂ ଛାଡ଼ି ଏଥିରେ ସମୟ ଦେଇଛନ୍ତି। ଏହାଦ୍ୱାରା ଟ୍ରେନ୍‌ଯାତ୍ରା ସମୟରେ ସେ ଲୋକମାନଙ୍କୁ ବିଭିନ୍ନ ବହି ପଢ଼ି ଆନନ୍ଦ ଉଠାଇବାରେ ସାହାଯ୍ୟ କରୁଛନ୍ତି। ୫୦ରୁ ଊର୍ଦ୍ଧ୍ୱ ଶୀର୍ଷକ ପିଲାଙ୍କ କଲରିଂ ବହିଠାରୁ ଆରମ୍ଭକରି ଆକ୍ଟିଭିଟି ବୁକ୍ସ ସହିତ ବିଭିନ୍ନ ଗଳ୍ପ ଓ ବାସ୍ତବ ବିଷୟଆଧାରିତ ବହି ସମ୍ପର୍କରେ ଅନ୍‌ଲାଇନ୍ ଚୟନର ବ୍ୟବସ୍ଥା ରହିଛି ଏହି ମେଶିନରେ। ପ୍ରତି ବହିର ଦାମ୍ ୩୦୦ ଟଙ୍କାରୁ କମ୍ ରହିଛି। ପ୍ରତ୍ୟେକସ୍ତରରେ ମେଶିନ ୟୁଜରଙ୍କୁ ମାର୍ଗଦର୍ଶନ କରୁଛି ଏବଂ ବହି ବିତରଣରେ ବିଫଳ ହେଲେ ସେନ୍‌ସର ତୁରନ୍ତ ସମାଧାନ କରି ମୂଲ୍ୟ ଫେରାଇ ଦେଉଛି କିମ୍ବା ତା' ବଦଳରେ ଅନ୍ୟ ବହି ଦେବାରେ ସହଯୋଗ କରୁଛି। ଏହି ଦୁଇ ଷ୍ଟେଶନରେ ଲୋକେ ବହି ପଢ଼ିବାରେ ବେଶି ଆଗ୍ରହ ପ୍ରକାଶ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୩୦ ଅକ୍ଟୋବର ୧୯୭୬

- ସମ୍ବିଧାନର ପ୍ରସ୍ତାବନାରେ ସମାଜବାଦ, ଧର୍ମ ନିରପେକ୍ଷତା ଓ ଜାତୀୟ ସଂହତି ବା ଅଖଣ୍ଡତା ସଂକ୍ରାନ୍ତରେ ସ୍ୱଷ୍ଟତର ଉଲ୍ଲେଖନ ସମ୍ବଳିତ ବ୍ୟବସ୍ଥା ସହିତ ୫୯ ଦଫା ସମ୍ବଳିତ ସମ୍ବିଧାନ ସଂଶୋଧନ ବିଲ୍‌ର ୫ଟି ଦଫା ଗୃହୀତ ହୋଇଯାଇଛି।
- ଗଙ୍ଗା ନଦୀର ଜଳ ଭାରତ ଓ ବାଂଲାଦେଶର ଜାତୀୟ ସମ୍ପତ୍ତି ବୋଲି ବାଂଲାଦେଶର ଘୋଷଣାକୁ ଭାରତୀୟ ପ୍ରତିନିଧି ବୀରଭଦ୍ର ସିଂହ ଦୃଢ଼ ଭାବରେ ଜାତିସଂଘରେ ଖଣ୍ଡନ କରିଛନ୍ତି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | | | 7 | |
| | | | 1 | 3 | 4 | | | |
| | | | | | 5 | | 4 | 8 |
| 1 | | | | | 8 | | 6 | 4 |
| 3 | | | | 4 | | | | 9 |
| 6 | | | 5 | | 1 | | | |
| | | | | | | 8 | | 1 |
| | 7 | | | | | | | |
| | | 1 | 9 | | | | 5 | 2 |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 1 | 9 | 5 | 3 | 2 | 4 | 8 |
| 3 | 2 | 9 | 7 | 4 | 8 | 6 | 5 | 1 |
| 5 | 8 | 4 | 1 | 6 | 2 | 9 | 7 | 3 |
| 8 | 9 | 3 | 2 | 1 | 4 | 5 | 6 | 7 |
| 2 | 4 | 5 | 3 | 7 | 6 | 1 | 8 | 9 |
| 6 | 1 | 7 | 8 | 9 | 5 | 3 | 2 | 4 |
| 4 | 7 | 2 | 5 | 3 | 9 | 8 | 1 | 6 |
| 9 | 5 | 6 | 4 | 8 | 1 | 7 | 3 | 2 |
| 1 | 3 | 8 | 6 | 2 | 7 | 4 | 9 | 5 |

ଗତକାଲିର ଉତ୍ତର

# ଗଣତନ୍ତ୍ରରେ ଅନୁପ୍ରବେଶକାରୀ



ବ୍ରଜମୋହନ ମିଶ୍ର

ଭରସା ସହ ଆସ୍ଥା ପ୍ରକଟ କରି ଗଣତନ୍ତ୍ରକୁ ଆପଣେଇ ନିଆଯାଇଥିଲା। ଯେଉଁ ମହାନ୍ ନେତୃବୃନ୍ଦ ଏପରି ଶାସନ ପଦ୍ଧତିର ବ୍ୟବସ୍ଥା କରିଥିଲେ ସେମାନେ କେବେ ନଥିଲେ ଅଜ୍ଞ ଓ ଅଶିଷ୍ଟ। ପକ୍ଷାନ୍ତରେ ସେମାନେ ଥିଲେ ଏବର ଶତକଡ଼ା ଅନେଶତ ଭାଗ ନେତାଙ୍କଠାରୁ ଲକ୍ଷ ଲକ୍ଷ ଗୁଣରେ ବିଜ୍ଞ, ଶିଷ୍ଟ, ଶାଳୀନ ଏବଂ ସର୍ବୋପରି ଦେଶପ୍ରେମୀ। ସତରେ ସେଇ ଊର୍ଦ୍ଧ୍ୱଚେତାମାନେ ଭାରତମାତାଙ୍କ ପ୍ରକୃତ ସନ୍ତାନ। ଜଣେ ପୀଡ଼ିତା, ଅସୁସ୍ଥ ମା'କୁ ରୋଗମୁକ୍ତ କରାଇ ତାକୁ ତାର ପୂର୍ବର ସ୍ୱାସ୍ଥ୍ୟ ଲାଭ କରାଇବା ଥିଲା ଏଇ ଦାୟବଦ୍ଧ, ଅସଂଗ୍ରହଣଶୀଳ, ହୃଦୟବାନ୍, ମର୍ଯ୍ୟାଦାବନ୍ତମାନଙ୍କର ସାଧନା ପଥ। ଏମାନେ ସତରେ ପଣ୍ଡିତଥିଲେ ବୋଲି ଭାରତରୁ ସକଳ ବୈଷମ୍ୟ ହଟିବାକୁ ଯଥାସାଧ୍ୟ ପ୍ରୟାସ କରୁଥିଲେ। ହୋଇପାରେ, ରକ୍ତ ମାଂସର ମଣିଷ ଭାବେ ସେମାନଙ୍କର କିଛିନା କିଛି ତ୍ରୁଟି ରହୁଥିଲା। ସେ ହୁଅନ୍ତୁ ଜବାହରଲାଲ, ଅବା ସର୍ଦ୍ଦାର ପଟେଲ ଅବା ଆବୁଲକାଲାମ ଆଜାଦ ଅବା ହରେକୃଷ୍ଣ ମହତାବ କି ନବକୃଷ୍ଣ ଚୌଧୁରୀ, କିନ୍ତୁ ସେ ତ୍ରୁଟି ତୁଳନାରେ ସେମାନଙ୍କ ଅକପଟ ଦେଶପ୍ରାଣତା ଯଥେଷ୍ଟ ଅଧିକ ଥିଲା, ଏହା ଜଣେ ସମଦର୍ଶୀ ଅବଶ୍ୟ ସ୍ୱୀକାର କରିବେ। ତେଣୁ ସେମାନେ ଶାସନ କଲାବେଳେ ତାହା ବହୁମାତ୍ରାରେ ଗଣାଭିମୁଖୀ ହୋଇଥିଲା। ଅଧିକନ୍ତୁ ସେମାନେ ଏତେ ସତର୍କ ଥିଲେ ଯେ ଶାସକ ହିସାବରେ ସେମାନେ ସ୍ୱକୀୟ ସଫଳତାଗୁଡ଼ାକ ନ ଉଦ୍‌ଗାରି ଏ ଶାସନରେ କେଉଁଠି କ'ଣ ଜଖମ ରହିଗଲା, ସେ ସମ୍ପର୍କରେ ଆଲୋଚନା କରୁଥିଲେ ଓ ସର୍ବସାଧାରଣରେ ସ୍ୱୀକାର କରୁଥିଲେ। ଶାସନଗତ କୌଣସି ବିଫଳତା ପାଇଁ ପଦପଦବୀ ମଧ୍ୟ ତ୍ୟାଗ କରୁଥିଲେ (ଯଥା-ଲାଲ୍‌ବାହାଦୁର ଶାସ୍ତ୍ରୀ ଓ କାମରାଜପ୍ଲାନରେ କତିପୟ ମୁଖ୍ୟମନ୍ତ୍ରୀ)। ଏହା ଫଳରେ ସେମାନଙ୍କ ବ୍ୟକ୍ତିଗତ ମର୍ଯ୍ୟାଦାବୋଧ ଯେମିତି ପ୍ରକାଶ ପାଉଥିଲା ସେମିତି ମଧ୍ୟ ଜନସାଧାରଣଙ୍କ ଆସ୍ଥାର ଭାଜନ ହେଉଥିଲେ ସେମାନେ। ଏ ବ୍ୟକ୍ତିମାନେ ଏକ ନିର୍ଦ୍ଦିଷ୍ଟ ଦଳର ହୋଇଥିଲେ ମଧ୍ୟ ପୂର୍ଣ୍ଣଭାବରେ ଦଳୁଆ ହୋଇ ନଥିଲେ କାରଣ ଏମାନେ ଜୀବନକୁ ଆଦୌ ମହୋତ୍ସବମୟ କରିବାରେ ମାତାଲ ହେଉ ନ ଥିଲେ। ଫଳରେ ଏହି ସହୃଦୟମାନଙ୍କର ଗୋଡ଼ ଯେପରି ଦୃଢ଼ଥିଲା, ସେହିପରି ଅବିଚଳିତ ଥିଲା ସେମାନଙ୍କର ବୁଦ୍ଧିମତ୍ତା ଓ ହୃଦୟଭାବ। ହେଲେ ଏହି ଗଣତାନ୍ତ୍ରିକମାନେ ଅଧିକ ଦିନ ତିଷ୍ଠିଲେ ନାହିଁ ଅବା ସେମାନଙ୍କୁ ତିଷ୍ଠିବାକୁ ଦିଆଗଲା ନାହିଁ। ଗୋଟାଏ ଥିସିସର, ଆଣ୍ଟିଥିସିସ ପରି ଚେର ଲାଗି ଆସୁଥିବା ଗଣତନ୍ତ୍ରରେ ଚେର ଉପଡ଼ା ଅପକର୍ମ ଆରମ୍ଭ ହୋଇଗଲା ଏବଂ ତା ମୂଳରେ ରହିଲେ ଅଲାଜୁକ ଅନୁପ୍ରବେଶକାରୀ ଗୋଠ, ଯେଉଁମାନେ ଭୂମିପାଇଁ ତପସ୍ୟା କରିବା ବଦଳରେ କଲେ ବିଚିତ୍ର ତାଣ୍ଡବ। ଯାହା କଲେ ଭୂମି ଅଧିକାର



କରିହେବ, ତାହା ଯେତେ ନିର୍ଲଜ୍ଜକର ହେଉ ପଛକେ, ତାହା କରିବାକୁ ଟିକେ ମାତ୍ର ଲଜ୍ଜାବୋଧ କଲେ ନାହିଁ। ଗଣତନ୍ତ୍ରରେ ଏଇ ଛିନ୍ନମୂଳମାନଙ୍କୁ ଅନୁପ୍ରବେଶକାରୀ କହିବାର କାରଣ ଏମାନେ ଏ ଶୁଦ୍ଧଶାସନ ରାଜ୍ୟକୁ ଜବରଦସ୍ତ ପଶି ଆସିଲେ। ଫଳରେ ବାହାରିପଡ଼ିଲେ ସେମାନଙ୍କ ଶିଷ୍ୟ, ପ୍ରଶିଷ୍ୟ ଇତ୍ୟାଦି ରକ୍ତବୀର୍ଯ୍ୟମାନେ। ଏମାନଙ୍କ ବିନାଶ କେହି କଲେ ନାହିଁ, କାରଣ ଯେ ଏହା କରିପାରିଥାନ୍ତେ, ସେମାନେ ଯାଦୁରେ ବଶୀଭୂତ ହୋଇଗଲେ। ସେ ଯାଦୁଥିଲା ପ୍ରଲୋଭନର ମଧୁରାକର୍ଷଣ - ସେମାନଙ୍କ ପାଇଯିବାର ଲାଳସାଗ୍ନିକୁ ଚରିତାର୍ଥ କରୁଥିବା ଘିଆ

ଏଇ ଅନୁପ୍ରବେଶକାରୀ ଅକାଣ୍ଡିଆମାନେ ଦେଶରେ ସେମାନଙ୍କ ଆଧିପତ୍ୟ ବିସ୍ତାର କରି ଆପଣାକୁ ସମସ୍ତଙ୍କ ଉପରେ ସବାର କରିବାରେ ଗଳଦ୍‌ଘର୍ମ ହେଲେ। ସେମାନଙ୍କର ଏତାଦୃଶ ଷଡ଼ଯନ୍ତ୍ରକୁ ସଫଳ କରିବାରେ ସହାୟକ ହେଲେ ଜନତାର ସେବା କରିବାକୁ ନିଯୁକ୍ତ ହୋଇଥିବା କର୍ମଚାରୀଗୋଷ୍ଠୀ। ସେମାନେ ମନେ କଲେ ସେମାନଙ୍କ ମୁନିବ ଜନତା ନୁହନ୍ତି, ହେଉଛନ୍ତି ନେତା, ଯେଉଁମାନଙ୍କ ସହ ଚିରନ୍ତନ ହନିମୁନ କଲେ ସେମାନେ ଉଭୟ ହନି ଏବଂ ମୁନ୍‌କୁ ପାଇବେ। ସଂସାରରେ ରହି ଆକାଶଟାକୁ ମଧ୍ୟ ଅଧିକାର କରିପାରିବେ, ଯାହା ସେମାନେ କରିପାରିବେ ନାହିଁ ଜନତା ପଟ ନେଲେ। କାରଣ ଜନତା ପ୍ରକୃତରେ ଶକ୍ତିହୀନ, ଧନହୀନ, ମାନହୀନ, କାଣ୍ଡଜ୍ଞାନହୀନ ଓ ନିଶ୍ଚେତନାର ଆଉ ଏକ ଆଶ୍ଚର୍ଯ୍ୟ ଅବତାର। ଏପରିକି ଏହି କାଗଜ ବାଘ(ଜନତା) ଭୋଟ ବେଳେ ମଧ୍ୟ ଗଭୀରଭାବେ ଅଚେତନ ହୋଇ ଯାଆନ୍ତି, କାରଣ ଏମାନେ ଫଷ୍ଟସଙ୍କ ପରି ଆପଣାର ବିବେକକୁ ସଇତାନଙ୍କୁ ବିକ୍ରି କରି ଦେଇଥାଆନ୍ତି। ଅତଏବ ଏହି ନାମକୁମାତ୍ର ଶକ୍ତିଶାଳୀ ଶାର୍ଦ୍ଦୁଳମାନେ ଭାରି ନିଃଶକ୍ତ ହୋଇଯାଆନ୍ତି ଗଣତନ୍ତ୍ରରେ ଅନୁପ୍ରବେଶକାରୀ ବ୍ରହ୍ମରାକ୍ଷସମାନଙ୍କ ଚାତୁର୍ଯ୍ୟ-ହଣ୍ଟର ମାଡ଼ ଖାଇ। ଆଉ ଏକ ବିଡ଼ମ୍ବନାର ବ୍ୟାପାର, ଏହି ଅନୁପ୍ରବେଶକାରୀମାନେ ଗଣତନ୍ତ୍ରକୁ ଛାଡ଼ି ଆଉସବୁ ତନ୍ତ୍ରରେ ପାରଙ୍ଗମ ହୋଇଥିବାରୁ ଏମାନେ ସତରେ କାଜୁଆ, ସତରେ ବଲୁଆ, ସତରେ ପ୍ରୀତିଆ, ସତରେ ରସିଆ, ସତରେ ତୁଟିଆ, ସତରେ କାଦୁଆ । ତେଣୁ ସତରେ ବୋଧହୀନ ବୁଦ୍ଧିଆ । ଭଗବାନ ନାମକ ସେହି ପରମରହସ୍ୟଙ୍କୁ ହୁଏତ ତପସ୍ୟା କରି କେହି ବୁଝିପାରେ, ନିଜର କରିପାରେ କିନ୍ତୁ ଏଇ ଅନୁପ୍ରବେଶକାରୀମାନଙ୍କୁ ସେ ଶତଚେଷ୍ଟା କଲେ ବି ବୁଝିପାରିବ ନାହିଁ, ଧରିପାରିବ ନାହିଁ କାରଣ ''ବଡ଼ମାୟାବୀ ଜୀବ ଏ ନୁହେଁ କାହାରି।''

ଏଇ ମାତୃହରଣକାରୀ ଅନୁପ୍ରବେଶକାରୀଙ୍କୁ ଭାରତ ଆଉ ସହିପାରୁନାହିଁ। କବି ଦୀନକୃଷ୍ଣ ରସକଲ୍ଲୋଳରେ କହିଥିଲେ କିପରି କଂସ ପ୍ରତାପରେ ଅତିଷ୍ଠ ହୋଇ ଧରଣୀ ବ୍ରହ୍ମାଙ୍କ ଆଗରେ ତା' ଦୁଃଖର ପ୍ରତିଧାନ ପାଇଁ ପ୍ରାର୍ଥନା କରିଥିଲା। ଆଜିର ଦିନରେ ଆମେ ଆମ ମାତାଙ୍କୁ କେଉଁ କଳ୍ପିତ ବ୍ରହ୍ମାଙ୍କ ନିକଟକୁ ପଠାଇବା ନାହିଁ। ଆମେ ଅବଶ୍ୟ ଜାଗ୍ରତ ହେବା, ବିପ୍ଳବ କରିବା। ଏଇ ଅଶିଷ୍ଟ ଅନୁପ୍ରବେଶକାରୀମାନଙ୍କ କବଳରୁ ମାତାଙ୍କୁ ରକ୍ଷା କରିବା ପାଇଁ ପ୍ରଥମେ ଅହିଂସା ପନ୍ଥା ଅବଲମ୍ବନ କରିବା। ଏହି ଖ୍ରୀଷ୍ଟମାର୍ଗ ବିଫଳ ହେଲେ କୃଷ୍ଣମାର୍ଗ ଧରିବାକୁ କଦାଚ ବିମୁଖ ହେବା ନାହିଁ। ତେଣୁ ଆମକୁ ସଂଗ୍ରାମୀ ହେବାକୁ ହେବ।

**ଭଦ୍ରକ, ମୋ: ୮୦୧୮୦୮୭୮୩୧**

## ପାଠକ ଶ୍ରେଷ୍ଠ ବିଚାରକ

### ଉଦ୍ୟାନ ଫ୍ରେଶ୍ ଆଉଟ୍‌ଲେଟ୍ ବନ୍ଦ

ମହାଶୟ,

ଭୁବନେଶ୍ୱର ବାସିନ୍ଦାଙ୍କୁ ସୁଲଭ ମୂଲ୍ୟରେ ତଟକା ପନିପରିବା ଯୋଗାଇ ଦେବାକୁ ରାଜ୍ୟ ସରକାର ଉଦ୍ୟାନ ବିଭାଗ ନିର୍ଦ୍ଦେଶାଳୟ ମାଧ୍ୟମରେ ସମ୍ପୂର୍ଣ୍ଣ ଅତ୍ୟାଧୁନିକ ଶୀତତାପ ନିୟନ୍ତ୍ରିତ ୧୨ ଗୋଟି ଉଦ୍ୟାନ ଫ୍ରେଶ୍ ଆଉଟ୍‌ଲେଟ୍ ଖୋଲିଥିଲେ । ଲୋକମାନେ ଖୁବ୍ ଖୁସିର ସହ ସେଠାରୁ ସବୁଜ ତଟକା ପନିପରିବା କିଣି ଆଣୁଥିଲେ । କିନ୍ତୁ ଦୁଃଖର ବିଷୟ ଏହି ଯେ ଏବେ ୧୧ ଗୋଟି ଉଦ୍ୟାନ ଫ୍ରେଶ୍ ଆଉଟ୍‌ଲେଟ୍ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଛି । ତାହାର ପ୍ରକୃତ ସତ୍ୟାସତ୍ୟ କେହି କହିପାରୁ ନାହାନ୍ତି। ଏଥିରେ ଉଦ୍ୟାନ ବିଭାଗ ନିର୍ଦ୍ଦେଶାଳୟର ଅପାରଗତା ଓ ଅବହେଳା ସମ୍ପୂର୍ଣ୍ଣ ରୂପେ ପଦାରେ ପଡ଼ିଯାଇଛି। ଉଦ୍ୟାନ ବିଭାଗ ନିର୍ଦ୍ଦେଶାଳୟ ପକ୍ଷରୁ ଭୁବନେଶ୍ୱର ସହରର ଆଖପାଖ ଅଞ୍ଚଳରୁ କିଛି ଗାଁକୁ ପୋଷ୍ୟ ଭାବେ ଗ୍ରହଣ କରି ସେହିସବୁ ଗାଁରେ ଆନ୍ତରିକତାର ସହ ଲୋକମାନଙ୍କ ସହ ବିଭିନ୍ନ ପ୍ରକାରର ଆଲୋଚନା କରି ସେମାନଙ୍କୁ ପରାମର୍ଶ ଦେଇ ପନିପରିବା ଚାଷ ପାଇଁ ଉତ୍ସାହିତ କରାଇ ପାରିଲେ ଚାଷୀ ତଥା ଖାଉଟି ଉପକୃତ ହୋଇ ପାରିବେ । ଫଳରେ ଭୁବନେଶ୍ୱରର ଆଖପାଖ ଅଞ୍ଚଳରେ ଥିବା ଗାଁଗୁଡ଼ିକରୁ ପ୍ରଚୁର ପରିମାଣରେ ଆଳୁ, ଦେଶୀ ଆଳୁ, ଟମାଟୋ, ମୂଳା, ବିନ୍ସ, କୋବି, ବାଇଗଣ, ଲଙ୍କା, ପିଆଜ, ସାରୁ, କଖାରୁ, ଲାଉ ଇତ୍ୟାଦି ଉତ୍ପାଦନ ହୋଇପାରିବ । ଯାହାକୁ ଚାଷୀମାନେ ଭୁବନେଶ୍ୱରର ଚାହିଦା ମେଣ୍ଟାଇ ଅନ୍ୟ ଜିଲା ଓ ରାଜ୍ୟ ବାହାରକୁ ମଧ୍ୟ ପଠାଇ ପାରିବେ ଓ ସେମାନଙ୍କ ରୋଜଗାର ପନ୍ଥାର ଉନ୍ନତି ହେବ । ଉଦ୍ୟାନ ବିଭାଗ ଯଦି ଏହିପରି ପୋଷ୍ୟଗ୍ରାମ ଯୋଜନା କରନ୍ତି ତେବେ ଯେଉଁ ୧୧ ଗୋଟି ଉଦ୍ୟାନ ଫ୍ରେଶ୍ ଆଉଟ୍‌ଲେଟ୍ ଯଥେଷ୍ଟ ପରିମାଣର ପନିପରିବା ଅଭାବରୁ ବନ୍ଦ ହୋଇଯାଇଛି ପୁଣି ସେଗୁଡିକ ଖୋଲାଯାଇ ପାରନ୍ତା ।

**-ଡ. ଲକ୍ଷ୍ମୀ ନାରାୟଣ କର, ସୂର୍ଯ୍ୟନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜୀବନ-କଳାରେ ସେ ଯେ ଶ୍ରେଷ୍ଠ ମୋ କଳାପ
ଯଉବନ-ସଙ୍ଗତେ ଆଦିମ ସେ ଆଳାପ
ପ୍ରାଣସମ ତାକୁ ମୋର ଦେୟ ଶେଷ ଶ୍ରଦ୍ଧା
କଣ୍ଟକିତ ଜୀବନେ ସେ ସୁକୁମାର ଗୋଲାପ ।
-(ପଥର ପ୍ରେମିକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସ୍ୱତନ୍ତ୍ର ସ୍କ୍ୱାଡ୍‌ର ତଦନ୍ତ ଆରମ୍ଭ

## ଧାନମଣ୍ଡଳ ପଣ୍ୟାଗାରରୁ ନିମ୍ନମାନର ଚାଉଳ ଯୋଗାଣ ଘଟଣା

**ଚଣ୍ଡିଖୋଲ,୨୯।୧୦(ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲା ଧାନମଣ୍ଡଳସ୍ଥିତ ଖାଦ୍ୟ ପଣ୍ୟାଗାର ନିଗମରୁ ନିମ୍ନମାନର ନାଲିଚାଉଳ ଯୋଗାଣ ନେଇ ଖବର ପ୍ରକାଶ ପାଇବା ପରେ ଫୁଡ୍‌କର୍ପୋରେଶନ ଅଫ୍ ଇଣ୍ଡିଆ(ଏଫ୍‌ସିଆଇ)ର ସ୍ୱତନ୍ତ୍ର ସ୍କ୍ୱାଡ୍ ମଙ୍ଗଳବାର ପଣ୍ୟାଗାରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଟିମ୍ ସମସ୍ତ ଗୋଦାମ ଗୃହରେ ଗଚ୍ଛିତ ଥିବା ଚାଉଳର ମାନ ପରୀକ୍ଷା ପାଇଁ ସାମ୍ପଲ ସଂଗ୍ରହ କରିଛି। ଏପରି କି ପଣ୍ୟାଗାରରେ ଥିବା ଓଜନ କଣ୍ଟାର ମଧ ଯାଞ୍ଚ କରିଛି।

ସରକାରଙ୍କ ନିୟମ ଅନୁଯାୟୀ, ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ ଏଠାରୁ ଯାଜପୁର ଜିଲାର ବଡ଼ଚଣା, ବରୀ, ରସୁଲପୁର ଓ ଧର୍ମଶାଳାକୁ ଚାଉଳ ଏବଂ ଗହମ ଯୋଗାଣ କରାଯାଉଛି। ପରିବହନ ଠିକାଦାର ଡିଲରମାନଙ୍କୁ ଏଠାରୁ ଚାଉଳ ନେଇ ଯୋଗାଣ କରୁଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ଉନ୍ନତମାନର ଧଳାଚାଉଳ ହିତାଧିକାରୀଙ୍କୁ ଯୋଗାଇବା କଥା। ତେବେ କିଛିଦିନ ହେବ ଏଠାରୁ ନିମ୍ନମାନର ନାଲି ଚାଉଳ ଯୋଗାଣ ହେଉଥିଲା, ଯାହାକି ବି ଗ୍ରେଡ୍‌ର। ଏହି ଚାଉଳ ଯୋଗାଣ କରିବା ନିୟମ ବାହାରେ। କେତେଜଣ ମିଲର, ପରିବହନ ଠିକାଦାର ଓ ପଣ୍ୟାଗାର ନିଗମର ଅଧିକାରୀଙ୍କ ସଲା ସୁତୁରାରେ ଚାଉଳ ଯୋଗାଣ ହେଉଥିଲା। ଏନେଇ ୨୬ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପରେ ସାମାଜିକ କର୍ମୀ ମୁଖ୍ୟମନ୍ତ୍ରୀ, ଯୋଗାଣ ମନ୍ତ୍ରୀ ଓ ଯାଜପୁର ଜିଲାପାଳଙ୍କୁ ତଦନ୍ତ କରିବା ପାଇଁ ୨୭ ତାରିଖରେ ଟୁଇଟ ଯୋଗେ ଅନୁରୋଧ କରିଥିଲେ।

ତଦନ୍ତକାରୀ ଟିମରେ ୬ ଜଣ ଆସିଥିଲେ। କେଉଁ ମିଲର କେଉଁ ଚାଉଳ ଯୋଗାଣ କରିଛନ୍ତି, ଏଠାରେ ଥିବା ନିରୀକ୍ଷକମାନେ ଚାଉଳର ମାନ ପରୀକ୍ଷା କରି ରଖିଛନ୍ତି କି ନାହିଁ ଓ କିଏ ପରୀକ୍ଷା କରି ରଖିଛନ୍ତି ଓ ଚାଉଳ ବସ୍ତାର ଓଜନ ଠିକ ଅଛି କି ନାହିଁ ଏସବୁ ତଦନ୍ତ କରିଛନ୍ତି।

ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁସାରେ, ୩୦୦ ବସ୍ତା ଖୁଦ ଚାଉଳ ଗୋଦାମ ଗୃହରେ ଗଚ୍ଛିତ ଥିଲା। ତେବେ ତଦନ୍ତକାରୀ ଟିମ ଆସିବା ପୂର୍ବରୁ ନିକଟସ୍ଥ ଏକ ଚାଉଳ ମିଲକୁ ଏହାକୁ ଉଠାଇ ନିଆଯାଇଥିଲା। ତଥାପି ନାଲି ଚାଉଳ ଗୋଦାମରେ ଗଚ୍ଛିତ ଥିବା ଜଣାପଡ଼ିଛି। ଏହି ଟିମ୍ ଖୁବ୍‌ଶୀଘ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ ବୋଲି ସୂଚନା ମିଳିଛି। ଏନେଇ ପଣ୍ୟାଗାର ନିଗମ ଅଧକ୍ଷ ପ୍ରତ୍ୟୁଷ କୁମାର ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ତଦନ୍ତକରୀ ଟିମ ଆସି ତଦନ୍ତ କରି ଫେରିଛି। ଜିଲା ଯୋଗାଣ ଅଧିକାରୀ ଦିଲୀପ କୁମାର ପାଣିଗ୍ରାହୀଙ୍କୁ ପଚାରାବାରେ ସେ କହିଛନ୍ତି, କେନ୍ଦ୍ରୀୟ ଟିମ ଆସିଥିଲା। ଆମ ବିଭାଗ ପକ୍ଷରୁ ସେମାନଙ୍କୁ ସହଯୋଗ କରାଯାଇଥିଲା। ସେମାନେ କେବଳ ଏଠାରେ ନୁହେଁ, ଓଡ଼ିଶା ସାରା ଥିବା ସମସ୍ତ ପଣ୍ୟାଗାରକୁ ତଦାରଖ କରିବେ ।



ଧାନମଣ୍ଡଳସ୍ଥିତ ଖାଦ୍ୟ ପଣ୍ୟାଗାର ନିଗମର ଗୋଦାମ ।



ଧସିପଡ଼ିଥିବା ମାଟି ରାସ୍ତା ଅବରୋଧ କରିଛି ।

# ବାଲେଶ୍ୱର ଆଲଏଜ ଖଣି ଡମ୍ପ ଧସିଲା

**କାଳିଆ ପାଣି,୨୯।୧୦ (ଅସିତ ମହାନ୍ତ):**

### ଜିନ୍ଦଲ ଖଣି ରାସ୍ତା ଅବରୋଧ

ବାଲେଶ୍ୱର ଆଲଏଜ ସୁକିନ୍ଦା ଖଣିର ଅସୁରକ୍ଷିତ ମାଟି ଡମ୍ପ ବୁଧବାର ଅପରାହ୍ନରେ ଧସିପଡ଼ିଛି। ଫଳରେ ଜିନ୍ଦଲ ଖଣି ଲିଜ ଅଞ୍ଚଳ କାର୍ଯ୍ୟାଳୟ ନିକଟ ରାସ୍ତା ଅବରୋଧ ହୋଇଯାଇଛି। ଦୀର୍ଘ ଦିନ ହେବ ବାଲେଶ୍ୱର ଆଲଏଜ ଖଣି କର୍ତ୍ତୃପକ୍ଷ ବେଆଇନ ଭାବେ ଖଣି ଖୋଳିଚାଲିଛନ୍ତି। ଜୀବନକୁ ବାଜି ଲଗାଇ କର୍ମଚାରୀ ଖଣିରେ କାର୍ଯ୍ୟକରୁଛନ୍ତି। ସେଥିପାଇଁ ଏପରି ଘଟଣା ଘଟିଥିବା ଅଭିଯୋଗ ହୋଇଛି।

# ଗୋଷ୍ଠାଷ୍ଟମୀରେ ଗୋସେବା ଶିବିର



ଶିବିରରେ ଗୋ ସେବା କରାଯାଉଛି ।

**ବିଞ୍ଝାରପୁର,୨୯।୧୦(ରାମକୃଷ୍ଣ ଦାସ):**

ଗୋଷ୍ଠାଷ୍ଟମୀ ଅବସରରେ ବିଞ୍ଝାରପୁର ବ୍ଲକ ଗୁହାଳି ପଞ୍ଚାୟତର କରୁଣା ଗ୍ରାମରେ ବାଇଁଶିରିଆ ଗୀତାବାଣୀ ପ୍ରଚାର ସମିତି ଓ କରୁଣା ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଏକ ଗୋସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ସାମାଜିକକର୍ମୀ ବିଶ୍ୱନାଥ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଶିବିରରେ ଆଖପାଖ ଅଞ୍ଚଳର ଗୋମାତାମାଙ୍କୁ ପୂଜନ କରାଯିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରେ ଗୋଖାଦ୍ୟ ଓ ଚାରା ପ୍ରଦାନ କରାଯାଇଥିଲା। ଗୀତାବାଣୀ ପ୍ରଚାର ସମିତି ସହସମ୍ପାଦକ ବିଶ୍ୱଭୂଷଣ ଜେନା, ଶରତ ଧଳ, ବ୍ରଜମୋହନ ତ୍ରିପାଠୀ, କାମଦେବ ଭୂୟାଁ, ସୁରେଶ ଚନ୍ଦ୍ର ଜେନା, ହରିଶ୍ଚନ୍ଦ୍ର କର, ରାଜେଶ ଓଝା, ପ୍ରିୟାଂଶୁ ତ୍ରିପାଠୀ, ମନମୋହନ ତ୍ରିପାଠୀ, ଶ୍ୟାମସୁନ୍ଦର ଜେନା, ରଞ୍ଜନ ବାରିକ, ପୀତବାସ ଭୂୟାଁ, ବୁଟା ଧଳ, ରାମଚନ୍ଦ୍ର ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଞ୍ଝାରପୁର ପ୍ରାଣୀଧନ ଚିକିତ୍ସାଳୟ ପକ୍ଷରୁ କର୍ମଚାରୀ ସୁଜିତ କୁମାର ରାଉଳ, କିଶୋର ଜେନା ଉପସ୍ଥିତ ଗୋମାତାଙ୍କୁ ଚିକିତ୍ସା କରିଥିଲେ।

# ୫ ଦିଗରୁ ମେଢ଼ ଆସିବେ ମେଳଣ ପଡ଼ିଆ

**ଯାଜପୁରରୋଡ୍,୨୯।୧୦ (ପବିତ୍ର ରଞ୍ଜନ ମହାନ୍ତି):**

### ୩୧ରେ କାଳୀପୂଜା ଭସାଣି ଉତ୍ସବ

■ ଶାନ୍ତି କମିଟି ଓ ପୋଲିସର ପ୍ରସ୍ତୁତି ବୈଠକ

ବ୍ୟାସନଗର ମା' ଶ୍ୟାମକାଳୀ ପୂଜାର ଭସାଣି ଉତ୍ସବ ଆସନ୍ତା ୩୧ ତାରିଖରେ ଅନୁଷ୍ଠିତ ହେବ। ଏନେଇ ଶାନ୍ତି କମିଟି ସଭାପତି ତଥା ବ୍ୟାସନଗର ତହସିଲଦାର ଦେବାଶିଷ ରାଉତଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ବୁଧବାର କେଏନ୍‌ଡିଏ ସେଲିବ୍ରେସନ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ୧୮ ମେଢ଼ ବିଭିନ୍ନ ରାସ୍ତା ଦେଇ ୫ ଦିଗରୁ ଆସିବାର ଯୋଜନା ହୋଇଛି। ବୈଠକରେ ଯାଜପୁରରୋଡ ଆଦର୍ଶ ଥାନା ଅଧିକାରୀ ଆଶିଷ କୁମାର ସାହୁ ଯୋଗଦେଇ ଶୋଭାଯାତ୍ରା ରାତି ୧୦ଟା ମଧ୍ୟରେ ଚୋରଦା ମେଳଣ ପଡିଆରେ ପହଞ୍ଚିବାକୁ କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶାନ୍ତି କମିଟି ଆବାହକ ବିଦ୍ୟାଧର ମହାନ୍ତି, ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ ଓ ସଂପାଦକ ବିବେକାନନ୍ଦ ମହାନ୍ତି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ପ୍ରଥମ ଦିଗ ଗୋପବନ୍ଧୁ ଛକଠାରୁ ଚୋରଦା, ବ୍ୟାଙ୍କ ଷ୍ଟ୍ରିଟ, ଆରିୟାନକ୍ଲବ, ଗୋପବନ୍ଧୁ ନଗର, ରାଧାନାଥ ମାର୍ଗ, ଷ୍ଟେଶନ ବଜାର ମେଢ଼ ଓ ଦ୍ୱିତୀୟ ରାସ୍ତା କୋପଣ୍ଡ ଓ ନ୍ୟୁ ମାର୍କେଟ ମେଢ଼ ସାଇ ମନ୍ଦିର ଲେଭୁଲ କ୍ରସିଂ ଦେଇ ଗୋପବନ୍ଧୁ ଛକ ଓ ତୃତୀୟ ରାସ୍ତା ବିଏନ୍‌ଆର, ଷ୍ଟିଲ ସିଟି, ଦଳା ଓ ନହକା ମେଢ଼ ଗୁଡ଼ିକ ଟାଉନ ହଲ ନହକା ରାସ୍ତା ଦେଇ ଚୋରଦା ବାଇପାସ ଛକରେ ପହଞ୍ଚିବେ ଓ ସେଠାରୁ ମେଳଣ ପଡିଆକୁ ଯିବେ। ସେହି ପରି ୪ର୍ଥ ରାସ୍ତା ଧବଳଗିରି, ପାଣ୍ଟିକା ଓ ସାପଗଡ଼ିଆ ମେଢ଼ ଚୋରଦା ଛକ ଦେଇ ମେଳଣ ପଡିଆରେ ପହଞ୍ଚିବେ। ୫ମ ରାସ୍ତା ଥାନା ଛକଠାରୁ ଚାନ୍ଦମା ଓ କନ୍ହେଇପୁର ମେଢ଼ ସିଧା ମେଳଣ ପଡିଆରେ ପହଞ୍ଚିବେ। ବାଇପାସ ଆର୍ଯ୍ୟଂଶ କ୍ଲବ ଛକଠାରେ ଜିଲା ପ୍ରଶାସନ ପକ୍ଷରୁ ବନ୍ଧୁମିଳନ ସଭା ଜିଲା ପ୍ରଶାସନ ପକ୍ଷରୁ ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି।



ବୈଠକରେ ଯୋଗଦେଇଥିବା ଶାନ୍ତି କମିଟି କର୍ମକର୍ତ୍ତା ।

# ମହର୍ଷି ବାଲ୍ମୀକିଙ୍କ ଜୟନ୍ତୀ ପାଳିତ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରବଚକ ଓ ଅତିଥି ।

**ବଡ଼ଚଣା,୨୯।୧୦ (ଦିଲୀପ କୁମାର ମହାନ୍ତି):**

ମହର୍ଷି ବାଲ୍ମୀକିଙ୍କ ଜୟନ୍ତୀ ଉତ୍ସବ ଚଣ୍ଡିଖୋଲ ଛକ ସନ୍ନିକଟ ଚାରିବାଟିଆ ଗ୍ରାମର ମା' ଦୁର୍ଗା ଦେବୀଙ୍କ ପୀଠସ୍ଥଳରେ ପାଳିତ ହୋଇଯାଇଛି। ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ତୁଷାରକାନ୍ତ ଗନ୍ତାୟତ ଅଧକ୍ଷତା କରିଥିଲେ। ରାଷ୍ଟ୍ରଦୀପ ପାଠକ ସମିତି ଓ ଅଖିଳ ଭାରତୀୟ ସାହିତ୍ୟ ପାରିଷଦ ଆନୁକୂଲ୍ୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରବଚକ ବିଭୂତି ଭୂଷଣ ପାଳ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ପ୍ରଶାନ୍ତ କୁମାର ଜେନା ଓ ବଟକୃଷ୍ଣ ଜେନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସଭାପତି ବାଲ୍ମିକୀ ଓ ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ଉତ୍ସବରେ ଅକ୍ଷୟ କୁମାର ଗୋଚ୍ଛାୟତ, ସୁଶାନ୍ତ ସ୍ୱାଇଁ, ଆଶୋକ ସିଂହ, ପ୍ରମୁଖ ସହଯୋଗ କରିଥିଲେ। ଉତ୍ସବରେ ଚାରିବାଟିଆ ଓ ଶୁଭଦ୍ରାପୁର ଗ୍ରାମର ଶତାଧିକ ମହିଳାପୁରୁଷ ସାମିଲ ହୋଇଥିଲେ।

OFFICE OF THE PRINCIPAL
**KHARASROTA MAHAVIDYALAYA, SINGHPUR, JAJPUR**
e-mail: kharasrotamahavidyalaya@gmail.com
**WANTED**
As per the notification of DHE, Odisha vide Letter No. 57198 and 57203 Dtd.23.10.2025, applications are invited from eligible retired candidates for engagement of guest faculties in the subject of Mathematics, Logic, Economics, Political Science, History, English, Odia & Non-Teaching Posts of Demonstrator in Chemistry, Physics, Biology, Junior Clerk, Librarian, Asst. Librarian & PET on Contractual Basis. Vacancies of same post are already uploaded in HIMS Portal of the College. Interested candidates shall apply only through HIMS portal on or before 31.10.2025.
**N.B.:** The eligibility, remuneration & tenure of contractual engagement shall be made as per the Government Notification.
Sd./- Principal-cum-Secretary
Kharasrota Mahavidyalaya, Singhpur, Jajpur

# ବଳାତ୍କାରୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

**ଜଗତ୍‌ସିଂହପୁର, ୨୯।୧୦ (ପ୍ରମୋଦ କୁମାର ନାୟକ)**

ଅଭୟଚାନ୍ଦପୁର ଥାନା ଅଞ୍ଚଳର ୨୦୧୩ ମସିହାରେ ଜଣେ ମହିଳାଙ୍କୁ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ମାମଲାର ବିଚାର କରି ଜଗତ୍‌ସିଂହପୁର ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ (ପୋକ୍‌ସୋ) ବିଚାରପତି ତଥା ଅତିରିକ୍ତ ଜିଲା ଓ ଦୌରାଜଜ୍ ଏସ୍.ଏକେ.ଜେଡ୍. ଅହମ୍ମଦ ଅଭିଯୁକ୍ତ ଏହି ଥାନା ମାହାଳ ଗ୍ରାମର ଶଙ୍କର୍ଷଣ କଟିକିଆ ଓରଫ ଶିଶିର (୩୫)ଙ୍କୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦେୟ ହେଲେ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ଅଛି। ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ଆସୋସିଏଟ୍ ପବ୍ଲିକ ପ୍ରସିକ୍ୟୁଟର (ପିପି) ସୁବାସ ଭୂଷଣ ମହାପାତ୍ର କହିଛନ୍ତି, ୨୦୧୩ ସେପ୍ଟେମ୍ବର ୧୦ ତାରିଖ ଘଟଣା। ମହିଳା ଜଣକ ତାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ରାତିରେ ଏକୁଟିଆ ଶୋଇଥିଲେ। ରାତି ପ୍ରାୟ ସାଢେ ୧୧ଟାରେ ଅଭିଯୁକ୍ତ ଶିଶିର ଝରକା ତାଡି ତାଙ୍କ ଘର ଭିତରେ ପ୍ରବେଶ କରି ବଳାତ୍କାର ପରେ ଖସି ପଳାଇଥିଲେ। ପରଦିନ ମହିଳା ଅଭୟଚାନ୍ଦପୁର ଥାନାରେ ଅଭିଯୋଗ କଲା ପରେ ନଂ. ୧୭୫/୧୩ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ବିଚାର କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

# ସ୍କୁଲ ସିସିଟିଭି ଚୋରି ଅଭିଯୋଗରେ ୨ ଗିରଫ

**ଧର୍ମଶାଳା,୨୯।୧୦(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ଥାନା କୋତପୁର ଫାଣ୍ଡି ଅନ୍ତର୍ଗତ ଜାଗୁଲାଇ ହାଇସ୍କୁଲ ସିସିଟିଭି ଚୋରି କରିବା ଅଭିଯୋଗରେ ପୋଲିସ ୨ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କୋତପୁର ଗ୍ରାମର ରାଜା ମଳିକ(୨୦) ଓ ବଡ଼ ବାରିସାହି ଗ୍ରାମର ସଞ୍ଜୟ ବାରିକ(୨୨)। ଯୁବକ ଦ୍ୱୟ ଗତ ସୋମବାର ରାତିରେ ସିସିଟିଭି ଚୋରି କରିଥିବା ପ୍ରଧାନଶିକ୍ଷକ ଅଜୟ ସାହୁ ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ନଂ.୬୭୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝି ସୂଚନା ଦେଇଛନ୍ତି।

**TPNODL**
**TP Northern Odisha Distribution Limited**
(A Tata Power & Odisha Govt. Joint Venture)
Regd. Off: Corp. Office, Januganj, Remuna Golei, Balasore, Odisha-756019
CIN No.: U40106OR2021SGC035951; Website: www.tpnodl.com
**NOTICE INVITING TENDER (NIT) 30th October, 2025**
**TP Northern Odisha Distribution Limited** invites tender from eligible bidders for the following:

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2025-26/2500001080 | Rate Contract for Supply of HT & LT Studs |
| 2 | TPNODL/OT/2025-26/2500001076 | Rate Contract for Supply of Transformer Oil |


* MSMEs registered in the State of Odisha shall pay tender fee of Rs. 1,000/- including GST.
* * EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website https://tpnodl.com. All tenders will be available on TPNODL website.
Future communication / corrigendum to tender documents, if any, shall be available on website.
**Chief- Contracts & MM**

# ନିର୍ମାଣ ଶ୍ରମିକଙ୍କୁ ଆର୍ଥିକ ସହାୟତା ପ୍ରଦାନ

**ଯାଜପୁର ଟାଉନ,୨୯।୧୦ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଜିଲାପାଳ ଅମ୍ବର କୁମାର କରଙ୍କ ଅନୁମତିକ୍ରମେ ନିର୍ମାଣ ଶ୍ରମିକମାନଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ ନିର୍ମାଣ ଶ୍ରମିକମାନଙ୍କୁ ଡମି ଚେକ ମାଧ୍ୟମରେ ଏହି ସହାୟତା ରାଶି ପ୍ରଦାନ କରିଛନ୍ତି। ମୋଟ୍ ୧କୋଟି ୯୭ହଜାର ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟକୁ ଛଡ଼ାଯାଇଛି।

ମୃତ୍ୟୁକାଳୀନ, ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ବାବଦରେ ୨୫ଜଣଙ୍କୁ ୩୨ଲକ୍ଷ ୭୦ହଜାର ଟଙ୍କା, ଶିକ୍ଷା ସହାୟତା ବାବଦରେ ୨୧୯ଜଣଙ୍କୁ ୧୨ଲକ୍ଷ ୧୭ହଜାର ଟଙ୍କା, ବିବାହ ସହାୟତା ବାବଦରେ ୧୦୨ ଜଣଙ୍କୁ ୫୦ଲକ୍ଷ ୭୫ହଜାର ଟଙ୍କା ଏବଂ ପ୍ରସୂତିକାଳୀନ ସହାୟତା ବାବଦରେ ୪ଜଣଙ୍କୁ ୪୦ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି ବୋଲି ଜିଲା ଶ୍ରମ ଅଧିକାରୀ ସୁଧୀର କୁମାର ସାହୁ ପ୍ରକାଶ କରିଛନ୍ତି। ଯାଜପୁର ରେଞ୍ଜ ଯୁଗ୍ମ ଶ୍ରମ ଆୟୁକ୍ତ ଶିବ ଶଙ୍କର ମିଶ୍ର ଓ ଯାଜପୁର ପ୍ରଭାଗୀୟ ଶ୍ରମ ଆୟୁକ୍ତ ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶରେ ଏହା ସମ୍ପନ୍ନ ହୋଇଛି। ଏଥିସହିତ ଓଡ଼ିଶା ଅଣସଙ୍ଗଠିତ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ୨ ହିତାଧିକାରୀଙ୍କ ମୃତ୍ୟୁ ପାଇଁ ତାଙ୍କ ମନୋନୀତ ବ୍ୟକ୍ତିଙ୍କୁ ୪ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଶ୍ରମ କାର୍ଯ୍ୟାଳୟର କର୍ମଚାରୀ ଶଶିକାନ୍ତ ପ୍ରଧାନ, ନାରାୟଣ ଚନ୍ଦ୍ର ନନ୍ଦ ଓ ପ୍ରକାଶ ଜେନା ପ୍ରମୁଖ ସହଯୋଗ କରିଥିଲେ।




ଶ୍ରମିକମାନଙ୍କୁ ସହାୟତା ରାଶିର ଡମି ଚେକ୍ ପ୍ରଦାନ କରାଯାଉଛି ।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ,
ଭୁବନେଶ୍ୱର – 751 001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ଷ୍ଟାଫ କ୍ୱାଟର୍ସ, ବରମୁଣ୍ଡା, ଭୁବନେଶ୍ୱରରେ ବ୍ଲକ ଏ, ବି, ସି, ଡି, ଇ, ଏଫ୍ (ତୃତୀୟ ଶ୍ରେଣୀ), ଜି, ଏଚ୍, ଆଇ, ଜେ, କେ, ଏଲ୍ (ଚତୁର୍ଥ ଶ୍ରେଣୀ) ଏବଂ ସାଧାରଣ କ୍ଷେତ୍ର (ସିକ୍ୟୁରିଟି ଗାର୍ଡ ବୁଥ୍, ପମ୍ପ ରୁମ, କମ୍ୟୁନିଟି ସେଣ୍ଟର)ର ବାହ୍ୟ ମରାମତି ଏବଂ ପୁନ: ପେଣ୍ଟିଂ କାର୍ଯ୍ୟ ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ** ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ ନଭେମ୍ବର 17, 2025 ଅପରାହ୍ନ 05:00 ଟା ଅଟେ ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**

# ପଞ୍ଚସଖା ଶିକ୍ଷାସେତୁ କମିଟି ଗଠନ



ବୈଠକରେ ଯୋଗ ଦେଇଥିବା କମିଟିର ସଦସ୍ୟା ସଦସ୍ୟ।

## ବୃନ୍ଦାବନ ଚନ୍ଦ୍ର ବିଦ୍ୟାଳୟ

ରଘୁନାଥପୁର, ୨୯।୧୦
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ରେଡୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ପଞ୍ଚସଖା ଶିକ୍ଷା ସେତୁ କମିଟି ବୁଧବାର ଗଠନ କରାଯାଇଛି। ଅପରାହ୍ନରେ ପ୍ରଧାନ ଶିକ୍ଷୟିତ୍ରୀ ରିତା ରାଉତଙ୍କ ପରିଚାଳନାରେ ବୈଠକ ହୋଇଥିଲା। ଏଥିରେ ପୁରାତନ ଛାତ୍ର ତଥା ସ୍ଥାନୀୟ ସରପଞ୍ଚ କିଶୋର ଚନ୍ଦ୍ର ବେହେରା ପଞ୍ଚସଖା ଶିକ୍ଷା ସେତୁର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ସୁନୀଲ କୁମାର ଜେନା ଉପସଭାପତି, ପ୍ରଣତି ଦେଇ ମହିଳା ସଭ୍ୟା, ଶିକ୍ଷକ ପ୍ରତିନିଧି ଭାବେ ସମୀର ପ୍ରସନ୍ନ ସ୍ୱାଇଁ, ଶ୍ରୀୟାନସ ସ୍ୱାଇଁ ଛାତ୍ର ଓ ସ୍ମିତାଞ୍ଜଳି ମହାରଣା ଛାତ୍ରୀ ପ୍ରତିନିଧି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଜୟ କୁମାର ସେଠୀ, କଳ୍ପତରୁ ରାଉତ ଓ ସୁଜୟ ମହାପାତ୍ର ସଭ୍ୟ ଭାବେ ମନୋନୀତ ହୋଇଥିଲେ। ବୈଠକରେ ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ବିଶ୍ୱଜିତ ଦାଶ ଉପସ୍ଥିତ ଥିଲେ। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ରାଉତ ନୂତନ କମିଟି ସଭାପତି, ସଭ୍ୟାସଭ୍ୟ ଓ ପୁରାତନ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇ ବୈଠକ ଶେଷ କରିଥିଲେ।

# ରାସ୍ତା ନିର୍ମାଣକୁ ବିରୋଧ, ତହସିଲଦାରଙ୍କୁ ଗ୍ରାମବାସୀଙ୍କ ଫେରାଦ

କୁଜଙ୍ଗ, ୨୯।୧୦(ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଏରସମା ବ୍ଲକ ଚଟୁଆ ପଞ୍ଚାୟତ ଅନ୍ତର୍ଗତ ମାଣପୁର (ପାରପରା) ଗ୍ରାମର ଗାଁ ଦାଣ୍ଡକୁ ଗ୍ରାମର ଜଣେ ଲୋକ ଜବରଦଖଲ ଯୋଗୁ ଏଠାରେ ରାସ୍ତା ନିର୍ମାଣ ହୋଇପାରୁନାହିଁ। ରାସ୍ତା ନ ଥିବାରୁ ଏଠାରେ ବାସକରୁଥିବା ୮ ପରିବାର ଦୀର୍ଘବର୍ଷ ଧରି ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି। ବର୍ତ୍ତମାନ ଏଠାରେ ରାସ୍ତା ନିର୍ମାଣ ପାଇଁ ପଞ୍ଚାୟତ ପାଣ୍ଠିରୁ ୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଜବରଦଖଲ ଯୋଗୁ ତାହା ହୋଇପାରୁନାହିଁ। ଏହି ଜବରଦଖଲ ଉଚ୍ଛେଦ ପାଇଁ ବୁଧବାର ଗ୍ରାମବାସୀ ଏରସମା ତହସିଲଦାରଙ୍କୁ ଫେରାଦ ହୋଇଛନ୍ତି।

ଏହି ପାରପରା ଗ୍ରାମର ଗାଁ ଦାଣ୍ଡର କିଛି ଅଂଶ ଜଣେ ଲୋକ ଦୀର୍ଘଦିନ ଧରି ଜବରଦଖଲ କରି ରଖିଛନ୍ତି। ବିଗତଦିନରେ ଗ୍ରାମର ସୁଶିଲ ଷଡ଼ଙ୍ଗୀଙ୍କ ଅଭିଯୋଗକ୍ରମେ ଏରସମା ତହସିଲଦାରଙ୍କ ନିର୍ଦ୍ଦେଶରେ ରାସ୍ତାର ମାପଚୁପ କରାଯାଇଥିଲା। ସମ୍ପୃକ୍ତ ଲୋକ ରାସ୍ତାର କିଛି ଅଂଶ ଜବରଦଖଲ କରିଥିବା ଜଣାପଡିଥିଲା। ଯାହାକୁ ଚିହ୍ନଟ ମଧ୍ୟ କରାଯାଇଛି। ପରବର୍ତ୍ତୀ ସମୟରେ ସ୍ଥାନୀୟ ସରପଞ୍ଚ ଏ ସମ୍ପର୍କରେ ବୁଝାଶୁଝା କରି ରାସ୍ତା ନିର୍ମାଣ ପାଇଁ ପଞ୍ଚାୟତ ପାଣ୍ଠିରୁ ୨ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏ ସମ୍ପର୍କରେ ଗତ ୨୨ ତାରିଖରେ ସମ୍ପୃକ୍ତ ଠିକାଦାର ରାସ୍ତା ନିର୍ମାଣ ପାଇଁ ମାପଚୁପ ଓ ସଫା କରୁଥିବା ବେଳେ ୫ଜଣ ଲୋକ ବିରୋଧ କରିବାରୁ ରାସ୍ତା ନିର୍ମାଣ ହୋଇପାରୁନାହିଁ। ଏ ସମ୍ପର୍କରେ ବୁଧବାର ଗ୍ରାମର ସୁବ୍ରତ କୁମାର ଷଡଙ୍ଗୀ, ସୁମନ୍ତ କୁମାର ଷଡଙ୍ଗୀ, କେଦାର ନାଥ ପାଣି, ବିଦ୍ୟୁର କୁମାର ପାଣି ଓ ପ୍ରମୋଦ କୁମାର ପାଣିଙ୍କ ସମେତ ଗ୍ରାମବାସୀ ତହସିଲଦାର ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରାଙ୍କୁ ଭେଟି ଜବରଦଖଲ ଉଚ୍ଛେଦ ପାଇଁ ଲିଖିତ ଭାବେ ଜଣାଇଛନ୍ତି।

# ପୁରଣ ନୂଆ ପାକ୍ସ କାର୍ଯ୍ୟାଳୟ ଉଦ୍‌ଘାଟିତ



ପାକ୍ସ କାର୍ଯ୍ୟାଳୟ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

ଜଗତ୍‌ସିଂହପୁର, ୨୯।୧୦
(ପ୍ରମୋଦ କୁମାର ନାୟକ)

ବିରିଡି ବ୍ଲକ ଅନ୍ତର୍ଗତ ପୁରଣଠାରେ ନୂଆକରି ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) କାର୍ଯ୍ୟାଳୟ ଜଗତ୍‌ସିଂହପୁରସ୍ଥିତ ସମବାୟ ସମିତି ଉପନିବନ୍ଧକ ପ୍ରଭାତ ଚନ୍ଦ୍ର ଶତପଥୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ସମିତି ସମ୍ପାଦକ ପ୍ରଶାନ୍ତ କୁମାର ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ସହକାରୀ ନିବନ୍ଧକ ରଶ୍ମିପ୍ରଭା ଦାସ, କଟକ କେନ୍ଦ୍ର ସମବାୟ ସମିତି ବିରିଡି ଶାଖା ପରିଚାଳକ ସ୍ନେହାଞ୍ଜଳି ରାୟ, କ୍ଷେତ୍ରାଧିକାରୀ ସୁମନ ବେହେରା ଓ ପୂରଣ ସମବାୟ ସମିତି ସଭାପତି ନନ୍ଦ କିଶୋର ବସ୍ତିଆ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ଉପସଭାପତି ଭାରତୀ ଦାସଙ୍କ ସମେତ ପରିଚାଳନା ସମିତି ସଭ୍ୟ ସୁଦର୍ଶନ ବେହେରା, ରତିକାନ୍ତ ପାଲ, କିରଣକାନ୍ତି ପଟ୍ଟନାୟକ, ସୁକାନ୍ତ ବାରିକ, ସୁଲୋଚନା ତ୍ରିପାଠୀ, ପୀତବାସ ଦାସ, ରମଣୀ ରଞ୍ଜନ ବେହେରା, ମିହିର ରଞ୍ଜନ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଜଗବନ୍ଧୁ ବେହେରା ଓ ବୁଦ୍ଧଦେବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଆଚରଣରେ ସାଧୁତା, ସଚ୍ଚୋଟତା ଆଣ



ରଘୁନାଥପୁର ବ୍ଲକ ସଭା କକ୍ଷରେ ଦୁର୍ନୀତି ନିବାରଣ ସତର୍କତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

## ଦୁର୍ନୀତି ନିବାରଣ ସତର୍କତା କାର୍ଯ୍ୟକ୍ରମ

ରଘୁନାଥପୁର, ୨୯।୧୦
(ରାଜେନ୍ଦ୍ର ନାରାୟଣ ସିଂହ)

ଜଗତସିଂହପୁର ଜିଲାରେ ଅକ୍ଟୋବର ୨୭ଠାରୁ ନଭେମ୍ବର ୧୧ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ରଘୁନାଥପୁର ବ୍ଲକ୍ ସଭାକକ୍ଷରେ ଦୁର୍ନୀତି ନିବାରଣ ସତର୍କତା ସଭା ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ବେହେରା ଉପସ୍ଥିତ ସମସ୍ତଙ୍କୁ ନିଜ ଆଚରଣରେ ସାଧୁତା ଓ ସଚ୍ଚୋଟତା ଆଣିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଉପ ଆରକ୍ଷୀ ଅଧୀକ୍ଷକ, ଦୁର୍ନୀତି ନିବାରଣ ବିଭାଗ ଅନୁପମା ସାହୁ ଆଚରଣରେ ସଚ୍ଚୋଟତା ଓ ସାଧୁତା ହିଁ ପ୍ରଶାସନିକ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିପାରିବ ବୋଲି କହିଥିଲେ। ଏହି ସଭାରେ ଦୁର୍ନୀତି ନିବାରଣ ବିଭାଗର ଇନ୍ସପେକ୍ଟର ସିଦ୍ଧାର୍ଥ କୁମାର ରାଉତ, ବ୍ଲକ୍ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଦୁର୍ନୀତି ନିବାରଣ ବିଷୟରେ ଆଲୋଚନା କରିଥିଲେ।

# ଠାକୁରପାଟଣା ତ୍ରିନାଥ ପୀଠରେ ଆଧ୍ୟାତ୍ମିକ ପରିବେଶ

ଜଗତ୍‌ସିଂହପୁର, ୨୯।୧୦
(ପ୍ରମୋଦ କୁମାର ନାୟକ)

ବିଗତ ବର୍ଷଗୁଡିକ ପରି ଚଳିତବର୍ଷ ସ୍ଥାନୀୟ ଠାକୁରପାଟଣା ଛକରେ ଥିବା ତ୍ରିନାଥ ମହାପ୍ରଭୁଙ୍କ ପୀଠରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ପୀଠରେ ନିଆରା ପରିବେଶ ସୃଷ୍ଟି ହୋଇଥିଲା। ପୂଜା ପାଠ ସାଙ୍ଗକୁ ଭଜନ, କୀର୍ତ୍ତନରେ ସମଗ୍ର ଅଞ୍ଚଳ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ତ୍ରିନାଥ ବାର୍ଷିକ ଉତ୍ସବ କମିଟି ସଭାପତି ମଧୁସୂଦନ ସାହୁଙ୍କ ତତ୍ତ୍ୱାବଧାନରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବଡ଼ବାଗସ୍ଥିତ କ୍ରୀଷ୍ଟା କଲଚରାଲ ଗ୍ରୁପର କଣ୍ଠଶିଳ୍ପୀ ଓ ଭିନ୍ନକ୍ଷମ ଶିଶୁ କଳାକାର ସାଲିନଙ୍କ କଣ୍ଠରୁ ହୃଦୟସ୍ପର୍ଶୀ ଭଜନ ଲୋକମାନଙ୍କୁ ବାନ୍ଧି ରଖିଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ନାରାୟଣ ନାୟକ, ବୀରବର ସ୍ୱାଇଁ, ଅଭୟ କୁମାର ବାରିକ, କୃଷ୍ଣଚନ୍ଦ୍ର ସୁତାର, ରବିନାରାୟଣ ପୃଷ୍ଟି, ମନୋଜ କୁମାର ପୃଷ୍ଟି, ପ୍ରଦୀପ୍ତ ସାହୁ, ସୋମନାଥ ବାରିକ, ବିଷ୍ଣୁ ଗାଆଣ, ରମେଶ ଚନ୍ଦ୍ର ବେହେରା, ଅଶୋକ କୁମାର ସାହୁ, ଲକ୍ଷ୍ମୀଧର ବେହେରା, ଦୁର୍ଯ୍ୟୋଧନ ବେହେରା, ଶତ୍ରୁଘ୍ନ ବେହେରା, ସ୍ମୃତି ରଞ୍ଜନ ରାଉଳ, ବିଶ୍ୱ ଭୂଷଣ ରାଉଳ, ଚିନ୍ମୟ ରାଉଳ, ଟହଲି ନାୟକ ସମେତ ଅନ୍ୟ ଭକ୍ତମାନେ କାର୍ଯ୍ୟକୁ ପରିଚାଳନାରେ ସହଯୋଗ କରିଥିଲେ।




ଭଜନ କାର୍ଯ୍ୟକ୍ରମରେ ଭଜନ ପରିବେଷଣ କରାଯାଉଛି।

# ବଳାତ୍କାରୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ଜଗତ୍‌ସିଂହପୁର, ୨୯।୧୦
(ପ୍ରମୋଦ କୁମାର ନାୟକ)

ଅଭୟଚାନ୍ଦପୁର ଥାନା ଅଞ୍ଚଳର ୨୦୧୩ ମସିହାରେ ଜଣେ ମହିଳାଙ୍କୁ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ମାମଲାର ବିଚାର କରି ଜଗତ୍‌ସିଂହପୁର ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ (ପୋକ୍‌ସୋ) ବିଚାରପତି ତଥା ଅତିରିକ୍ତ ଜିଲା ଓ ଦୌରାଜଜ୍ ଏସ୍.ଏକେ.ଜେଡ୍. ଅହମ୍ମଦ ଅଭିଯୁକ୍ତ ଏହି ଥାନା ମାହାଳ ଗ୍ରାମର ଶଙ୍କର୍ଷଣ କଟିକିଆ ଓରଫ ଶିଶିର (୩୫)ଙ୍କୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦେୟ ହେଲେ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ଅଛି। ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ଆସୋସିଏଟ୍ ପବ୍ଲିକ ପ୍ରସିକ୍ୟୁଟର (ପିପି) ସୁବାସ ଭୂଷଣ ମହାପାତ୍ର କହିଛନ୍ତି, ୨୦୧୩ ସେପ୍ଟେମ୍ବର ୧୦ ତାରିଖ ଘଟଣା। ମହିଳା ଜଣକ ତାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ରାତିରେ ଏକୁଟିଆ ଶୋଇଥିଲେ। ରାତି ପ୍ରାୟ ସାଢେ ୧୧ଟାରେ ଅଭିଯୁକ୍ତ ଶିଶିର ଝରକା ତାଡି ତାଙ୍କ ଘର ଭିତରେ ପ୍ରବେଶ କରି ବଳାତ୍କାର ପରେ ଖସି ପଳାଇଥିଲେ। ପରଦିନ ମହିଳା ଅଭୟଚାନ୍ଦପୁର ଥାନାରେ ଅଭିଯୋଗ କଲା ପରେ ନଂ. ୧୭୫/୧୩ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ବିଚାର କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

# ଗରଦପୁର ବ୍ଲକ୍ — ସ୍ୱାବଲମ୍ବୀ କାରିଗର ୮ ମାସ ହେବ ପାଇନାହାନ୍ତି ଦରମା

ପାଟକୁରା, ୨୯।୧୦(ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ୍‌ର ୧୮ଟି ପଞ୍ଚାୟତରେ କାର୍ଯ୍ୟରତ ୬୦ଜଣ ସ୍ୱାବଲମ୍ବୀ କାରିଗର ୮ ମାସ ହେବ ଦରମା ପାଇନାହାନ୍ତି। ଫଳରେ ସେମାନେ ନାହିଁ ନ ଥିବା ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍ୱଳ୍ପ ବେତନଭୋଗୀ ଏହି କାରିଗରମାନେ ମାସକୁ ମାତ୍ର ୩୨୦୦ଟଙ୍କା ଦରମା ପାଇଥାନ୍ତି। କେବଳ ଲୋକମାନଙ୍କ ନଳକୂପ ମରାମତି ସହ ପଞ୍ଚାୟତରେ ଥିବା ପମ୍ପ ହାଉସ ଦାୟିତ୍ୱରେ ଅଛନ୍ତି ସେମାନଙ୍କୁ ସରକାର ୬୫୦୦ଟଙ୍କା ଦେଉଛନ୍ତି। ଗରଦପୁର ବ୍ଲକ୍‌ର ୧୮ଟି ପଞ୍ଚାୟତରେ ସେମାନେ ଜନସାଧାରଣଙ୍କୁ ନଳକୂପ ଓ ପାନୀୟ ଜଳ ପ୍ରକଳ୍ପ ଯୋଗେ ପିଇବା ପାଣି ଯୋଗାଇଥାନ୍ତି। ଅନ୍ୟ ସରକାରୀ କର୍ମଚାରୀମାନେ ନିୟମିତ ମାସକୁ ମାସ ଦରମା ପାଉଥିବା ବେଳେ ଏମାନଙ୍କ ପ୍ରତି ପାତର ଅନ୍ତର ନୀତିକୁ ସାଧାରଣରେ ନାପସନ୍ଦ କରାଯାଉଛି।

ରାଜ୍ୟ ସରକାର ଦଶହରା ପୂର୍ବରୁ ସମସ୍ତ କର୍ମଚାରୀଙ୍କୁ ଆଗୁଆ ଦରମା ଦେଇ ପୂଜା ପାଳନ କରିବାକୁ ସୁଯୋଗ ଦେଲେ ଅଥଚ ସ୍ୱଳ୍ପ ବେତନଭୋଗୀ ଏହି କର୍ମଚାରୀମାନେ ସୁଯୋଗରୁ ବଞ୍ଚିତ ହେଲେ। ପାନୀୟ ଜଳ ଯୋଗାଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ସ୍ୱଳ୍ପ ବେତନଭୋଗୀ ସ୍ୱାବଲମ୍ବୀ କାରିଗରମାନଙ୍କୁ ତୁରନ୍ତ ସେମାନଙ୍କ ବକେୟା ଦରମା ପ୍ରଦାନ କରିବାକୁ ଗରଦପୁର ବ୍ଲକ୍ ସ୍ୱାବଲମ୍ବୀ କାରିଗର ସଂଘର ପ୍ରମୁଖ ସଦସ୍ୟ ପ୍ରଫୁଲ୍ଲ ଚନ୍ଦ୍ର ଦାଶ ସରକାରଙ୍କୁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଗରଦପୁର ବ୍ଲକ୍ ଅଧ୍ୟକ୍ଷ ଅଭୟ କୁମାର ମହାରାଜଙ୍କ ସହ ଆଲୋଚନା ହୋଇଥିଲା। ତେବେ ସରକାର ଏସ୍ଏଫ୍‌ସି-୧୫ ଅନୁଦାନ ଯୋଗାଇ ଦେଇ ନ ଥିବାରୁ ସ୍ୱାବଲମ୍ବୀ କାରିଗରମାନେ ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ସେ କହିଥିଲେ। ଏ ବାବଦରେ ସେ ବିଡିଓଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ। ଏଥିସହ ହରିଶ୍ଚନ୍ଦ୍ର ଯୋଜନାରେ ନିରାଶ୍ରୟ ପରିବାର ପାଇଁ ମଧ୍ୟ ଅନୁଦାନ ନ ଆସିବାରୁ ମୃତଦେହ ଦାହ ପାଇଁ ସହାୟତା ଦେଇ ହେଉନାହିଁ ବୋଲି ଅଧ୍ୟକ୍ଷ ମହାରାଜ ମତବ୍ୟକ୍ତ କରିଥିଲେ।

OFFICE OF THE PRINCIPAL
KHARASROTA MAHAVIDYALAYA, SINGHPUR, JAJPUR
e-mail: kharasrotamahavidyalaya@gmail.com
WANTED
As per the notification of DHE, Odisha vide Letter No. 57198 and 57203 Dtd.23.10.2025, applications are invited from eligible retired candidates for engagement of guest faculties in the subject of Mathematics, Logic, Economics, Political Science, History, English, Odia & Non-Teaching Posts of Demonstrator in Chemistry, Physics, Biology, Junior Clerk, Librarian, Asst. Librarian & PET on Contractual Basis. Vacancies of same post are already uploaded in HIMS Portal of the College. Interested candidates shall apply only through HIMS portal on or before 31.10.2025.
N.B.: The eligibility, remuneration & tenure of contractual engagement shall be made as per the Government Notification.
Sd./- Principal-cum-Secretary
Kharasrota Mahavidyalaya, Singhpur, Jajpur

# ୧୫୩ ଭିନ୍ନକ୍ଷମଙ୍କ ନାମ ପଞ୍ଜୀକାରଣ

## ଆମ୍ବଶାଳରେ ଭୀମଭୋଇ ସାମର୍ଥ୍ୟ ଶିବିର

ବାଲିକୁଦା, ୨୯।୧୦(ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଆମ୍ବଶାଳ ହାଇସ୍କୁଲ ପଡ଼ିଆରେ ବୁଧବାର ଭୀମଭୋଇ ସାମର୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଶିବିରକୁ ଆସି ଭିନ୍ନକ୍ଷମମାନେ ବର୍ଷାଧିକ କାଳ ସେମାନଙ୍କ ସାର୍ଟିଫିକେଟ ପାଇ ପାରୁ ନ ଥିବାରୁ ଏଠାକୁ ଅଯଥା ଆସିବାକୁ ଉଚିତ ମଣିନାହାନ୍ତି ବୋଲି ଅଞ୍ଚଳର କେତେଜଣ କହିଛନ୍ତି। ଅନୁଷ୍ଠିତ ଶିବିରକୁ ବ୍ଲକ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ ଉଦ୍‌ଘାଟନ କରିଥିବାବେଳେ ବିଡିଓ ସାଗର ନନ୍ଦଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉର, ଜିଲାପରିଷଦ ସଦସ୍ୟା ଡଲି ପଣ୍ଡା, ଜଟାଧାରୀ ଦାସ, ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ହିମାଂଶୁ ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମମତା ନାୟକ, ସ୍ଥାନୀୟ ସରପଞ୍ଚ ଆଲୋକ ସ୍ୱାଇଁ, ସମାଜ ମଙ୍ଗଳ ଅଧିକାରୀ ଦୀପକ ଓଝା ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ୧୫୩ ଜଣ ଭିନ୍ନକ୍ଷମ ନିଜର ନାମ ପଞ୍ଜୀକରଣ କରିଥିଲେ। ତେବେ ପଞ୍ଜୀକରଣ ପରେ ୩୬ ଜଣ ଅନୁପସ୍ଥିତ ଥିବା ବେଳେ ୩ ଜଣ ଆବେଦନାକାରୀଙ୍କୁ ନାକଚ କରାଯିବା ସହ ୨ ଜଣ ରୋଗୀଙ୍କୁ କଟକ ରେଫର କରାଯାଇଥିବା ବିଏସ୍ଏସ୍ଓ ଶ୍ରୀନିବାସ ବେହେରା ସୂଚନା ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ଚକ୍ଷୁ ବିଭାଗରେ ୧୨ ଜଣ, ମେଡିସିନ ବିଭାଗରେ ୭ ଜଣ, ସ୍ନାୟୁ ବିଭାଗରେ ୧୭ ଜଣ, ନାସା, ଗଳା, କର୍ଣ୍ଣ ବିଭାଗରେ ୧୨ ଜଣ, ଶିଶୁ ବିଭାଗରେ ଜଣେ, ଅସ୍ଥିଶଲ୍ୟରେ ୪୩ ଜଣ ଓ ମାନସିକ ବିଭାଗର ୧୨ ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଥିଲା। ଆୟୋଜିତ ଶିବିରକୁ କୋଷାଧ୍ୟକ୍ଷ ଆଶୁତୋଷ ସ୍ୱାଇଁ, ଏସ.ଓ ଜଗନ୍ନାଥ ଜେନା, ପି.ଏ. କାର୍ତ୍ତିକ ବିଶ୍ୱାଳ, ଡିଇଓ ସୁବାସ ଦାଶଙ୍କ ସମେତ ପଞ୍ଚାୟତ ସମିତିର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।




ଶିବିରରେ ଉପସ୍ଥିତ ଅତିଥିମାନେ।

TPNODL
TP Northern Odisha Distribution Limited
(A Tata Power & Odisha Govt. Joint Venture)
Regd. Off: Corp. Office, Januganj, Remuna Golei, Balasore, Odisha-756019
CIN No.: U40106OR2021SGC035951; Website: www.tpnodl.com
NOTICE INVITING TENDER (NIT) 30th October, 2025
TP Northern Odisha Distribution Limited invites tender from eligible bidders for the following:

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2025-26/2500001080 | Rate Contract for Supply of HT & LT Studs |
| 2 | TPNODL/OT/2025-26/2500001076 | Rate Contract for Supply of Transformer Oil |

* MSMEs registered in the State of Odisha shall pay tender fee of Rs. 1,000/- including GST.
* * EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website https://tpnodl.com. All tenders will be available on TPNODL website.
Future communication / corrigendum to tender documents, if any, shall be available on website.
Chief- Contracts & MM

ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ,
ଭୁବନେଶ୍ୱର - 751 001

ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ଷ୍ଟାଫ କ୍ୱାଟର୍ସ, ବରମୁଣ୍ଡା, ଭୁବନେଶ୍ୱରରେ ବ୍ଲକ ଏ, ବି, ସି, ଡି, ଇ, ଏଫ୍ (ତୃତୀୟ ଶ୍ରେଣୀ), ଜି, ଏଚ୍, ଆଇ, ଜେ, କେ, ଏଲ୍ (ଚତୁର୍ଥ ଶ୍ରେଣୀ) ଏବଂ ସାଧାରଣ କ୍ଷେତ୍ର (ସିକ୍ୟୁରିଟି ଗାର୍ଡ ବୁଥ୍, ପମ୍ପ ରୁମ, କମ୍ୟୁନିଟି ସେଣ୍ଟର)ର ବାହ୍ୟ ମରାମତି ଏବଂ ପୁନ: ପେଣ୍ଟିଂ କାର୍ଯ୍ୟ ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ ନଭେମ୍ବର 17, 2025 ଅପରାହ୍ନ 05:00 ଟା ଅଟେ ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

# ନୂଆଗାଁ ବ୍ଲକ୍‌ରେ ଅସ୍ୱାସ୍ଥ୍ୟକର ପରିବେଶ

ନୂଆଗାଁ, ୨୯।୧୦ (ଧନେଶ୍ୱର ସାହୁ)

ନୟାଗଡ ଜିଲା ନୂଆଗାଁ ବ୍ଲକ ପରିସରରେ ଅସ୍ୱାସ୍ଥ୍ୟକର ପରିବେଶ ଦେଖିବାକୁ ମଳିଛି। ବ୍ଲକ ପରିସରରେ ଖାଲଖମା ହୋଇ ପାଣି ଜମିବା ସହ ସବୁଆଡେ କାଦୁଅ ପଚପଚ ହୋଇଛି। ଏପରିକି କ୍ୱାର୍ଟର୍ସରେ ରହୁଥିବା କର୍ମଚାରୀମାନେ ବାହାରକୁ ଯିବା କଷ୍ଟକର ହୋଇ ପଡୁଥିବା ଅଭିଯୋଗ ହେଉଛି।

ଗାଁଠାରୁ ଆରମ୍ଭ କରି ପଞ୍ଚାୟତ ସବୁ ସ୍ଥାନରେ ସ୍ୱଚ୍ଛତା ରଖିବା ପାଇଁ ସରକାର ଅନୁଦାନ ଦେଉଥିବା ବେଳେ ବ୍ଲକ ପ୍ରଶାସନ ସ୍ୱଚ୍ଛତାର ବାର୍ତ୍ତା ବାଣ୍ଟି ଜନ ସଚେତନତା ସୃଷ୍ଟି କରୁଛି। କିନ୍ତୁ ନିଜ ପରିସର ସ୍ୱଚ୍ଛତା ରଖିବା ଭୁଲି ଯାଇଛି ବ୍ଲକ ପ୍ରଶାସନ। ବ୍ଲକ ପରିସରରେ ଅନେକ ପରିତ୍ୟକ୍ତ କ୍ୱାର୍ଟର୍ସ ଥିବା ବେଳେ ସେଗୁଡିକ ଜଙ୍ଗଲିଆ ହୋଇ ରହିଛି। ଏପରିକି ସେହି ବୁଦୁବୁଦିଆ ସ୍ଥାନଗୁଡିକ ସରୀସୃପଙ୍କ ବାସସ୍ଥାନ ପାଲଟିଛି। କୌଣସି ବିଡିଓ ନୂଆ କରି ବ୍ଲକରେ ଯୋଗ ଦେବାପରେ ପରିବେଶକୁ ଦେଖି କ୍ଷୋଭ ପ୍ରକାଶ କରିବା ସହ ଯଥାଶୀଘ୍ର ତାହାକୁ ସଫାସୁତରା କରି ସଜାଡିବାକୁ ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ଭୁଲି ଯାଆନ୍ତି। କୌଣସି ଅଧିକାରୀ ବ୍ଲକ ପରିବେଶକୁ ସଜାଡିବା ପାଇଁ ଉଦ୍ୟମ କରୁନାହାନ୍ତି। ଅସ୍ୱାସ୍ଥ୍ୟକର ପରିବେଶ ଦେଖି ବ୍ଲକ କ୍ୱାର୍ଟର୍ସରେ କୌଣସି କର୍ମଚାରୀ ରହିବାକୁ ରାଜି ହେଉନାହାନ୍ତି।

ମୁଖ୍ୟମନ୍ତ୍ରୀ ବସ୍‌ଗୁଡିକ ବ୍ଲକ ପରିସରରେ ରହୁଥିବା ଯୋଗୁ ବର୍ଷସାରା ବ୍ଲକ ପରିସର କାଦୁଅ ହେଉଥିବା ଅଭିଯୋଗ ହେଉଛି। ବସ୍‌ଗୁଡିକ ବାରମ୍ବାର ଯିବା ଆସିବା କରିବା ଫଳରେ ରାସ୍ତା ସବୁ ନଷ୍ଟ ହୋଇ ଆଣ୍ଠୁଏ ଖାଲଖମା ହୋଇଗଲାଣି। ସେହିପରି ବସ୍‌ଗୁଡିକୁ ବ୍ଲକ ଭିତରେ ଧୋଇବା ଫଳରେ ସେହି ପାଣି ସବୁ ଖାଲଖମାରେ ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। କ୍ୱାର୍ଟର୍ସରୁ ବାହାରି କାର୍ଯ୍ୟାଳୟକୁ ଯିବା ମଧ୍ୟ କଷ୍ଟକର ହୋଇପଡୁଛି। ତେବେ ବସ୍‌ଗୁଡିକ ବ୍ଲକ ପରିସରରେ ରହିବା ଫଳରେ ଅନେକ ସମସ୍ୟା ସୃଷ୍ଟି ହେଉଥିଲେ ମଧ୍ୟ ସେନେଇ ଅଭିଯୋଗ କଲେ କର୍ମଚାରୀ କିମ୍ବା କ୍ୱାର୍ଟର୍ସରେ ରହୁଥିବା କର୍ମଚାରୀମାନେ ରୋଷର ଶିକାର ହେଉଥିବା ଅଭିଯୋଗ ହେଉଛି। ସ୍ୱଚ୍ଛତାର ବାର୍ତ୍ତା ବାଣ୍ଟୁଥିବା ଅଧିକାରୀ ଓ କର୍ମଚାରୀମାନେ ନିଜ ପରିସରକୁ ସଫାସୁତରା ପ୍ରତି ଦୃଷ୍ଟି ନ ଦେବା ଏବଂ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରହିବା ସେମାନଙ୍କ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ସମ୍ପର୍କରେ ନୂଆଗାଁ ବିଡିଓ ଅମୃତ କୁମାର ରାଉଳଙ୍କୁ ପଚାରିବାରେ ସେହି ସମସ୍ୟା ଦୂର କରିବା ପାଇଁ ଆମେ ଅର୍ଥ ମଞ୍ଜୁର ଲାଗି ପ୍ରସ୍ତାବ ଦେଇଛୁ। ଅନୁମୋଦନ ହୋଇ ଆସିବା ପରେ ଆମେ କାମକରି ସମସ୍ୟା ସମାଧାନ କରିଦେବୁ ବୋଲି ସେ କହିଛନ୍ତି।


ବ୍ଲକ ପରିସରରେ ଖାଲଖମାରେ ପାଣି ଭର୍ତ୍ତି।

# ଡ୍ରେନ୍ ନିର୍ମାଣରେ ଦୁର୍ନୀତି ଅଭିଯୋଗ

## କାମ ନ ହୋଇ ସରିଛି ବିଲ୍

ଗଣିଆ, ୨୯।୧୦
(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ପଞ୍ଚାୟତ ତେଲିସାହି ଡ୍ରେନ୍ ନିର୍ମାଣରେ ଦୁର୍ନୀତି ଅଭିଯୋଗ ହୋଇଛି। ଏପରିକି କାର୍ଯ୍ୟ ନ ହୋଇ ବିଲ୍ ପୈଠ କରାଯାଇଥିବା ଗଣିଆ ପଞ୍ଚାୟତ ସମିତିସଭ୍ୟ ଫକିର ମୋହନ ଡାକୁଆ ବ୍ଲକ ଓ ଜିଲା ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଦୁର୍ନୀତି ହୋଇଥିବା ଡ୍ରେନ କାର୍ଯ୍ୟର ୭ ଦିନ ମଧ୍ୟରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସମିତି ସଭ୍ୟ ଡାକୁଆ ଦର୍ଶାଇଛନ୍ତି।

ସୂଚନା ଅନୁଯାୟୀ ଗଣିଆ ଗ୍ରାମ ତେଲିସାହିର ୫ ୱାର୍ଡ ପଛ ପାର୍ଶ୍ୱରେ ଡ୍ରେନ ନିର୍ମାଣ ଲାଗି ୨୦୨୪-୨୫ ଆର୍ଥିକ ବର୍ଷରେ ସରକାରଙ୍କର ପଞ୍ଚଦଶତମ ଅର୍ଥ କମିଶନ ପାଣ୍ଠିରୁ ୮୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ହେଲେ କାର୍ଯ୍ୟ ନ ହୋଇ ମଞ୍ଜୁର ଅର୍ଥକୁ ହରିଲୁଟ କରାଯାଇଥିବା ଅଭିଯୋଗ ହୋଇଛି।

ଏ ସମ୍ପର୍କରେ ଗଣିଆ ସରପଞ୍ଚ ଗିରିଧାରୀ ସେଠୀଙ୍କୁ ପଚାରିବାରୁ ଗଣିଆ ତେଲିସାହିର ୪ ଓ ୫ ନମ୍ବର ୱାର୍ଡ ପଛ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ପାଇଁ କେନ୍ଦ୍ରୀୟ ଅର୍ଥ କମିଶନ ପାଣ୍ଠିରୁ ୮୦ ହଜାର ଲେଖାଏ ଅର୍ଥ ମଞ୍ଜୁର କରାଯାଇଥିଲା। ୪ ନମ୍ବର ୱାର୍ଡରେ ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ୫ ନମ୍ବର ୱାର୍ଡରେ କାମ ହୋଇନାହିଁ। ମାତ୍ର ୪ ନମ୍ବର ୱାର୍ଡ ନିର୍ମାଣ କାର୍ଯ୍ୟର ବିଲ୍ ପରିବର୍ତ୍ତେ ଭୁଲ୍ ବଶତଃ ୫ ନମ୍ବର ୱାର୍ଡର ଫାଇଲରେ ବିଲ୍ ହୋଇଯାଇଛି। ଏହା ଜାଣିବା ପରେ ମୁଁ ବିଲ୍ ପୈଠ କରିନାହିଁ ବୋଲି ସେ କହିଛନ୍ତି।

ଏ ସମ୍ପର୍କରେ ଗଣିଆ ବିଡିଓ ପ୍ରତିବାଳା ରାଣାଙ୍କୁ ପଚାରିବାରୁ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ତଦନ୍ତ ପାଇଁ ଦାୟିତ୍ୱ ଦେଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ନିର୍ମାଣାଧୀନ କଲଭର୍ଟ।

# ତାରାବାଡ଼ି ଗାଁରେ ୨ ଘର ଭାଙ୍ଗିଲା

କି.ଉଦୟଗିରି, ୨୯।୧୦
(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ବ୍ଲକ କଳିଙ୍ଗା ପଞ୍ଚାୟତ ତାରାବାଡି ଗ୍ରାମରେ ବାତ୍ୟା ମୋନ୍ଥା ପ୍ରଭାବରେ ହୋଇଥିବା ବର୍ଷାରେ ୨ଟି ଘର ଭାଙ୍ଗିଛି। ସୂଚନାନୁସାରେ ହରିବନ୍ଧୁ ଦିଗାଲ ଓ ତାଙ୍କ ସ୍ତ୍ରୀ ରହୁଥିବା ଘରର କାନ୍ଥ ବୁଧବାର ସକାଳ ପ୍ରାୟ ୮ଟାରେ ହଠାତ୍ ଭୁଶୁଡ଼ି ଯାଇଥିଲା। ସୌଭାଗ୍ୟବଶତଃ କାହାର କିଛି ହୋଇନାହିଁ। ସେହିପରି ଅଶୋକ ଦିଗାଲଙ୍କ ମଧ୍ୟ ଘର କାନ୍ଥ ଭାଙ୍ଗିଯାଇଛି। ରାତିରେ କାନ୍ଥ ଉପର ସ୍ଥାନରେ କିଛି ମାତ୍ରାରେ ଭାଙ୍ଗିଥିଲା ସକାଳେ କାନ୍ଥଟି ଭାଙ୍ଗିବା ଦେଖି ପରିବାର ଲୋକେ ଠେସ ଦେଇ ରଖିଛନ୍ତି। ରାଜସ୍ୱ ବିଭାଗ ତରଫରୁ ହରିବନ୍ଧୁଙ୍କୁ ଜରି ପାଲ ଦିଆଯାଇଥିବା ବେଳେ ଅଶୋକଙ୍କୁ ମିଳି ପାରିନାହିଁ।

# ଦୁଆଣ୍ଟ ନଦୀ ଅସ୍ଥାୟୀ ରାସ୍ତା ଉପରେ ବନ୍ୟାଜଳ



## ଗୋଡ଼ିପଡ଼ା ସମେତ ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତ ବିଚ୍ଛିନ୍ନ
## ନୂଆ ଜଗନ୍ନାଥ ସଡ଼କରେ ଯାନବାହନ ଚଳାଚଳ ବନ୍ଦ

ନୟାଗଡ, ୨୯।୧୦ (ଲୋକନାଥ ମିଶ୍ର)

ଦୁଇ ଦିନର ବର୍ଷା ଯୋଗୁ ଦୁଆଣ୍ଟ ନଦୀର ଅସ୍ଥାୟୀ ରାସ୍ତା ଉପରେ ବୁଧବାର ବନ୍ୟାଜଳ ଚାଲୁ ରହିଛି। ଏଣୁ ଗୋଡିପଡା, ଡିମଶର ସମେତ ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତ ବିଛିନ୍ନ ହୋଇପଡିଛି। ନୂଆ ଜଗନ୍ନାଥ ସଡକରେ ଯାନବାହନ ଚଳାଚଳ ବନ୍ଦ ରହିଛି। ଦୁଆଣ୍ଟ ନଦୀରେ ପୋଲ ଭାଙ୍ଗିବାର ସାଢ଼େ ୩ ବର୍ଷ ପରେବି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ।

ପ୍ରକାଶଯେ, ଦୁଆଣ୍ଟ ପୋଲର ରାଫ୍ଟ ଫାଉଣ୍ଡେଶନର ତଳ ଭାଗ ଗର୍ତ୍ତ ଦେଇ ନଦୀର ଜଳ ନିଷ୍କାସନ ହେବାରୁ ୨୦୨୧ ଡିସେମ୍ବର ୨୯ ପୂର୍ବାହ୍ନରେ ଭୁଶୁଡିବା ଆରମ୍ଭ କରିଥିଲା। ପରେ ପୋଲଟି ଧିରେ ଧିରେ ଦବି ୟୁ ଆକାର ଧାରଣ କରି ବିପଦସଙ୍କୁଳ ହୋଇପଡିଥିଲା। ପୂର୍ତ୍ତ ବିଭାଗ ଏହାକୁ ନ ଭାଙ୍ଗି କିଛିଦିନ ପକାଇ ରଖିଲା। ସ୍ଥାନୀୟ ଲୋକ ବିପଦସଙ୍କୁଳ ପୋଲ ଉପରେ ଯାତାୟାତ କରିଥିଲେ। ପରବର୍ତ୍ତୀ ସମୟରେ ପୋଲଟି ଭାଙ୍ଗି ଯାଇଥିଲା। ପରେ ଟେଣ୍ଡର କରାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା। ଏଥିପାଇଁ ୧୧ କୋଟି ୪୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ୧୯।୨।୨୦୨୫ ସୁଦ୍ଧା କାର୍ଯ୍ୟ ଶେଷ ହେବାର ଥିଲା। ହେଲେ ଠିକାଦାର ମନ୍ଥର ଗତିରେ କରୁଥିବାରୁ ଅବଧି ସମୟ ହୋଇଥିଲେ ବି ଶେଷ ହୋଇପାରି ନାହିଁ। ପ୍ରାୟ ୪୧ ବର୍ଷ ତଳେ ତତ୍କାଳୀନ ରଣପୁର ବିଧାୟକ ରମାକାନ୍ତ ମିଶ୍ର ଦୁଆଣ୍ଟ ନଦୀ ପୋଲକୁ ଉଦ୍‌ଘାଟନ କରିଥିଲେ। ପୋଲଟି ବହୁ ବର୍ଷର ପୁରୁଣା ହୋଇଥିଲେ ହେଁ ଭଲଥିଲା। ବାଲି ଚୋରମାନେ ନଦୀର ଶଯ୍ୟା ଖୋଳି ବାଲି ନେଇ ଯିବା ପରେ ବନ୍ୟା ଜଳ ଯୋଗେ ଏହାର ରାଫ୍ଟ ଫାଉଣ୍ଡେଶନ ପାର୍ଶ୍ୱରେ ଗର୍ତ୍ତ ହୋଇରହିଥିଲା। ରାଫ୍ଟ ଫାଉଣ୍ଡେଶନ ଗର୍ତ୍ତ ମରାମତି ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ ହେଁ, ପୂର୍ତ୍ତ ବିଭାଗ ଅଣଦେଖା କରିଥିଲା। ଗର୍ତ୍ତଟି ପ୍ରାୟ ୨ ବର୍ଷ ରହିବା ପରେ ପୋଲ ପ୍ରତି ବିପଦ ଦେଖାଦେଇ ଭୁଶୁଡିବା ଆରମ୍ଭ କରିଥିଲା। ପୋଲ ଭାଙ୍ଗିଯିବା ପରେ ବିଳମ୍ବରେ ନୂଆ ପୋଲ ତିଆରି କାର୍ଯ୍ୟ ଆରମ୍ଭ ହେଲା। ପୋଲ ପାଖରେ ଏକ ଅସ୍ଥାୟୀ ରାସ୍ତା ତିଆରି ହୋଇଛି। ବର୍ଷା ଋତୁରେ ପ୍ରତିବର୍ଷ ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତର ୨୦୦ ରୁ ଅଧିକ ଗାଁ ଲୋକଙ୍କ ପାଇଁ ଯାତାୟାତ ଠପ୍ ହୋଇଯାଉଛି। ବର୍ଷାଋତୁରେ ନଦୀରେ ବନ୍ୟା ଯୋଗୁ ଅସ୍ଥାୟୀ ରାସ୍ତା ବୁଡି ରହିବାରୁ ଯାତାୟାତ ବନ୍ଦ ହୋଇଯାଏ। ନୟାଗଡ ଓ ଶରଣକୁଳ ଅଞ୍ଚଳରୁ ଗୋଡିପଡା କଲେଜକୁ ଆସୁଥିବା ଛାତ୍ରୀଛାତ୍ର ଯିବା ଆସିବାରେ ହଇରାଣ ହୋଇଥାନ୍ତି। ଯାନବାହନ ଚଳାଚଳ ବନ୍ଦ ରହେ। ବନ୍ୟା ଜଳ ରାସ୍ତାରୁ ହଟିଲେ ଯାନବାହାନ ପୁଣି ଚଳାଚଳ କରିଥାଏ ।

# ସାହିତ୍ୟ ଅନୁଷ୍ଠାନ ବାଣ୍ଟୁଛି ଡକ୍ଟରେଟ ଉପାଧି

## ଗୋଟିଏ ଦିନରେ ବଣ୍ଟାଗଲା ୧୫ରୁ ଊର୍ଦ୍ଧ୍ୱ
## ନୟାଗଡ଼ ଜିଲାରେ ସମାଲୋଚନାର ସ୍ୱର

ନୟାଗଡ, ୨୯।୧୦
(ଲୋକନାଥ ମିଶ୍ର)

ନୟାଗଡର ଏକ ସାହିତ୍ୟ ଅନୁଷ୍ଠାନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରି ଡକ୍ଟରେଟ୍ ଉପାଧି ବଣ୍ଟନ କରୁଛି। ଗତ ୨୬ ତାରିଖରେ ନୟାଗଡ ସହରରେ ଏପରିକି ୧୫ରୁ ଊର୍ଦ୍ଧ୍ୱ ଡକ୍ଟରେଟ୍ ଉପାଧି ବଣ୍ଟନ କରାଯାଇଛି। ଉପାଧି ନେବା ପାଇଁ ପାଠପଢ଼ା ଦରକାର ନାହିଁ, କି ଗବେଷଣାର ଆବଶ୍ୟକତା ନାହିଁ। ଏଭଳିଆ ଡକ୍ଟରେଟ୍ ଉପାଧି ୩ରୁ ୧୦ ହଜାର ଟଙ୍କାରେ ମିଳିଯାଉଛି। ଡକ୍ଟରେଟ୍ ଉପାଧି ବଣ୍ଟନ ପରେ ନୟାଗଡ଼ରେ ସମାଲୋଚନା ଜୋର ଧରିଛି। ହେଲେ କେହି ଏହା ବିରୋଧରେ ସ୍ୱର ଉତ୍ତୋଳନ କରୁନାହାନ୍ତି। ଡକ୍ଟରେଟ୍ ଉପାଧି ବଣ୍ଟନ ପାଇଁ କିଏ ଅନୁମତି ଦେଇଛି ସେନେଇ ପ୍ରଶ୍ନ ଉଠିଛି। ଯାହାକି ତଦନ୍ତ ସାପେକ୍ଷ।

# ଜଳବନ୍ଦୀରେ ଉପଲସିଂଗ୍ରାମବାସୀ

ଗୁମ୍ମା, ୨୯।୧୦ (ପ୍ରବୀଣ କୁମାର ଲିମା)

ଗଜପତି ଜିଲା ଗୁମ୍ମା ବ୍ଲକରେ ବାତ୍ୟା ମୋନ୍ଥା ପ୍ରଭାବରେ ଗତ ୩ ଦିନ ଧରି ଲଗାଣ ବର୍ଷା ହୋଇଥିଲା। ଜୀବା ପଞ୍ଚାୟତସ୍ଥିତ ଉପଲସିଂବାସୀ ସମ୍ପୂର୍ଣ୍ଣ ଜଳବନ୍ଦୀରେ ରହିଛନ୍ତି। ପ୍ରବଳ ବର୍ଷାରେ ଉପର ପଟୁ ପାଣି ଆସି ତଳିଆ ଅଞ୍ଚଳରେ ଜମା ହୋଇ ରହିଯାଉଛି। ଜଳ ନିଷ୍କାସନ ପାଇଁ କୌଣସି ସୁବିଧା ନାହିଁ। ଯାହାଫଳରେ ପାଣି ଜମି ରହୁଛି। ଲୋକମାନେ ଘରୁ ବାହାରି ପାରୁନାହାନ୍ତି। ବିଶେଷ କରି ଲକ୍ଷ୍ମୀ ନଗର ବାସିନ୍ଦା ଅଧିକ ପ୍ରଭାବିତ ହେଉଥିବା ଦେଖାଯାଉଛି। ଅତ୍ୟାବଶକ ସାମଗ୍ରୀ, ଔଷଧ, ପନିପରିବା ଆଣିବାକୁ ଯିବା ନିମନ୍ତେ ସମସ୍ୟା ହେଉଥିବା ଲକ୍ଷ୍ମୀ ନଗର ବାସିନ୍ଦା ପ୍ରକାଶ କରିଛନ୍ତି।

# ଆମ୍ବୁଲାନ୍ସ ଧକ୍କାରେ ୨ ଯୁବକ ଗୁରୁତର

ଭାପୁର, ୨୯।୧୦ (ପ୍ରଭାତ ବରାଡ)

ଫତେଗଡ ଥାନା ଅନ୍ତର୍ଗତ ପଥରଚକଡା ପଞ୍ଚାୟତ ଅଧୀନ ମାଧପୁର ଗ୍ରାମରେ ବୁଧବାର ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ରେ ଆମ୍ବୁଲାନ୍ସ ଧକ୍କାରେ ଦୁଇଜଣ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ମାଧପୁର ଗ୍ରାମର ସିଦ୍ଧାନ୍ତ ମୁଦୁଲି (୨୩) ଓ ସରୋଜ କୁମାର ବେହେରା (୨୨)। ପ୍ରକାଶ ଯେ, ସିଦ୍ଧାନ୍ତ ଓ ସରୋଜ ବାଇକ୍‌ରେ କଣ୍ଟିଲୋ ଯାଉଥିଲେ। ମାଧପୁର ସମବାୟ ସମିତି ସୋସାଇଟି ନିକଟରେ କଣ୍ଟିଲୋ ରାସ୍ତାରୁ ଦ୍ରୁତଗତିରେ ଭୁବନେଶ୍ୱର ଆସୁଥିବା ଏକ ଆମ୍ବୁଲାନ୍ସ ନଂ.ଓଡି ୦୫ ବିଟି୨୨୯୭ ଦୁଇଜଣଙ୍କୁ ଧକ୍କା ଦେଇଥିଲା। ଯୁବକ ଦ୍ୱୟ ଛିଟିକି ପଡ଼ିଥିବା ବେଳେ ଡ୍ରାଇଭର ଦ୍ରୁତଗତିରେ ଗାଡ଼ି ନେଇ ଫତେଗଡ ଥାନାରେ ଆତ୍ମସମର୍ପଣ କରିଥିଲେ। ଦୁଇଜଣ ଆହତଙ୍କୁ ସରପଞ୍ଚ ପ୍ରତିନିଧି ଦେବୀପ୍ରସାଦ ଦାସ ଓ ଗ୍ରାମର କେତେକ ଯୁବକ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଦୁଇଜଣ ଯୁବକଙ୍କ ବାମଗୋଡ ଭାଙ୍ଗି ଯାଇଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯିବାକୁ ଡାକ୍ତର କହିଥିଲେ। କିନ୍ତୁ ୧୦୮ ଆମ୍ବୁଲାନ୍ସ ନ ମିଳିବାରୁ ଦୀର୍ଘ ୨ ଘଣ୍ଟା ମେଡ଼ିକାଲରେ ରହିଥିଲେ। ଏହାପରେ ଦୁଇଟି ଘରୋଇ ଗାଡ଼ି ଭଡ଼ାକରି ପରିବାର ଲୋକେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲ ନେଇଥିବା ଜଣାପଡିଛି।

OFFICE OF THE PRINCIPAL
KHARASROTA MAHAVIDYALAYA, SINGHPUR, JAJPUR
e-mail: kharasrotamahavidyalaya@gmail.com
WANTED
As per the notification of DHE, Odisha vide Letter No. 57198 and 57203 Dtd.23.10.2025, applications are invited from eligible retired candidates for engagement of guest faculties in the subject of Mathematics, Logic, Economics, Political Science, History, English, Odia & Non-Teaching Posts of Demonstrator in Chemistry, Physics, Biology, Junior Clerk, Librarian, Asst. Librarian & PET on Contractual Basis. Vacancies of same post are already uploaded in HIMS Portal of the College. Interested candidates shall apply only through HIMS portal on or before 31.10.2025.
N.B.: The eligibility, remuneration & tenure of contractual engagement shall be made as per the Government Notification.
Sd./- Principal-cum-Secretary
Kharasrota Mahavidyalaya, Singhpur, Jajpur

TPNODL
TP Northern Odisha Distribution Limited
(A Tata Power & Odisha Govt. Joint Venture)
Regd. Off: Corp. Office, Januganj, Remuna Golei, Balasore, Odisha-756019
CIN No.: U40106OR2021SGC035951; Website: www.tpnodl.com
NOTICE INVITING TENDER (NIT) 30th October, 2025
TP Northern Odisha Distribution Limited invites tender from eligible bidders for the following:

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2025-26/2500001080 | Rate Contract for Supply of HT & LT Studs |
| 2 | TPNODL/OT/2025-26/2500001076 | Rate Contract for Supply of Transformer Oil |

* MSMEs registered in the State of Odisha shall pay tender fee of Rs. 1,000/- including GST.
* * EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website https://tpnodl.com. All tenders will be available on TPNODL website.
Future communication / corrigendum to tender documents, if any, shall be available on website.
Chief- Contracts & MM

# କୋଲାବ ବ୍ରିଜ୍ ନିକଟରୁ ବ୍ୟବସାୟୀଙ୍କଠାରୁ ୫ଲକ୍ଷ ଲୁଟ୍


କୁନ୍ଦୁରା, ୨୯।୧୦ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଖଟଲାପଦର କୋଲାବ ବ୍ରିଜ ନିକଟରୁ ବ୍ୟବସାୟୀଙ୍କଠାରୁ ବୁଧବାର ଅପରାହ୍ନରେ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ବ୍ୟବସାୟୀମାନଙ୍କଠାରୁ ୫ଲକ୍ଷ ଟଙ୍କା ଓ ଫୋନ୍ ଆଦି ଚୋରି କରି ନେଇଥିବା କୁନ୍ଦୁରା ଥାନାରେ ଅଭିଯୋଗ ହୋଇ। କୁନ୍ଦୁରା ପୋଲିସ କେସ୍ ନଂ.୧୩୪/୨୫ରେ ଏକ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। କୁନ୍ଦୁରା ପୋଲିସ ସୂଚନା ମୁତାବକ ଅପରାହ୍ନ ୩ଟା କୋଟପାଡ଼ର ୫ଜଣ ବ୍ୟବସାୟୀ ଦେବାଶିଷ ପଟ୍ଟନାୟକ, ସାହିଲ, ଶ୍ୟାମ, ସୁଦାମ ଏବଂ ଅନିକେତ ଟଙ୍କା କଲେକ୍ସନ କରି କାର୍ (ସିଜି-୦୪ଏନ୍‌ଟି-୬୦୭୪) ରେ ଫେରୁଥିଲେ। ଏହି ସମୟରେ ପ୍ରାୟ ୮ ଜଣ ଲୁଟେରା ଖଟଲାପଦର କୋଲାବ ବ୍ରିଜ ଉପରେ ସେମାନଙ୍କୁ ଅଟକାଇ ଥିଲେ। ବ୍ୟବସାୟୀମାନେ କାର୍ ଡୋର୍ ନ ଖୋଲିବାରୁ ଦୁର୍ବୃତ୍ତମାନେ ଗାଡ଼ି କାଚ ଭାଙ୍ଗି ଦେଇଥିଲେ। ସାମ୍ନା ଡୋର, ମୁଖ୍ୟ କାଚ ଏବଂ ପଛପଟ କାଚ ଭାଙ୍ଗି ଗାଡ଼ି ଭିତରେ ଥିବା ୫ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏଥିସହ ବ୍ୟବସାୟୀମାନଙ୍କ ପାଖରେ ଥିବା ୪ଟି ମୋବାଇଲ ଫୋନ୍ ନେଇ ଯାଇଛନ୍ତି। ଏହାପରେ ବ୍ୟବସାୟୀ ଦେବାଶିଷ କୁନ୍ଦୁରା ଥାନାରେ ଏ ନେଇ ଏତଲା ଦେଇଛନ୍ତି। ପୋଲିସ ବ୍ୟବସାୟୀଙ୍କ କାର୍‌କୁ ଥାନାରେ ରଖି ଅଧିକ ତଦନ୍ତ କରୁଥିବା ଥାନାଧିକାରୀ ଅଶ୍ୱିନୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ବିପର୍ଯ୍ୟସ୍ତ ହୋଇପଡ଼ିଛି ଡ୍ରେନେଜ୍ ବ୍ୟବସ୍ଥା

ଖଣ୍ଡପଡ଼ା, ୨୯।୧୦
(ଅଜୟ କୁମାର ମହାରଣା)

ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥାକୁ ନେଇ ଖଣ୍ଡପଡ଼ା ସହରବାସୀ ଅସନ୍ତୋଷ ପ୍ରକାଶକରି ଆସୁଛନ୍ତି। ସମଗ୍ର ସହରାଞ୍ଚଳରେ କେଉଁଠି ଡ୍ରେନ୍ ମାଟିରେ ପୋତିହୋଇ ରହିଛି ତ କେଉଁଠି ଆଦୌ ଡ୍ରେନ୍ ନାହିଁ। ଫଳରେ ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ପାଣି ପ୍ରବାହିତ ହେବା ସହ ପାର୍ଶ୍ୱରେ ଆବର୍ଜନା ପାଣି ଜମି ରହି ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏ ସମ୍ପର୍କରେ ବାରମ୍ବାର ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ମଧ୍ୟ ସୁଫଳ ମିଳୁ ନ ଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଖଣ୍ଡପଡ଼ା ସହରର ୧ନଂ ୱାର୍ଡ ଅଧିନ ତହସିଲ କାର୍ଯ୍ୟାଳୟ ଓ ଉପନିବନ୍ଧଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ନାଳରୁ ପଙ୍କଉଦ୍ଧାର କରାଯାଇ ନ ଥିବାରୁ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ପ୍ରବାହିତ ହେଉଥିବା ଜଣାପଡିଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅଧକ୍ଷା ସେଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।


ପୋତି ହୋଇଥିବା ଡ୍ରେନ୍ ।

ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ,
ଭୁବନେଶ୍ୱର - 751 001

ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ଷ୍ଟାଫ କ୍ୱାଟର୍ସ, ବରମୁଣ୍ଡା, ଭୁବନେଶ୍ୱରରେ ବ୍ଲକ ଏ, ବି, ସି, ଡି, ଇ, ଏଫ୍ (ତୃତୀୟ ଶ୍ରେଣୀ), ଜି, ଏଚ୍, ଆଇ, ଜେ, କେ, ଏଲ୍ (ଚତୁର୍ଥ ଶ୍ରେଣୀ) ଏବଂ ସାଧାରଣ କ୍ଷେତ୍ର (ସିକ୍ୟୁରିଟି ଗାର୍ଡ ବୁଥ୍, ପମ୍ପ ରୁମ, କମ୍ୟୁନିଟି ସେଣ୍ଟର)ର ବାହ୍ୟ ମରାମତି ଏବଂ ପୁନ: ପେଣ୍ଟିଂ କାର୍ଯ୍ୟ ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ ନଭେମ୍ବର 17, 2025 ଅପରାହ୍ନ 05:00 ଟା ଅଟେ ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

## ସଂକ୍ଷେପରେ

### ମୃତ ବ୍ୟକ୍ତିଙ୍କ ପରିଚୟ ମିଳିଲା

ଯାଜପୁର ଟାଉନ,୨୯।୧୦(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ବୈଦ୍ୟରାଜପୁର କେନାଲରୁ ମିଳିଥିବା ମୃତବ୍ୟକ୍ତିଙ୍କ ପରିଚୟ ମିଳିଛି। ମୃତକ ହେଲେ ଯାଜପୁର ରୋଡ୍ ନିକଟସ୍ଥ ପଦ୍ମାପୁର ଗ୍ରାମର ରବୀନ୍ଦ୍ର ସାହୁ(୫୬)। ରବୀନ୍ଦ୍ର ଯାଜପୁର ସଦରଥାନା ମାଳଆନ୍ଦପୁର ନିକଟରୁ ନିଖୋଜ ହୋଇଯାଇଥିଲେ। ଗତ ମଙ୍ଗଳବାର ପୋଲିସ କେନାଲରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତାଙ୍କ ପରିବାର ଲୋକେ ଖବର ପାଇ ମେଡିକାଲ ଆସିଥିଲେ ମଧ୍ୟ ତାଙ୍କୁ ଚିହ୍ନଟ କରି ପାରି ନ ଥିଲେ। ବୁଧବାର ତାଙ୍କ ସ୍ତ୍ରୀ, ଝିଅ, ପୁଅ ଓ ଗ୍ରାମବାସୀ ପୁଣି ଆସି ମୃତ ଦେହଟି ରବୀନ୍ଦ୍ରଙ୍କ ବୋଲି ଚିହ୍ନଟ କରିଥିଲେ।

### ରାଶି ଲଗାଇ ଆତ୍ମହତ୍ୟା

କାଳିଆପାଣି,୨୯।୧୦(ଅସିତ ମହାନ୍ତ): କାଳିଆପାଣି ଥାନା ଅନ୍ତର୍ଗତ କାଳିଆପାଣି ଗାଁର ଜଣେ ବ୍ୟକ୍ତି ରଶିଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବେଣୁଧର ମହାନ୍ତ(୫୦)। କିଛି ଦିନ ହେବ ବେଣୁଧର ମାନସିକ ବିକୃତ ହୋଇଯାଇଥିଲେ। ଫଳରେ ଅନେକ ସମୟରେ ସେ ବିଭିନ୍ନ ପ୍ରକାର ବ୍ୟବହାର କରୁଥିଲେ। ମଙ୍ଗଳବାର ରାତିରେ ସମସ୍ତେ ଘରେ ଶୋଇ ପଡ଼ିବା ପରେ ବେଣୁଧର ଘର ପଙ୍ଖାରେ ଝୁଲିପଡ଼ିଥିଲେ। ପରିବାର ଲୋକେ ବୁଧବାର ସକାଳେ ଏହା ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। କାଳିଆପାଣି ଥାନାର ଏକ ଟିମ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ବାଜବାଟି ଖାଦାନରୁ କଳାପଥର ଲୁଟ ଅଣାୟତ୍ତ

**ଏନ୍‌ଜିଟିରେ ମାମଲା**
- ବେଆଇନ ଉତ୍ତୋଳନ
- ଚୁକ୍ତିଠାରୁ ବହୁ ଅଧିକ ଗଭୀର ଖନନ
- କମିଟି କରି ତଦନ୍ତ ନିର୍ଦ୍ଦେଶ

ଯାଜପୁର,୨୯।୧୦ (ହର୍ଷବର୍ଦ୍ଧନ ବେହେରା):


ବାଜବାଟି ପାହାଡ଼ରୁ ଲୁଟ୍ ହୋଇଥିବା କଳାପଥର ।

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ଥିବା ବାଜବାଟି ପାହାଡ଼ରୁ ମୂଲ୍ୟବାନ କଳାପଥର ଲୁଟ ଅଣାୟତ୍ତ ହେବାରେ ଲାଗିଛି। ଲିଜ୍ ପରିମାଣଠାରୁ ବହୁ ଅଧିକ କଳାପଥର ଉତ୍ତୋଳନ ହେଉଥିବାରୁ ତାହା ଏବେ ପୋଖରୀ ଭଳି ଦୃଶ୍ୟମାନ ହେଉଛି। ଅନ୍ୟପକ୍ଷେ ଯାଜପୁର ଲଘୁ ଖଣି ବିଭାଗ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସପିସିବି) ଓ ଜିଲା ପ୍ରଶାସନ ନୀରବ ରହିଥିବାରୁ ଅଣ ଖଣି ଲିଜ ଅଞ୍ଚଳରୁ ବି କଳାପଥର ଲୁଟ ସୀମା ଲଂଘିଛି। ଏହି ମର୍ମରେ ବାଜବାଟି ପାହାଡର ବିଏସକ୍ୟୁ-୬ ନମ୍ବର ଖାଦାନରୁ ଲୁଟ ସମ୍ପର୍କରେ ଅଞ୍ଚଳବାସୀଙ୍କ ପକ୍ଷରୁ ଉର୍ବସୀ ଜେନା ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି)ରେ ଅଭିଯୋଗ କରିଛନ୍ତି। ଏନେଇ ଏନ୍‌ଜିଟିରେ ୧୮୩/୨୦୨୫/ଇଜେଡ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଜିଲାପାଳଙ୍କ ନେତୃତ୍ୱରେ ଏକ ଜଏଣ୍ଟ କମିଟି ଗଠନ କରି ଅଭିଯୋଗ ଉପରେ ତଦନ୍ତ କରି ୧ ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଏନ୍‌ଜିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ଅଭିଯୋଗ ଅନୁସାରେ, ବାଜବାଟି ପାହାଡ଼ର ବିଏସକ୍ୟୁ-୬ ନମ୍ବର ଖାଦାନ ପରିଚାଳନାରେ ସରକାରଙ୍କ କୌଣସି ନିତିନିୟମକୁ ପାଳନ କରାଯାଉନାହିଁ। ଏନ୍‌ଭାରମେଣ୍ଟ କ୍ଲିଅରାନ୍ସ(ଇସି)ର ବିଭିନ୍ନ ନିୟମକୁ ଉଲ୍ଲଂଘନ କରାଯାଇ ପାହାଡ଼ର ୫ ଏକର ଅଞ୍ଚଳରୁ କଳାପଥର ଉତ୍ତୋଳନ କରାଯାଉଛି। ତେଣୁ ଏସ୍‌ପିସିବି ଓ ଷ୍ଟେଟ ଏନଭାରମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି(ସିଆ)କୁ କନସେଣ୍ଟ ଟୁ ଅପରେଟ(ସିଟିଓ) ଏବଂ ଇସି କାଢି ନେବାକୁ ଅଭିଯୋଗକାରୀଙ୍କ ପକ୍ଷରୁ ଦାବି ହୋଇଛି। ଏହାବାଦ ସିଆ ଓ ଏସ୍‌ପିସିବି କର୍ତ୍ତୃପକ୍ଷଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିବା ସହ ଜିଲା ଲଘୁ ଖଣି ନିର୍ଦ୍ଦେଶକଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଛି। ବାଜବାଟିରେ ବେଆଇନ ଭାବେ ମାପଚୁପ କରଯାଇ ଲିଜଧାରୀଙ୍କୁ ସୁରକ୍ଷା ଦିଆଯାଇଛି। ତେଣୁ ସରକାରୀସ୍ତରରେ ଉପଯୁକ୍ତ ଭାବେ ପୁନଃ ମାପଚୁପ କରାଯାଇ ଆବଶ୍ୟକ ଜରିମାନା ଧାର୍ଯ୍ୟ କରିବା ଏବଂ ଲୁଟକାରୀଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରିବାକୁ ଅଭିଯୋଗକାରୀ ଏନ୍‌ଜିଟିରେ ଦାବି କରିଛନ୍ତି।

ଏହାପୂର୍ବରୁ ଏନ୍‌ଜିଟିରେ ବାଜବାଟି ବିଏସକ୍ୟୁ-୨ ଖାଦାନରୁ ଅନୁରୂପ ଲୁଟ ଅଭିଯୋଗରେ ୧୮୦/୨୦୨୫/ଇଜେଡରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୋଗ ଅନୁସାରେ ବାଜବାଟି ପାହାଡ଼ର ଉପରୋକ୍ତ ଖାଦାନ ଲିଜ ପାଇଁ ମିଥ୍ୟା ସୂଚନା ଓ କାଗଜପତ୍ର ଦାଖଲ କରି ପରିବେଶ ମଞ୍ଜୁରୀ ହାସଲ କରାଯାଇଛି। ଏହାସହ ଆଇନ ଓ ଚୁକ୍ତିକୁ ଉଲ୍ଲଂଘନ କରି ଏହି ଖାଦାନରୁ ଅସୁରକ୍ଷିତ ଭାବେ କଳାପଥର ଉତ୍ତୋଳନ ହେଉଛି। ଖାଦାନରେ ଅତ୍ୟଧିକ ଗଭୀର କରାଯାଇ ଅସୁରକ୍ଷିତ ଭାବେ ବିସ୍ଫୋରଣ କରାଯାଉଛି। ଏଥିପାଇଁ ପ୍ରତିଷ୍ଠିତ କ୍ରଶରରେ ମଧ୍ୟ ନିତିନିୟମ ପାଳନ ହେଉନାହିଁ। ଅନୁମତି ଠାରୁ ଢେରଗୁଣ ଅଧିକ କଳାପଥର ଉତ୍ତୋଳନ ହୋଇଥିବାରୁ ରାଜ୍ୟ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଛନ୍ତି ବୋଲି ଅଭିଯୋଗ ହୋଇଛି। ଏନଜିଟିରେ ଅଭିଯୋଗକାରୀଙ୍କ ପକ୍ଷରୁ ଆଇନଜୀବୀ ଶଙ୍କରପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି। ଗତ ୩ ଦଶନ୍ଧି ଧରି ଧର୍ମଶାଳା ଅଞ୍ଚଳରୁ କଳାପଥର ଲୁଟ ଅଭିଯୋଗ ହୋଇ ଆସୁଛି। ଅଞ୍ଚଳବାସୀଙ୍କ ପକ୍ଷରୁ ଯେତେ ଅଭିଯୋଗ ହେଉଥିଲେ ହେଁ ତାକୁ କଳେବଳେ କୌଶଳେ ଚାପି ଦିଆଯାଉଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏ ସଂକ୍ରାନ୍ତରେ ଲଘୁ ଖଣି ବିଭାଗ ଡିଡିଏମ ଜୟପ୍ରକାଶ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଏନ୍‌ଜିଟିର ନିର୍ଦ୍ଦେଶ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## କମ୍ୟୁନିଟି ସେଣ୍ଟର ନିର୍ମାଣ ନାଁରେ ଅର୍ଥ ଆତ୍ମସାତ୍

ସିଂହପୁର,୨୯।୧୦(ଅନଙ୍ଗ ଉଦୟ ବେଉରିଆ):


ବିଡିଓଙ୍କୁ ଭେଟି ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

**ବିଡିଓଙ୍କୁ ଭେଟି ତଦନ୍ତ ଦାବିକଲେ ଗ୍ରାମବାସୀ**

ବିଞ୍ଝାରପୁର ବ୍ଲକ ଘଣ୍ଟିଆଳି ଗ୍ରାମରେ ମହାବୀର କମ୍ୟୁନିଟି ସେଣ୍ଟର ନିର୍ମାଣ ନାଁରେ ଅର୍ଥ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ବୁଧବାର ଗ୍ରାମବାସୀ ବିଡିଓ ହିତାଂଶୁ ଶେଖର ସାମଲଙ୍କୁ ଭେଟି ଅଭିଯୋଗ କରିବା ସହ ଘଟଣାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହାର ତଦନ୍ତ କରା ନ ଗଲେ ସେମାନେ ଜିଲା ଦୁର୍ନୀତି ନିବାରଣ କାର୍ଯ୍ୟାଳୟରେ ଅଭିଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ୨୦୨୩-୨୪ ଆର୍ଥିକ ବର୍ଷରେ ଘଣ୍ଟିଆଳି ଗ୍ରାମର ୧୩ନଂ. ୱାର୍ଡରେ ମହାବୀର କମ୍ୟୁନିଟ ସେଣ୍ଟର ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା(ସିଏମ୍‌ଏସ୍‌ଏ)ରୁ ଅର୍ଥବରାଦ କରାଯାଇଥିଲା। ମାତ୍ର ଏଠାରେ କୋଣସି କମ୍ୟୁନିଟ ସେଣ୍ଟର ନିର୍ମାଣ ହୋଇ ନ ଥିଲା। ଗ୍ରାମରେ ଥିବା ଏଏନ୍‌ଏମ୍ ସେଣ୍ଟର ସଂଲଗ୍ନ ଏକ ବ୍ୟକ୍ତିଗତ ଘରକୁ ଦେଖାଇ କମ୍ୟୁନିଟି ସେଣ୍ଟର ନାମରେ କନିଷ୍ଠ ଯନ୍ତ୍ରୀ ବିଲ କରାଇଥିଲେ। ଘଟଣା ଜଣାପଡ଼ିବାପରେ ଗ୍ରାମବାସୀ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ଏ ସମ୍ପର୍କରେ ପଚାରିଥିଲେ। ବିଡିଓଙ୍କ ଚାପରେ କନିଷ୍ଠ ଯନ୍ତ୍ରୀ ବିଲ କରିଥିବା କହିଥିଲେ। ପ୍ରଥମ ପର୍ଯ୍ୟାୟରେ ୩.୫ ଲକ୍ଷ ଟଙ୍କା ହଡ଼ପ କରାଯାଇଥିବାବେଳେ ପୁଣି ୧.୫ ଲକ୍ଷ ଟଙ୍କା ହଡ଼ପ ପାଇଁ ମସୁଧା ସମୟରେ ଘଟଣା ନଜରକୁ ଆସିଛି। ଏ ସମ୍ପର୍କରେ ବିଡିଓଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ଯୁବତୀଙ୍କୁ ଅପହରଣ ଉଦ୍ୟମ ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

ଧର୍ମଶାଳା,୨୯।୧୦(ବଟକୃଷ୍ଣ ପରିଡ଼ା):

**ଆତ୍ମସର୍ପଣ ପରେ ଗିରଫ କଲା ପୋଲିସ**


ଗିରଫ ଭାସ୍କର ମୁକେଶ କୁମାର।

ଧର୍ମଶାଳା ଥାନା ଅନ୍ତର୍ଗତ କଣ୍ଟାମାଳିଆ ଏବଂ ଥାନୁଆଳ ରାସ୍ତାରେ ଜଣେ ଯୁବତୀଙ୍କୁ ଅପହରଣ ଉଦ୍ୟମ ଘଟଣାର ମୁଖ୍ୟ ଅଭିଯୁକ୍ତ ଥାନାରେ ଆତ୍ମସମର୍ପଣ କରିଛନ୍ତି। ଏହାପରେ ପୋଲିସ ତାଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତ ହେଲେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା ଆନ୍ଦ୍ରଭସାଲା ଥାନା ଚିନତାଦା ଅଞ୍ଚଳର ଭାସ୍କର ମୁକେଶ କୁମାର(୨୫)। ଅଭିଯୁକ୍ତ ଭୁବନେଶ୍ୱର ଅଞ୍ଚଳରୁ ଏକ କାର ଭଡ଼ାରେ ଆଣି ଯୁବତୀଙ୍କୁ ଉଠାଇ ନେବାକୁ ଉଦ୍ୟମ କରିଥିଲେ। ଏଥିରେ ତାଙ୍କୁ ସହାୟତା କରିଥିବା ସ୍ଥାନୀୟ ଥାନୁଆଳ ଗ୍ରାମର ଜିତେନ୍ଦ୍ର ଡୋରା ପୂର୍ବରୁ ଗିରଫ ହୋଇଛନ୍ତି।

ସୂଚନା ଅନୁଯାୟୀ, ଜାରକାସ୍ଥିତ ଏକ ସୁନା ଗହଣା ଦୋକାନରେ ମୁରାରୀପୁର ଗ୍ରାମର ଜଣେ ମହିଳା ଓ ଜଣେ ଯୁବତୀ କାମ କରୁଥିଲେ। ଗତ ୨୦ ତାରିଖ ରାତି ପ୍ରାୟ ୮ଟାରେ ଦୋକାନ ବନ୍ଦ ହେବା ପରେ ସେମାନେ ଏକ ସ୍କୁଟିରେ ଘରକୁ ଫେରୁଥିଲେ। ଜଣେ ଯୁବକ ସେମାନଙ୍କୁ ପିଛା କରିବା ସହ ଜନଶୂନ୍ୟ ରାସ୍ତାରେ ଅଟକାଇଥିଲୋ। ଏହାପରେ ଯୋଜନା ମୁତାବକ ଏକ ଧଳା କାରରେ ୩ ଯୁବକ ଆସି ଯୁବତୀଙ୍କୁ କାର ମଧ୍ୟକୁ ଟେକି ନେଇଥିଲେ। ଯୁବତୀଙ୍କ ସାଥିରେ ଥିବା ମହିଳା ଜଣଙ୍କ ଚିତ୍କାର କରିବାରୁ ଉକ୍ତ ରାସ୍ତା ଦେଇ ଯାଉଥିବା ଜଣେ ବାଇକ ଆରୋହୀ ଓ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ପହଞ୍ଚି ସମ୍ପୃକ୍ତ ଯୁବତୀଙ୍କୁ ଉଦ୍ଧାର କରିଥିଲେ। ଏଥିସହିତ ବାଇକରେ ଆସିଥିବା ସ୍ଥାନୀୟ ଅଞ୍ଚଳର ଯୁବକଙ୍କୁ କାବୁ କରିଥିଲେ। ପୋଲିସ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ନେବା ସହ ତାଙ୍କ ବାଇକକୁ ଜବତ କରିଥିଲା। ଏହାପରେ ପୋଲିସ ନଂ.୬୬୪/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳରୁ ଧରାପଡ଼ିଥିବା ଯୁବକଙ୍କୁ ପୋଲିସ ପଚରାଉଚରା କରିବା ପରେ ମୁଖ୍ୟ ଅଭିଯୁକ୍ତଙ୍କ ସମ୍ପର୍କରେ ଜଣାପଡ଼ିଥିଲା। ଏହାପରେ ପୋଲିସ ତାଙ୍କୁ ଫୋନ କରି ଥାନାକୁ ଡାକିଥିଲା। ସେ ଉପାୟଶୂନ୍ୟ ହୋଇ ଥାନାରେ ଆତ୍ମସମର୍ପଣ କରିଥିଲେ। ଅପହରଣ ସମୟରେ ବ୍ୟବହୃତ କାରଟି ଭୁବନେଶ୍ୱର ଟ୍ରାଭେଲ୍ସରୁ ଅଣାଯାଇଥିବା ଅଭିଯୁକ୍ତ ପୋଲିସକୁ କହିଛନ୍ତି। ପୋଲିସ ଉକ୍ତ କାରକୁ ଜବତ କରିବା ପାଇଁ ପ୍ରୟାସ ଚଳାଇଥିବା ଥାନା ଅଧିକାରୀ ରଞ୍ଜନ କୁମାର ମାଝି ସୂଚନା ଦେଇଛନ୍ତି।

## ଏବେଠୁ ୭ ଦିନିଆ ଆମ ବଡ଼ଚଣା ମହୋତ୍ସବ

ଚଣ୍ଡିଖୋଲ/ବଡ଼ଚଣା,୨୯।୧୦ (ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି):

ଆସନ୍ତା ଜାନୁଆରୀ ୭ରୁ୧୩ ତାରିଖ ପର୍ଯ୍ୟନ୍ତ ଆମ ବଡ଼ଚଣା ମହୋତ୍ସବ ଅନୁଷ୍ଠିତ ହେବ। ମହୋତ୍ସବ କମିଟି ସମ୍ପାଦକ ଦିଲୀପ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ବୁଧବାର ଏକ ଖବରଦାତା ସମ୍ମିଳନୀରେ ଏହି ଘୋଷଣା କରାଯାଇଛି। ବଡ଼ଚଣା ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ସମ୍ମିଳନୀରେ କର୍ମକର୍ତ୍ତା ଯୋଗଦେଇ କହିଛନ୍ତି, ପ୍ରତ୍ୟେକ ବର୍ଷ ୫ ଦିନ ମହୋତ୍ସବ ହେଉଥିବାବେଳେ ଆସନ୍ତା ବର୍ଷଠାରୁ ଏହା ୭ ଦିନ ଧରି ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଏଥିସହିତ ଆମ ବଡ଼ଚଣା ମହୋତ୍ସବ ପକ୍ଷରୁ ବିଭିନ୍ନ ସାମାଜିକ, ଜନସଚେତନତା ଓ ଜନହିତକର କାର୍ଯ୍ୟ କରିବା ପାଇଁ ସଂକଳ୍ପ ନିଆଯାଇଛି। ସେହିପରି ଯିଏ ବିଧାୟକ ରହିବେ ସେ କମିଟି ସଭାପତି ଭାବେ କାର୍ଯ୍ୟ କରିବେ। ସେହି ମୁତାବକ ନୂତନ ଭାବେ ବିଧାୟକ ଅମର କୁମାର ନାୟକଙ୍କୁ ମହୋତ୍ସବ ସଭାପତି ଭାବେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ମହୋତ୍ସବ କମିଟି ଉପସଭାପତି ରବୀନ୍ଦ୍ର କୁମାର ପ୍ରଧାନ, ନୃସିଂହ ନାରାୟଣ ଓତା, କୋଷାଧ୍ୟକ୍ଷ ନାରାୟଣ ରାଉତ, ସହସମ୍ପାଦକ ରଶ୍ମିରଞ୍ଜନ ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ସମିତିସଭ୍ୟ ମଧୁସୂଦନ ବଳ ପ୍ରମୁଖ ଯୋଗଦେଇଥିଲେ। ଅମିୟ କୁମାର ଦାଶ ଧନ୍ୟବାଦ ଦେଇଥିଲେ।



ଖବରଦାତା ସମ୍ମିଳନୀରେ ବଡ଼ଚଣା ମହୋତ୍ସବ କମିଟିର କର୍ମକର୍ତ୍ତା ।

## ନିଷ୍ଠା, ସାଧୁତାର ସହ କାର୍ଯ୍ୟ କରିବାକୁ ପରାମର୍ଶ

**ଟାଟା ପାୱାର ପକ୍ଷରୁ ଭିଜିଲାନ୍ସ ସଚେତନତା ସପ୍ତାହ ପାଳିତ**

ରସୁଲପୁର,୨୯।୧୦ (ରଞ୍ଜିତ ରାଉତ):

ରସୁଲପୁର ବ୍ଲକ କୁଆଖିଆ ଟାଟା ପାୱାର ଡିଭିଜନ କାର୍ଯ୍ୟାଳୟ ଅଧୀନ କୁଆଖିଆ ସେକ୍ସନ ପକ୍ଷରୁ ବୁଧବାର ଭିଜିଲାନ୍ସ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ସେକ୍ସନ ଅଧିକାରୀ ପୀତବାସ ଭୂୟାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଟାଟା ପାୱାର ସର୍କଲ ଭିଜିଲାନ୍ସ ଉଇଙ୍ଗ ମୁଖ୍ୟ ସୁନିଲ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଉଇଙ୍ଗର ନିର୍ବାହୀ ଯନ୍ତ୍ରୀ ପାର୍ଥସାରଥି ଦାଶ ପ୍ରମୁଖ ଯୋଗଦେଇ ବିଦ୍ୟୁତ କମ୍ପାନୀ ଟାଟା ପାୱାର ଅଧୀନରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ନିଷ୍ଠା ଓ ସାଧୁତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।



କର୍ମଚାରୀମାନେ ଶପଥପାଠ କରୁଛନ୍ତି ।

ଏଥିସହିତ କର୍ମଚାରୀ ଉପଭୋକ୍ତାଙ୍କୁ ନିରନ୍ତର ବିଦ୍ୟୁତ୍ ସେବା ବିନା ଉତ୍କୋଚରେ ପହଞ୍ଚାଇବା, ବିଦ୍ୟୁତ୍ ନିୟମାକ ସମ୍ପର୍କରେ ସଚେତନ କରାଇବା, ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେବା ଉପଲବ୍ଧ କରାଇବା, ବିଦ୍ୟୁତ୍ ଚୋରିକୁ ରୋକିବା ଓ ଏଥିରୁ ଉପଭୋକ୍ତାଙ୍କୁ ନିବୃତ ରହିବା ପାଇଁ ସଚେତନ କରାଇବା ଭଳି ବିଭିନ୍ନ ବିଧି ବ୍ୟବସ୍ଥା ସମ୍ପର୍କରେ ଅତିଥି ଆଲୋଚନା କରିଥିଲେ। ଉପଭୋକ୍ତାଙ୍କୁ ପ୍ରଦାନ କରାଯାଉଥିବା ପ୍ରତ୍ୟେକ ସେବାକୁ ସ୍ୱଚ୍ଛ ଓ ଠକାମି ମୁକ୍ତ କରାଇବା ପାଇଁ ଭିଜିଲାନ୍ସ ବିଭାଗ କାର୍ଯ୍ୟ କରୁଛି। ଏ ଦିଗରେ ପ୍ରତ୍ୟେକ କର୍ମଚାରୀ ଓ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ବିଭାଗ ପକ୍ଷରୁ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ କରାଯାଉଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଭିଜିଲାନ୍ସ ଅଧିକାରୀ, କୁଆଖିଆ ସେକ୍ସନର ପରିଚାଳକ ପ୍ରମୁଖ ଯୋଗଦେଇ କର୍ମଚାରୀମାନଙ୍କୁ ଶପଥପାଠ କରାଇଥିଲେ। କାର୍ଯ୍ୟକ୍ଷେତ୍ରରେ ସାଧୁତା, ସଚ୍ଚୋଟତା, ନିଷ୍ଠାପରତା ଆଚରଣ ଅବଲମ୍ବନ କରି କାର୍ଯ୍ୟ କରିବାକୁ କର୍ମଚାରୀ ଶପଥଗ୍ରହଣ କରିଥିଲେ।

## ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମସଭା

କାଏମା,୨୯।୧୦ (ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ପୂର୍ବାହ୍ନରେ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ କୁମୁଦିନୀ ମହାନ୍ତି, ଭିଏଲ୍‌ଡବ୍ଲ୍ୟୁ ସେକ୍ ଅବଜଲ ବକ୍ସ ଏବଂ ଏଡିଓ ବିଚିତ୍ର ମୋହନ ମହାପାତ୍ର ପ୍ରମୁଖ ଯୋଗଦେଇ ପଞ୍ଚାୟତର ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟଉପରେ ଆଲୋଚନା କରିଥିଲେ। ମୋ ଉପକାରି ବଗିଚା, ଫାର୍ମ ପଣ୍ଡ, କମ୍ପୋଷ୍ଟ ପିଟ, ଫଳ ବଗିଚା ଭଳି ବିଭିନ୍ନ କାର୍ଯ୍ୟ କିପରି ସହଜ ଏବଂ ସୁବିଧାରେ କରାଯିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସେହିପରି ପଞ୍ଚାୟତର ବିଭିନ୍ନ ଗାଁରେ ବର୍ଷା ପାଣି ଜମି ରହୁଥିବାରୁ ଏହାର ସମାଧାନ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ପଞ୍ଚାୟତରେ କିଛି ରାସ୍ତା ଓ ମଣ୍ଡପ ମରାମତି କାର୍ଯ୍ୟ ଚାଲୁ ରହିଥିବାବେଳେ ଆଉ କିଛି କାର୍ଯ୍ୟ ବନ୍ଦ ରହିଛି। ସେଗୁଡ଼ିକୁ ତୁରନ୍ତ ଆରମ୍ଭ କରିବାକୁ ମତପ୍ରକାଶ ପାଇଥିଲା। ବୈଠକରେ ଶିଶିର ମାହାଣା, ସୁକାନ୍ତ ସାହୁ, କାହ୍ନୁ ସାହୁ, ଅମର ସାହୁ, ସୁଶାନ୍ତ ଘଟୁଆରିଙ୍କ ସମେତ ୱାର୍ଡ ସଭ୍ୟମାନେ ଉପସ୍ଥିତ ଥିଲେ। ରମେଶ ମହାନ୍ତି ଏବଂ ଚିତ୍ତରଞ୍ଜନ ବାରିକ ସହଯୋଗ କରିଥିଲେ।


ସ୍ୱତନ୍ତ୍ର ଗ୍ରାମସଭାରେ ଯୋଗଦେଇଥିବା ଲୋକପ୍ରତିନିଧି ଓ ଜନସାଧାରଣ ।

## ନାନା ସମସ୍ୟାରେ ଅଷ୍ଟଶମ୍ଭୁ ମନ୍ଦିର

- ଆଲୋକୀକରଣ ବ୍ୟବସ୍ଥା ନାହିଁ
- ସନ୍ଧ୍ୟାରେ ଆସିବାକୁ ଡରୁଛନ୍ତି ଶ୍ରଦ୍ଧାଳୁ
- ଜିଲାପାଳ ଆଲୋକୀକରଣ ବ୍ୟବସ୍ଥା କରିବାକୁ ଦାବି

ବରୀ,୨୯।୧୦(ମହେନ୍ଦ୍ର ସ୍ୱାଇଁ):



ବରୀ ବ୍ଲକ ଅଧୀନ ସେରପୁର ପଞ୍ଚାୟତ କୃଷ୍ଣନଗର ଗ୍ରାମର ଥିବା ଅଷ୍ଟଶମ୍ଭୁ ମନ୍ଦିରରେ ନାନା ସମସ୍ୟା ରହିଛି। ମାତ୍ର ପ୍ରଶାସନିକ ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ତାହା ସମାଧାନ ହୋଇ ପରୁନାହିଁ ବୋଲି ଅଭିଯୋଗ ହୋଇଛି। ବ୍ଲକ୍‌ର ଜନବହୁଳ ଶୈବପୀଠଗୁଡ଼ିକ ମଧ୍ୟରେ ନାଥେଶ୍ୱର, ଧାରେଶ୍ୱର, ସିଦ୍ଧେଶ୍ୱର, ବାଲୁଙ୍କେଶ୍ୱର, ରତ୍ନେଶ୍ୱର, ଶାମେଶ୍ୱର ଆଦି ରହିଛି। ଏଗୁଡ଼ିକ ମଧ୍ୟରୁ କେତେକ ସ୍ଥାନରେ ସରକାରୀ ଅର୍ଥ ବିନିଯୋଗ କରାଯାଇ ଉନ୍ନତମାନର ହାଇମାଷ୍ଟ ଲାଇଟ ଲଗାଯାଇଛି। ଅନ୍ୟ କେତେକ ସ୍ଥାନରେ ମନ୍ଦିର ପରିଚାଳନା କମିଟି ଦ୍ୱାରା ଆଲୋକୀକରଣ କରାଯାଇଛି। କିନ୍ତୁ କୃଷ୍ଣନଗର ଗ୍ରାମର ଅଷ୍ଟଶମ୍ଭୁ ମନ୍ଦିରରେ ଆଲୋକୀକରଣ ବ୍ୟବସ୍ଥା କରାଯାଇନାହିଁ। ବହୁ ଶ୍ରଦ୍ଧାଳୁ ହାଇମାଷ୍ଟ ଲାଇଟ୍ ଲଗାଇବାକୁ ସ୍ଥାନୀୟ ଲୋକପ୍ରତିନିଧିଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନକୁ ଲିଖିତ ଅଭିଯୋଗ କରିଥିଲେ ବି କୌଣସି ସୁଫଳ ମିଳିପାରିନାହିଁ। ଏହି ମନ୍ଦିରଟି ବ୍ରାହ୍ମଣୀ ନଦୀ କୂଳରେ ରହିଛି। ଲାଇଟ୍ ନ ଥିବାରୁ ସନ୍ଧ୍ୟାହେଲେ ସରୀସୃପ ମନ୍ଦିର ପରିସରରେ ବୁଲୁଛନ୍ତି। ଫଳରେ ଶ୍ରଦ୍ଧାଳୁ ଏହି ସମୟରେ ମନ୍ଦିରକୁ ଆସିବା ପାଇଁ ଭୟ କରୁଛନ୍ତି। ସେହିପରି ମନ୍ଦିରରେ ଅନ୍ୟ ସମସ୍ୟା ମଧ୍ୟ ରହିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏ ସମ୍ପର୍କରେ ମନ୍ଦିରର ମୁଖ୍ୟ ପୂଜକ ଶ୍ରୀବତ୍ସ ଲାଞ୍ଛନ ପଣ୍ଡା କହିଛନ୍ତି, ପଞ୍ଚାୟତ ଓ ବ୍ଲକ୍‌ସ୍ତରୀୟ ବହୁ ରାଜନେତା ଏହି ମନ୍ଦିରରକୁ ଆସି ମାନସିକ କରିବା ସହ ପୂଜାର୍ଚ୍ଚନା କରୁଛନ୍ତି। ସେମାନଙ୍କୁ ମନ୍ଦିର ପରିସର ଆଲୋକୀକରଣ ପାଇଁ ସେ ଅନୁରୋଧ କରିଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ କେହି ଆଲୋକୀକରଣ ବ୍ୟବସ୍ଥା କରିନାହାନ୍ତି। ତେଣୁ ଜିଲାପାଳ ଏ ଦିଗରେ ଦୃଷ୍ଟିଦେବାକୁ ପୂଜକ ପଣ୍ଡାଙ୍କ ସହ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# କର୍ମନିଯୁକ୍ତି ସୁଯୋଗ ଅପେକ୍ଷାରେ ଯୁବବର୍ଗ

କେନ୍ଦ୍ରାପଡ଼ା, ୨୯।୧୦(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାର ୨୦୧୧ ଜନଗଣନା ଅନୁଯାୟୀ ଯୁବବର୍ଗଙ୍କ ସଂଖ୍ୟା ୬୭ ପ୍ରତିଶତ। କର୍ମନିଯୁକ୍ତି ଏକ ସମସ୍ୟା ହୋଇଥିବା ବେଳେ ଜିଲାର ଓ ନିଜର ଆର୍ଥିକ ସ୍ଥିତି ବଦଳାଇବା ଯୁବବର୍ଗଙ୍କ ସ୍ୱପ୍ନ ଅଛି। ଲୋକସମ୍ବଳ ବିନିଯୋଗ ପାଇଁ କୃଷିଭିତ୍ତିକ ଶିଳ୍ପ, ବୃହତ ଓ ମଧ୍ୟମ ଶିଳ୍ପ ସହ କୃଷି ଭିତ୍ତିଭୂମିର ବ୍ୟାପକ ସଂସ୍କାର ଆବଶ୍ୟକ। ସେହିପରି ଆଧାତ୍ମିକ ଓ ପରିବେଶ ଭିତ୍ତିକ ପର୍ଯ୍ୟଟନ ଶିଳ୍ପ ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ଅଛି। ପ୍ରଶାସକ ଓ ରାଜନେତାଙ୍କ ସମନ୍ୱୟରେ ଯୋଜନା କାର୍ଯ୍ୟକାରୀ ହେଲେ ଏହା ସମ୍ଭବ ହୋଇପାରିବ ବୋଲି ଯୁବବର୍ଗଙ୍କଠାରୁ ମତ ମିଳିଛି।

### ପର୍ଯ୍ୟଟକଙ୍କୁ ଆକର୍ଷିତ ପାଇଁ ଛୋଟ ପ୍ରକଳ୍ପ ଦରକାର



କେନ୍ଦ୍ରାପଡ଼ା ଜିଲାକୁ ତୁଳସୀ କ୍ଷେତ୍ର କୁହାଯାଏ। ଏଠାରେ ବହୁ ଐତିହ୍ୟ ସ୍ଥାନ ସହ ଆଧାତ୍ମିକ ପର୍ଯ୍ୟଟନସ୍ଥଳୀ ଅଛି। ଏହି ସ୍ଥାନକୁ ଦର୍ଶନୀୟ କରି ପର୍ଯ୍ୟଟକଙ୍କୁ ଆକର୍ଷିତ ପାଇଁ ଛୋଟ ପ୍ରକଳ୍ପ ସବୁ ଆବଶ୍ୟକ। ପର୍ଯ୍ୟଟକଙ୍କ ଆଗମନ ଯୁବବର୍ଗଙ୍କୁ ଆବଶ୍ୟକ ମୁତାବକ ରୋଜଗାର ଦେଇପାରିବ

– ବୀରେନ୍ଦ୍ର କୁମାର ଦାସ, କେନ୍ଦ୍ରାପଡ଼ା

### ୩ ବର୍ଷ ହେଲା ମିଳୁନି ଋଣ



ଝିଅ ପିଜି ପରେ ଏକ ଖାଦ୍ୟ ପ୍ରୋସେସିଂ ୟୁନିଟ ସ୍ଥାପନ ପାଇଁ ବାରମ୍ବାର ବ୍ୟାଙ୍କ ଓ ଜିଲା ଶିଳ୍ପ କେନ୍ଦ୍ରକୁ ଦୌଡ଼ିଛି। ଋଣ ପାଇଁ ଜମି ବନ୍ଧକ ଦେବାକୁ ପ୍ରସ୍ତୁତ ସତ୍ତ୍ୱେ ୩ ବର୍ଷ ଧରି ମିଳୁନି। ସିଙ୍ଗଲ ୱିଣ୍ଡୋରେ ସରକାରୀ କାର୍ଯ୍ୟ ହେଲେ ଯୁବ ଶିଳ୍ପୋଦ୍ୟୋଗୀଙ୍କୁ କାମ ମିଳିବ।

– ଅମରବର ବିଶ୍ୱାଳ, କେନ୍ଦ୍ରାପଡ଼ା ସହର

### ନିର୍ଦ୍ଦିଷ୍ଟ ଫସଲ ପାଇଁ ପ୍ରୋତ୍ସାହିତ କଲେ ଦାଦନ ସଂଖ୍ୟା କମିବ



କେନ୍ଦ୍ରାପଡ଼ା ଜିଲାର ଅର୍ଥନୀତି କୃଷିଭିତ୍ତିକ। ଏଠାରେ କୃଷି ଓ କୃଷକଙ୍କ ପାଇଁ ଯୋଜନା ଏବଂ ଅର୍ଥ ଆସୁଥିଲେ ମଧ୍ୟ ତୃଣମୂଳରେ କାର୍ଯ୍ୟକାରୀ ହେଉନାହିଁ। ଜିଲାକୁ ଏକ ୟୁନିଟ ଭାବେ ଗ୍ରହଣ କରି ରାଜନେତା ଓ ପ୍ରଶାସକ ଏକ ନିର୍ଦ୍ଦିଷ୍ଟ ଫସଲ ପାଇଁ ପ୍ରୋତ୍ସାହିତ କଲେ ଦାଦନ ଶ୍ରମିକଙ୍କ ସଂଖ୍ୟା କମିବ।

– ମନୋଜ କୁମାର ନାୟକ, ଡେରାବିଶ

### ଗାଁକୁ ରାସ୍ତା ନ ଥିବାରୁ ଜିଲାରେ ଅର୍ଥନୈତିକ ଉନ୍ନତି ହେଉନି



ବିକାଶଶୀଳ ଜିଲା ପାଇଁ ଦ୍ରୁତ ଯୋଗାଯୋଗକୁ ଗୁରୁତ୍ୱ ଦେବାକୁ ହେବ। ଜାତୀୟ ଉଦ୍ୟାନ ଭିତରକନିକାର ଉନ୍ନତୀକରଣ ସହ ଶିଳ୍ପ ପ୍ରତିଷ୍ଠାକୁ ଗୁରୁତ୍ୱ ଦିଆଯାଉ। ଏହାକୁ ଦୃଷ୍ଟିରେ ରଖିଲେ ଯାତ୍ରୀବାହୀ ଟ୍ରେନ ଓ ବିମାନବନ୍ଦର ଆବଶ୍ୟକ। ସେହିପରି ପ୍ରତି ଗ୍ରାମକୁ ରାସ୍ତା ନ ଥିବାରୁ ଜିଲାରେ ଅର୍ଥନୈତିକ ଉନ୍ନତି ହୋଇପାରୁନାହିଁ।

– ବିଜୟ କୁମାର ମଣ୍ଡଳ, କେନ୍ଦ୍ରାପଡ଼ା ସହର

### କର୍ମନିଯୁକ୍ତି ନ ଥିବାରୁ ଯୁବବର୍ଗ ଜିଲା ବାହାରକୁ ଯାଉଛନ୍ତି



ସରକାରୀ ଚାକିରି ପର୍ଯ୍ୟାପ୍ତ ନୁହେଁ। ଜିଲାରେ ଯୁବବର୍ଗଙ୍କ ସଂଖ୍ୟା ଅଧିକ। ଆବଶ୍ୟକ କର୍ମ ନିଯୁକ୍ତି ନ ଥିବାରୁ ଯୁବବର୍ଗ ଜିଲା ବାହାରକୁ ଯାଉଛନ୍ତି। ଆତ୍ମନିର୍ଭର ପାଇଁ କୃଷି, ଲଘୁ ଉଦ୍ୟୋଗ, କ୍ଷୁଦ୍ର ଶିଳ୍ପ, ପର୍ଯ୍ୟଟନ କ୍ଷେତ୍ର ଆଦି ଭିତ୍ତିଭୂମି ଅଛି। ପ୍ରଶାସକ ଓ ସ୍ଥାନୀୟ ରାଜନେତାଙ୍କ ସହଯୋଗରେ ପ୍ରକଳ୍ପ ପ୍ରସ୍ତୁତ କଲେ କର୍ମନିଯୁକ୍ତି ମିଳିପାରିବ।

– ଗଣେଶ୍ୱର ସାହୁ, କେନ୍ଦ୍ରାପଡ଼ା ସହର

### ଦକ୍ଷତାଭିତ୍ତିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହେଲେ କର୍ମନିଯୁକ୍ତି ମିଳିବ



ପଡୋଶୀ ଜଗତ୍‌ସିଂହପୁର, ଯାଜପୁର ଓ ଭଦ୍ରକ ଜିଲାରେ ବିଭିନ୍ନ ଶିଳ୍ପ ଅଛି। ଆଗାମୀ ଦିନରେ କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା ପାଇଁ ଜମି ଅଧିଗ୍ରହଣ ହେଲାଣି। ଏହି ସମୟରେ ଶିଳ୍ପରେ ନିଯୁକ୍ତି ପାଇଁ ଦକ୍ଷତାଭିତ୍ତିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହେଲେ ଯୁବବର୍ଗଙ୍କୁ କର୍ମନିଯୁକ୍ତି ମିଳିବ।

– ସୁଶାନ୍ତ କୁମାର ନାୟକ, କେନ୍ଦ୍ରାପଡ଼ା

### ନଦୀ ସଂଯୋଗୀ କେନାଲ ଆବଶ୍ୟକ



ବୃହତ୍ ଜଳପଥ ଏହି ଜିଲାର ସମ୍ବଳ। ତେବେ ମଧୁର ଜଳକୁ କୃଷି କ୍ଷେତ୍ରରେ ନିୟୋଜିତ ପାଇଁ କୌଣସି ଯୋଜନା ନାହିଁ। ଜଳସେଚନ ଓ ଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ୪୮ କିଲୋମିଟର ସମୁଦ୍ର ତଟଠାରୁ ୫ କି.ମି. ଦୂରରେ ନଦୀ ସଂଯୋଗୀ କେନାଲ ଆବଶ୍ୟକ।

– ସ୍ୱରାଜ କୁମାର ଦାସ, ରାଜକନିକା

### ମହୁଚାଷ ହେଲେ ଭିତରକନିକା ମହୁ ବିଶ୍ୱରେ ପରିଚୟ ପାଇବ



ଜିଲାରେ ଜାତୀୟଉଦ୍ୟାନ ଭିତରକନିକା ଅଛି। ଏହାର କ୍ଷେତ୍ରଫଳ ୬୭୨ବର୍ଗ କି.ମି.। ଏଠାରେ କେବଳ ମହୁଚାଷ ହେଲେ ଭିତରକନିକା ମହୁ ବିଶ୍ୱରେ ପରିଚୟ ପାଇବା ସହ ପ୍ରାୟ ୫ ହଜାର ଯୁବକଙ୍କୁ କାମ ମିଳିବ। ଏଥିସହ ପର୍ଯ୍ୟଟନ ଶିଳ୍ପର ବ୍ୟାପକତା ଯୋଗୁ ଯୁବବର୍ଗଙ୍କ ପାଇଁ କର୍ମନିଯୁକ୍ତିର ସୁଯୋଗ ମିଳିବ।

–ଲକ୍ଷ୍ମୀଧର ସ୍ୱାଇଁ, ମହାକାଳପଡ଼ା

### ଲୋକସମ୍ବଳ ବିନିଯୋଗ ପାଇଁ ଇଚ୍ଛାଶକ୍ତି ଆବଶ୍ୟକ



କୃଷିଭିତ୍ତିକ ଶିଳ୍ପ, ସାମୁଦ୍ରିକ ବିଜ୍ଞାନ ବିଶ୍ୱବିଦ୍ୟାଳୟ, ଶୀତଳଭଣ୍ଡାର, ଲଘୁ ଉଦ୍ୟୋଗ ଆଦି ପାଇଁ ଭିତ୍ତିଭୂମି ଅଛି। ଲୋକସମ୍ବଳ ବିନିଯୋଗ ପାଇଁ ଇଚ୍ଛାଶକ୍ତି ଆବଶ୍ୟକ। ଜିଲାର ସାମୂହିକ ଭାବେ ଆର୍ଥିକ ବିକାଶ ପାଇଁ ରାଜନେତା ଓ ପ୍ରଶାସକଙ୍କ ସମନ୍ୱୟ ରହୁନାହିଁ । ଭୋଟବ୍ୟାଙ୍କ ରାଜନୀତି ପାଇଁ ଜିଲାର ଅର୍ଥନୀତି ଭୁଶୁଡି ଯାଇଛି।

– ଚିତ୍ତରଞ୍ଜନ ଦାସ, କେନ୍ଦ୍ରାପଡ଼ା

# ପରିବାର ସଦସ୍ୟଙ୍କୁ ମାରଣାସ୍ତ୍ର ଦେଖାଇ ଅଳଙ୍କାର, ଟଙ୍କା ନେଇଗଲେ ଡକାୟତ

## ହରିଅଙ୍କରେ ସଶସ୍ତ୍ର ଡକାୟତି

ଡେରାବିଶ,୨୯।୧୦
(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ହରିଅଙ୍କ ଗାଁରେ ମଙ୍ଗଳବାର ରାତିରେ ସଶସ୍ତ୍ର ଡକାୟତି ହୋଇ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ସହ ନଗଦ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ସଦର ଥାନାରେ ବୁଧବାର ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ କେନ୍ଦ୍ରାପଡା ଏସ୍‌ଡିପିଓ ଜ୍ୟୋତି ରଞ୍ଜନ ଗୌଡ, ସଦର ଥାନା ଇନ୍ସପେକ୍ଟର ବିଶ୍ୱଭୂଷଣ ସାହାଣୀ ଓ ଚଦୋଳ ଫଣ୍ଡି ଅଫିସର ପ୍ରତାପ କୁମର ରଥ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଏକ ସନ୍ଧାନୀ କୁକୁର ଅଣାଯାଇଥିଲା। ଏଥିସହ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛନ୍ତି। ଏ ନେଇ ଥାନାରେ ନଂ. ୫୧୧/୨୫ରେ ମାମଲା ରୁଜୁ ହୋଇଛି।

ସ୍ୱାତୀ ସୁଚରିତା ନାୟକ କରିଥିବା ଅଭିଯୋଗରେ ମଙ୍ଗଳବାର ରାତି ୧୦ଟାରେ ଶାଶୁ ଓ ଦୁଇ ଝିଅ ଶୋଇଥିଲୁ। ବାହାର ଘରେ ଶ୍ୱଶୁର ଶୋଇଥିଲେ। ୧୦ ଜଣ ଡକାୟତ ସିଡି ଓ ସମ୍ମୁଖ ଘର ଗ୍ରୀଲ କାଟି ଭିତରେ ପଶି ଘରେ ଥିବା ୨ଟି ମୋବାଇଲ ସହ ୫ଟି କୋଠରିରୁ ଡକାୟତି କରି ପରେ ଆମେ ଶୋଇଥିବା ଘର କବାଟ ଖୋଲିଥିଲେ। ଶୋଇଥିବା ଅବସ୍ଥାରେ ୯ବର୍ଷ ଓ ୪ବର୍ଷର ଦୁଇ ଝିଅଙ୍କୁ ଭୁଜାଲି ଦେଖାଇ ଏବଂ ଚାପୁଡାମାରି ଅଳଙ୍କାର କେଉଁଠି ଅଛି ବୋଲି ଧମକାଇ ଥିବା ସ୍ୱାତୀ ଅଭିଯୋଗରେ ଦର୍ଶାଇଛନ୍ତି। ସ୍ୱାତୀଙ୍କଠାରୁ ଚାବି ନେଇ ଡକାୟତମାନେ ଗଡରେଜ ଖୋଲି ଅଳଙ୍କାର ନେବା ସହ ତାଙ୍କ ଶାଶୁଙ୍କୁ ମାଡମାରି କାନଫୁଲ ୨ଟି ନେଇ ଯାଇଛନ୍ତି। ଡକାୟତମାନେ ମଙ୍ଗଳସୂତ୍ର ୩ଟି, କାନଫୁଲ ୬ହଳ, ସୁନାହାର ୨ଟି, ଚୁଡି ୧ହଳ, ସୁନା ଚେନ ୫ଟି, ରୁପା ପଟି ୪ହଳ, ରୁପା ମୁଦି ୨ଟି ଓ ନଗଦ ୪୦ ହଜାର ଟଙ୍କା ଏଥିସହ ଦାମୀ ୪ଟି ମୋବାଇଲ ଫୋନ୍ ନେଇ ଯାଇଛନ୍ତି।

# ସମୁଦ୍ରରେ ଦୃଶ୍ୟମାନ ଭଗ୍ନ ଜାହାଜ

ରାଜନଗର,୨୯।୧୦ (ଭାସ୍କର ରାଉତରାୟ)

ବଙ୍ଗୋପସାଗରର ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଭିତରେ ଜାହାଜର ଭଗ୍ନାଂଶ ଦେଖିବାକୁ ମିଳିଛି । କୂଳଠାରୁ ଅଳ୍ପ ଦୂରରେ ସମୁଦ୍ର ଭିତରେ ଏହି ଜାହାଜ ଭଗ୍ନାଂଶ ଦେଖିବାକୁ ମିଳିଛି । ବାତ୍ୟା ମୋନ୍ଥା ଯୋଗୁ ସମୁଦ୍ର ଅଶାନ୍ତ ରହିଥିଲା। ବୁଧବାର ସକାଳେ ସମୁଦ୍ରରେ ପାଣି ଛାଡ ସମୟରେ ସମୁଦ୍ରରେ ଜାହାଜର ଭଗ୍ନାଂଶ ଦେଖିବାକୁ ମିଳିଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ଏକକୁଳାନାସୀଠାରୁ ୧ କି.ମି.ଆଗକୁ ବଙ୍ଗୋପସାଗର ସମୁଦ୍ରରେ ଦେଖିବାକୁ ମିଳିଛି ଜାହାଜ ଭଗ୍ନାଂଶ । ଛାଡ ସମୟରେ ସମୁଦ୍ର ଭିତରେ ଏହା ଦେଖାଯାଉଛି। କୂଳଠାରୁ ୧୦୦ ମିଟର ଭିତରେ ଜାହାଜର ଭଗ୍ନାଂଶଟି ଉପରକୁ ଦେଖାଯାଉଛି। ଜୁଆର ସମୟରେ ଏହା ପାଣି ଭିତରେ ବୁଡି ରହୁଛି।

# ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମସଭା

କାଏମା,୨୯।୧୦(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ପୂର୍ବାହ୍ନରେ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ କୁମୁଦିନୀ ମହାନ୍ତି, ଭିଏଲ୍‌ଡବ୍ଲ୍ୟୁ ସେକ୍ ଅବଜଲ ବକ୍ସ ଏବଂ ଏଡିଓ ବିଚିତ୍ର ମୋହନ ମହାପାତ୍ର ପ୍ରମୁଖ ଯୋଗଦେଇ ପଞ୍ଚାୟତର ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟଉପରେ ଆଲୋଚନା କରିଥିଲେ। ମୋ ଉପକାରି ବଗିଚା, ଫାର୍ମ ପଣ୍ଡ, କମ୍ପୋଷ୍ଟ ପିଟ, ଫଳ ବଗିଚା ଭଳି ବିଭିନ୍ନ କାର୍ଯ୍ୟ କିପରି ସହଜ ଏବଂ ସୁବିଧାରେ କରାଯିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସେହିପରି ପଞ୍ଚାୟତର ବିଭିନ୍ନ ଗାଁରେ ବର୍ଷା ପାଣି ଜମି ରହୁଥିବାରୁ ଏହାର ସମାଧାନ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ପଞ୍ଚାୟତରେ କିଛି ରାସ୍ତା ଓ ମଣ୍ଡପ ମରାମତି କାର୍ଯ୍ୟ ଚାଲୁ ରହିଥିବାବେଳେ ଆଉ କିଛି କାର୍ଯ୍ୟ ବନ୍ଦ ରହିଛି। ସେଗୁଡ଼ିକୁ ତୁରନ୍ତ ଆରମ୍ଭ କରିବାକୁ ମତପ୍ରକାଶ ପାଇଥିଲା। ବୈଠକରେ ଶିଶିର ମାହାଣା, ସୁକାନ୍ତ ସାହୁ, କାହ୍ନୁ ସାହୁ, ଅମର ସାହୁ, ସୁଶାନ୍ତ ଘଡୁଆରିଙ୍କ ସମେତ ୱାର୍ଡ ସଭ୍ୟମାନେ ଉପସ୍ଥିତ ଥିଲେ। ରମେଶ ମହାନ୍ତି ଏବଂ ଚିତ୍ତରଞ୍ଜନ ବାରିକ ସହଯୋଗ କରିଥିଲେ।

# ଦୁଇ ଦଳ କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ

## ଅନ୍ତ୍ୟୋଦୟ ଆବାସ ବଣ୍ଟନକୁ ନେଇ ବାହାର ଲୋକଙ୍କ ହସ୍ତକ୍ଷେପ

ପଟ୍ଟାମୁଣ୍ଡାଇ,୨୯।୧୦(କଳ୍ପତରୁ ନାୟକ)

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ପରିସରରେ ବୁଧବାର ବିଜେଡି ଓ ଭାଜପା କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିବାରୁ ଉଭୟ ଗଣ୍ଡଗୋଳକାରୀ ଛତ୍ରଭଙ୍ଗ ଦେଇଥିଲେ। ପଞ୍ଚାୟତର ଅନ୍ତ୍ୟୋଦୟ ଆବାସ ବଣ୍ଟନରେ ଅନ୍ୟ ଜଣେ ବ୍ୟକ୍ତିଙ୍କ ହସ୍ତକ୍ଷେପକୁ ନେଇ ଗଣ୍ଡଗୋଳ ହୋଇଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

ପ୍ରକାଶଯେ, ଗତ କିଛିଦିନ ପୂର୍ବରୁ କଖାରୁଣୀ ପଞ୍ଚାୟତରେ ଆବାସ ବଣ୍ଟନକୁ ନେଇ ଅନ୍ୟ ପଞ୍ଚାୟତର ଜଣେ ଭାଜପା କର୍ମୀ କଖାରୁଣି ପିଇଓଙ୍କୁ ଧମକ ଦେବା ସହ ୨ ଜଣଙ୍କୁ ଆବାସ ଦେବା ପାଇଁ କହିଥିଲେ। ଏ ନେଇ ପିଇଓ କଖାରୁଣି ସରପଞ୍ଚ ଓ ପଟ୍ଟାମୁଣ୍ଡାଇ ବିଡିଓଙ୍କୁ ଜଣାଇଥିଲେ। କଖାରୁଣି ସରପଞ୍ଚ ଏ ବାବଦରେ ଉକ୍ତ ବ୍ୟକ୍ତିଙ୍କୁ ପଚାରିବାରୁ କଥା କଥାରେ ରହି ଯାଇଥିଲା । ହେଲେ ପରଦିନ ଭାଜପାର ଜଣେ ପ୍ରଭାବଶାଳୀ ନେତା ଉକ୍ତ ଘଟଣାକୁ ନେଇ ପିଇଓକୁ ଧମକଚମକ ଦେବା ସହିତ ବ୍ଲକରେ ଦେଖା କରିବାକୁ କହିଥିଲେ। ଯାହାକୁ ନେଇ ବୁଧବାର ଭାଜପାର କେତେକ ଟାଣୁଆନେତା ବ୍ଲକରେ ଉପସ୍ଥିତ ଥିବା ବେଳେ କଖାରୁଣି ଗ୍ରାମର ନାଁ ନେଇ ବିଭିନ୍ନ କଟୁଭାଷା ପ୍ରୟୋଗ କରିଥିଲେ । ସେଠାରେ ଉପସ୍ଥିତ କଖାରୁଣୀ ଗ୍ରାମର ଜଣେ ଯୁବକ ଏହାକୁ ବିରୋଧ କରିବାରୁ ବଚସା ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ହୋଇଥିଲା। ମାତ୍ର ଖବର ପାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ପୋଲିସ ବଳ ସହିତ ଘଟଣାସ୍ଥଳରେ ପହଞ୍ଚିବାରୁ ଉତ୍ତେଜନା ଶାନ୍ତ ପଡିଥିଲା। ମାତ୍ର ଏହାକୁ ନେଇ ବ୍ଲକର ୧କି.ମି.ଦୂରରେ ଏହି ଘଟଣାକୁ ନେଇ ଗଣ୍ଡଗୋଳ ଉପୁଜିଥିଲା ବୋଲି କେତେକ ଦେଖଣାହାରି କହିଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଆଇଆଇସି କହିଛନ୍ତି। ଏ ନେଇ ପୋଲିସ ପକ୍ଷରୁ ନଂ. ୩୫୯ଓ ୩୬୦/୨୫ରେ ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ମାମଲା ରୁଜୁ ହୋଇଛି।

# ଯୁବ ରେଡ୍‌କ୍ରସ୍ ପକ୍ଷରୁ ପ୍ରାଥମିକ ଚିକିତ୍ସା ସେବା ଶିବିର



ଅତିଥିମାନେ ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

## ଓଳାଭର ମହାବିଦ୍ୟାଳୟ

ରାଜକନିକା, ୨୯।୧୦(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଓଳାଭରଠାରେ କାଳୀପୂଜା ଉପଲକ୍ଷେ ଜନସମାଗମକୁ ଦୃଷ୍ଟିରେ ରଖି ସେମାନଙ୍କ ସୁରକ୍ଷା ପାଇଁ ଓଳାଭର ମହାବିଦ୍ୟାଳୟ ଯୁବ ରେଡକ୍ରସ ଓ ଜୁନିୟର ରେଡକ୍ରସ ମିଳିତ ଆନୁକୂଲ୍ୟରେ ୭ ଦିନିଆ ପ୍ରାଥମିକ ଚିକିତ୍ସା ସେବା ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରାଥମିକ ଚିକିତ୍ସା ସେବା ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ହଳଧର ବେହେରା ଉଦ୍‌ଘାଟନ କରିଥିଲେ। ଶିବିର ୭ ଦିନ ଚାଲିବାକୁ ଥିବାବେଳେ, ଯୁବ ରେଡକ୍ରସ ସଂଯୋଜକ ପ୍ରତାପ କୁମାର ବିଶ୍ୱାଳ, ଜୁନିୟର ରେଡକ୍ରସ ସଂଯୋଜକ ଡ. ବସନ୍ତ କୁମାର ସେଠୀ, ଡ. ସୁଧୀର କୁମାର ବାରିକ, ରବୀନ୍ଦ୍ର କୁମାର ସେନାପତି, ଅନନ୍ତ ସାହୁ, ଅବିନାଶ ଜେନା, ମନୀନ୍ଦ୍ର କୁମାର ସାହୁ, ପ୍ରିୟରଞ୍ଜନ ବେହୁରା, ମହେନ୍ଦ୍ର ନାଥ ମଲିକ, ଅଧ୍ୟାପିକା ଅବନ୍ତୀ ରାୟ, ମନିଦ୍ରା ସାହୁ, ମହିମା ପ୍ରଧାନ, ଜ୍ୟୋତିପ୍ରଭା ମାଣିକ, ବାସନ୍ତୀ ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ରେଡକ୍ରସ ଓ ଜୁନିୟର ରେଡକ୍ରସର ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନାରାୟଣୀଙ୍କ ପୀଠରେ ବିଶ୍ୱଶାନ୍ତି ଗୀତା ଯଜ୍ଞ

ଡେରାବିଶ,୨୯।୧୦ (ବେବର୍ତ୍ତା ଅଜୟ ଦସ)

ଡେରାବିଶ ବ୍ଲକ ଜଆଁରାବାରୀମୂଳ ପଞ୍ଚାୟତ ଅନ୍ତର୍ଗତ ଭିତରବଣ୍ଟୁସ୍ଥିତ ମା' ନାରାୟଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ୨୬ତମ ବାର୍ଷିକ ବିଶଶାନ୍ତି ଗୀତା ଜ୍ଞାନଯଜ୍ଞର ଶୁଭାରମ୍ଭ ହୋଇଯାଇଛି। ଏହି ଉପଲକ୍ଷେ ମଙ୍ଗଳବାର ଯଜ୍ଞ ସ୍ଥଳରେ ଅଙ୍କୁରାରୋପଣ କରାଯାଇଥିବା ବେଳେ ବୁଧବାର ସ୍ଥାନୀୟ ନଦୀରୁ ୧୦୮ କଳସ ଶୋଭାଯାତ୍ରା ବାହାରି ଘଟସ୍ଥାପନ କରାଯିବା ସହ ନାମଯଜ୍ଞ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ମନୋରମା ଶତପଥୀ ଓ ଲିଙ୍ଗରାଜ ଶତପଥୀ କର୍ତ୍ତାକର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ସନ୍ଧ୍ୟାରେ ସାରଦା ପ୍ରସାଦ କରଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ରହି ଯଜ୍ଞପୁରୁଷଙ୍କ ଆଶିଷ କାମନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ପ୍ରବୀଣ ଶତପଥୀ, ପ୍ରଫୁଲ୍ଲ ପରିଡ଼ା, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଭାଗୀରଥି ପରିଡ଼ା, ଦୁର୍ଗାଚରଣ ନାୟକ, ଦୋଳଗୋବିନ୍ଦ ଶତପଥୀ, ସୁଶାନ୍ତ ଦାସ, ତ୍ରୈଲୋକ୍ୟ ଶତପଥୀ, ମନୋରଞ୍ଜନ ପରିଡା ଓ ସରୋଜକାନ୍ତ ନାୟକଙ୍କ ସମେତ ଗ୍ରାମବାସୀ ପରିଚାଳନା କରୁଛନ୍ତି। ଆସନ୍ତା ଶୁକ୍ରବାର ଯଜ୍ଞ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।



ଡେରାବିଶ ବ୍ଲକ ଜଆଁରାବାରୀମୂଳ ପଞ୍ଚାୟତ ଭିତରବଣ୍ଟୁସ୍ଥିତ ନାରାୟଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱଶାନ୍ତି ଗୀତା ଜ୍ଞାନଯଜ୍ଞ ପାଇଁ କଳସ ଶୋଭାଯାତ୍ରା କରାଯାଉଛଉଛି।

# ଭିଜିଲାନ୍ସ ସଚେତନତା ସପ୍ତାହ

ରାଜନଗର,୨୯।୧୦ (ଭାସ୍କର ରାଉତରାୟ)

ରାଜନଗର ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ 'ଭିଜିଲାନ୍ସ ସଚେତନତା ସପ୍ତାହ' ଦିବସ ଅର୍ଥନୀତି ବିଭାଗରେ ବୁଧବାର ପାଳିତ ହେଇଯାଇଛି। ଏଥିରେ ଅର୍ଥନୀତି ବିଭାଗ ମୁଖ୍ୟ ଅଧ୍ୟାପକ ବସନ୍ତ କୁମାର ବେହେରା ଛାତ୍ରୀଛାତ୍ରଙ୍କୁ ସଚ୍ଚୋଟତାର ଶପଥ ପାଠ କରାଇଥିଲେ। ଏହି ଉତ୍ସବରେ ଅଧ୍ୟାପକ ଅଭିଜିତ୍ ଖୁଣ୍ଟିଆ ଛାତ୍ରୀଛାତ୍ର ନିଜର ବୃତ୍ତିଗତ ଆଚରଣରେ ସଚ୍ଚୋଟତା, ସ୍ୱଚ୍ଛତା ଏବଂ ଦାୟିତ୍ୱ ବୋଧତାର ମୂଲ୍ୟବୋଧକୁ କିପରି ବଜାୟ ରଖିବେ ସେ ନେଇ କହିଥିଲେ । ଏହି ପଦକ୍ଷେପର ଲକ୍ଷ୍ୟ ଥିଲା କର୍ମଚାରୀ ଏବଂ ସମାଜ ମଧ୍ୟରେ ନୈତିକ ଅଭ୍ୟାସ, ସ୍ୱଚ୍ଛତା ଏବଂ ସଚ୍ଚୋଟତାକୁ ପ୍ରୋତ୍ସାହିତ କରିବା ଏବଂ ଏକ ନିରପେକ୍ଷ ଓ ସ୍ୱଚ୍ଛ ଶାସନ ବ୍ୟବସ୍ଥା ଗଠନରେ ସାମୂହିକ ଦାୟିତ୍ୱକୁ ଉତ୍ସାହିତ କରିବା । ସେ ନେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ।



ଭିଜିଲାନ୍ସ ସଚେତନତା ଶପଥପାଠ ।

# ନଦୀ, ନାଳଶଯ୍ୟା ଜବରଦଖଲ: ଜଳ ନିଷ୍କାସନରେ ବାଧା

## ଗଢ଼ି ଉଠିଛି ଜଙ୍ଗଲ ଜମିରେ ଗୃହ ନିର୍ମାଣ

ମହାକାଳପଡ଼ା,୨୯। ୧୦
(ପ୍ରତାପ ଚନ୍ଦ୍ର ସ୍ୱାଇଁ)



ମହାନଦୀ ଶାଖାନାଳରେ ବର୍ଷା ଜଳ ମୁଖ୍ୟ ନିଷ୍କାସନ ପଥ ପୋତି ହୋଇଯାଉଛି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳର ଅନେକ ସ୍ଥାନରେ ନଦୀ ଶାଖା ନାଳ ପାର୍ଶ୍ୱରେ ଜବର ଦଖଲ ବୃଦ୍ଧି ପାଇଛି। ଏହା ଯୋଗୁ ପୋତି ହୋଇଯାଉଛି ଶଯ୍ୟା। ଫଳରେ ବର୍ଷା ପାଣିଗୁଡ଼ିକ ନଦୀର ଜଳ ନିଷ୍କାସନରେ ବାଧା ଦେଉଛି। ଅପରପକ୍ଷରେ ଏହି ନଦୀ ନାଳ ପାର୍ଶ୍ୱରେ ବେଆଇନ ଭାବେ ଗୃହ ଗଢି ଉଠୁଛି। ସରକାରୀ ଜଙ୍ଗଲ କିସମ ଜମିରେ ବେଆଇନ ଭାବେ ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ ହେଉଛି। ଏହାର ବର୍ଜ୍ୟବସ୍ତୁଗୁଡିକ ନଦୀ ନାଳରେ ଛାଡିବା ଯୋଗୁ ନଦୀ ନାଳ ଶଯ୍ୟା ଧିରେ ଧିରେ ପୋତି ହୋଇଯାଉଛି ବୋଲି ଦେଖିବାକୁ ମିଳୁଛି। ଫଳରେ ବର୍ଷା ଦିନରେ ଜଳ ପ୍ରବାହରେ ବାଧକ ସାଜିଛି। ବ୍ଲକ ଅଧିନ ରାମନଗର, ପେଟଛେଲା, ବଟୀଘର, କଜଳ ପାଟିଆ, ତନ୍ତିଆ ପାଳ ବଜାର, ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲ ବନ୍ଧ ଉଭୟ ପାର୍ଶ୍ୱ ଜବର ଦଖଲ, ଗୋବରୀ ନଦୀ ନାଳ ପାର୍ଶ୍ୱ, ବାବର ବଜାର ଆଦି ଅଞ୍ଚଳରେ ବେଆଇନ ଭାବେ ଜବର ଦଖଲ ଯୋଗୁ ଜଳ ନିଷ୍କାସନ ମୁଖ୍ୟ ସ୍ରୋତ ପ୍ରବାହିତ ହେବାର ବାଧକ ସାଜିଛି ବୋଲି ବୁଦ୍ଧିଜୀବୀ ମହଲରେ ଅସନ୍ତୋସ ପ୍ରକାଶ ପାଇଛି।

# ଜୀବନକୁ ବାଜି ଲଗାଉଛନ୍ତି ଲାଇଫ୍‌ଗାର୍ଡ

## ସମୁଦ୍ରରେ ବ୍ୟବହାର ସୁରକ୍ଷା ସାମଗ୍ରୀ ନାହିଁ

■ଗୋପାଳପୁରରେ ୧୭ ବର୍ଷରେ ୨୫୪ ଉଦ୍ଧାର

■୫ ଗୃହରକ୍ଷୀଙ୍କ ହାତରେ ବେଳାଭୂମି ସୁରକ୍ଷା ଦାୟିତ୍ୱ

ଗୋପାଳପୁର,୨୯।୧୦(ନବୀନରାଜ ଆଚାରୀ)

ଗୋପାଳପୁର ବେଳାଭୂମିକୁ ଜିଲା, ରାଜ୍ୟ ଓ ବିଦେଶରୁ ପର୍ଯ୍ୟଟକମାନେ ବୁଲିବାକୁ ଆସି ଏହାର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ସମୁଦ୍ରରେ ସ୍ନାନ କରିଥାନ୍ତି। ସମୁଦ୍ରରେ ଗାଧୋଇବା ବେଳେ ସାମାନ୍ୟ ଅସାବଧାନ ହେଲେ ଜୀବନ ଜିବାର ନଜିର ମଧ ରହିଛି। ଗୋପାଳପୁର ସମୁଦ୍ରରେ ଗାଧୋଇବା ସମୟରେ ଜୁଆରରେ ପର୍ଯ୍ୟଟକମାନେ ଭିତରକୁ ଚାଲିଯାଇ ବୁଡ଼ିଯାଉଥିବା ସମୟରେ ଗୃହରକ୍ଷୀମାନେ ସେମାନଙ୍କୁ ମୃତ୍ୟୁମୁଖରୁ ବଞ୍ଚାଇଛନ୍ତି। ଗତ ୧୭ ବର୍ଷରେ ଗୃହରକ୍ଷୀମାନେ ୨୫୪ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୨୭ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ବେଳାଭୂମିରେ ଯେଉଁ ପରିମାଣର ଲାଇଫ୍‌ଗାର୍ଡ ମୁତୟନ ହେବା କଥା ତାହା ହେଉନାହିଁ। ଫଳରେ ଗୋପାଳପୁର ସମୁଦ୍ର ସମ୍ପର୍କରେ ଅନଭିଜ୍ଞ ପର୍ଯ୍ୟଟକମାନେ ବିପଦରେ ପଡୁଛନ୍ତି। ଗୋପାଳପୁର ପାନ୍ଥନିବାସଠାରୁ ହରିପୁର ମୁହାଣ ପର୍ଯ୍ୟନ୍ତ ପ୍ରାୟ ଦୁଇ କି.ମି. ବେଳାଭୂମିରେ ପ୍ରତ୍ୟହ ବହୁସଂଖ୍ୟକ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥାଏ। ରବିବାର ସମେତ ଅନ୍ୟ ଛୁଟିଦିନରେ ମଧ



ଗୋପାଳପୁର ବେଳାଭୂମି।

ବେଳାଭୂମିରେ ପ୍ରବଳ ଭିଡ଼ ହୋଇଥାଏ। ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ଲାଇଫ୍‌ଗାର୍ଡ ନିୟୋଜିତ କରିବା ନେଇ ଗୁରୁତ୍ୱାରୋପ କରାଯାଉ ନ ଥିବା ବିଭିନ୍ନ ମହଲରୁ ଅଭିଯୋଗ ହେଉଛି। ଗୋପାଳପୁର ବେଳାଭୂମି ସମୁଦ୍ର ପୃଷ୍ଠଭାଗ ଅପେକ୍ଷାକୃତ ଖାଲ ହୋଇଥିବାରୁ ଏଠାରେ ପର୍ଯ୍ୟଟକ ବୁଡ଼ିଯିବାର ଅଧିକ ଆଶଙ୍କା ରହୁଛି।

୨୦୦୯ରେ ଗୋଆଠାରେ ଲାଇଫ୍‌ଗାର୍ଡ ତାଲିମ ନେଇଥିବା ଗୋପାଳପୁର ଥାନାର ୫ ଜଣ ଗୃହରକ୍ଷୀଙ୍କୁ ବେଳାଭୂମିରେ ନିୟୋଜିତ କରାଯାଉଛି। ସେମାନଙ୍କ ମଧ୍ୟରୁ ସକାଳ ୬ଟାରୁ ୨ଟା ପର୍ଯ୍ୟନ୍ତ ଦୁଇଜଣ, ୨ଟାରୁ ରାତି ୧୦ ପର୍ଯ୍ୟନ୍ତ ୨ ଜଣ ଏବଂ ରାତି ୧୦ଟାଠାରୁ ସକାଳ ୬ଟା ପର୍ଯ୍ୟନ୍ତ ଜଣେ ଗୃହରକ୍ଷୀ ବେଳାଭୂମି ଦାୟିତ୍ୱରେ ରହିଥାନ୍ତି। ମାତ୍ର ଜଣେ କିମ୍ବା ଦୁଇଜଣ ଲାଇଫ୍‌ଗାର୍ଡଙ୍କ ଦ୍ୱାରା ବେଳାଭୂମିରେ ପର୍ଯ୍ୟଟକଙ୍କ ସୁରକ୍ଷା କଷ୍ଟକର। ବେଳାଭୂମିରେ ଯଦି କୌଣସି ଅଘଟଣ ଘଟେ ତେବେ ଗୃହରକ୍ଷୀଙ୍କୁ ସହାୟତା କରିବାକୁ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ସହଯୋଗ ଆବଶ୍ୟକ ପଡ଼ିଥାଏ।

ସମୁଦ୍ରରେ ବୁଡ଼ିଯାଉଥିବା ପର୍ଯ୍ୟଟକଙ୍କୁ ଉଦ୍ଧାର କରିବା ପାଇଁ ରଶି, ଲାଇଫ୍ ଜ୍ୟାକେଟ୍, ଲାଇଫ୍ ବୟ ଆଦି ସାମଗ୍ରୀ ରହିଛି। ଏହି ସାମଗ୍ରୀସବୁ ନଦୀ ଓ ପୋଖରୀରେ ଉଦ୍ଧାର କାର୍ଯ୍ୟରେ କାମ କରିଥାଏ। ମାତ୍ର ସମୁଦ୍ରରେ ବ୍ୟବହାର କରିବା ଭଳି ସାମଗ୍ରୀ ଏପର୍ଯ୍ୟନ୍ତ ନ ଥିବା ଜଣାପଡ଼ିଛି। ଉଦ୍ଧାର ଲାଗି ଟ୍ୟୁବ୍ ଓ ପହଁରିବା ଜ୍ୟାକେଟ୍ ନାହିଁ। ବିଭିନ୍ନ ସମୟରେ ଲାଇଫ୍‌ଗାର୍ଡମାନେ ଅସୁବିଧାର ସମ୍ମୁଖୀନ ହୋଇ ଜୀବନକୁ ବାଜିଲଗାଇ କାର୍ଯ୍ୟ କରିଥାନ୍ତି। ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ବେଳାଭୂମିରେ ଅଧିକସଂଖ୍ୟକ ଲାଇଫ୍‌ଗାର୍ଡ ନିୟୋଜିତ କରିବା ପାଇଁ ସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷରେ ଗତ ଜୁନ୍ ୧୫ରେ ବେଳାଭୂମିରେ ଛାତ୍ରୀ ଗଣବଳାତ୍କାର ଘଟଣା ଘଟିବା ପରେ ପୋଲିସ ପକ୍ଷରୁ ପାଟ୍ରୋଲିଂ ପାଇଁ ଗୋଟିଏ ସ୍ୟାଣ୍ଡ ୱାଲର ମିଳିଛି।

## ସଂକ୍ଷେପରେ

### ବାତ୍ୟା 'ମୋନ୍ଥା' ସମୟରେ ଜନ୍ମ ନେଲେ ୬୨ ଶିଶୁ

ପାରଳାଖେମୁଣ୍ଡି,୨୯।୧୦(ଗିରିଧାରୀ ପରିଚ୍ଛା)

ବାତ୍ୟା ମୋନ୍ଥା ବେଳେ ଗଜପତି ଜିଲାରେ ୬୨ ଜଣ ଶିଶୁ ଜନ୍ମ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୦ ଜଣ ଝିଅ ଓ ୩୨ ଜଣ ପୁତ୍ର ସନ୍ତାନ ରହିଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମୁବାରକ ଅଲ୍ଲୀ କହିଛନ୍ତି। ଜିଲାରେ ବାତ୍ୟା 'ମୋନ୍ଥା' ସମୟରେ ସୁରକ୍ଷା ଓ ପ୍ରସ୍ତୁତି ଚାଲିଥିବା ବେଳେ ଜିଲାର ବିଭିନ୍ନ ମେଡିକାଲ ଓ ମା' ଘରେ ରହିଥିବା ୨ଶହ ଜଣ ଗର୍ଭବତୀ ମା'ଙ୍କ ମଧ୍ୟରୁ ୬୨ ଜଣ ସନ୍ତାନ ପ୍ରସବ କରିଛନ୍ତି। ନବଜାତ ଶିଶୁ ଓ ମା'ମାନେ ସୁସ୍ଥ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ କୁହାଯାଇଛି।

### ନାବାଳିକା ଅପହରଣ ଅଭିଯୋଗ, ଜଣେ ଗିରଫ

ହିଞ୍ଜିଳିକାଟୁ ୨୯।୧୦( ଦ୍ୱିତୀକୃଷ୍ଣ ପଣ୍ଡା):

ହିଞ୍ଜିଳି ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ଯୁବକ ତାଙ୍କ ଗାଁର ଜଣେ ନାବାଳିକାକୁ ଅପହରଣ କରି ନେଇଥିବା ଅଭିଯୋଗରେ ଗିରଫ ହୋଇଛନ୍ତି। ସେ ହେଲେ ଅମରେନ୍ଦ୍ର ମହାନ୍ତି। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।ଝିଅକୁ ଅପହରଣ କରାଯାଇଥିବା ନେଇ ପରିବାର ଲୋକେ ହିଞ୍ଜିଳି ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୮୬୯/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ଗ୍ୟାସ୍ ଦୁର୍ଘଟଣା: ଚିକିତ୍ସାଧୀନ ଥିବା ଗଙ୍ଗାଧରଙ୍କ ମୃତ୍ୟୁ

ଚିକିଟି,୨୯।୧୦(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟିପେଣ୍ଠସ୍ଥିତ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଜଳଖିଆ ଦୋକାନରେ ରବିବାର ସକାଳେ ଗ୍ୟାସ୍ ଦୁର୍ଘଟଣାରେ ଦୁଇ ଜଣ ଗୁରୁତର ହୋଇଥିଲେ। ସେମାନେ ଥିଲେ ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ କରବାଲୁଆ ଗ୍ରାମର ୧୧ ନମ୍ବର ୱାର୍ଡର ଗଙ୍ଗାଧର ବାଡ଼ତ୍ୟା (୫୫) ଓ ରାଜେନ୍ଦ୍ର ବେହେରା (୫୨)। ଉଭୟଙ୍କୁ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ବ୍ରହ୍ମପୁର ବଡମେଡିକାଲ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ବିଳମ୍ବିତ ରାତିରେ ଗଙ୍ଗାଧରଙ୍କ ମୃତ୍ୟୁ ହୋଇଛି। ରାଜେନ୍ଦ୍ର ଚିକିତ୍ସାଧୀନ ଥିବା ଜଣାପଡିଛି। ବୁଧବାର ମଧ୍ୟାହ୍ନରେ ଗଙ୍ଗାଧରଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମକୁ ଆସିଛି। ଶୋକାକୁଳ ପରିବେଶରେ ତାଙ୍କ ମୃତଦେହ ସତ୍କାର କରାଯାଇଛି। ସୂଚନାଯୋଗ୍ୟ, ରାଜେନ୍ଦ୍ର ଦୋକାନରେ ରୋଷେଇ କରୁଥିବା ସମୟରେ ହଠାତ ଗ୍ୟାସ୍ ଲିକ ହୋଇ ଦୋକାନରେ ଥିବା ବିଭିନ୍ନ ସାମଗ୍ରୀ ଜଳିଯାଇଥିଲା। ରାଜେନ୍ଦ୍ରଙ୍କ ଶରୀରର କିଛି ଅଂଶ ମଧ ପୋଡ଼ିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଏବଂ ନିକଟରେ ଥିବା ଗଙ୍ଗାଧରଙ୍କୁ ଡାକ୍ତରଖାନା ନିଆଯାଇଥିଲା। ମୃତକଙ୍କ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପ୍ରସୂତିଙ୍କୁ ୧ କି.ମି. ବୋହି ଆଣିଲେ ଫାର୍ମାସିଷ୍ଟ

## ଗଜପତିରେ ଜନନୀ ଯନ୍ତ୍ରଣା



ଭାଗ୍ୟଙ୍କୁ ଆମ୍ବୁଲାନ୍ସ ନିକଟକୁ ବୋହି ନେଉଛନ୍ତି ଫାର୍ମାସିଷ୍ଟ ବିଦ୍ୟାଧର।

ମୋହନା,୨୯।୧୦(ମନ୍ମଥ ମିଶ୍ର)

ଗଜପତି ଜିଲାରେ କମୁନି ଜନନୀ ଯନ୍ତ୍ରଣା। ରାସ୍ତାଘାଟ ନ ଥିବା ପାହାଡ ପର୍ବତ ଘେରା ଅଞ୍ଚଳରେ ଥିବା ମୋହନା ବ୍ଲକରେ ଗର୍ଭବତୀ ମହିଳାଟିଏ ସୁବିଧାରେ ସନ୍ତାନ ପ୍ରସବ କରିପାରୁ ନ ଥିବା ଦେଖିବାକୁ ମିଳୁଛି। ଏହି ବ୍ଲକ ଅନ୍ତର୍ଗତ ମଳାସପଦର ଗାଁର କୁସୁମା ସାହିରେ ଦେଖିବାକୁ ମିଳିଛି ଏପରି ଜନନୀ ଯନ୍ତ୍ରଣାର ଦୁଃଖଦ ଦୃଶ୍ୟ। ମଳାସପଦର ଗାଁ କୁସୁମା ସାହିର ଭାଗ୍ୟ ବିଶୋୟୀ (୨୦) ଗର୍ଭବତୀ ଥିଲେ। ସମୟ ହେବାରୁ ତାଙ୍କର ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ମଙ୍ଗଳବାର ଖବର ପାଇ ସିଡିପିଓ ସବିତା ପଟ୍ଟନାୟକ ଏବଂ ବିପିଏମ ବିଭୁ ପ୍ରସାଦ କର ଭାଗ୍ୟଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା କରି ବୁଧବାର ସକାଳ ୧୧ଟାରେ ଡାକ୍ତରଖାନା ଆଣିବାକୁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ମାତ୍ର କୁସୁମାସାହି ରାସ୍ତା ଅତି ଖରାପ ଥିବାରୁ ଆମ୍ବୁଲାନ୍ସ ପହଞ୍ଚି ନ ପାରି ଗାଁଠାରୁ ୧ କି.ମି. ଦୂରରେ ଅଟକି ରହିଥିଲା। ଫାର୍ମାସିଷ୍ଟ ବିଦ୍ୟାଧର ଓ ତାଙ୍କ ସହଯୋଗୀ ଆମ୍ବୁଲାନ୍ସ ଅଟକି ଥିବା ସ୍ଥାନରୁ ୧ କି.ମି. ଦୂର ଜଙ୍ଗଲ ଭିତରେ ଚାଲିଚାଲି ଭାଗ୍ୟଙ୍କ ଘରକୁ ଯାଇ ସେଠାରୁ ତାଙ୍କୁ ନାଳପାରି ହୋଇ ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ପରେ ଭାଗ୍ୟଙ୍କୁ ନେଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ ଥିବା ଡାକ୍ତର ଜିତେନ୍ଦ୍ର ପ୍ରସାଦ ଦାଶ କହିଛନ୍ତି। ଅପରପକ୍ଷେ ବିଦ୍ୟାଧରଙ୍କ ଏହି ମହାନତାକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ବର୍ଷା କମିଲା, ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିଲା



ଛତ୍ରପୁର,୨୯।୧୦(ଦିଲୀପ ସାମଲ):

ବାତ୍ୟା 'ମୋନ୍ଥା' ପ୍ରଭାବରେ ଗଞ୍ଜାମ ଜିଲାରେ ହେଉଥିବା ବର୍ଷା କିଛି ପରିମାଣରେ କମିଥିଲେ ମଧ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ବର୍ଷା ଯୋଗୁ ହେକ୍ଟର ହେକ୍ଟର ଜମିରେ ଧାନଗଛ ପଡ଼ିଯାଇଥିବା ବେଳେ ବିଲରେ ପାଣି ଭର୍ତ୍ତି ; ହୋଇଛି। ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନଙ୍କ ନିର୍ଦ୍ଦେଶକ୍ରମେ କୃଷି ଓ ଉଦ୍ୟାନ ବିଭାଗ ଅଧିକାରୀ ଓ କର୍ମଚାରୀ ମାନେ ବୁଧବାର କ୍ଷେତ ପରିଦର୍ଶନ କରି ପ୍ରାଥମିକ ଭାବେ କ୍ଷୟକ୍ଷତି ଆକଳନ କରିଛନ୍ତି। ଉଭୟ ବିଭାଗର ଅଧିକାରୀମାନେ ଧାନ ଜମି ଏବଂ ବିଭିନ୍ନ ପ୍ରକାର ପରିବା ଚାଷ ବୁଲି ଦେଖିଛନ୍ତି।

ଜିଲାରେ ୧ଲକ୍ଷ ୮୮ ହଜାର ୩୨୩ ହେକ୍ଟର ଜମିରେ ଧାନ ଫସଲ କରାଯାଇଛି। ବର୍ତ୍ତମାନ ୩ ଦିନର ବର୍ଷା ଯୋଗୁଁ ଧାନ ପୁଡା ଫାଟିଯିବାର ସମ୍ଭାବନା ରହିଛି। ପ୍ରାଥମିକ ସ୍ତରରେ କୃଷି ବିଭାଗ ଆକଳନ ଅନୁସାରେ ଜିଲାର ୧୬୦୦ ହେକ୍ଟର ଧାନ ଜମିରେ ୩୩ ପ୍ରତିଶତରୁ କମ କ୍ଷତି ହୋଇଥିବା ଜିଲା କୃଷି ମୁଖ୍ୟ ଅଧିକାରୀ ଅଜୟ କୁମାର କର ସୂଚନା ଦେଇଛନ୍ତି। ସେହିପରି ଛତ୍ରପୁର, ଗଞ୍ଜାମ, ହିଞ୍ଜିଳିକାଟୁ, ଶେରଗଡ଼ ବ୍ଲକ ସମେତ ଅନ୍ୟାନ୍ୟ ବ୍ଲକ ଅଞ୍ଚଳରେ ଲଙ୍କା, ଫୁଲକୋବି, ଟମାଟୋ ସହ ବିଭିନ୍ନ ପରିବା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଚାଷୀ ନେତା କହିଛନ୍ତି। ଛତ୍ରପୁର ବ୍ଲକର ବଡମାଧପୁର, ଭିକାରୀପଲ୍ଲି, ବଉଳଗାଁ, ମହାନାଦପୁର, ବିପୁଳିଙ୍ଗି ଓ ପୋଟଲାମପୁର ଆଦି ପଞ୍ଚାୟତରେ ଫସଲ ନଷ୍ଟ ହୋଇଛି। କୃଷି ଓ ଉଦ୍ୟାନ ବିଭାଗ ର ଅଧିକାରୀ ମାନେ ବିଭିନ୍ନ ଅଂଚଳ ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରିଛନ୍ତି। ଛତ୍ରପୁର ବ୍ଲକରେ ୮,୯୦୦ ହେକ୍ଟର ଜମିରେ ଧାନ ଚାଷ କରାଯାଇଥିବା ବେଳେ ବୁଧବାର ପ୍ରାଥମିକ ଯାଞ୍ଚରୁ ୬୨ ହେକ୍ଟର ଧାନ ଚାଷ ଜମି ଆଂଶିକ ନଷ୍ଟ ହେଇଛି ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି । ଏହି ପରିଦର୍ଶନ ବେଳେ ଗୋଷ୍ଠୀ କୃଷି ଅଧିକାରୀ ଚୈଧୁରୀ ସନମାର୍ଗ କର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ସନ୍ଦିପ କୁମାର ବଡ଼େଇ,କୃଷି ଅଧିଦର୍ଶକ ଦୁର୍ଗା ପ୍ରସାଦ ପ୍ରଧାନ, ଗ୍ରାମ୍ୟ କୃଷି କର୍ମଚାରୀ ଡି ରବିନ୍ଦ୍ର କୁମାରଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ବିଦ୍ୟୁତ ସଂସ୍ପର୍ଶରେ ଆସି ଗର୍ଭବତୀ ମହିଳାଙ୍କ ମୃତ୍ୟୁ

ଖଲ୍ଲିକୋଟ,୨୯।୧୦ (ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ତୁଳସୀପୁର ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ରୋଷେଇ କରୁଥିବା ସମୟରେ ଅସାବଧାନତାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ୯ ମାସର ଗର୍ଭବତୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତୁଳସୀପୁର ଗ୍ରାମର ଭାଗିରଥି ପ୍ରଧାନଙ୍କ ସ୍ତ୍ରୀ ସାଗରିକା (୨୮) ବୁଧବାର ମଧ୍ୟାହ୍ନରେ ଘରେ ରୋଷେଇ କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଖଲ୍ଲିକୋଟ ପୋଲିସ ମେଡ଼ିକାଲରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ଖଲ୍ଲିକୋଟ ଥାନାରେ ନଂ.୨୭/୨୦୨୫ ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ତଦନ୍ତକାରୀ ଅଫିସର ଏସଆଇ ପିଙ୍କିନି ପଟ୍ଟନାୟକ ସୂଚନା ଦେଇଛନ୍ତି।

### ବାତ୍ୟା 'ମୋନ୍ଥା' ପ୍ରଭାବରେ ଲଗାଣ ବର୍ଷା

# ପାତ୍ରପୁର ବ୍ଲକର ବିଭିନ୍ନ ଅଞ୍ଚଳ ଜଳମଗ୍ନ



ପାତ୍ରପୁର,୨୯।୧୦(ଉମା ଚରଣ ନେପାକ):

ବାତ୍ୟା 'ମୋନ୍ଥା' ପ୍ରଭାବରେ ଗଞ୍ଜାମ ଜିଲାରେ ବର୍ଷା ହୋଇଥିଲା। ଜିଲାରେ ସର୍ବାଧିକ ବର୍ଷା ପାତ୍ରପୁର ବ୍ଲକରେ ହୋଇଥିବା ରେକର୍ଡ କରାଯାଇଥିଲା। ବର୍ଷା ଯୋଗୁ ବ୍ଲକର ବିଭିନ୍ନ ସ୍ଥାନ ଜଳମଗ୍ନ ହୋଇଛି। ବୁଧବାର ସନ୍ଧ୍ୟା ସୁଦ୍ଧା ବର୍ଷା ଲାଗି ରହିଥିବା ବେଳେ ପଦ୍ମତୋଳା ନାଳର ବଢ଼ି ପାଣି ଆସି ସୁବର୍ଣ୍ଣପୁର, ଗୁଣ୍ଡୁରା, ଲାଙ୍କକମାଗାଁ, ଖଣ୍ଡଦେଉଳି, ବୋରିବାଡ, ଜୟନ୍ତିପୁର, ଖମ୍ବାରିଗାଁ ସମେତ ନାଳର ପାର୍ଶ୍ୱବର୍ତ୍ତୀ ଚାଷ ଜମି ଜଳମଗ୍ନ କରିଛି। ବୋରିବାଡ ଅଙ୍ଗନୱାଡି କେନ୍ଦ୍ର ଓ ବିଭିନ୍ନ ସରକାରୀ ହତା ଭିତରେ ପାଣି ଜମି ରହିଛି। ପଦ୍ମତୋଳା ନାଳରେ ପ୍ରବଳ ପାଣି ଆସିବା ଫଳରେ କେଶରୀପଡ଼ାକୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଆଙ୍କୁଲି ପଞ୍ଚାୟତ ତିଡିରିସିଙ୍ଗି ନିକଟରେ ମାଟି ଅତଡ଼ା ଖସିବା ସହ ପଥର ପଡ଼ି ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ ପୂର୍ତ୍ତ ବିଭାଗ ଦ୍ୱାରା ତାହା ସଫେଇ କରାଯାଇଛି।

# ଆମ୍ବତେଲାକୁ ନେଇ ମାଡ଼ମରା ମାମଲା, ଅଭିଯୁକ୍ତ ଦୋଷୀ

ପାରଳାଖେମୁଣ୍ଡି,୨୯।୧୦(ଗିରିଧାରୀ ପରିଚ୍ଛା)

ଆମ୍ବ ତେଲାକୁ ନେଇ ଏକ ମାଡ଼ ମରା ମାମଲାର ବିଚାର କରି ସିନିୟର ସିଭିଲ ଜଜ୍ ତଥା ଜେଏମ୍ଏଫ୍‌ସି ସୌଦାମିନୀ ବିଶ୍ୱାଳ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏପରି ଘଟଣାର ପୁନରାବୃତ୍ତି ନ କରିବାକୁ ଚେତାବନୀ ଦେଇଛନ୍ତି। ୧୬।୬।୨୦୨୩ରେ ପି. ଅନ୍ତରଡା ଗ୍ରାମର ବୁରୁଷି ଦୋରା ସ୍ତ୍ରୀଙ୍କ ସହ ଆମ୍ବ ତୋଳିବାକୁ ଯାଉଥିଲେ। ସେ ସମୟରେ ତାଙ୍କ ବଡଭାଇ ଜାମ୍ବିଙ୍ଗ ଦୋରା ଓ ପୁତୁରା ଜୟସ ଦୋରା ପହଞ୍ଚି ବାଡ଼ ତିଆରିକୁ ନେଇ ବୁରୁଷିଙ୍କ ସହ ପାଟିତୁଣ୍ଡ କରିଥିଲେ। ପରେ ସେମାନଙ୍କୁ ଉଭୟେ ମାରଧର କରି ଲହୁଲୁହାଣ କରିଥିଲେ। ଖଜୁରିପଦା ଡ଼ାକ୍ତରଖାନାରେ ଚିକିତ୍ସିତ ହୋଇ ଫେରିବା ପରେ ବୁରୁଷି ଏନେଇ ଆର.ଉଦୟଗିରି ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ନଂ.୬୯/୨୩ରେ ଜାବିଙ୍ଗ ଓ ଜୟସଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ତତ୍କାଳୀନ ଏସ୍ଆଇ ଦୁଷ୍ମନ୍ତ ଅମାନ୍ତ ମାମଲାର ତଦନ୍ତ କରି ଜାବିଙ୍ଗ ଓ ଜୟସଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ମାମଲାର ଶୁଣାଣି କରି ୮ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ସିନିୟର ସିଭିଲ ଜଜ ତଥା ଜେଏମ୍ଏଫସି ସୌଦାମିନୀ ବିଶ୍ୱାଳ ୨ ଅଭିଯୁକ୍ତ ଜାବିଙ୍ଗ ଓ ଜୟସଙ୍କୁ ଭର୍ତ୍ସନା କରି ଏଭଳି କାର୍ଯ୍ୟରୁ ଭବିଷ୍ୟତରେ ନିବୃତ୍ତ ରହିବା ପାଇଁ ଚେତାବନୀ ଦେଇଛନ୍ତି ।

# ଲଗାଣ ବର୍ଷାରେ ଭାଙ୍ଗିଲା ୭ ବାସଗୃହ

ଆସିକା,୨୯।୧୦(ସୁରେନ୍ଦ୍ର ନାଥ ସାହୁ):

ବାତ୍ୟା 'ମୋନ୍ଥା' ପ୍ରଭାବରେ ଗତ ୩ଦିନ ଧରି ଆସିକା ଅଞ୍ଚଳରେ ଲାଗି ରହିଥିବା ବର୍ଷା ବୁଧବାର ମଧ୍ୟାହ୍ନରୁ ବନ୍ଦ ହୋଇଯାଇଛି । ବର୍ଷାରେ ଆସିକା ବ୍ଲକ ଅନ୍ତର୍ଗତ ଜଗଦଳପୁର, ଗୁଣ୍ଡପଡା ଓ ଗହଙ୍ଗୁ ପଞ୍ଚାୟତରେ ମୋଟ ୭ଟି ଘର ଭାଙ୍ଗିଥିବା ଜଣାପଡିଛି । ସେଥିମଧ୍ୟରୁ ୫ଟି କଚ୍ଚା ଘର ଓ ୨ଟି ପକ୍କା ଘରର କାନ୍ଥ ଭାଙ୍ଗିଥିବା ଆସିକା ତହସିଲଦାର ସଙ୍ଗୀତା ସେନ ସୂଚନା ଦେଇଛନ୍ତି। ସଂପୃକ୍ତ ବିପନ୍ନଙ୍କ ସମେତ ଏହି ତହସିଲର ବିଭିନ୍ନ ଗ୍ରାମାଞ୍ଚଳରେ ୩୭ଜଣଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ପଲିଥିନ ପ୍ରଦାନ କରାଯାଇଛି । ଫସଲ କ୍ଷୟକ୍ଷତି ସମ୍ପର୍କରେ ଅଦ୍ୟାବଧି ପ୍ରଶାସନ ନିକଟରେ କୌଣସି ଅଭିଯୋଗ ପହଞ୍ଚି ନ ଥିବା ତହସିଲଦାର ସେନ ସୂଚନା ଦେଇଛନ୍ତି। ଆସିକା ବ୍ଲକର ୨୫ଟି ସ୍ଥାୟୀ ଓ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀରେ ମଙ୍ଗଳବାର ରାତି ସୁଦ୍ଧା ପ୍ରାୟ ୮ଶହ ଜଣଙ୍କୁ ରଖାଯାଇ ଖାଦ୍ୟ ପାନୀୟର ବ୍ୟବସ୍ଥା କରାଯାଇଥିଲା । ବୁଧବାର ମଧ୍ୟାହ୍ନ ଭୋଜନ ପରେ ପ୍ରାୟତଃ ସମସ୍ତ ଆଶ୍ରୟସ୍ଥଳିରୁ ବସ୍ତିବାସିନ୍ଦା ଓ ଖାଲୁଆ ଅଞ୍ଚଳର ଜନସାଧାରଣ ନିଜ ନିଜ ଘରକୁ ଫେରିଛନ୍ତି। ଘର ଭାଙ୍ଗିଯାଇଥିବା ବିପନ୍ନଙ୍କୁ ଆବଶ୍ୟକ ସ୍ଥଳେ ୨ରୁ ୩ ଦିନ ସେମାନଙ୍କ ଗାଁ ସ୍କୁଲ କିମ୍ବା ଅନ୍ୟ କୌଣସି ଆଶ୍ରୟସ୍ଥଳିରେ ରଖାଯାଇ ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ଦେବା ବ୍ୟବସ୍ଥା କରାଯାଇଥିବା ଆସିକା ବିଡିଓ ଲିପିନା ଦାଶ ସୂଚନା ଦେଇଛନ୍ତି। ଅପରପକ୍ଷେ ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ମଙ୍ଗଳବାର ରାତିରେ ଆସିକାର ଋଷିକୁଲ୍ୟା ଓ ବଡନଦୀରେ ଆସିଥିବା ବନ୍ୟା ଜଳ ପୁରାମାତ୍ରାରେ କମିଯାଇଥିବା ଲକ୍ଷ୍ୟ କରାଯାଇଛି।

# 'ମୋନ୍ଥା' ଦୁର୍ବଳ ପରେ ପାଗରେ ପରିବର୍ତ୍ତନ



ଦାରିଙ୍ଗବାଡି ଅଞ୍ଚଳରେ ପାଗ ପରିବର୍ତ୍ତନ ପରେ ଖୋଲିଥିବା ଦୋକାନ ବଜାର।

ଦାରିଙ୍ଗବାଡି, ୨୯ ।୧୦ (ଅରୁଣ ସାହୁ )

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ମୋନ୍ଥା' ଦୁର୍ବଳ ହୋଇଛି। ବୁଧବାର ଭୋର ପର୍ଯ୍ୟନ୍ତ ବର୍ଷାର ପ୍ରଭାବ ରହିଥିବା ବେଳେ ସକାଳ ୧୦ଟା ପରେ ପାଗରେ ପରିବର୍ତ୍ତନ ହୋଇଛି। ପାଗ ଶୁଖିଲା ରହି ସୂର୍ଯ୍ୟଙ୍କ କିରଣ ଦେଖିବାକୁ ମିଳିଛି। ପାଗ ଶୁଖିଲା ହୋଉଥିବାରୁ କନ୍ଧମାଳ ଜିଲା ଦାରିଙ୍ଗବାଡି ସମେତ ଆଖପାଖ ସିମନବାଡି, ବ୍ରାହ୍ମଣୀଗାଁ, ବୁଢ଼ାଗୁଡା ଅଞ୍ଚଳରେ ଦୋକାନ ବଜାର ଖୋଲିଛି। ବଜାରରେ ଲୋକଙ୍କ ଭିଡ ଦେଖିବାକୁ ମିଳିଛି। ବାତ୍ୟା ସମୟରେ ଦାରିଙ୍ଗବାଡି ଅଞ୍ଚଳରେ ସର୍ବାଧିକ ୫୧ ମି.ମି. ବର୍ଷା ରେକର୍ଡ କରାଯାଇଛି। ବାତ୍ୟାରେ କୌଣସି ସ୍ଥାନରେ କ୍ଷୟକ୍ଷତି ହୋଇ ନ ଥିବା ବିଡ଼ିଓ ପ୍ରୀତିରଞ୍ଜନ ରଥ କହିଛନ୍ତି। ତେବେ ବାତ୍ୟା ମୋନ୍ଥା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଦାରିଙ୍ଗବାଡିରେ ଅଭିଷେକ ମିଶ୍ରାଙ୍କ ନେତୃତ୍ୱରେ ସୋମବାରଠାରୁ ଏନଡିଆରଏଫ ଟିମ ସଜାଗ ଥିଲେ। ସେହିପରି ଜାଗୃତି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ମା'ଗୃହକୁ ୧୧ ଜଣ ଆସନ୍ନ ପ୍ରସବାଙ୍କୁ ଆଣି ସେମାନଙ୍କ ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା। ସମସ୍ତେ ସୁରକ୍ଷିତ ଓ ସୁସ୍ଥ ଥିଲେ ବୋଲି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ କହିଛନ୍ତି। ଅନ୍ୟପକ୍ଷରେ ବାତ୍ୟା ସମୟରେ ବିଦ୍ୟୁତ୍ ସରାବରାହ ବାଧାପ୍ରାପ୍ତ ହୋଇଥିଲା। ସିମନବାଡି ଫିଡ଼ରରେ ୨୬ ଘଣ୍ଟା ବିଦ୍ୟୁତ୍ ବ୍ୟବସ୍ଥା ଅଚଳ ହୋଇପଡିବାରୁ ବିଏସଏନଏଲ ଓ ଜିଓ ମୋବାଇଲ ସେବା ପ୍ରଭାବିତ ହୋଇଥିଲା। ଏନେଇ କନ୍ଧମାଳ ଜିଲାପାଳ ବେଦଭୂଷଣଙ୍କୁ ଅବଗତ କରାଇବା ପରେ ସେ ପଦକ୍ଷେପ ନେବାରୁ ମଙ୍ଗଳବାର ବିଳମ୍ବିତ ରାତିରେ ବିଏସଏନଏଲ ଏବଂ ଜିଓ ନେଟୱର୍କ ସିମନବାଡି ଅଞ୍ଚଳରେ ସ୍ୱାଭାବିକ ହୋଇଥିଲା ।

## ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ଦିଗପହଣ୍ଡି,୨୯।୧୦(ଅଶେଷ ନାଥ ମିଶ୍ର):

ଦିଗପହଣ୍ଡି ନୂଆ ବସଷ୍ଟାଣ୍ଡ ନିକଟରେ ବୁଧବାର ପୂର୍ବାହ୍ନ ୧୧ଟାରେ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦିଗପହଣ୍ଡି ସାହାଣୀ ସାହିର ଦଣ୍ଡାସୀ ଦାସ (୬୫)। ଦଣ୍ଡାସୀ କୌଣସି କାମରେ ବସଷ୍ଟାଣ୍ଡ ଯାଇ ଘରକୁ ଚାଲି ଚାଲି ଫେରୁଥିଲେ। ଏହି ସମୟରେ ବ୍ରହ୍ମପୁରରୁ ଗଜପତି ଜିଲା ମୋହନା ଅଭିମୁଖେ ଦ୍ରୁତଗତିରେ ଯାଉଥିବା ପିକଅପ ଭ୍ୟାନ (ନଂ. ଓଡ଼ି୩୩ ଏସି ୧୦୮୩) ତାଙ୍କୁ ଧକ୍କା ଦେଇଥିଲା। ଦଣ୍ଡାସୀଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ତାଙ୍କ ପୁଅ ପାଣ ଦାସଙ୍କ ଏତଲାକ୍ରମେ ଥାନାରେ ନଂ.୩୯୦/୨୫ ଅନୁଯାୟୀ ପୋଲିସ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ଡାକ୍ତରଖାନା ପଠାଇଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ଭ୍ୟାନକୁ ଜବତ କରିଥିବା ବେଳେ ଚାଳକ ଫେରାର ଅଛନ୍ତି।

# ଧରାକୋଟ, ଭଞ୍ଜନଗର ଅଞ୍ଚଳରେ ଧାନ, ପନିପରିବା ଚାଷ କ୍ଷତି

### 'ମୋନ୍ଥା' ପ୍ରଭାବ



ଗଞ୍ଜାମ ଜିଲା ଧରାକୋଟ ଅଞ୍ଚଳରେ ଚାଷଜମିରେ ଜମିରହିଥିବା ବର୍ଷାପାଣି।

ଧରାକୋଟ/ଭଞ୍ଜନଗର,୨୯।୧୦(ବିଷ୍ଣୁ କେଶରୀ ଆଚାର୍ଯ୍ୟ/ବାବୁଲା ପ୍ରଧାନ)

ଲଘୁଚାପ ପରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ବାତ୍ୟା ମୋନ୍ଥା ପ୍ରଭାବରେ ଗଞ୍ଜାମ ଜିଲା ଧରାକୋଟ ବ୍ଲକ ପ୍ରଭାବିତ ହୋଇଛି। ବ୍ଲକର ୧୮ଟି ପଞ୍ଚାୟତର ଖରିଫ୍ ଧାନଫସଲ ପ୍ରଭାବିତ ହୋଇଛି। ୨ ଦିନ ଧରି ଧାନକେଣ୍ଡା ଓ ପାଚିଲା ଧାନଫସଲ ପବନ, ବର୍ଷାରେ ଚାଷଜମିରେ ଲୋଟିପଡ଼ିଛି। ପାଣିଭର୍ତ୍ତି ଧାନବିଲରୁ ଚାଷୀ ଉଜୁଡ଼ା ଫସଲକୁ ବାହାର କରୁଥିବା ଦେଖିବାକୁ ମିଳିଛି। ବ୍ଲକରେ ଧାନ ଓ ପନିପରିବା ଚାଷ ପାଇଁ ପାଗ ଆରମ୍ଭରୁ ଅନୁକୂଳ ଥିଲା। ଫଳରେ ଚାଷୀ ଚାଷକାର୍ଯ୍ୟ ଆଗେଇ ନେଇଥିଲେ। ମାତ୍ର ବର୍ଷା ଓ ବାତ୍ୟା ଚାଷୀଙ୍କ ଆଶା ଧୂଳିସାତ୍ କରିଦେଇଛି। ମାଣିକପୁର ଅଞ୍ଚଳର ରାଜନ ଛାଟୋଇ, ବସନ୍ତ ବେହେରା, କାଠଗଡ଼ା ଗ୍ରାମର ଉଦୟ ପରିଚ୍ଛା, ଡାକିବଜା ଗ୍ରାମର ଦଣ୍ଡପାଣି ଜେନା, ପ୍ରମୋଦ ପାଢ଼ୀ, ଧରାକୋଟର ବନବାସ ସ୍ୱାଇଁଙ୍କ ଫସଲ ବାତ୍ୟାରେ କ୍ଷତି ହୋଇଛି। ସେମାନଙ୍କ ଅଲଡ଼ି, ବିନ୍, ମୂଳା, ଫୁଲକୋବି, ବାଇଗଣ, ଜହ୍ନି, ପୋଟଳ, କୁନ୍ଦୁରି, ପତ୍ରକୋବି, କଲରା ଆଦି ଫସଲ ଉଜୁଡ଼ିଯାଇଛି।

ଭଞ୍ଜନଗର ବ୍ଲକରେ ବାତ୍ୟା 'ମୋନ୍ଥା' ପ୍ରଭାବରେ ହୋଇଥିବା ବର୍ଷା ବିଭିନ୍ନ କ୍ଷତି ଘଟାଇଛି। ବ୍ଲକରେ ଅନେକ ଝାଟିମାଟି ଘର ମଧ ଭାଙ୍ଗିଯାଇଛି। ଜମିରେ ପାଣି ଜମିରହି ଚାଷୀଙ୍କ ଧାନଫସଲ କ୍ଷତି ହୋଇଛି। ମୁଦୁଲିପଲ୍ଲୀ, ଜିଲୁଣ୍ଡି, ବାଉଁଶଲୁଣ୍ଡି, ପଡ଼ାଲ, ଗୋଲାପଦା, ବଡ଼କୋଦଣ୍ଡା, ସାନକୋଦଣ୍ଡା, ଡୁମାକୁମ୍ପା, ମୁଜାଗଡ଼, ଗୁଣ୍ଡିରିବାଡ଼ି, ଗାଲେରି, ତୁରୁମୁ, ଲେମ୍ବେଇ, ହରିଗଡ଼, ତିଲିସିଙ୍ଗି, ଦୋମୁହାଣି, ବ୍ରାହ୍ମଣପଦର, କୁଲାଡ଼, ବାରୁଡ଼ା, ଲାଲ୍‌ସିଂ ସମେତ ଅନ୍ୟ କେତେକ ପଞ୍ଚାୟତରେ ମଧ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଯାଇଛି। ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।



ବର୍ଷା ଯୋଗୁ ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟ ମୂର୍ତ୍ତିକୁ ଜରି ଘୋଡାଇ ନିଆଯାଉଛି ।


ଭସାଣି ଶୋଭାଯାତ୍ରାରେ ବାଦ୍ୟ ପରିବେଷଣ କରାଯାଉଛି ।

# ବିଦାୟ ନେଲେ ମା' ଶ୍ୟାମାକାଳୀ, ଲକ୍ଷ୍ମୀନାରାୟଣ

**ସରିଲା ଯାଜପୁର କାଳୀପୂଜା ଭସାଣି**

- ଅପେକ୍ଷା ଆର ବର୍ଷକୁ
- ହିରୋ ହୀରାଲାଲ୍ ଗୀତରେ ଝୁମିଲେ ଯୁବପିଢ଼ି
- ଭିଡ଼ ବଢ଼ାଇଲା ଅଘୋରୀ ନୃତ୍ୟ
- କେରଳ ବାଦ୍ୟର ତାଳେ ତାଳେ ଝୁମିଲେ ଦର୍ଶକ
- ଭସାଣିରେ ସାମିଲ ହେଲେ ୧୮ ମେଢ଼


ଭସାଣି ଉତ୍ସବରେ ଅଘୋରୀ ନୃତ୍ୟ ପରିବେଷଣ କରାଯାଉଛି ।

ଯାଜପୁର ଟାଉନ,୨୯।୧୦
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର କାଳୀପୂଜାର ୨ ଦିନିଆ ଭସାଣି ଉତ୍ସବ ବୁଧବାର ଶେଷ ହୋଇଛି। ବାତ୍ୟା 'ମନ୍ଥା' ପ୍ରଭାବରେ ଦୁଇଦିନ ଧରି ତୁହାକୁ ତୁହା ବର୍ଷା ଲାଗି ରହିଥିଲା। ଶେଷଦିନରେ ଦୀର୍ଘ ସମୟ ଧରି ବର୍ଷା ହୋଇଥିଲା। ମାତ୍ର ବର୍ଷାକୁ ଖାତିର ନ କରି ମେଢ଼ ଗୁଡ଼ିକ ମଣ୍ଡପରୁ ବାହାରି ଆସିଥିଲେ। ସହରର ଗରୁଡ଼କାଳୀ, ବେଲାରପୁର, ଦାମୋଦରପୁର, କୁଆଁସରପୁର, ବେପାରୀ ବରହମପୁର, ଶିତଳେଶ୍ୱର, କଲ୍ୟାଣପୁର, ବିରଜା ହାଇସ୍କୁଲ ଛକ, ଯୋଡ଼ିକୁଅ, ବିରଜା ହାଟ, ଖଣ୍ଡେଶ୍ୱର, ନାରାୟଣ ଛକ, ଗରିଆପୁର, ବିରଜା ସିନେମା ହଲ୍ ରୋଡ଼, ସାନବଜାର, ଅମ୍ବିକାଇ, ତେନ୍ତୁଳିମାଳ ପ୍ରମୁଖ ୧୮ ପୂଜା ମଣ୍ଡପରୁ ମା'ଶ୍ୟାମାକାଳୀ ଓ ଲକ୍ଷ୍ମୀନାରାୟଣ ବାହାରି ଭସାଣି ଶୋଭାଯାତ୍ରାରେ ସାମିଲ ହୋଇ ବିଦାୟ ନେଇଥିଲେ।

ପୂଜା କମିଟିଗୁଡ଼ିକ ପକ୍ଷରୁ ଭସାଣି ଶୋଭାଯାତ୍ରାରେ ଆୟୋଜିତ ବିଭିନ୍ନ ପାରମ୍ପାରିକ ବାଦ୍ୟ, ନାମୀଦାମୀ ବ୍ୟାଣ୍ଡପାର୍ଟି, ଆଦିବାସୀ ନୃତ୍ୟ, କେଳା କେଳୁଣୀ ନୃତ୍ୟ, ଅଘୋରୀ ନୃତ୍ୟ, କାଳୀକା ନୃତ୍ୟ ସମେତ ଅନ୍ୟାନ୍ୟ ନୃତ୍ୟକୁ ଦର୍ଶକ ଭରପୁର ଉପଭୋଗ କରିଥିଲେ। ବର୍ଷା ଯୋଗୁ ଠାକୁର ବାହାରିବାରେ ବିଳମ୍ବ ହୋଇଥିଲା। ପୂଜା କମିଟିଗୁଡ଼ିକ ମୃଣ୍ମୟ ପ୍ରତିମାକୁ ଜରିରେ ଘୋଡ଼ାଇ ରଖିଥିଲେ। ନାରାୟଣ ଛକ ପୂଜା କମିଟି ଭସାଣିରେ ରାଜ୍ୟ ବାହାରୁ ଆସିଥିବା ଅଘୋରୀ ସାମିଲ ହୋଇଥିଲେ। ସେମାନଙ୍କ ନୃତ୍ୟ ଦେଖିବା ପାଇଁ ଭିଡ଼ ଜମିଥିଲା। ଅଘୋରୀମାନେ ନିଆଁ, ପାଉଁଶକୁ ଧରି ବିଭିନ୍ନ ତାଣ୍ଡବ ନୃତ୍ୟ କରିଥିଲେ। ସେହିପରି 'ହିରୋ ହୀରାଲାଲ୍'ସମ୍ବଲପୁରୀ ହିଟ୍ ଗୀତରେ ଝୁମିଥିଲେ ଯୁବପିଢ଼ି। ଏହି ଗୀତଟି ସବୁ ବ୍ୟାଣ୍ଡପାର୍ଟିରେ ବାଜୁଥିବାର ଦେଖିବାକୁ ମିଳିଥିଲା। ଖଣ୍ଡେଶ୍ୱର ପୂଜା କମିଟିରେ କେରଳ ରାଜ୍ୟରୁ ଆସିଥିବା କଳାକାର ପାରମ୍ପାରିକ କେରଳୀ ବାଦ୍ୟ ପରିବେଷଣ କରିଥିଲେ। ସେମାନଙ୍କ ସୁମଧୁର ଧ୍ୱନିରେ ଯାଜପୁର ସହର ଗୁଞ୍ଜରିତ ହୋଇଥିଲା। ଏହି କେରଳୀ ବାଦ୍ୟର ତାଳେ ତାଳେ ଦର୍ଶକ ଝୁମିଥିଲେ। ସେହିପରି ବାହାର ରାଜ୍ୟରୁ ଆସିଥିବା ଯୁବତୀମାନଙ୍କ ବିଭିନ୍ନ ରୋମାଞ୍ଚକର ନୃତ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଗରିଆପୁର କମିଟରେ ବିମଲ ସିଂହ ବାଜା ଦେଖିବା ପାଇଁ ଦର୍ଶକ ଭିଡ଼ ଜମାଇଥିଲେ।

ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ସହରର ସମସ୍ତ ସ୍ଥାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ସନ୍ଧ୍ୟାରେ ସଦାବ୍ରତମଠରୁ ଗରିଆପୁର ପର୍ଯ୍ୟନ୍ତ ଦର୍ଶକ ଉପସ୍ଥିତ ରହି ଭସାଣିକୁ ଉପଭୋଗ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଭସାଣି ଚାଲିଥିଲା। ଦେବୀଗଡ଼ା ଘାଟରେ ନିର୍ମାଣ ହୋଇଥିବା ଅସ୍ଥାୟୀ ପୋଖରୀରେ ଲକ୍ଷ୍ମୀନାରାୟଣ ଓ ମା' ଶ୍ୟାମାକାଳୀଙ୍କର ମୃଣ୍ମୟ ପ୍ରତିମାକୁ ବିସର୍ଜନ କରାଯାଇଥିଲା। କେତେଜଣ ଶ୍ରଦ୍ଧାଳୁ ଲୋତକଭରା ନୟନରେ ମା'ଙ୍କୁ ନମସ୍କାର ହେବା ସହିତ ବର୍ଷଥିଲେ ଆର ବର୍ଷକୁ ଅପେକ୍ଷା ବୋଲି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ। କାଳୀପୂଜା ଗତ ୨୦ ତାରିଖରୁ ଆରମ୍ଭ ହୋଇ ୨୭ ତାରିଖରେ ସରିଥିଲା। ୨୮ ତାରିଖ ମଙ୍ଗଳବାର ପ୍ରଥମ ପର୍ଯ୍ୟାୟ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା।


ଯାଜପୁର ରୋଡ୍ କାଳୀପୂଜା ତୋରଣ ନିକଟରେ ବର୍ଷାପାଣି ଜମିରହିଛି ।

# କାଳୀପୂଜା ଫିକାକଲା ବର୍ଷା

**ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ବାତିଲ**

ଯାଜପୁରରୋଡ୍,୨୯।୧୦
(ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ସହରର ଗଣପର୍ବ କାଳୀପୂଜା ଧୁମଧାମରେ ଚାଲିଥିବାବେଳେ ଦୁଇ ଦିନ ଧରି ଲଗାଣ ବର୍ଷା ପୂଜା ମାହୋଲକୁ ବିଗାଡ଼ି ଦେଇଛି। ବିଭିନ୍ନ ପୂଜା ମଣ୍ଡପର ସାଜସଜ୍ଜା, ତୋରଣ, ମୀନାବଜାର ଓ ଦୋକି ବ୍ୟବସାୟୀଙ୍କ ଉପରେ ଏହାର ସିଧା ପ୍ରଭାବ ପଡ଼ିଛି। ବର୍ଷାଯୋଗୁ ବିଭିନ୍ନ କମିଟି ପକ୍ଷରୁ ହେବାକୁ ଥିବା ମେଲୋଡି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବାତିଲ ହୋଇଯାଇଛି। ଫଳରେ ଦୁଇ ଦିନ ହେଲା ସମସ୍ତ ମଣ୍ଡପ ଖାଁଖାଁ ଲାଗୁଛି। ଶୁକ୍ରବାର ମେଲଣ ଉତ୍ସବ ଅନୁଷ୍ଠିତ ହେବ। ଯଦି ଏଭଳି ବର୍ଷା ହୁଏ ତେବେ ମେଲଣ ଫିକା ପଡ଼ିଯିବା ସମ୍ଭାବନା ରହିଛି। ଏଥିପାଇଁ କାଳୀପୂଜା ଶାନ୍ତି କମିଟି ଆବାହକ ବିଦ୍ୟାଧର ମହାନ୍ତି, ସଭାପତି ତଥା ତହସିଲଦାର ଦେବାଶିଷ ରାଉତ, ସମ୍ପାଦକ ବିବେକାନନ୍ଦ ମହାନ୍ତି, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ ନନ୍ଦ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ, ଅତିରିକ୍ତ ତହସିଲଦାର ପ୍ରଶାନ୍ତ ପୁହାଣ, ଥାନା ଅଧିକାରୀ ଆଶିଷ ସାହୁ, ଏସ୍‌ଡିପିଓ ଲକ୍ଷ୍ମୀଧର ନାୟକ ଓ ୧୮ ପୂଜା କମିଟିର ସଭାପତିସମ୍ପାଦକ ପ୍ରମୁଖ ବିଭିନ୍ନ ପୂଜାମଣ୍ଡପ ବୁଲି ଅନୁଧ୍ୟାନ କରିଛନ୍ତି। ତେବେ କମିଟିଗୁଡ଼ିକ ଭସାଣି ପାଇଁ ବିଭିନ୍ନ ବାଦ୍ୟନୃତ୍ୟର ପ୍ରସ୍ତୁତି ଆରମ୍ଭ କରିଥିଲାବେଳେ ମେଳଣ ପଡ଼ିଆରେ ପାଣି ଜମିଥିବାରୁ ସେମାନେ ଚିନ୍ତିତ ଅଛନ୍ତି। ଅନ୍ୟପକ୍ଷରେ ଯଥା ସମ୍ଭବ ମେଲଣପଡ଼ିଆ ମରାମତି ଚାଲିଥିବା ଦେଖାଯାଇଛି।

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବିଶ୍ୱଜିତ୍


@ ପ୍ରତ୍ୟାଶା


@ ପ୍ରିୟଦର୍ଶିନୀ


@ ସୁରେଶ୍ୱର


@ ଶୁଭଦା


@ ଶଙ୍କର।

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନାଳଭେଡି: ୨୩୪ଙ୍କ ସ୍ମୃତି ଉଦ୍ଦେଶ୍ୟରେ ସାମୂହିକ ଦୀପଦାନ

**୧୯୯୯ ମହାବାତ୍ୟାରେ ହରାଇଥିଲେ ଜୀବନ**

ଏରସମା, ୨୯।୧୦
(ଦୀପ୍ତି ଖଣ୍ଡୁଆଳ):

ଏରସମା ବ୍ଲକ ଅନ୍ତର୍ଗତ ଗଡ଼ବିଶୁନିପୁର ପଞ୍ଚାୟତସ୍ଥିତ ନାଳଭେଡି ଗ୍ରାମରେ ବୁଧବାର ସନ୍ଧ୍ୟାରେ ନିରାଡ଼ମ୍ବର ଭାବରେ ସାମୂହିକ ଦୀପଦାନ କରାଯାଇଛି। ୧୯୯୯ ଅକ୍ଟୋବର ୨୯ରେ ଘଟିଯାଇଥିବା ପ୍ରଳୟଙ୍କରି ମହାବାତ୍ୟାରେ ନାଳଭେଡି ଗ୍ରାମରୁ ୨୩୪ଜଣଙ୍କ ଅକାଳ ବିୟୋଗ ଘଟିଥିଲା। ସେମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ମାଟି ସ୍ମୃତିସ୍ତମ୍ଭ ନିକଟରେ କରାଯାଇଥିବା ଦୀପଦାନ କାର୍ଯ୍ୟକ୍ରମରେ ରାଜ୍ୟ ଗଣଶିକ୍ଷା ବିଭାଗର ପୂର୍ବତନ ଉପଦେଷ୍ଟା ଶିଶିର ପରିଜା ସାମିଲ ହୋଇଥିଲେ। ସେଠାରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଧନଞ୍ଜୟ ପାତ୍ର, ଚନ୍ଦନ କରଣ, ରଞ୍ଜିତ ଭୌମିକ, ଅଶୋକ ମଣ୍ଡଳ, ଗୁରୁପଦ ମଣ୍ଡଳ, ଗୁରୁପଦ ଦାସ, ଶଙ୍କର ଦାସ, ୱାର୍ଡ ସଭ୍ୟା ପ୍ରତିମା ଭୌମିକ, ଶାନ୍ତିଲତା ମାଇତି, ସୀତା ସିଂହ ପ୍ରମୁଖ ୪୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ସାମିଲ ହୋଇ ଆଖିରୁ ଲୁହ ଗଡ଼ାଇଥିଲେ।


ମହାବାତ୍ୟାରେ ଜୀବନ ହାରିଥିବା ଲୋକଙ୍କ ସ୍ମୃତିରେ ନାଳଭେଡି ଗ୍ରାମବାସୀ ସମୂହ ଦୀପଦାନ କରୁଛନ୍ତି।

# ୧ରୁ ଧାମରା ଦେବୀ ମୁହାଣ, ଗହୀରମଥାରେ ମାଛଧରା କଟକଣା

ରାଜନଗର, ୨୯।୧୦
(ଭାସ୍କର ରାଉତରାୟ):

ନଭେମ୍ବର ୧ରୁ ଆରମ୍ଭ ହେଉଛି କଇଁଛ ଋତୁ। ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅନ୍ତୁଡିଶାଳ ଭାବେ ସମଗ୍ର ବିଶ୍ୱରେ ପ୍ରସିଦ୍ଧିଲାଭ କରିଥିବା ୧୪୩୭ ବର୍ଗ କି.ମି. ପରିମିତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ସମେତ ଧାମରା ମୁହାଣରୁ ଦେବୀ ମୁହାଣ ଯାଏ ୧୬୦ କି.ମି. ପର୍ଯ୍ୟନ୍ତ ଲାଗିବ କଟକଣା । ନଭେମ୍ବର ୧ରୁ ମେ ୩୧ ତାରିଖ ଯାଏ ୭ ମାସଧରି ମାଛଧରା ଓ ଟ୍ରଲର ଚଳାଚଳ ଉପରେ କଟକଣା ଜାରି କରାଯାଇଛି । ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ବର୍ଷ ତମାମ ଟ୍ରଲର ଚଳାଚଳ ଓ ମାଛଧରା ଉପରେ ନିଷେଧାଦେଶ ଥିବବେଳେ କଇଁଛ ଋତୁ ନିମନ୍ତେ ଧାମରା ମୁହାଣରୁ ଦେବୀ ମୁହାଣ ପର୍ଯ୍ୟନ୍ତ ସମୁଦ୍ରକୂଳଠାରୁ ୨୦ କି.ମି. ଯାଏ ଯନ୍ତ୍ରଚାଳିତ ଟ୍ରଲର, ବୋଟ, ଭୁଟୁଭୁଟି ଚଳାଚଳ ବନ୍ଦ ସହିତ ମାଛ ଧରା ଉପରେ କଟକଣା ଜାରି କରାଯାଇଛି ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ଏଥିସହିତ ଏହି ଅଲିଭ୍‌ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ବାବୁବାଲି ଓ ମାଦଳିଠାରେ ଦୁଇଟି ଅଫିସର କ୍ୟାମ୍ପ କରାଯାଇଥିବା ବେଳେ ଏକକୁଳା, ସାତଭାୟା, ଜଉଦିଆ, ଦୋବନ୍ଧି, ତାଲଙ୍ଗ, ଜଟାଧାର, ଷଣ୍ଢକୁଦ ୧, ୨, ହାୱାଖାନା, ରାମତାରା ଓ ବନ୍ଦର ଆଦି ୧୪ଟି ସ୍ଥାନରେ ଟର୍ଟଲ ପ୍ରୋଟେକ୍ସନ କ୍ୟାମ୍ପ କରାଯିବ। ଏହା ବାଦ୍ ବାବୁବାଲି ଓ ଶାସନପେଟାରେ ଗୋଟିଏ ସେକ୍ସନ ଲେଖାଏ ଏପିଆର୍ ଫୋର୍ସ ମୁତୟନ କରାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ବିରଳ ଅଲିଭ୍‌ରିଡ୍‌ଲେଙ୍କୁ ଜଳଦସ୍ୟୁ ଓ ମାଛ ଧରାଳିଙ୍କ କବଳରୁ ରକ୍ଷା କରିବା ଓ ବେଆଇନ ଟ୍ରଲର ଚଳାଚଳ ଉପରେ ଅଙ୍କୁଶ ରଖିବା ପାଇଁ ବନବିଭାଗ ପାଟ୍ରୋଲିଂକୁ କଡ଼ାକଡ଼ି କରିବେ। ଦୁଇଟି ସ୍ପିଡ୍‌ବୋଟ ଗହୀରମଥା-୧, ଗହୀରମଥା-୨ ଦୀର୍ଘଦିନ ହେଲା ଖରାପ ଥିବା ବେଳେ ଏବେ କେବଳ ଅଲଭିଆ ଟ୍ରଲର ପାଟ୍ରୋଲିଂ ପାଇଁ ରହିଛି । ଧାମରା ପୋର୍ଟ ପକ୍ଷରୁ ଟ୍ରଲର ଏଯାଏ ଆସି ନ ଥିବା ବେଳେ ଭଡ଼ା ଟ୍ରଲର ମଧ୍ୟ ଏଯାଏ ଆସିନି। ଗୋଟିଏ ଟ୍ରଲରରେ ବନବିଭାଗ କିପରି ସମୁଦ୍ର ମଧ୍ୟରେ ପାଟ୍ରୋଲିଂ କରି ବେଆଇନ ଭାବେ ମାଛ ଧରୁଥିବା ଟ୍ରଲରକୁ ଜବତ କରିବ, ତାହାକୁ ନେଇ ଆରମ୍ଭରୁ ପ୍ରଶ୍ନ ଉଠିଛି ।

ସୂଚନାଯୋଗ୍ୟ, ୧୯୭୪ରେ ଆମେରିକାର ବିଶିଷ୍ଟ ପ୍ରାଣୀବିଜ୍ଞାନୀ ଡ. ଏଚ.ଆର୍.ବଷ୍ଟାର୍ଡ ଭିତରକନିକାର ବଉଳା କୁମ୍ଭୀରଙ୍କ ଉପରେ ଗବେଷଣା କରିବାକୁ ଆସି ଗହୀରମଥାର ଏହି ବିରଳ କଇଁଛ ସମାଗମ ସ୍ଥଳ ଦେଖି, ଏହା ଅଲିଭ୍‌ରିଡ୍‌ଲେ ପ୍ରଜାତିର ବୋଲି ଚିହ୍ନଟ କରିଥିଲେ । ଏହା ପରେ ଏହି ବିରଳ କଇଁଛଙ୍କ ସୁରକ୍ଷା ପାଇଁ ବିଭିନ୍ନ ଆଇନ ପ୍ରଣୟନ ଓ କଟକଣା ଲାଗୁ କରାଯାଇଛି । ୧୯୯୭ ସେପ୍ଟେମ୍ବର ୨୭ରେ ରାଜ୍ୟ ସରକାର ଗହୀରମଥାକୁ ରାଜ୍ୟର ପ୍ରଥମ ସାମୁଦ୍ରିକ ଅଭୟାରଣ୍ୟ ଘୋଷଣା, ୧୯୯୩ରେ ଓଡ଼ିଶା ମେରାଇନ ଫିଶ୍ ରେଗୁଲେଶନ ଆକ୍ଟ ୧୯୮୧ ଅନୁସାରେ ଗହୀରମଥାକୁ ନୋ ଫିଶିଂ ଜୋନ୍ ଘୋଷଣା, ସମୁଦ୍ର କୂଳଠାରୁ ୨୦ କି.ମି. ଯାଏ ମେଶିନ ଡଙ୍ଗା ବା ଟ୍ରଲର ସାହାଯ୍ୟରେ ମାଛଧରା ନିଷେଧ, କଇଁଛଙ୍କ ସୁରକ୍ଷା ପାଇଁ ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨, ପରିବେଶ ସୁରକ୍ଷା ଆଇନ ୧୯୮୬, କୋଷ୍ଟାଲ ରିଜଲ୍ୟୁଶନ ୧, ୨, ୩ ଏବଂ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ଆଇନ ୧୯୮୨ ମଧ୍ୟ ରହିଛି । ଏତେସବୁ ଆଇନ ଥିଲେ ମଧ୍ୟ ଏହାକୁ ନ ମାନି ଶହ ଶହ ଟ୍ରଲର ବେଆଇନ ଭାବେ ମାଛ ମାରିଥାନ୍ତି ।

# ସରକାରୀ ଦୋକାନରେ ନକଲି ମଦ ବିକ୍ରି ଅଭିଯୋଗ

## ଧରପଗଡ଼ ନ ଥିବାରୁ ମଦମୃତ୍ୟୁ ଆଶଙ୍କା

### ଚଢ଼ାଉ ପୂର୍ବରୁ ବ୍ୟବସାୟୀ, ରିଟେଲର ପାଉଛନ୍ତି ଆଗୁଆ ସୂଚନା

ନୟାଗଡ଼,୨୯।୧୦(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ନକଲି ଦେଶୀ ଓ ବିଦେଶୀ ମଦ କାରବାର ବଢୁଥିବାରୁ ମଦମୃତ୍ୟୁ ଆଶଙ୍କା ସୃଷ୍ଟି ହୋଇଛି। ଜିଲାର ଗୋଡିପଡା, ବାହାଡାଖୋଲା ପରି ଅନେକ ସରକାରୀ ଦେଶୀ ଓ ବିଦେଶୀ ମଦ ଦୋକାନରେ ନକଲି ମଦ କାରବାର ହେଉଥିବାର ଅଭିଯୋଗ ହୋଇଆସୁଛି। ୨୦୨୧ ଜୁନ ୨୫ରେ ଗଣିଆ ଆଡକଟାସ୍ଥିତ ବିଦେଶୀ ମଦ ଦୋକାନରୁ ୧୨୧ ବୋତଲ ନକଲି ମଦ ଜବତ ପରେ ଏହା ପ୍ରମାଣିତ ହୋଇସାରିଛି। ସରକାରୀ ଦୋକାନରେ ନକଲି ମଦ କାରବାର ପରି ଅଭିଯୋଗ ଉଠୁଥିବାବେଳେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କି ଧରପଗଡ ନ ଥିବାରୁ ଅବକାରୀ ବିଭାଗ ସନ୍ଦେହ ଘେରକୁ ଆସିଛି। ଅନ୍ୟପକ୍ଷେ ବାବୁଙ୍କ ଜାଣତରେ ସବୁ କିଛି ଚାଲିଛି ବୋଲି ଅଭିଯୋଗ ହୋଇଆସୁଛି। ଚାନ୍ଦା ବନ୍ଦ ତ ସବୁ ବନ୍ଦ। ଚାନ୍ଦା ଦେଲେ ଚଢ଼ାଉ ପୂର୍ବରୁ ମିଳି ଯାଉଛି ଆଗୁଆ ସୂଚନା ଓ ସୁରକ୍ଷା। ମୋଟା ଅଙ୍କର ଟଙ୍କା ଦେଲେ ବଦଳି ଯାଉଛି ଜବତ ମଦ ପରିମାଣ। ସର୍ବେସର୍ବା ହୋଇଛନ୍ତି ଅବକାରୀ ଓ ପୋଲିସ କର୍ମଚାରୀ।

ଏନେଇ ନୟାଗଡ, ଗୋଡିପଡା ଓ ବାହାଡାଖୋଲାର କେତେଜଣ ବ୍ୟକ୍ତି ନାମ ଗୋପନ ରଖି କହିଛନ୍ତି, ମଦ୍ୟପାନ କରୁଥିବା ବ୍ୟକ୍ତି ଅସଲି ନକଲିର ଫରକ ଜାଣି ପାରିବ। ଆମ ଜିଲାର ଅଧିକାଂଶ ସରକାରୀ ମଦ ଦୋକାନରେ ନକଲି ମଦ ବିକ୍ରି ହେଉଛି। ସ୍ୱଳ୍ପ ପରିମାଣର ନକଲି ମଦ ଦୋକାନର ଭିନ୍ନ ଭିନ୍ନ ସ୍ଥାନରେ ରଖାଯାଉଛି। ଗ୍ରାହକଙ୍କୁ ଦେଖି କାରବାର ହେଉଛି। ସବୁ ସରକାରୀ ମଦ ବିକିଲେ କ'ଣ ଦୋକାନ ଚାଲିବ ବୋଲି ସେଲ୍‌ସମ୍ୟାନ ସଫେଇ ଦେଉଛନ୍ତି ବୋଲି କହିଛନ୍ତି। ପୁଣି ମୁଦ୍ରିତ ଦରରୁ ଅଧିକ ନେଉଥିବା ଅଭିଯୋଗ ରହିଛି। ସେହିପରି ଜିଲାର ବିଭିନ୍ନ ସ୍ଥାନରେ ମଦ ବିକ୍ରି ହୋଇଆସୁଛି। ଶରଣକୁଳ ଥାନା ଠାରୁ ୫୦ ମିଟର ଦୂର ପଥୁରିଆ ସାହି, ଶରଣକୁଳ ରତନସାହି ସ୍କୁଲ ଆଗରେ ଓ ଦଳିତସାହି, ଶିଖରପୁର ବ୍ରିଜ୍ ଉପରେ, ଶିଖରପୁର ତାରିଣିସାହି, ପେଟ୍ରୋଲ ଟାଙ୍କି ପାଖରେ ବେଆଇନ ଭାବେ ମଦ ବିକ୍ରି ହେଉଛି ବୋଲି ଅଭିଯୋଗ ରହିଛି।

### ସୁନାଖଳାରେ ଚାଲିଛି ବେଆଇନ ବାର୍

ରଣପୁର ବ୍ଲକ ସୁନାଖଳାରେ ବେଆଇନ ବାର୍ ଚାଲୁଥିବା ଅଭିଯୋଗ ହୋଇଆସୁଛି। ଠିପିବନ୍ଦ ବିଦେଶୀ ମଦ ଦୋକାନର ଲାଇସେନ୍ସ ନେଇ ଅବାଧରେ ବେଆଇନ ଭାବେ ବାର୍ ଖୋଲା ଯାଇଥିଲେ ମଧ୍ୟ ଏହାକୁ ବନ୍ଦ କରାଯାଉନି। ଅଭିଯୋଗ କଲେ ତଦନ୍ତ କରାଯାଉଛି କହି ଅବକାରୀ ବିଭାଗ ନୀରବଦ୍ରଷ୍ଟା ସାଜୁଛନ୍ତି ବୋଲି ଅଭିଯୋଗ ରହିଛି। ଅବକାରୀ ବିଭାଗ ନୀରବଦ୍ରଷ୍ଟା ଓ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ବେଆଇନ ବାର୍‌କୁ ବନ୍ଦ କରିବାକୁ କିଛି ଲୋକ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଫେରାଦ ହୋଇଛନ୍ତି।

### ଭ୍ରାମ୍ୟମାଣ ଦେଶୀମଦ କାରବାର

ନୟାଗଡ଼ ପୋଲିସ ଜିଲାର ନୟାଗଡ ସଦର, ନୟାଗଡ଼ ଟାଉନ, ଇଟାମାଟି ଓ ନୂଆଗାଁ ଥାନା ଅଞ୍ଚଳରେ ଭ୍ରାମ୍ୟମାଣ ଦେଶୀମଦ କାରବାର ଚାଲିଛି। ଅର୍ଡର କରି ଠିକଣା ଜଣାଇଲେ ପହଞ୍ଚିଯାଉଛି ଦେଶୀମଦ ପ୍ୟାକେଟ୍। ପ୍ରତ୍ୟହ ସକାଳ ୬ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ରହିଛି ସୁବିଧା। ସ୍କୁଟି ଯୋଗେ ବ୍ୟବସାୟୀ ପହଞ୍ଚାଉଛନ୍ତି ମଦ। ୪ଟି ଥାନା ଅଞ୍ଚଳରେ ଭ୍ରାମ୍ୟମାଣ ଦେଶୀମଦ କାରବାର ପ୍ରାୟ ଦେଢ଼ ବର୍ଷ ହେଲା କାୟାବିସ୍ତାର କରୁଥିବା ବେଳେ ଚଢ଼ାଉ ଅଥବା ଧରପଗଡ଼ ନ ଥିବା ଅଭିଯୋଗ ହୋଇଆସୁଛି। ବେଆଇନ ମଦ କାରବାର ବଢୁଥିବା ବେଳେ ମଦମୃତ୍ୟୁର ଭୟ ବି ବଢୁଛି। ବ୍ୟବସାୟ ଇଟାମାଟି ଥାନାର ସୀମାନ୍ତ ବିଜିପୁରଠାରୁ ଆରମ୍ଭକରି ବାଲୁଗାଁ, ଗୋବିନ୍ଦପୁର, ହରିପୁର, ବାରବାଟୀ, ଯଦୁପୁର, ରାଉତରାପୁର, ଜୟମଙ୍ଗଳ, ଖେଳପଡା, କାଦୁଆ, ଘଣ୍ଟସାହି, ଡିମିରିପାଟଣା, କୋସକା, ଜେମାଦେଈପୁର, କଞ୍ଚନବେଲି, ମାଳିସାହି, କୋଡିଏ କାହାଣିଆ, ଢେଙ୍କେଣା, ଚାହାଳି, ମହିପୁର, ତୁଳସୀପୁର ଓ ମାଙ୍କପଲ୍ଲୀ ପରି ବିଭିନ୍ନ ଗାଁ ଦେଇ ନୟାଗଡ଼ ବଜାରକୁ ଫେରୁଛନ୍ତି। ପରେ ନୟାଗଡ଼ ବଜାରରେ ବ୍ୟବସାୟ କରି ପୁଣି ବାଲୁଗାଁ ଫେରିଯାଉଛନ୍ତି। ମଦ ହାତପାଆନ୍ତାରେ ପ୍ରତିଦିନ ପହଞ୍ଚୁଥିବା ବେଳେ ଏଥିପାଇଁ ଅତିରିକ୍ତ ଦେୟ ଦେବାକୁ ପଡୁନି। ତେବେ ଅଚିହ୍ନା ଲୋକଙ୍କୁ ମଦ ଦେଉନାହାନ୍ତି। ପରିଚୟ ମୁହଁ ହିଁ ସେବା ପାଇ ପାରୁଛନ୍ତି।

### ଢାବା ପାଲଟିଛି ବାର୍

ନୟାଗଡ଼ ଜିଲାରେ ୫୦ରୁ ଊର୍ଦ୍ଧ୍ୱ ଢାବା ରହିଛି। ପ୍ରାୟତଃ ସବୁ ଢାବାରେ ଦେଶୀ ଓ ବିଦେଶୀ ମଦ ବେଆଇନ ଭାବେ ବିକ୍ରି ହୋଇଆସୁଥିବା ଅଭିଯୋଗ ହେଉଛି। ଢାବାଗୁଡିକ ଉପରେ ଅତର୍କିତ ଚଢ଼ାଉ ହେଉ ନ ଥିବାରୁ ମଦ କାରବାର ରୋକାଯାଇ ପାରୁନି। ମଝିରେ ମଝିରେ ଲୋକ ଦେଖାଣିଆ ଚଢ଼ାଉ ମଦ କାରବାରକୁ ରୋକିପାରୁ ନ ଥିବା ଅଭିଯୋଗ ହୋଇଆସୁଛି। ଏନେଇ ନୟାଗଡ଼ର ସୁଦାମ ପାତ୍ର, ଚାନ୍ଦପୁରର ବିକ୍ରମ ଜେନା, ରଣପୁରର ବିକ୍ରମ ସାହୁ ଓ ଭାପୁରର ବିକାଶ ନାୟକ କୁହନ୍ତି, ଜିଲାର ପ୍ରାୟ ସବୁ ଢାବା ବାର୍ ପାଲଟିଛି। ଢାବାଗୁଡ଼ିକରେ ଚାଲିଥିବା ବେଆଇନ ମଦ ବ୍ୟବସାୟକୁ ରୋକିବାକୁ ପଦକ୍ଷେପ ନିଆଯାଉନି। ବ୍ରାଉନସୁଗାର କାରବାର ବଢ଼ିବା ପରେ ମଦ ଚଢ଼ାଉକୁ ଗୁରୁତ୍ୱ ଦିଆଯାଉନି। ସରକାର ଦୋକାନ ଓ ବେଆଇନ ଭାବେ ନକଲି ମଦ ବିକ୍ରି ସାଧାରଣରେ ଚିନ୍ତାର କାରଣ ହୋଇଛି। ଅନେକ ଯୁବକ କ୍ୟାନ୍‌ସର ପରି ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଉଛନ୍ତି। ଜିଲା ଅବକାରୀ ଅଧୀକ୍ଷକ ଜ୍ଞାନ ରଞ୍ଜନ ପଣ୍ଡା କୁହନ୍ତି, ସରକାରୀ ମଦ ଦୋକାନରେ ନକଲି ମଦ କାରବାରର ଅଭିଯୋଗ ମିଳିନି। ତଥାପି ମଝିରେ ମଝିରେ ଚଢ଼ାଉ ହେଉଛି। ଅନ୍ୟପକ୍ଷେ ନକଲି ଦେଶୀ ଓ ବିଦେଶୀ ମଦ କାରବାର କରୁଥିବା ବ୍ୟବସାୟୀଙ୍କ ଉପରେ ଚଢ଼ାଉ ତ୍ୱରାନ୍ୱିତ କରାଯାଇଛି ବୋଲି କହିଛନ୍ତି ।

# ଶରଣକୁଳ ପୋଲିସ, ଚାଇଲ୍ଡ ହେଲ୍ପଲାଇନ ପକ୍ଷରୁ ଶିଶୁ ସୁରକ୍ଷା କର୍ମଶାଳା



ପୋଲିସ ପକ୍ଷରୁ ହେଲ୍ପ ଲାଇନ୍ ନମ୍ବର ପ୍ରଦର୍ଶନ କରାଯାଉଛି।

ଶରଣକୁଳ,୨୯।୧୦ (ଦୀପକ କର)

ଶରଣକୁଳ ପୋଲିସ ଓ ଚାଇଲଡ ହେଲ୍ପ ଲାଇନ ପକ୍ଷରୁ ଥାନାରେ ଶିଶୁ ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନିର୍ଯାତନାର ଶିକାର ହେଉଥିବା ଶିଶୁ ହେଲ୍ପ ଲାଇନ ନଂ ୧୦୯୮କୁ କଲକରି ଶିଶୁ ସୁରକ୍ଷା, ବାଲ୍ୟ ବିବାହ, ଶିଶୁ ଶୋଷଣ ଓ ଅପହରଣ ଆଦି ରୋକା ଯାଇପାରିବ ବୋଲି ଚାଇଲ୍ଡ ହେଲ୍ପ ଲାଇନ ପକ୍ଷରୁ କୁହାଯାଇଛି। ଥାନା ଅଧିକାରୀ ସୁଜିତ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ସମସ୍ତ ପୋଲିସ କର୍ମଚାରୀମାନେ ସାମିଲ ହୋଇଥିଲେ। ଚାଇଲ ହେଲ୍ପ ଲାଇନ ୧୦୯୮ ପକ୍ଷରୁ ଅଲକା ପାହାଡସିଂହ ଓ ବିଭୂତି ଭୂଷଣ ସାହୁ ଉପସ୍ଥିତ ଥିଲେ। ସେମାନେ ଶିଶୁ ସୁରକ୍ଷା ଅଧିନିୟମ, ଶିଶୁ ସହାୟତା ସେବା ଓ ଚାଇଲ୍ଡ ହେଲ୍ପ ଲାଇନ ୧୦୯୮ର ଗୁରୁତ୍ୱ ବିଷୟରେ ଅଲୋଚନା କରିବା ସହିତ ଅନ୍ୟମାନଙ୍କୁ ସଚେତନକରି କୋମଳ ଭି ମାଧ୍ୟମରେ ଯୌନ ନିର୍ଯାତନାର ଶିକାର ହେଉଥିବା ଶିଶୁ, ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ଉପରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନରେ ସଚେତନ କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଶିଶୁମାନେ କିପରି ଉପକୃତ ହେବେ ସେ ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁ ଅଧିକାର, ସୁରକ୍ଷା ଓ ସମାଜରେ ଶିଶୁମାନଙ୍କ ଭଲପାଇବା ପାଇଁ ସଚେତନତା ହୋଇଥିଲା। ଶିଶୁଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ସମସ୍ତେ ଯତ୍ନବାନ ହେବା ସହିତ ଶପଥପାଠ କରିଥିଲେ। ଶେଷରେ ଥାନା ଅଧିକାରୀ ଦାଶ ଚାଇଲ୍ଡ ହେଲ୍ପ ଲାଇନ୍ ଦଳକୁ ଧନ୍ୟବାଦ ଜଣାଇ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଆଶାବ୍ୟକ୍ତ କରିଥିଲେ। ଏଥିରେ ଏସ୍‌ଆଇ ଭୀମସେନ ମଲ୍ଲିକ, ଏଏସ୍‌ଆଇ ସୈନୁଲ ଖାନ, ଡି. ରବିନ, ପ୍ରିତିମୟୀ ବଡ଼ଜେନା ଓ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ମୋ ସେବାକେନ୍ଦ୍ରରେ ବ୍ୟାପକ କ୍ଷୟକ୍ଷତି

## ଜଗନ୍ନାଥପ୍ରସାଦ ପଞ୍ଚାୟତ

### ମୋନ୍ଥା ପ୍ରଭାବରେ ବଜ୍ରପାତ

ଖଣ୍ଡପଡ଼ା,୨୯।୧୦
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ମୋ ସେବାକେନ୍ଦ୍ରର ସମସ୍ତ ମୂଲ୍ୟବାନ ସାମଗ୍ରୀ ବଜ୍ରପାତରେ ପୋଡି ନଷ୍ଟ ହୋଇଯାଇଥିବା ଜଣାପଡିଛି। ବାତ୍ୟା ମୋନ୍ଥା ପ୍ରଭାବରେ ମଙ୍ଗଳବାର ରାତିରେ ବଜ୍ରପାତ ସାଙ୍ଗକୁ ପ୍ରବଳ ବର୍ଷା ହୋଇଥିଲା। ମୋ ସେବାକେନ୍ଦ୍ର ପରିସରରେ ଥିବା କମ୍ପ୍ୟୁଟର, ପ୍ରିଣ୍ଟର ଓ ଲାପ୍‌ଟପ ସମେତ ଆନୁସଙ୍ଗିକ ମୂଲ୍ୟବାନ ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଥିବା ଜଣାପଡିଛି। ଖଣ୍ଡପଡ଼ା ଅଗ୍ନିଶମ କର୍ମଚାରୀ ବୁଧବାର ଭୋର ସମୟରେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। କ୍ଷତିଗ୍ରସ୍ତ ମୋ ସେବାକେନ୍ଦ୍ର ପରିଚାଳକଙ୍କୁ ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ମୋ ସେବାକେନ୍ଦ୍ର ପୋଡି ନଷ୍ଟ ହୋଇଯାଇଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଡିଜିଟାଲ ସେବାରୁ ବଞ୍ଚିତ ହୋଇଥିବା ଜଣାପଡିଛି।

# ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଦ୍ୟା ବିଜିତା ସମ୍ମାନିତ


ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ମହିଳା ଓ ଶିଶୁ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ବିଦ୍ୟା ବିଜିତା ମହାନ୍ତିଙ୍କୁ ପୁରସ୍କୃତ କରୁଛନ୍ତି।

## ରାଜ୍ୟସ୍ତରୀୟ କିଶୋରୀ କିଶୋର ସମାବେଶ

ନୟାଗଡ,୨୯।୧୦(ଲୋକନାଥ ମିଶ୍ର)

ରାଜ୍ୟସ୍ତରୀୟ କିଶୋରୀ କିଶୋର ସମାବେଶ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ୨୮ ଓ ୨୯ ତାରିଖ ଦୁଇ ଦିନଧରି ଅନୁଷ୍ଠିତ ହୋଇଯାଇଛି। ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିଭାଗ ଦ୍ୱାରା ପ୍ରାୟୋଜିତ ଉତ୍ସବରେ ନୟାଗଡ ବ୍ଲକ ତରଫରୁ ପ୍ରତିନିଧିତ୍ୱ କରୁଥିବା ବିଦ୍ୟା ବିଜିତା ମହାନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ବିଦ୍ୟା ବିଜିତା ଡିଜିଟାଲ ଷ୍ଟୋରୀ ଟେଲିଙ୍ଗରେ ଭାଗନେଇ ନୟାଗଡ ଜିଲା ପାଇଁ ସଫଳତା ସାଉଁଟିଛନ୍ତି ।

# ମାରପିଟ, ସୁନା ଅଳଙ୍କାର ଚୋରି ଅଭିଯୋଗ

## ଘର ଭାଙ୍ଗିବା ପରେ ବିବାଦ

ନୟାଗଡ,୨୯।୧୦(ଲୋକନାଥ ମିଶ୍ର)

ରଣପୁର ଥାନା ବିନୋଦପଡା ଗାଁରେ ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳା ନିଜ ଘର ଲୋକ ଲଗାଇ ଭାଙ୍ଗୁଥିବା ସମୟରେ ତାଙ୍କୁ ମାରପିଟ୍ କରି ସୁନା ଅଳଙ୍କାର ଚୋରାଇ ନେଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ପରେ ରଣପୁର ପୋଲିସ ନଂ.୩୨୬/୨୫ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ଅଭିଯୋଗ ଅନୁସାରେ ବିନୋଦପଡାର ସତ୍ୟଭାମା ପ୍ରଧାନ ସ୍ୱାମୀ ପରିତ୍ୟକ୍ତା ମହିଳା। ସେ ପ୍ରାୟ ୩୦ ବର୍ଷ ହେଲା ବାପ ଘରେ ରହି ଆସୁଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ମିଳିବାରୁ ବାପାଙ୍କ ଘର ଭାଙ୍ଗି ନୂଆ ଘର କରିବାକୁ କାମ ଚାଲିଥିଲା। ହେଲେ କେତେକ ସମ୍ପର୍କୀୟ ଘର ଭଙ୍ଗାକୁ ବିରୋଧ କରି ଗତ ୨୭ ତାରିଖରେ ମାରପିଟ୍ କରିବା ସହ ୪ ଗ୍ରାମ୍ ଓଜନର ୧ ହଳ କାନଫୁଲ ଓ ୧୦ ଗ୍ରାମ ଓଜନର ସୋରିଶିଆ ମାଳି ଚୋରାଇ ନେଇଛନ୍ତି। ଏନେଇ ବିନୋଦପଡା ଗାଁର ରବି ନାରାୟଣ ପ୍ରଧାନ, ତ୍ରିନାଥ ପ୍ରଧାନ, ପ୍ରକାଶ ପ୍ରଧାନ, ପ୍ରମିଳା ପ୍ରଧାନ ଓ ସୁଲୋଚନା ପ୍ରଧାନଙ୍କ ନାଁରେ ମାମଲା ରୁଜୁ ହୋଇଛି ।

# ବାକି ନ ଦେବାରୁ ପିଟିଲେ, ଦୋକାନ ଭାଙ୍ଗିଲେ

ନୟାଗଡ,୨୯।୧୦(ଲୋକନାଥ ମିଶ୍ର)

ବାକି ନ ଦେବାରୁ ନୟାଗଡ ଟାଉନ ଥାନା ବଲାଙ୍ଗିବନ୍ଧର ସୁବାସ ମହାପାତ୍ରଙ୍କ ପାନ ଦୋକାନ ଭଙ୍ଗାରୁଜା ହୋଇଛି। ଏପରିକି ମସଲା ଓ ଅନ୍ୟ ଉପକରଣ ଫୋପାଡା ଫିଙ୍ଗା ସହ ସୁବାସଙ୍କ ବାପା ଦେବରାଜଙ୍କୁ ମାରପିଟ୍ ହୋଇଛି। ଏନେଇ ଅଭିଯୋଗ ହେବା ପରେ ପୋଲିସ ନଂ.୪୧୮/୨୫ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ଗତ ୨୪ ତାରିଖରେ ସୁବାସ ସଉଦା ଆଣିବା ପାଇଁ ନୟାଗଡ ସହରକୁ ଆସିଥିଲେ। ଦୋକାନରେ ତାଙ୍କ ବାପା ଦେବରାଜଙ୍କୁ ବସାଇ ଦେଇ ଆସିଥିଲେ। ବେବର୍ତ୍ତାପଲ୍ଲୀ ଗାଁର ସିବି ନାୟକ ଦୋକାନରେ ସଂନ୍ଧ୍ୟାରେ ପହଞ୍ଚି ବାକିରେ ସିଗାରେଟ ମାଗିଥିଲେ। ଦେବରାଜ ଧୂପ ଲାଗିଛି କହିବା ପରେ ନାୟକ ମାରପିଟ୍ ଓ ଭଙ୍ଗାରୁଜା କରିଥିଲେ।

# କିନ୍ନର ସଂଘର ମୁର୍ଗିମାତା ପୂଜା ଉଦ୍‌ଯାପିତ

ଖଣ୍ଡପଡ଼ା,୨୯।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ମଧୁବନ କ୍ରୀଡାଙ୍ଗନ ସମ୍ମୁଖରେ କିନ୍ନର ସଂଘ ପକ୍ଷରୁ ପୂଜିତ ମା' ମୁର୍ଗିମାତାଙ୍କ ପୂଜା ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଭସାଣି ଉତ୍ସବ ସହ ଉଦ୍‌ଯାପିତ ହୋଇଯାଇଛି। କିନ୍ନରଙ୍କ ଇଷ୍ଟଦେବୀ ମା' ମୁର୍ଗି ମାତାଙ୍କ ପୂଜା ଦୀପାବଳିଠାରୁ ଆରମ୍ଭ ହୋଇଥିଲା। ଗତ ୫ ଦିନଧରି ଅନୁଷ୍ଠିତ ପୂଜା ଅବସରରେ କିନ୍ନରମାନେ ନିର୍ଜଳା ଉପବାସ ରହି ନିଷ୍ଠାର ସହ ମା' ଙ୍କୁ ପୂଜାର୍ଚ୍ଚନା କରିଥିଲେ। ପରମ୍ପରା ଅନୁଯାୟୀ ମା'ଙ୍କ ନିକଟରେ ବାଲଭୋଗ ସହ ଆମିଷ ଭୋଗ ଲାଗି କରାଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ମା'ଙ୍କ ଭସାଣି ଉତ୍ସବରେ ସମସ୍ତ କିନ୍ନର ସାମିଲହୋଇ ଏକ ଶୋଭାଯାତ୍ରାରେ ଖଣ୍ଡପଡ଼ା ସହର ପରିକ୍ରମା କରି ନିକଟସ୍ଥ ଜଳାଶୟରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ମେଲାଣି ଦେଇଥିଲେ। ନୟାଗଡ଼ ମା' ଦକ୍ଷିଣକାଳୀ କିନ୍ନର ସଂଘ ସଦସ୍ୟମାନେ ଭସାଣି ଉତ୍ସବରେ ସାମିଲ ହୋଇଥିବା ବେଳେ ଖଣ୍ଡପଡ଼ା କିନ୍ନର ସଂଘ ସଭାନେତ୍ରୀ ଜସ୍ମିନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୋଭାଯାତ୍ରା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିବା ଜଣାଯାଇଛି।



# କଲଭର୍ଟ ନିର୍ମାଣକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ

## ଅନିୟମିତତା ଅଭିଯୋଗକୁ ସହକାରୀ ଯନ୍ତ୍ରୀଙ୍କ ଅସ୍ୱୀକାର

ଓଡ଼ଗାଁ, ୨୯।୧୦
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କୋରପିଠା ଠାରୁ କୁଶଡିପି ପୂର୍ତ୍ତ ବିଭାଗ ରାସ୍ତାରେ ଥିବା କେତେକ ପୁରୁଣା କଲଭର୍ଟକୁ ଆବଶ୍ୟକ ଅନୁସାରେ ନବୀକରଣ କରିବା ନେଇ କାର୍ଯ୍ୟାରମ୍ଭ ହୋଇଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ଦେଖାଦେଇଛି। ସମ୍ପୃକ୍ତ ବିଭାଗ ପୁରୁଣା କଲଭର୍ଟକୁ କେବଳ ମରାମତିକରି ନୂଆ ନିର୍ମାଣ କରାଯାଉଥିବା ଦର୍ଶାଉଛନ୍ତି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ହେଲେ ଏନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ ସୁଧାଂଶୁ ଶେଖର ବେହେରାଙ୍କୁ ପଚାରିବାରେ ବହୁ ପୁରୁଣା ତଥା ଅଣ ଓସାରିଆ କଲଭର୍ଟଗୁଡ଼ିକୁ ଆବଶ୍ୟକ ଅନୁସାରେ ଓସାରିଆ କରିବା ପାଇଁ ନବୀକରଣ କାର୍ଯ୍ୟ ଚାଲିଥିବା ବେଳେ ଯେଉଁଗୁଡ଼ିକ ୩ଫୁଟ ଗୋଲେଇରୁ କମ୍ ସେଗୁଡିକୁ ଭାଙ୍ଗି ପୁନଃ ନିର୍ମାଣ କରାଯାଉଛି। ଯେଉଁଗୁଡିକର ଗୋଲେଇ ୩ଫୁଟ ଅଛି ସେଗୁଡିକର ଉଭୟ ପାର୍ଶ୍ୱରେ ସମାନ ଗୋଲେଇର ନୂଆ ପାଇପ୍ ସଂଯୋଗ କରି ହେଡ୍ ୱାଲ ନିର୍ମାଣ କରି ଓସାରିଆ କରାଯାଉଛି। ପ୍ରତ୍ୟେକ କାର୍ଯ୍ୟ ପ୍ଲାନ ଓ ଏଷ୍ଟିମଟ ଅନୁସାରେ କରାଯାଉଛି। ଉକ୍ତ ରାସ୍ତାରେ ପୂର୍ବରୁ ୬ଟି କଲଭର୍ଟ ରହିଥିବା ବେଳେ ସେଥିରୁ ୩ଟିର ଉଭୟ ପାର୍ଶ୍ୱରେ ପାଇପ୍ ସଂଯୋଗ କରାଯାଇ ଓସାରିଆ କରାଯିବ। ଅବଶିଷ୍ଟ ୩ଟି ଓସାର କମ୍‌ଥିବାରୁ ଭଙ୍ଗାଯାଇ ପୁନଃ ନିର୍ମାଣ କରାଯିବ। ଅନ୍ୟ ପକ୍ଷରେ ଆବଶ୍ୟକ ଅନୁସାରେ ବିଭିନ୍ନ ସ୍ଥାନରେ ନୂଆ କଲଭର୍ଟ ମଧ୍ୟ ନିର୍ମାଣ କରାଯିବ ବୋଲି ସହକାରୀ ଯନ୍ତ୍ରୀ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗକୁ ଖଣ୍ଡନ କରିବା ସହ କୌଣସି କାମରେ ବାଧା ସୃଷ୍ଟି ନ କରିବାକୁ ସେ ସହଯୋଗ ଲୋଡିଛନ୍ତି।


ନିର୍ମାଣାଧୀନ କଲଭର୍ଟ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବିଶ୍ୱଜିତ୍


@ ପ୍ରତ୍ୟାଶା


@ ପ୍ରିୟଦର୍ଶନୀ


@ ସୁରେଶ୍ୱର


@ ଶୁଭଦା


@ ଶଙ୍କର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୧୧୪ ପରୀକ୍ଷାର୍ଥୀଙ୍କୁ ସର୍ତ୍ତମୂଳକ ଜାମିନ

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣା**

ବ୍ରହ୍ମପୁର,୨୯।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ପୋଲିସ ସବ୍ ଇନ୍ସପେକ୍ଟର (ଏସ୍‌ଆଇ) ପରୀକ୍ଷା ଜାଲିଆତି ଘଟଣାରେ ଗିରଫ ହୋଇ ବ୍ରହ୍ମପୁର ଜେଲରେ ଥିବା ୧୧୪ଜଣ ପରୀକ୍ଷାର୍ଥୀ (ଚାକିରି ଆଶାୟୀ)ଙ୍କୁ ବୁଧବାର ସର୍ତ୍ତମୂଳକ ଜାମିନ ମିଳିଛି। ପ୍ରତ୍ୟେକ ୨ ଜଣ ଲେଖାଏ ଜାମିନଦାର ଓ ୫୦ ହଜାର ଟଙ୍କା ବେଲ ବଣ୍ଡ ଦେଇ ଜାମିନରେ ଯିବେ ବୋଲି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜଜ୍ ଜ୍ଞାନେନ୍ଦ୍ର କୁମାର ବାରିକ ନିର୍ଦ୍ଦେଶ ଦେଇଛନ୍ତି। ଜାମିନ୍ ପାଇଥିବା ପରୀକ୍ଷା ଆଶାୟୀମାନେ ତଦନ୍ତକାରୀ ଅଧିକାରୀଙ୍କୁ ତଦନ୍ତରେ ସହଯୋଗ କରିବେ, ମାମଲାର ସାକ୍ଷୀମାନଙ୍କୁ ଧମକ ଦେବେ ନାହିଁ ଓ ଏଭଳି ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ରହିବେ ନାହିଁ ବୋଲି କୋର୍ଟ ସର୍ତ୍ତ ରଖିଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ କାରଣକୁ ନେଇ ଜଜ୍ ୭ ଜଣ ଦଲାଲଙ୍କ ଜାମିନ ଖାରଜ କରିଦେଇଥିବା ଏପିପି ରଜତ କୁମାର ଦାଶ କହିଛନ୍ତି। କୋର୍ଟ ଓ ଜେଲ ବାହାରେ ଜାମିନ ପାଇଥିବା ପରୀକ୍ଷାର୍ଥୀଙ୍କ ପରିବାର ଲୋକଙ୍କ ଭିଡ଼ ଦେଖାଯାଇଥିଲା।

ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ଦ୍ୱାରା ଏସ୍‌ଆଇ ପରୀକ୍ଷା ହୋଇଥାନ୍ତା। ତେବେ ପରୀକ୍ଷା ପୂର୍ବରୁ ଗୁପ୍ତ ସୂଚନା ଆଧାରରେ ଏକ ବଡ଼ ଜାଲିଆତି ଧରାପଡ଼ିଥିଲା। ଗତ ସେପ୍ଟେମ୍ବର ୨୯ ତାରିଖ ରାତିରେ ବ୍ରହ୍ମପୁର ପୋଲିସ ଆନ୍ଧ୍ରପ୍ରଦେଶ ଯାଉଥିବା ୩ଟି ଏସି ସ୍ଲିପର୍ ବସ୍‌କୁ ପିଛା କରିଥିଲା। ବ୍ରହ୍ମପୁର ଏସ୍‌ପି ଡ଼ା . ସର୍ବଣା ବିବେକ ଏମ୍.ଙ୍କ ନେତୃତ୍ୱରେ ୩ଟି ଟିମ୍ ଶ୍ରୀକାକୁଲମରେ ପହଞ୍ଚି ବସ୍‌ଗୁଡିକ ସହ ସେଥିରେ ଥିବା ୧୧୭ ଜଣଙ୍କୁ ବ୍ରହ୍ମପୁର ନେଇ ଆସିଥିଲା। ଯାଞ୍ଚରୁ ଜଣାପଡ଼ିଥିଲା ଯେ, ୧୧୭ ଜଣଙ୍କ ମଧ୍ୟରୁ ୧୧୪ ଜଣ ଏସ୍‌ଆଇ ପରୀକ୍ଷା ପାଇଁ ଆବେଦନ କରିଥିଲେ। ପ୍ରଶ୍ନପତ୍ର ପାଇଁ ସେମାନେ ଭୁବନେଶ୍ୱରରୁ ବସ୍‌ରେ ଆନ୍ଧ୍ରପ୍ରଦେଶର ବିଜୟନଗରମ ଯାଉଥିଲେ। ସେଠାରେ ଗୁପ୍ତଭାବରେ ପ୍ରଶ୍ନପତ୍ର ପାଇବା ପରେ ଭୁବନେଶ୍ୱରକୁ ଫେରି ପରୀକ୍ଷାରେ ବସିବାକୁ ଯୋଜନା ଥିଲା। ପ୍ରତି ପ୍ରାର୍ଥୀ ୨୫ ଲକ୍ଷ ଟଙ୍କା ଦେବାକୁ ଚୁକ୍ତି କରିଥିଲେ। ପ୍ରଥମେ ୧୦ ଲକ୍ଷ ଏବଂ ଚାକିରି ନିଶ୍ଚିତ ହେଲେ ଆଉ ୧୫ ଲକ୍ଷ ଦେଇଥାନ୍ତେ। ତେବେ ତାହା ପୂର୍ବରୁ ପୋଲିସ ଉକ୍ତ ଜାଲିଆତିର ପର୍ଦ୍ଦାଫାଶ କରିଥିଲା। ପରେ ଉକ୍ତ ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା।

# ୨୪ ଘଣ୍ଟାରେ ମାଲକାନଗିରି ଜିଲ୍ଲାରୁ ୧୭ କୋଟିର ଗଞ୍ଜେଇ ଜବତ

ମାଲକାନଗିରି,୨୯।୧୦(ଦୁର୍ଯ୍ୟୋଧନ ପାତ୍ର)


ଓର୍କେଲ ଥାନା ଅଞ୍ଚଳରୁ ଏକ କଣ୍ଟେନରରୁ ଗଞ୍ଜେଇ ଜବତ କରାଯାଇଛି।

ମାଲକାନଗିରି ଜିଲ୍ଲାର ୩ ଥାନା ଅଞ୍ଚଳରୁ ୨୪ ଘଣ୍ଟା ମଧ୍ୟରେ ୧୬୭୦ କିଲୋ ଗଞ୍ଜେଇ ଜବତ କରାଯାଇଛି। ମାଲକାନଗିରି ପୋଲିସ ଏଥିରେ ସମ୍ପୃକ୍ତ ଥିବା ୩ ଜଣଙ୍କୁ ବୁଧବାର ଗିରଫ କରିଛି। ମଙ୍ଗଳବାର ସନ୍ଧ୍ୟାରେ ଓର୍କେଲ ଥାନା ଅଞ୍ଚଳରୁ ଏକ କଣ୍ଟେନରରୁ ପୋଲିସ ୭୭୦ କେଜି ଗଞ୍ଜେଇ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଥିଲା। ସେହିପରି ବୁଧବାର ଚିତ୍ରକୋଣ୍ଡା ଥାନା ଅଞ୍ଚଳରୁ ୬୪୦ କେଜି ଏବଂ କାଲିମେଲା ଥାନା ଅଞ୍ଚଳରୁ ୨୫୦ କେଜି ଗଞ୍ଜେଇ ଜବତ କରିଛି। ଏହି ୩ଟି ସ୍ଥାନରୁ ମୋଟ ୧୬୬୦ କେଜି ଗଞ୍ଜେଇ ଜବତ ହୋଇଛି। ଏହାର ଆନ୍ତର୍ଜାତିକ ମୂଲ୍ୟ ପ୍ରାୟ ୧୭ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ମାଲକାନଗିରି ଏସ୍‌ପି ବିନୋଦ ପାଟିଲ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ମାଲକାନଗିରି ଜିଲାରେ ଗଞ୍ଜେଇ ଚାଷ ମୂଳପୋଛ କରାଯିବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଥିବା ଏସ୍‌ପି ସୂଚନା ଦେଇଛନ୍ତି।

# ଭିଜିଲାନ୍ସ ଜାଲରେ ଜିଏସ୍‌ଟି ଅଧିକାରୀ

ବଲାଙ୍ଗୀର/ ଟିଟିଲାଗଡ଼,୨୯।୧୦ (ବୀରେନ୍ଦ୍ର ଝାଙ୍କର/ଶରତ ମିଶ୍ର)


ଗିରଫ ଉମାକାନ୍ତ ମହାକୁର

ଟିଟିଲାଗଡ଼ ସିଟି ଆଣ୍ଡ ଜିଏସ୍‌ଟି ବିଭାଗ ଅଧିକାରୀ ଉମାକାନ୍ତ ମହାକୁର ଜଣେ ବ୍ୟବସାୟୀଙ୍କ ଠାରୁ ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ପ୍ରକାଶ ଯେ, ବ୍ୟବସାୟୀ ରମେଶ ବହିଆଙ୍କୁ ୨୩ ହଜାର ୬ ଶହ ଟଙ୍କା ଜରିମାନା କରାଯାଇଥିଲା। ଏହାକୁ କମାଇ ୭୫୦୦ ଟଙ୍କା କରିଦେବା ପାଇଁ ଅଧିକାରୀ ଜଣକ ୧୨ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଫଳରେ ରମେଶ ବଲାଙ୍ଗୀର ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଅପରାହ୍ନରେ ମହାକୁର ସମ୍ପୃକ୍ତ ବ୍ୟବସାୟୀଙ୍କଠାରୁ ନିଜ କାର୍ଯ୍ୟାଳୟରେ ଲାଞ୍ଚ ଟଙ୍କା ଗ୍ରହଣ ସମୟରେ ଭିଜିଲାନ୍ସ ଅଧିକାରୀ ତାଙ୍କୁ କାବୁ କରିଥିଲେ। ଏନେଇ ଟିଟିଲାଗଡ଼ ସମେତ ଅଧିକାରୀଙ୍କ ବଲାଙ୍ଗୀର ଗାନ୍ଧୀନଗରସ୍ଥିତ ଘରେ ମଧ୍ୟ ଭିଜିଲାନ୍ସ ବିଭାଗର ଚଢ଼ାଉ ଜାରି ରହିଛି। ଏହି ଚଢାଉରେ ବଲାଙ୍ଗୀର, ସୋନପୁର ଓ ସମ୍ବଲପୁରର ଭିଜିଲାନ୍ସ ଟିମ୍ ସାମିଲ ହୋଇଛନ୍ତି।

# ପୂର୍ବତନ ସହକାରୀ ଡ୍ରଗ୍ସ କଣ୍ଟ୍ରୋଲରଙ୍କୁ ୨ ବର୍ଷ ଜେଲ, ଲକ୍ଷେ ଜରିମାନା

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

ଭୁବନେଶ୍ୱର,୨୯।୧୦(ସତ୍ୟଜିତ୍ ରାଉତ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ପୂର୍ବତନ ସହକାରୀ ଡ୍ରଗ୍ସ କଣ୍ଟ୍ରୋଲର ରଘୁନାଥ ମଲ୍ଲିକ ୨୧ ବର୍ଷ ପରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବୁଧବାର ଏହି ମାମଲାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ରଘୁନାଥଙ୍କୁ ୨ ବର୍ଷ ଜେଲଦଣ୍ଡ ହୋଇଛି। ଏଥିସହ ତାଙ୍କୁ ଲକ୍ଷେ ଟଙ୍କା ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏହି ଜରିମାନା ଅନାଦେୟ କ୍ଷେତ୍ରରେ ତାଙ୍କୁ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ସ୍ୱତନ୍ତ୍ର ବିଚାରପତି ଅସୀମ ଦଳବେହେରା ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗତ ୨୦୦୩ ଜୁଲାଇ ୩ ଓ ୪ରେ ରଘୁନାଥଙ୍କ ଘର ଏବଂ ଅଫିସ୍ ସମେତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଥିଲା। ଏହି ସମୟରେ ତାଙ୍କ ଘରୁ ୬୬ ହଜାର ନଗଦ ଟଙ୍କା, ସୁନାଅଳଙ୍କାର, ମୂଲ୍ୟବାନ୍ ଆସବାବପତ୍ର ଏବଂ ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ଏନେଇ ୨୦୦୪ ମାର୍ଚ୍ଚ ୩୧ରେ ଭୁବନେଶ୍ୱର ଭିଜିଲାନ୍ସ ଥାନା ପକ୍ଷରୁ ରଘୁନାଥଙ୍କ ନାମରେ ମାମଲା (ନଂ.୮/୨୦୦୪) ରୁଜୁ କରାଯାଇଥିଲା। ପରେ ତଦନ୍ତ କରାଯାଇ ଏହି ମାମଲାର ଚାର୍ଜଶିଟ୍ ଦାଖଲ ହୋଇଥିଲା। ରଘୁନାଥ ୪୦ ଲକ୍ଷ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଚାର୍ଜଶିଟ୍‌ରେ ଉଲ୍ଲେଖ କରାଯାଇଥିଲା। ଶୁଣାଣି ବେଳେ ୪୬ଜଣ ସାକ୍ଷୀଙ୍କ ବୟାନ ଓ ୭୪ଟି ଦସ୍ତାବିଜ୍ ଆଧାରରେ କୋର୍ଟ ରାୟ ଶୁଣାଇଥିଲେ। ସ୍ୱତନ୍ତ୍ର ସରକାରୀ ଓକିଲ ଚନ୍ଦ୍ରକାନ୍ତ ଦାସ ଓ ଗିରିଜା ପଟ୍ଟନାୟକ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ। ତେବେ ଏହି ଦଣ୍ଡାଦେଶ ଆଧାରରେ ରଘୁନାଥଙ୍କ ପେନ୍‌ସନ୍ ବନ୍ଦ କରିବାକୁ ଭିଜିଲାନ୍ସ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି।

# ୫ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

**ନାବାଳିକାଙ୍କୁ ଗଣବଳାତ୍କାର, ଘରୁ ଡକାୟତି ମାମଲା**

ଫୁଲବାଣୀ,୨୯।୧୦(ରାକେଶ କୁମାର ରାଉତ)

ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଏବଂ ଘରୁ ଡକାୟତି ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଫୁଲବାଣୀ ଫାଷ୍ଟ ଟ୍ରାକ୍ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଏହି ମାମଲାର ବିଚାର କରି ୫ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ପ୍ରତ୍ୟେକଙ୍କୁ ୨୬ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି। ଜରିମାନା ଅନାଦାୟେ ଅଧିକ ୫ ବର୍ଷ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ବିଚାରପତି ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ଗୋଚ୍ଛାପଡା ଥାନା ମୁସେଲିପାଙ୍ଗା ବୁଡୁମୁଖୀ ଗ୍ରାମର ଅଶୋକ ମୁଖୀ (୨୪), ଦାରିଙ୍ଗବାଡି ଥାନା ସିମନବାଡି ଗ୍ରାମର ସୁଶାନ୍ତ ନାୟକ(୨୯), କୃପାକର ମୁଖୀ (୪୭), ଜେରହ ନାୟକ(୩୩) ଓ ଯୋଶେଫ ରୂପମାଝି(୨୫)।

୨୦୨୪ ଏପ୍ରିଲ ୨୪ ତାରିଖ ରାତିସାଢ଼େ ୯ଟାରେ ଅଭିଯୁକ୍ତମାନେ ମୁହଁରେ ମାକ୍ସ ପିନ୍ଧି ନାବାଳିକାଙ୍କ ଘରକୁ ଯାଇ ଖାଇବାକୁ ମାଗିଥିଲେ। ଏହାପରେ ସେମାନେ ପିସ୍ତଲ, କାତି ଏବଂ ଅନ୍ୟ ମାରଣାସ୍ତ୍ର ଦେଖାଇ ତାଙ୍କ ଘରୁ ୫୦ ହଜାର ଟଙ୍କା, ସୁନାଚେନ, କାନଫୁଲ ଏବଂ ୩ଟି ମୋବାଇଲ ଫୋନ୍ ଲୁଟି ନେଇଥିଲେ। ଅଭିଯୁକ୍ତମାନେ ନିଜକୁ ମାଓବାଦୀ ପରିଚୟ ଦେଇ ନାବାଳିକାଙ୍କୁ ଘରୁ ଟାଣି ନେଇଥିଲେ। ଘରଠାରୁ ୫୦ ମିଟର ଦୂର ଏକ ପଡିଆରେ ଜଣକ ପରେ ଜଣେ ବଳାତ୍କାର କରିଥିଲେ। ପୀଡ଼ିତା ଘରକୁ ଆସି ଘଟଣା ବିଷୟରେ କହିଥିଲେ। ପରଦିନ ନାବାଳିକାଙ୍କ ବାପା ଏ ନେଇ ଫିରିଙ୍ଗିଆ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୧୦୭/୨୪ରେ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ କୋର୍ଟ ଚାଲାଣ କରିଥିଲା। ପରେ ସେମାନଙ୍କ ଟିଆଇ ପରେଡ କରାଯାଇଥିଲା। ମାମଲାର ବିଚାର ବେଳେ ୧୮ ଜଣଙ୍କ ସାକ୍ଷ୍ୟପ୍ରମାଣ, ଡାକ୍ତରୀ ରିପୋର୍ଟ ଏବଂ ଟିଆଇ ପରେଡକୁ ଆଧାର କରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପୋକ୍‌ସୋ କୋର୍ଟ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

# ମହାରାଷ୍ଟ୍ର ସୋଲାପୁରରୁ ନାବାଳିକା ଉଦ୍ଧାର, ଯୁବକ ଗିରଫ

ରାଜନଗର,୨୯।୧୦(ଭାସ୍କର ରାଉତରାୟ

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ତାଲଚୁଆ ସାମୁଦ୍ରିକ ଥାନା ଅଞ୍ଚଳର ଜଣେ ଅପହୃତା ନାବାଳିକାଙ୍କୁ ମହାରାଷ୍ଟ୍ରର ସୋଲାପୁରରୁ ଉଦ୍ଧାର କରାଯିବା ସହିତ ଅପହରଣ କରିଥିବା ଯୁବକଙ୍କୁ ତାଲଚୁଆ ସାମୁଦ୍ରିକ ଥାନା ପୋଲିସ ଗିରଫ କରିଛି । ଗିରଫ ଯୁବକ ହେଲେ ବାଲେଶ୍ୱର ଅଞ୍ଚଳର ସୌରଭ ଦାସ। ସୂଚନାଯୋଗ୍ୟ, ତାଲଚୁଆ ସାମୁଦ୍ରିକ ଥାନା ଅଞ୍ଚଳର ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ଗତ ମେ ୨୪ ରେ ଅପହରଣ କରାଯାଇଥିଲା। ସୌରଭ ତାଙ୍କୁ ଅପହରଣ କରି ନେଇଥିବା ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା( ନଂ. ୫୯ /୨୫) ରୁଜୁ କରିଥିଲା। ସୌରଭ ଉକ୍ତ ନାବାଳିକାଙ୍କୁ ନେଇ ମହାରାଷ୍ଟ୍ର ସୋଲାପୁର ଅଞ୍ଚଳରେ ରଖିଥିଲେ। ପୋଲିସ ସୂଚନା ପାଇ ସେଠାରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ଅପହରଣ କରିଥିବା ଯୁବକଙ୍କୁ ଗିରଫ କରିଥିଲା। ନାବାଳିକାଙ୍କୁ ତାଙ୍କ ମା' ଙ୍କୁ ଜିମା ଦିଆଯାଇଛି ।

# ସମ୍ପର୍କୀୟ ମାମୁଙ୍କୁ ୨୦ ବର୍ଷ ଜେଲ

**ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲା**

ଅନୁଗୋଳ,୨୯।୧୦(ଜ୍ୟୋତିରଞ୍ଜନ ସାହୁ)

ଏକ ନାବାଳିକା ଯୌନ ନିର୍ଯାତନା ମାମଲାରେ ଅନୁଗୋଳ ଜିଲା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ତଥା ଅତିରିକ୍ତ ଜିଲା ଦୌରାଜଜ୍ ବିରଞ୍ଚି ନାରାୟଣ ମିଶ୍ର ବୁଧବାର ରାୟ ପ୍ରକାଶ କରି ଅଭିଯୁକ୍ତ ଅନୁଗୋଳ ଟାଉନ ଥାନା ଅଞ୍ଚଳର ଟେଙ୍କାରୁ ଗୋଚ୍ଛାୟତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ତାଙ୍କୁ ୨୦ବର୍ଷ ଜେଲ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ପୀଡିତା ନାବାଳିକାଙ୍କୁ ୭ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ପାଇଁ ଜିଲା ଆଇନସେବା ପ୍ରାଧୀକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ, ୨୦୨୪ ସେପ୍ଟେମ୍ବର ୧୦ରେ ନାବାଳିକା ଘରେ ଏକାକୀ ଥିବାବେଳେ ଅଭିଯୁକ୍ତ ତଥା ସମ୍ପର୍କୀୟ ମାମୁ ଟେଙ୍କାରୁ ତାଙ୍କୁ ଡାକି ନେଇ ଯୌନ ନିର୍ଯାତନା ଦେଇଥିଲେ। ସେପ୍ଟେମ୍ବର ୧୧ରେ ଅନୁଗୋଳ ଟାଉନ ଥାନାରେ ନାବାଳିକାଙ୍କ ବାପା ଏନେଇ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲ। ପି.ପି. ପ୍ରଦୀପ କୁମାର ଭୂତିଆ ମାମଲା ପରିଚାଳନା କରିଥିଲେ।

## Business

# ସ୍ଥାୟୀ ବାଣିଜ୍ୟ ବୃଦ୍ଧିରେ ଜଳପଥର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୨୯।୧୦(ଅନୁରାଧା ମହାରଣା)




ମୁମ୍ବାଇରେ ଚାଲିଥିବା ମାରିଟାଇମ ୱିକ୍ ୨୦୨୫ରେ ଓଡ଼ିଶା ସରକାର ସ୍ଥାୟୀ ଏବଂ ସମ୍ପୃକ୍ତ ପରିବହନ ବିକାଶର ଆଗାମୀ ଦୃଷ୍ଟିକୋଣ ପ୍ରଦର୍ଶନ କରିଛନ୍ତି। 'ନେଭିଗେଟିଂ ଗ୍ରୋଥ୍: ଇନ୍‌ଲାଣ୍ଡ ୱାଟରୱେଜ୍ ଇନ୍ ଦି ଫୋର୍ ଫ୍ରଣ୍ଟ ଅଫ୍ ଫ୍ୟୁଚର ଟ୍ରାନ୍ସପୋର୍ଟ ଆଣ୍ଡ ଲଜିଷ୍ଟିକ୍' ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣକରି ଗୃହ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଓଡ଼ିଶାର ଆଭ୍ୟନ୍ତରୀଣ ଏବଂ ଉପକୂଳ ଜଳପଥକୁ ସଂଯୋଗକୁ ସୁଦୃଢ଼ କରିବା ପାଇଁ ରାଜ୍ୟର ସକ୍ରିୟ ଉଦ୍ୟମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅଧିବେଶନରେ ଭାରତର ଆଭ୍ୟନ୍ତରୀଣ ଜଳପଥକୁ ଏକ ସ୍ୱଳ୍ପ ବ୍ୟୟ, ଦକ୍ଷ ଏବଂ ପରିବେଶ ପ୍ରତି ଉତ୍ତରଦାୟୀ ମାଲ ପରିବହନର ମାଧ୍ୟମ ଭାବେ ପୁନରୁଦ୍ଧାର ଏବଂ ଆଧୁନିକୀକରଣ ଉପରେ ବିଚାରବିମର୍ଶ କରାଯାଇଥିଲା। ଏହି ଆଲୋଚନାରେ ଉପକୂଳ-ଆଭ୍ୟନ୍ତରୀଣ ସଂଯୋଗ, ବହୁମୁଖୀ ସମନ୍ୱୟ, ଦୂରଗାମୀ ମାଲ ପରିବହନ ଏବଂ ବ୍ୟୟ ପ୍ରତିଦ୍ୱନ୍ଦ୍ୱିତା, ଆଭ୍ୟନ୍ତରୀଣ ଜଳ ପରିବହନ (ଆଇଡବ୍ଲ୍ୟୁଟି)କୁ ଭବିଷ୍ୟତର ଲଜିଷ୍ଟିକ୍ସ ଇକୋସିଷ୍ଟମର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଭାବେ ସ୍ଥାନିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ନୀଳ ସାମୁଦ୍ରିକ ଭିତ୍ତିଭୂମିର ବିକାଶ ଏବଂ ବନ୍ଦର, ନଦୀ ଏବଂ ଶିଳ୍ପ ସମୂହକୁ ସଂଯୋଗ କରୁଥିବା ବହୁମୁଖୀ ଲଜିଷ୍ଟିକ୍ସ ହବ୍ ପ୍ରତିଷ୍ଠା ପାଇଁ ଓଡ଼ିଶାର ରଣନୈତିକ ରୋଡ୍‌ମ୍ୟାପ୍‌କୁ ପାଢ଼ୀ ରେଖାଙ୍କିତ କରିଥିଲେ। ଗତିଶୀଳ ଅର୍ଥବ୍ୟବସ୍ଥା ଏବଂ ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି)ର ନୀତି ସହ ଯୋଡ଼ିହୋଇ ସରକାରୀ-ଘରୋଇ ଭାଗୀଦାରି, ସ୍ମାର୍ଟ ଲଜିଷ୍ଟିକ୍ସ ସମାଧାନ ଏବଂ ସବୁଜ ପରିବହନ ପଦକ୍ଷେପ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ପ୍ୟାନେଲ ଆଇଡବ୍ଲ୍ୟୁଟିରେ ଶିଳ୍ପ ଅଂଶଗ୍ରହଣକୁ ତ୍ୱରାନ୍ୱିତ କରିବା, ସୀମା ଶୁଳ୍କ ଏବଂ କାର୍ଗୋ ପରିଚାଳନା ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ଏବଂ ଦକ୍ଷ ପରିଚାଳନା ପାଇଁ ମାନକୀକୃତ ଜାହାଜ ଡିଜାଇନକୁ ପ୍ରୋତ୍ସାହିତ କରିବା ପାଇଁ ନୀତି ଏବଂ ନିୟାମକ ସଂସ୍କାରକୁ ମଧ୍ୟ ଅନୁଧ୍ୟାନ କରିଥିଲା। 'ଜଳପଥ ଏବଂ ଗତିଶୀଳ ଅର୍ଥବ୍ୟବସ୍ଥାର ପୁନରୁଦ୍ଧାର ଉପରେ ଏକ ବିଷୟଗତ ବିଭାଗ ଅବ୍ୟବହୃତ ନଦୀ ମାର୍ଗଗୁଡ଼ିକର ପୁନରୁଦ୍ଧାର ଏବଂ ନଦୀ ପରିବହନରେ ବର୍ଜ୍ୟବସ୍ତୁରୁ-ମୂଲ୍ୟ ମଡେଲକୁ ସମନ୍ୱିତ କରିବାର ସୁଯୋଗ ଉପରେ ଆଲୋକପାତ କରିଥିଲା। ପ୍ୟାନେଲରେ ଅନ୍ୟମାନଙ୍କ ମଧ୍ୟରେ ଆଇଡବ୍ଲ୍ୟୁଏଆଇର ଅଧ୍ୟକ୍ଷ ସୁନୀଲ କୁମାର ସିଂହ, ଆଇସି ଆଡବ୍ଲ୍ୟୁଏଆଇର ଅଧ୍ୟକ୍ଷ ହ୍ୟାରି ଡିଲେଇଜର, ଜେଏସଡବ୍ଲ୍ୟୁଷ୍ଟିଲ ଲିମିଟେଡର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ପ୍ରଣବ ଝା, ଜେଏସଡବ୍ଲ୍ୟୁ ଷ୍ଟିଲ ଲିମିଟେଡ ଅଲଟ୍ରାଟେକ ପୋର୍ଟସେ ଆଣ୍ଡ ସିଫିଂର ଏଭିପି ପ୍ରିୟରଞ୍ଜନ ବେହେରା, ଷ୍ଟାର ସିମେଣ୍ଟର ସିଓଓ ପ୍ରଦୀପ ପୁରୋହିତ, ରେନସ ଲଜିଷ୍ଟିକ୍ସର ଭାରତର ଆଞ୍ଚଳିକ ସିଇଓ ବିବେକ ଆର୍ଯ୍ୟ ଏବଂ ଆସାମ ପେଟ୍ରୋକେମିକାଲ୍ସ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ରଜନୀଶ ଗୋଗୋଇ ଉପସ୍ଥିତ ଥିଲେ।

# ଏନ୍‌ଏମ୍‌ଡିସିର ଉତ୍ପାଦନ ଓ ରାଜସ୍ୱ ବୃଦ୍ଧି

ଭୁବନେଶ୍ୱର,୨୯।୧୦

ଏନ୍‌ଏମ୍‌ଡିସିର ଆର୍ଥିକ ବର୍ଷର ୨୦୨୫-୨୬ର ଦ୍ୱିତୀୟ ତ୍ରୈମାସିକ ରିପୋର୍ଟ ପ୍ରକାଶ ପାଇଛି। ଏଥିରୁ ମିଳିଥିବା ତଥ୍ୟ ଅନୁସାରେ ଏହିସମୟ ଅବଧି ମଧ୍ୟରେ କମ୍ପାନୀ ସର୍ବୋଚ୍ଚ ଉତ୍ପାଦନ ଏବଂ ବିକ୍ରୟ ପରିମାଣ ସହ ପ୍ରମୁଖ ବିତ୍ତୀୟ ସୂଚକଗୁଡ଼ିକରେ ଉଲ୍ଲେଖନୀୟ ବୃଦ୍ଧି ହାସଲ କରିଛି। ବର୍ଷର ଦ୍ୱିତୀୟ ତ୍ରୈମାସିକରେ ଉତ୍ପାଦନ ୧୦.୨୧ ମିଲିୟନ ଟନ ରହିଛି, ଯାହା ପୂର୍ବ ବର୍ଷର ଏହି ଅବଧିରୁ ୨୩% ଅଧିକ ଏବଂ ବିକ୍ରୟ ୧୦.୭୨ ମିଲିୟନ ଟନ୍‌ରେ ପହଞ୍ଚିଛି, ଯାହା ବର୍ଷ ୨୦୨୫ର ଦ୍ୱିତୀୟ ତ୍ରୈମାସିକରୁ ୧୦% ଅଧିକ। ଏନ୍‌ଏମ୍‌ଡିସିର ରାଜସ୍ୱ ୩୦% ବୃଦ୍ଧି ସହ ୬,୨୬୧ କୋଟି ଟଙ୍କା, କର-ପୂର୍ବ ଲାଭ ୩୫% ବୃଦ୍ଧି ସହ ୨,୨୬୧ କୋଟି ଟଙ୍କା ଏବଂ କର-ପରବର୍ତ୍ତୀ ଲାଭ ୩୩% ବୃଦ୍ଧି ସହ ୧,୬୯୪ କୋଟି ଟଙ୍କା ହୋଇଛି। ଏବିଆଇଟିଡିଏ ୩୨% ବୃଦ୍ଧି ସହ ୨,୩୮୫ କୋଟି ଟଙ୍କା ହୋଇଛି। ଏନ୍‌ଏମ୍‌ଡିସିର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଅମିତାଭ ମୁଖାର୍ଜୀ ଏହି ଅବସରରେ କହିଛନ୍ତି, ଉକ୍ତ ତ୍ରୈମାସିକରେ ରେକର୍ଡ ଉତ୍ପାଦନ, ରେକର୍ଡ ବିକ୍ରୟ ଏହାସବୁ ଆମର ଐତିହାସିକ ବିଶ୍ୱସ୍ତତାର ସୂଚକ।

# ପିଏନ୍‌ବିର ସତର୍କତା ସଚେତନତା ସପ୍ତାହ ପାଳନ




ଭୁବନେଶ୍ୱର,୨୯।୧୦ (ଅନୁରାଧା ମହାରଣା)

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ୨୦୨୫ ପାଳନ କରାଯାଉଛି। ଏହି ଅବସରରେ କର୍ମଚାରୀ ଏବଂ ନାଗରିକଙ୍କ ମଧ୍ୟରେ ସଚ୍ଚୋଟତା, ସ୍ୱାସ୍ଥ୍ୟ ଏବଂ ସାମାଜିକ ଦାୟିତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ଏକ ୱାକାଥନ୍, ରକ୍ତଦାନ ଶିବିର ଏବଂ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ସମେତ ଅନେକ ଜନକଲ୍ୟାଣ ଏବଂ ସଚେତନତା କାର୍ଯ୍ୟକଳାପ କରାଯାଇଛି। ଏହି ବର୍ଷର ସଚେତନତା ସପ୍ତାହର ବିଷୟବସ୍ତୁ 'ସତର୍କତା : ଆମର ସହଭାଗୀ ଦାୟିତ୍ୱ'କୁ ନେଇ ଅନୁଷ୍ଠିତ ୱାକାଥନରେ ପିଏନ୍‌ବିର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ସ୍ଥାନୀୟ ଲୋକ ସାମିଲ ହୋଇଥିଲେ। ଅନ୍ୟପକ୍ଷେ ପିଜିଆଇଏମ୍‌ଇଆର୍ ଏବଂ କ୍ୟାପିଟାଲ ହସ୍ପିଟାଲ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୫୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସର ସହାୟତାରେ ଏକ ସଚେତନ ଓ ଦାୟିତ୍ୱବାନ ସମାଜର ଭିତ୍ତିଭୂମି ଭାବରେ ସୁସ୍ଥତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ଭୂଷଣ ଶର୍ମା ଏବଂ ଉପ-ଅଞ୍ଚଳ ମୁଖ୍ୟ କ୍ଷେତ୍ରବାସୀ ମିଶ୍ର ସଚ୍ଚୋଟତା ଏବଂ ଦାୟିତ୍ୱ କେବଳ ବୃତ୍ତିଗତ ଜୀବନରେ ନୁହେଁ ବରଂ ଦାୟିତ୍ୱବାନ୍ ନାଗରିକ ଭାବରେ ଆମର ଭୂମିକାରେ ମଧ୍ୟ ଜରୁରୀ ବୋଲି କହିଥିଲେ।

# ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂଆ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୨୯।୧୦ (ଅନୁରାଧା ମହାରଣା)

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ)ର ନୂଆ ଶାଖା ସୁନ୍ଦରପଦାଠାରେ ଉଦ୍‌ଘାଟିତ ହୋଇଯାଇଛି। ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ମହାପ୍ରବନ୍ଧକ ବିକାଶ କ୍ରିଷ୍ଣା ଏହି ନୂତନ ଶାଖାର ଉଦ୍‌ଘାଟନ କରିଥିଲେ। ଉକ୍ତ ଶାଖା ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ୮୫ତମ ଶାଖା। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲିକ, ଉପ ଆଞ୍ଚଳିକ ପ୍ରବନ୍ଧକ ଶ୍ୟାମଳ କୁମାର ଦାସ, ସୁନ୍ଦରପଦା ଶାଖାର ଶାଖା ପ୍ରବନ୍ଧକ ଚିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାହକମାନଙ୍କୁ ଉତ୍କୃଷ୍ଟ ସେବା ଯୋଗାଇଦେବା ବ୍ୟାଙ୍କର ପ୍ରମୁଖ ଲକ୍ଷ୍ୟ ବୋଲି ମହାପ୍ରବନ୍ଧକ ବିକାଶ କ୍ରିଷ୍ଣା କହିଥିଲେ।

# ବାଲେଶ୍ୱର ବଜାରରେ ଆଇକନିକ୍ ଜାୱା ଓ ୟେଜ୍‌ଦି

ଭୁବନେଶ୍ୱର,୨୯।୧୦




ଆଇକନିକ୍ ଜାୱା ଓ ୟେଜ୍‌ଦି ମୋଟରସାଇକେଲ ବ୍ରାଣ୍ଡର କମ୍ପାନୀ କ୍ଲାସିକ୍ ଲେଜେଣ୍ଡସ୍ ପ୍ରାଇଭେଟ୍ ଲିମିଟେଡ୍ ବୁଧବାର ଓଡ଼ିଶାରେ ନିଜର ସବୁଠାରୁ ବଡ଼ ଡିଲରଶିପ ଉଦ୍‌ଘାଟନ କରିଛି। ଶ୍ରୀ ଭାରତ ମୋଟର୍ସ ଲିମିଟେଡ୍ ପରିଚାଳିତ ଏହି ଅତ୍ୟାଧୁନିକ ସୁବିଧା ବାଲେଶ୍ୱରର ରେମୁଣା ଛକ ନିକଟ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍‌ର ଗଣେଶ୍ୱରପୁର ଅବସ୍ଥିତ। ଉଦ୍‌ଘାଟନୀ ଉତ୍ସବରେ କ୍ଲାସିକ୍ ଲିଜେଣ୍ଡସ୍‌ର ଷ୍ଟେଟ୍ ହେଡ୍ ଦୀପ୍ତିରଞ୍ଜନ ବିଶ୍ୱାଳ, ଶ୍ରୀଭାରତ ମୋଟର୍ସର ସିଇଓ ରମାକାନ୍ତ ପରିଡ଼ା ଓ ଜିଏମ୍(ସେଲ୍‌ସ) ସଞ୍ଜୟ ପଣ୍ଡିତ ଉପସ୍ଥିତ ଥିଲେ। ଏହି ଡିଲରଶିପ ଦ୍ୱାରା ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ବାଇକ୍‌ପ୍ରେମୀମାନେ ଏବେ ଗୋଟି ସ୍ଥାନରେ ଜାୱା ଓ ୟେଜ୍‌ଦିର ସମ୍ପୂର୍ଣ୍ଣ ରେଞ୍ଜ ପାଇପାରିବେ। ୫ ହଜାର ବର୍ଗଫୁଟରେ ବିସ୍ତୀର୍ଣ୍ଣ ଏହି ସୁବିଧା ଓଡ଼ିଶାରେ ସବୁଠାରୁ ବଡ଼ ହୋଇଥିବା ବେଳେ ଜାୱା ଓ ୟେଜ୍‌ଦିର ସମ୍ପୂର୍ଣ୍ଣ ମଡେଲ ପ୍ରଦର୍ଶିତ ହେଉଛି ଏବଂ ଫ୍ୟାକ୍ଟ୍ରି-ଟ୍ରେନଡ୍ ଟେକ୍ନିସିଆନ ଥିବା ସର୍ଭିସ୍ ସେଣ୍ଟର ଉଚ୍ଚମାନର ଆଫ୍ଟର-ସେଲ୍ସ ସେବା ଯୋଗାଇବ। ଏହି ଅବସରରେ ରମାକାନ୍ତ ପରିଡ଼ା କହିଛନ୍ତି, କ୍ଲାସିକ୍ ଲିଜେଣ୍ଡସ୍ ଜାୱା, ୟେଜ୍‌ଦି ଓ ବିଏସ୍‌ଏ ଭଳି ବ୍ରାଣ୍ଡଗୁଡ଼ିକୁ ପୁନରୁଜ୍ଜୀବିତ କରିବାରେ ଏହା ସହାୟକ ହେବ।

# ୱାଶିଂଟନ ପୋଷ୍ଟରେ ପ୍ରକାଶିତ ଖବରକୁ ଏଲ୍‌ଆଇସିର ଖଣ୍ଡନ

ଭୁବନେଶ୍ୱର,୨୯।୧୦

ଆଦାନୀ ଗ୍ରୁପ୍ କମ୍ପାନୀଗୁଡ଼ିକରେ ନିବେଶ ପାଇଁ ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି)କୁ କେନ୍ଦ୍ର କହିଥିବା ୱାଶିଂଟନ ପୋଷ୍ଟରେ ପ୍ରକାଶ ପାଇଛି। ଏହି ଖବରକୁ ଏଲ୍‌ଆଇସି ଖଣ୍ଡନ କରିଛି। ଏଲ୍‌ଆଇସିର ନିବେଶ ନିଷ୍ପତ୍ତି ବାହ୍ୟ କାରକ ଦ୍ୱାରା ପ୍ରଭାବିତ ବୋଲି ଲଗାଇଥିବା ଅଭିଯୋଗଗୁଡ଼ିକ ମିଥ୍ୟା ଓ ଭିତ୍ତିହୀନ ବୋଲି ସଂସ୍ଥା କହିଛି। ନିବେଶ ନିଷ୍ପତ୍ତିଗୁଡ଼ିକ ଏଲ୍‌ଆଇସି ବୋର୍ଡ ଅନୁମୋଦିତ ନୀତି ଅନୁଯାୟୀ ବିସ୍ତୃତ ଯାଞ୍ଚ ପରେ ସ୍ୱାଧୀନ ଭାବେ ନିଏ। ଅର୍ଥ ବିଭାଗ କିମ୍ବା ଅନ୍ୟ କୌଣସି ସଂସ୍ଥାର ଏଥିରେ କୌଣସି ଭୂମିକା ନାହିଁ।

# ପତଞ୍ଜଳି ବିଶ୍ୱବିଦ୍ୟାଳୟର ୨ ଦିନିଆ ସମ୍ମିଳନୀ ଉଦ୍‌ଯାପିତ

ହରିଦ୍ୱାର, ୨୯।୧୦

ହରିଦ୍ୱାରାସ୍ଥିତ ପତଞ୍ଜଳି ବିଶ୍ୱବିଦ୍ୟାଳୟ 'ମାଟି ସ୍ୱାସ୍ଥ୍ୟ ପରୀକ୍ଷଣ ଓ ପରିଚାଳନା ଦ୍ୱାରା ଗୁଣବତ୍ତାଯୁକ୍ତ ଔଷଧୀୟ ବୃକ୍ଷର ସ୍ଥାୟୀ ଚାଷ' ସମ୍ପର୍କିତ ୨ ଦିନିଆ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଆୟୁଷ ମନ୍ତ୍ରଣାଳୟ, ନାବାର୍ଡ ଏବଂ ପତଞ୍ଜଳିର ସମନ୍ୱୟରେ ଆୟୋଜିତ ଏହି ସମ୍ମିଳନୀରେ ମାଟିର ସ୍ୱାସ୍ଥ୍ୟ ପରିଚାଳନା ଓ ଗୁଣବତ୍ତା ଉନ୍ନତି କରିବାର ଆଧୁନିକ ପ୍ରଯୁକ୍ତିଗତ ଉପାୟ ଉପରେ ବିସ୍ତୃତ ଚର୍ଚ୍ଚା ହୋଇଛି। ପତଞ୍ଜଳି ରିସର୍ଚ୍ଚ ଫାଉଣ୍ଡେଶନ ଓ ପତଞ୍ଜଳି ବିଶ୍ୱବିଦ୍ୟାଳୟର ସହଯୋଗରେ ଅନୁଷ୍ଠିତ ଏହି କର୍ମଶାଳାରେ ବିଶ୍ୱବିଦ୍ୟାଳୟର କୁଳପତି ଆଚାର୍ଯ୍ୟ ବାଳକ୍ରିଷ୍ଣା, ପ୍ରଦୀପ ଶର୍ମା , ଯୋଗଗୁରୁ ରାମଦେବ ପ୍ରମୁଖ ଯୋଗଦେଇ ବିସ୍ତୃତ ଆଲୋଚନା କରିଥିଲେ।

# ଜାତୀୟ ରାଜପଥରେ ବସ୍ ଦୁର୍ଘଟଣାଗ୍ରସ୍ତ: ୨ ମୃତ, ୭ ଗୁରୁତର

**ଜଳେଶ୍ୱର, ୨୯।୧୦(ନବୀନ ସାହୁ)**

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ଜଳେଶ୍ୱର କୋର୍ଟ ସମ୍ମୁଖରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୭ଜଣ ଗୁରୁତର ହୋଇଛନ୍ତି।

ମଙ୍ଗଳବାର ଅପରାହ୍ଣ ୫ଟାରେ ଏକ ବସ୍ (ନଂ.ଓଡି୦୫ବିଏଲ୍-୭୧୬୫) ଢେଙ୍କାନାଳ ଜିଲା ନୃସିଂହପୁରରୁ କୋଲକାତା ଅଭିମୁଖେ ବାହାରିଥିଲା। ବୁଧବାର ରାତି ୩ଟାରେ ବସ୍ ଜାତୀୟ ରାଜପଥର ଲକ୍ଷ୍ମଣନାଥ ରୋଡ୍ସ୍ଥିତ ଜଳେଶ୍ୱର ନୂଆ କୋର୍ଟ ସମ୍ମୁଖ ଦେଇ ଯାଉଥିଲା। ଏହି ସମୟରେ ରାସ୍ତା ଉପରେ ଛିଡ଼ା ହୋଇଥିବା ଏକ ଟ୍ରକ୍କୁ ବସ୍ ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ବସ୍ ଚାଳକ କଟକ ଜିଲା ସାଲେପୁର ଅଞ୍ଚଳର ମୀର ଅବଦୁଲ ରହିମ୍ (୩୯) ଓ ହେଲପର ମାହାଙ୍ଗାର ନୃସିଂହ କାଠୁଆ (୪୦)ଙ୍କ ମୃତ୍ୟୁ ହୋଇଯାଇଛି। ଢେଙ୍କାନାଳର ପାରାନା ବେଗମ (୨୫), ଗୁଲହର ବିବି (୫୨), ସୁରେଶ ପରିଡ଼ା (୨୯), ଭଦ୍ରକର ସଞ୍ଜୀବ ସାହୁ (୩୦), ମାନସ ମହାନ୍ତି (୨୫) ଓ କେନ୍ଦ୍ରାପଡ଼ାର ପ୍ରବୀର ବେହେରା (୩୦), କଣ୍ଡକ୍ଟର ନିମାପଡା ଅଞ୍ଚଳର ରୁଦ୍ରଜିତ ମହାପାତ୍ର (୩୦)ଙ୍କୁ ଗୁରୁତର ଅବସ୍ଥାରେ ଅଗ୍ନିଶମ ବାହିନୀ ଓ ଏନ୍ଏଚ୍ ଆମ୍ବୁଲାନ୍ସର କର୍ମଚାରୀମାନେ ଉଦ୍ଧାର କରି ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲକୁ ଆଣିଥିଲେ। ସେମାନଙ୍କ ମଧ୍ୟରେ ପାରାନା ବେଗମ ଓ ଗୁଲହର ବିବିଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେମାନଙ୍କୁ ବାଲେଶ୍ୱର ସ୍ଥାନାନ୍ତରିତ କରାଯାଇଛି।


ଦୁର୍ଘଟଣାଗ୍ରସ୍ତ ବସ୍।

---

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OHPC
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505
No.CAD-2124

No.-CHEP/TW-277 (Vol.-III)/4095 Date: 27.10.2025

**TENDER CALL NOTICE NO.-CHEP-38/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes for the following work from the reputed Electrical Contractors / Firms / Agencies meeting Eligibility Criteria only.

| Description | Cost of Tender Paper (Non-Refundable) | Estimated Cost / EMD (Refundable) |
|---|---|---|
| Annual Maintenance of Electrical Installation of Residential & Non-Residential Buildings of CHEP, Chiplima | Rs.7,080 (Rs.6,000.00 + GST @18%) | Rs.14,50,510.00 / EMD=Rs.14,510.00 |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com **from dtd.30.10.2025 up to 12:30 PM of dtd.12.11.2025.**

OIPR-04006/11/0109/2526 Sd/- C & P Head, CHEP, Chiplima

---

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, KHORDHA**
Tel.No.(06755) 221502, E-mail:eemidkhurda@yahoo.co.in
Letter No.4745, Dt.27.10.2025

**Invitation for Bids**

No.A-792: Bid Identification No. SEMIDKHD 12/2025-26

| | | | |
|---|---|---|---|
| 1 | The Superintending Engineer, Minor Irrigation Division, Khordha on behalf of the Governor of Odisha invites Percentage Rate Bids in Single and Double Cover System in Online Mode only for civil works in MIPs under CAPEX Scheme as detailed in the table below from the eligible Class of Contractors. | | |
| 2 | Nature of Work | :- | Civil Works in MIPs under CAPEX Scheme in different Blocks of Khordha District |
| 3 | No. of Works | :- | 02 (Two) Nos. only |
| 4 | Cost of Bid Document | :- | Rs.10,000/- (through online) only |
| 5 | Tender Value | :- | Rs.75.52 to 98.96 Lakhs |
| 6 | Class of Contractor | :- | "B" Class as applicable |
| 7 | Availability of Bid Documents Online | :- | 10.30 A.M. of Dt.30.10.2025 to 05.30 PM of Dt.10.11.2025 |
| 8 | Last Date and Time for receipt of Bids in the Portal | : | 5.30 PM of Dt.10.11.2025 |
| 9 | Date of Opening of Bids | : | 11.30 A.M. of Dt.11.11.2025 |
| 10 | The bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/corrigendum/ cancellation of Bid can also be seen in the said website. The Authority reserves the right to defer/reject/accept any or all the bids without assigning any reason whatsoever. The Authority shall in no way be held liable for such action nor will make any obligation to inform the Bidder the ground for the same. | | |

Sd./-Superintending Engineer
OIPR-32042/11/0024/2526 Minor Irrigation Division, Khordha

---

**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, GANJAM, BERHAMPUR**
No. O-1209
E-Mail: eerw_gm1@yahoo.co.in

**Government of Odisha, e-Procurement Notice**
Bid Identification No. Online Tender // 10 // SERWDG-I / 2025-26
Letter No. 4936//RWDG-I//BAM// Date: 25.10.25

| | | | |
|---|---|---|---|
| 1 | Name of the Work | : | Road Works |
| 2 | Estimated Cost | : | Rs.53.78 lakhs to Rs.58.82 Lakhs |
| 3 | Period of Completion | : | 02 (Two) Calendar Months as shown in Column No. 06 of Annexure |
| 4 | Date & Time of Availability of Bid Documents in the Portal | : | From 30.10.2025 at 11.00 A.M. to 12.11.2025 upto 5.00 P.M. |
| 5 | Last Date/Time for Receipt of Bids in the Portal | : | 12.11.2025 upto 5.00 P.M. |
| 6 | Name and Address of the Officer Inviting Bid | : | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website **https://www.tendersodisha.gov.in**.

Sd./- Executive Engineer
OIPR-25085/11/0033/2526 R.W. Division-I, Ganjam, Berhampur

---

**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, GANJAM, BERHAMPUR**
No. O-1202
Phone: 0680-2404096, E-Mail: eerwgmt@yahoo.co.in

**Government of Odisha, e-Procurement Notice**
Bid Identification No. Online Tender/16/SERWD-II/2025-26
Memo No. 7627/RWD-IIGB, Date: 13.10.25

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.7.01 lakhs to Rs.29.00 Lakhs |
| 3 | Period of Completion | : | 1 (One) Month & 2 (Two Months) as per Annexure |
| 4 | Date & Time of availability of Bid Documents in the Portal | : | 30.10.2025 at 10.00 A.M. to 07.11.2025 upto 5.00 P.M. |
| 5 | Last Date/Time for receipt of Bids in the Portal | : | 07.11.2025 upto 5.00 P.M. |
| 6 | Name and Address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal **tendersodisha.gov.in/nicgep/app**.

Sd./- Executive Engineer
Rural Works Division-II, Ganjam,
OIPR-25073/11/0040/2526 Berhampur

---

See Career Appointment on every Wednesday & Saturday

---

**DISTRICT PROJECT OFFICE**
**SAMAGRA SHIKSHA, MAYURBHANJ**
Murgabadi, P.O.: Bhanjpur, Baripada, PIN - 757002
E-mail: dpcmayurssa.opepa@nic.in

**NOTICE**

No. 4891 Date: 28.10.2025

No. n-: Pursuant to the Tender Call Notice No. 4590 date: 23.9.2025 for procurement of TLM & Equipments (Sports Item, LED TV, Musical Equipment, Library Furniture) and Category-B: Bedding items to 26 Nos. of KGBVs (Type-III) of Mayurbhanj District, the last date for receipt of sealed tenders is hereby extended upto 17.11.2025 by 5.00 P.M. and the same will be opened on 18.11.2025 at 11.00 A.M. in Conference Hall of District Education Office, Mayurbhanj. The terms and condition will remain unchanged.

By order of the Collector-cum-Chairman,
SS, Mayurbhanj

Sd./- DEO-cum-District Project Coordinator
OIPR-27140/11/0016/2526 Samagra Shiksha, Mayurbhanj

---

**BHUBANESWAR DEVELOPMENT AUTHORITY**
Akash Shova Building, Sachivalaya Marg, Bhubaneswar - 751001
PABX No. 0674-2392801/0998/6437, FAX No.: 0674-2390633/085
Visit us at: http://www.bda.gov.in/

**Invitation for Bids**

**Bid Identification No. 442/EM/BDA/2025-26 Date: 27.10.2025**

No. CAD-2122: Engineer Member, BDA on behalf of Bhubaneswar Development Authority, Bhubaneswar invites percentage rate bids in double cover system in ONLINE MODE from eligible contractors for civil works as mentioned below:

1. Nature of works : Civil Work (Construction of RCC/ SFRC Precast Boundary Wall)
2. Total No. of Works : 03 (Three) Nos.
3. Amount put to tender : Rs.178.10 Lakh, Rs.187.95 Lakh & Rs.178.39 lakh
4. Class of Contractor : 'B' & 'A' Class
5. Period of Completion : 11 (Eleven) Calendar Months
6. Cost of Bid Documents : Rs.10000.00 + 18% GST = Rs.11800.00 (Online transfer by the last date & time for receipt of bids)
7. Earnest Money Deposit (EMD): 1% of estimated cost put to tender (Online transfer by the last date & time for receipt of bids)
8. Availability of Tender : From 30.10.2025 to 5.30 P.M. of 17.11.2025 **https://tendersodisha.gov.in**
9. Date of Opening of Tender : Dt.18.11.2025 at 11.30 A.M.
10. Place of Opening of Tender : O/o. Engineer Member, BDA, Bhubaneswar

Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website.

Sd./- Engineer Member
OIPR-13033/11/0395/2526 BDA, Bhubaneswar

---

**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, GANJAM, BERHAMPUR**
No. O-1111
Phone: 0680-2404096, E-Mail: eerwgmt@yahoo.co.in

**Government of Odisha, e-Procurement Notice**
Bid Identification No. Online Tender/11/SERWD-II/2025-26
Memo No. 7524/RWD-IIGB, Date: 10.10.25

| | | | |
|---|---|---|---|
| 1 | Name of the Work | : | Road Works |
| 2 | Estimated Cost | : | Rs.8.40 to Rs.25.21 Lakhs |
| 3 | Period of Completion | : | 1 (One) Month as per Annexure |
| 4 | Date & Time of availability of Bid Documents in the Portal | : | 30.10.2025 at 10.00 A.M. to 07.11.2025 upto 5.00 P.M. |
| 5 | Last Date/Time for receipt of Bids in the Portal | : | 07.11.2025 upto 5.00 P.M. |
| 6 | Name and Address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal **tendersodisha.gov.in/nicgep/app**.

Sd./- Executive Engineer
OIPR-25073/11/0039/2526 R.W. Division-II, Ganjam, Berhampur

---

**OFFICE OF THE PANCHAYAT SAMITI, GUNUPUR**
Email: ori-gunpur@nic.in
Quotation Call Notice No. 2257/VI-04/2025, Dev Date: 24.10.2025

**QUOTATION CALL NOTICE**

No. i-359: Sealed quotations/tenders are invited from interested authorized dealer/ supplier registered firms/agencies for supply of the following items to the office of the undersigned to be installed in different G.P. of Gunupur Block. The quotation should reach in the office of the Block Development Officer, Gunupur on or before dated 07.11.2025 by 1.00 P.M. through Registered Post/Speed Post/Courier and the same will be open on same day at 4.00 P.M. in the presence of quotationer or their authorized agents if present. The rate should be quoted inclusive of all taxes and installation charges etc. The quotationer should submit the PAN Card & GST registration certificate along with the quotation. The quotation received after due date and time will not be entertained. The quotationer should quote his rate both in figure and words. Any alteration or correction should be attested by the quotationer. The successful quotationer shall execute the work under the supervision of Engineer in-charge of this office within 30 days from the date of receipt of work order. This notice shall be available from 11.00 A.M. dated 25.10.2025 upto 07.11.2025 in district website **www.rayagadanic.in** for wide publication. The undersigned reserves the right to cancel/reject any or all the quotations without assigning any reason thereof.

**SPECIFICATION**

| Sl. No. | Particulars of Materials | Rate per unit should be quote including all taxes and installation at given site |
|---|---|---|
| 01 | **Sollar Street Light** • 30W Sollar Light with LFP Battery pack and charge controller with Standard ISO Certificate • 75W Sollar Panel • LED • 6M GI Pole • GI Penal Mounting Frame • Light Arm • Connecting Wires, Cable & Nut/Bolt • Installation, Commissioning and Service. | |
| 02 | **Electric Street Light** • 60W Electric Street Light • Light Output: 6000 Lumens • 8M Pole Octagonal • Equivalent Light = 600W • Voltage Range = 100V - 300 V Ac • Installation, Commissioning and Service. | |
| 03 | **High Mast Light** • Luniaries Wattage (W) - 240 (60 × 4 Nos.) • Wide operating A/C, Voltage Range = 100 Volt to 300 Volt • No. LED's = 180 Nos. • Light Output (Lumens) = 6000 Lums • Equivalent Light Output = 720W CFL, 900W Mercury Lamp • No. Mercury Content • Pole Height should be 9 meter with all fittings • Transportation and installation and making operational of High Mast Light | |

OIPR-19434/11/0005/2526 Sd./- Block Development Officer, Gunupur

---

ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ, ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ, ମୋତିଝରନ, ସମ୍ବଲପୁର,
ଓଡ଼ିଶା, ପିନ୍-୭୬୮୦୦୧, ଦୂରଭାଷ/ଫାକ୍ସ-୦୬୬୩-୨୫୪୮୭୪୩
ଇମେଲ୍-dfohirakudwl.od@gov.in
Office Order No.84/1F-56(Actt.)/2025-26, Dated 28.10.2025

**CORRIGENDUM**

**No.MM-**The date has been modified as follows in respect of tender call notice for appointment of Architecture Consultant for providing Detailed Project Report (Plan, Design and Estimated) for Development of Debrigarh Ecotourism under Hirakud Wildlife Division, in the Tender Notice published vide Bid No.81, dt.16.10.2025 in the same tender process.

| Availability of Tender Documents Extent upto | Opening of Technical Evaluation | Opening of Financial Evaluation |
|---|---|---|
| 04.11.2025 (4.00 P.M.) | 06.11.2025 (11.30 A.M.) | 07.11.2025 (11.30 AM) |

All other terms and conditions will remain same as published in the above referred tender notice. Inconvenience, if any is highly regretted.

Sd./- Divisional Forest Officer
OIPR-08078/11/0009/2526 Hirakud Wildlife Division, Sambalpur

---

**GOVERNMENT OF ODISHA** No.O-1196
**OFFICE OF THE EXECUTIVE ENGINEER, RURAL WORKS DIVISION-II, SUNDARGARH**
E-mail:rw_rourkela@yahoo.co.in

**TENDER CALL NOTICE**
**BID IDENTIFICATION NO. ONLINE-EERKL-13 OF 2025-26**

1. Name of the Work: Bridge Works. 2. Total No. of Works: 01 (One) No. 3. Estimated Cost: Rs.13.98 Lakhs. 4. Class of Contractor: "D" & "C" Class. 5. Period of Completion: 01 (One) Calendar Months. 6. Type of Tender: Single Cover. 7. Other details:

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division-II, Sundargarh | Online-EERKL-13 of 2025-26 | 29.10.2025 from 10.00 A.M. | 04.11.2025 upto 5.00 P.M. |

Further details can be seen from the website: **www.tendersodisha.gov.in**

OIPR-25193/11/0093/2526 Sd./- Executive Engineer, R W Division-II, Sundargarh

---

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA**
E-Mail ID: serwcbaripada@gmail.com Ph. No.: 06792-261343/261344, Gangraj, Baripada

**"e" Procurement Notice for Plan Road Work**

No. O-1104
Identification No. Online Tender - Road N.C.B. No. 394 for 2025-26
Letter No. 4748 Date: 15.10.2025

1. Name of the Work : Road work in the District of Mayurbhanj for the year 25-26.
2. Total No. of Work : 34 Nos. (Thrity Four)
3. Estimated Cost : Rs.197.13 Lakhs to Rs.1420.77 Lakhs (Approximately)
4. Eligible Class of Contractor : As per Annexure
5. Period of Completion : As per Annexure
6. Other Details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E., .R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road Online N.C.B. No. 394 | Dt.30.10.2025 at 11.00 A.M. | Dt.18.11.2025 upto 5.00 P.M. | Dt.17.11.2025 upto 5.00 P.M. | Dt.19.11.2025 at 11.00 A.M. | Will be intimated later |

- Further details can be seen from the website: **www.tendersodisha.gov.in**.
- Any Corrigendum/Addendum will be displayed in the above e_tender website only.

OIPR-25130/11/0060/2526 Sd./- A.K. Naik, Chief Construction Engineer, R.W. Circle, Baripada

---

**GOVERNMENT OF ODISHA** Email: eekrcbdbasudevpur@gmail.com
**OFFICE OF THE SUPERINTENDING ENGINEER, KANPUR REHABILITATION, CAMPS & BUILDING DIVISION**
AT/PO- Basudevpur, Dist-Keonjhar, Pin-758047

**e-PROCUREMENT NOTICE**

No.A-797: Bid Identification No.SE, KRC & BD-16/2025-26

| Sl. No. | Name of Work | Approx. Value of work (Rs. in Lakh) | EMD/ Bid Security in Rs. (To be remitted online) | Cost of Bid document in Rs. (To be remitted online) | Period of Completion | Class of Contractor | Name & Address of the Division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Extension of drain near the Pond, Raising of drain wall at lane no-7, 6 and construction of 02 no CDs at R&R colony Birikala for the DPs of village Birikala and Gobindpur of KIP" | 53.50 | 53500.00 | 10,000/- | 08 (Eight) Calendar Months | "B" | Kanupur Reh. Campus & Building Division, At/Po-Basudevpur, Dist-Keonjhar |

| Procurement Officer | Bid Identification No. | Availability of tender online for bidding | | Date & Time of opening of tender (Technical Bid) | Last date of seeking clarification | Place of Opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Reh C & B Division, Basudevpur, Dist- Keonjhar | SE, KRC & BD- 16/ 2025-26 | 30.10.25 From 10.00 Hours | 13.11.25 Upto 17.00 Hours | 14.11.25 at 11.00 Hours | 13.11.25 Upto 15.00 Hours | O/o the Superintending Engineer, Kanupur Reh C & B Division, Basudevpur, Dist- Keonjhar |

OIPR-46009/11/0006/2526 Sd./- Superintending Engineer, Kanupur Reh. C & B Division, Basudevpur

---

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BOLANGIR**
E-mail ID: eerw_blgr@yahoo.co.in

**e-Procurement Notice**

No.O-1207: IFB IDENTIFICATION NO. EEBLGR-Online-14/2025-26

| | | | |
|---|---|---|---|
| 1. | Name of Work | : | Building Works |
| 2. | Total No. of Works | : | 04 (Four) Nos. |
| 3. | Approximate Estimated Cost | : | Rs.98.70 to 99.54 Lakhs |
| 4. | Time for Completion | : | 6 (Six) Calendar Months |
| 5. | Mode of Submission of tender | : | Tender should be submitted online in www.tendersorissa.gov.in. |
| 6. | Other details are as follows | : | As per TCN No. EEBLGR-Online-14/2025-26 |

| Procurement Officer | Bid Identification No. | Availability of Tender Online for bidding | | Last date and time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Executive Engineer, R.W.Divn., Bolangir | EEBLGR-Online-14/2025-26 | 30.10.2025 at 11.00 A.M. | 14.11.2025 upto 5.00 PM | 13.11.2025 upto 1.00 P.M. | 15.11.2025 at 11.00 A.M. | The date will be intimated later on |

•Further details can be seen from the website www.tendersodisha.gov.in.
•Any Corrigendum/ Addendum will be displayed in the above e tender website only.

OIPR-25068/11/0044/2526 Sd./- Executive Engineer, R.W.Division, Bolangir

---

**GOVERNMENT OF ODISHA** No. O-1167
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR**

**e-Procurement Notice**

| | | | |
|---|---|---|---|
| 1. | Name of Works | : | Improvement and Construction of Road under MMSY-Improvement to Existing RD Road, MMSY-TRIP and MMSY-CMRL for the year 2025-26 in the district of Bolangir and Subarnapur |
| 2. | No. of Work | : | 28 (Twenty Eight) Works |
| 3. | Time for Completion varies from | : | 6 (Six) to 9 (Nine) Calendar Months |
| 4. | Approximate estimated cost varies from | : | Rs.176.94 lakhs to Rs.498.28 lakhs |
| 5. | Mode of submission of tender | : | Tender should be submitted online in **www.tendersodisha.gov.in** |
| 6. | Other details are as follow | | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online-28/ 2025-26 | 30.10.2025 at 11.00 A.M. | 13.11.2025 upto 5.00 P.M. | 12.11.2025 upto 5.00 P.M. | 14.11.2025 at 11.00 A.M. | The date will be intimated later on |

- Further details can be seen from the website **www.tendersodisha.gov.in**.
- Any Corrigendum/Addendum will be displayed in the above e tender website only.

OIPR-25118/11/0070/2526 Sd./- Chief Construction Engineer, R.W. Circle, Bolangir

---

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, PATNAGARH**
E-mail: eerw_ptng@yahoo.in, Phone No.-06658-222121

**e-Procurement Notice**

No.O-1143: IFB IDENTIFICATION NO. EEPTNG-Online-07/2025-26

| | | | |
|---|---|---|---|
| 1. | Name of Work | : | Repair of Building Works |
| 2. | Total No. of Work | : | 36 (Thirty Six) No. Works |
| 3. | Time for Completion | : | 02 (Two) Calendar Months |
| 4. | Approximate estimated Cost | : | 1.69 Lakh to 14.41 Lakh |
| 5. | Mode of Submission of tender | : | Tender should be submitted online in www.tendersorissa.gov.in. |
| 6. | Other details are as follows | : | |

| Procurement Officer | Bid Identification No. | Availability of Tender Online for bidding | | Last date and time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W.Divn., Patnagarh | EEPTNG-Online-07/2025-26 | 30.10.2025 at 11.00 A.M. | 14.11.2025 upto 5.00 P.M. | 13.11.2025 upto 5.00 P.M. | 15.11.2025 at 11.00 A.M. |

•Further details can be seen from the website www.tendersorissa.gov.in.
•Any Corrigendum/ Addendum will be displayed in the above e tender website only.

OIPR-25154/11/0030/2526 Sd./- Executive Engineer, R.W.Division, Patnagarh

---

**OFFICE OF THE CHIEF CONSTRUCTION ENGINEER,**
**RURAL WORKS CIRCLE, BALASORE**
E-Mail ID: serw_balasore@yahoo.in, Ph.No.-06782/260318, Balia, Balasore

**"e" Procurement Notice for Road Work**

Identification No.Online Tender- Road N.C.B. No. 40 for 2025-26
Letter No.3784, Date:23.10.2025

**No.O-1215:** 1. Name of the Work: (MMSY-CMRL). 2. Total No. of Work: 33 Nos. of Work. 3. Estimated Cost: As per Annexure. 4. Eligible Class of Contractor: As per Annexure. 5. Period of Completion:As per Annexure. 6. Other details:

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender Clarification | Date & Time of Opening of Tender in O/O S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No-40 of 2025-26 | 30.10.2025 at 11.00 A.M. | 15.11.2025 Upto 5.00 P.M. | 14.11.2025 Upto 5.00 P.M. | 17.11.2025 At 11.00 A.M. | Will be intimated later |

• **Further details can be seen from the website: www.tendersodisha.gov.in**

Sd./- Chief Construction Engineer,
OIPR-25105/11/0085/2526 R.W. Circle, Balasore

---

**GOVERNMENT OF ODISHA** e-mail: eerwbnjr@gmail.com
**OFFICE OF THE SUPERINTENDING ENGINEER,**
**RURAL WORKS DIVISION, BHANJANAGAR**

**"e" Procurement Notice for Road Works**

No.O-1198: Identification No. Online Tender/ 12/ RWDBNJ/2025-2026
No.5021, Date: 04.10.2025

1. Name of the Work: Road Works. 2. Total Number of Works: 14 (Fourteen) Nos. 3. Estimated Cost: 9.53 Lakhs to 39.41 Lakhs. 4. Class of Contractor: 'D', 'C' & 'B' Class of Contractor. 5. Period of Completion: 01 & 02 (Two) Calendar Months. 6. Other details:

| Procurement Officer | Bid Identification No. | Availability of Tender online for bidding | | Date & Time of Opening Tender |
|---|---|---|---|---|
| | | From | To | |
| Superintending Engineer, R.W. Division, Bhanjanagar | Online Tender/12/ RWDBNJ/ 2025-2026 | 30.10.2025 at 10.00 A.M. | 10.11.2025 upto 3.00 P.M. | 11.11.2025 at 11.00 A.M. |

Further details can be seen from the website: www.tendersodisha.gov.in.

Sd./- Executive Engineer,
OIPR-25174/11/0050/2526 R.W. Division, Bhanjanagar

---

**GOVERNMENT OF ODISHA** No.O-1135
**OFFICE OF THE EXECUTIVE ENGINEER**
**RURAL WORKS DIVISION: RAYAGADA**
e-mail ID:rw_rayagada@yahoo.co.in

**GEPNIC e-Procurement Notice**
**Bid Identification No: EERWRGD-Online-08/2025-26**
Letter No.3368, Date 24.10.2025

1. Name of the Work: Repair of Building Works. 2. Total No. of Works: 22 Nos. (Percentage rate tender). 3. Estimated Cost: Varies from 2.99 to 5.98 Lakhs. 4. Class of Contractor: "D" or "C" Class. 5. Time of Completion: Specified in DTCN. 6. Mode of Submission of tender: Tender should be submitted only in online https://www.tendersodisha.gov.in. 7. Other details: Detailed tender condition specified in DTCN.

| Procurement Officer | Bid Identification No. | No. of Works | Availability of tender online for bidding | | Last date & time of seeking tender clarification | Date & Time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | |
| Executive Engineer, Rural Works Division, Rayagada | EERWRGD Online-07/2025-26 | 22 (Twenty Two) Nos. | 30.10.2025 at 11.00 A.M. | 15.11.2025 upto 5.00 P.M. | 14.11.2025 upto 5.00 P.M. | 17.11.2025 at 11.00 A.M. |

Further details can be seen from the website: **www.tendersodisha.gov.in**

Sd./- Executive Engineer
OIPR-25072/11/0032/2526 Rural Works Division, Rayagada

---

**GOVERNMENT OF ODISHA** E-mail: rwd.bonai@yahoo.com
**OFFICE OF THE EXECUTIVE ENGINEER, RURAL WORKS DIVISION, BONAI**

**TENDER CALL NOTICE**

No. O-1224 **BID IDENTIFICATION NO. ONLINE-EEBNI-02 of 2025-26**

01. Name of the Work : Road Works
02. Total No. of Works : 27 (Twenty Seven) Nos.
03. Estimated Cost : Rs.5.08 to 50.85 lakhs
04. Class of Contractor : "D", "C" & "B" Class
05. Period of Completion : 02 (Two) Months
06. Type of Tender : Single Cover/Double Cover

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date and time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Bonai | Online - EEBNI-02 of 2025-26 | 30.10.2025 from 10.00 A.M. | 13.11.2025 upto 5.00 P.M. | 12.11.2025 upto 5.00 P.M. | 14.11.2025 at 11.00 A.M. | Will be intimated separately |

07. Other Details :
Further details can be seen from the website **www.tendersorissa.gov.in** & for more information please visit the office.

OIPR-25200/11/0006/2526 Sd./- Executive Engineer, R.W. Division, Bonai

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..........................


ଲାବନ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜାନୁଆରୀ ୧୦ରେ କପିଳାସ ହାଫ୍ ମାରାଥନ


କପିଳାସ ହାଫ୍ ମାରାଥନ ନିମନ୍ତେ ଜର୍ସି ଉନ୍ମୋଚନ କରାଯାଉଛି।

**ଢେଙ୍କାନାଳ, ୨୯।୧୦ (ରତନ ନାୟାର)**

କପିଳାସ ହାଫ୍ ମାରାଥନର ତୃତୀୟ ସଂସ୍କରଣ ୨୦୨୬ ଜାନୁଆରୀ ୧୦ରେ ଢେଙ୍କାନାଳ ଜିଲ୍ଲା କପିଳାସ ବନ୍ୟଜନ୍ତୁ ଅଭୟାରଣ୍ୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅନୁଷ୍ଠିତ ହେବ। ଟାଟା ଷ୍ଟିଲ୍ ମେରାମଣ୍ଡଳୀ(ଟିଏସ୍ଏମ୍) ପକ୍ଷରୁ ଢେଙ୍କାନାଳ ଜିଲା ପ୍ରଶାସନ ସହଯୋଗରେ ଏହାର ଆୟୋଜନ କରାଯାଇଛି। ଏ ସମ୍ପର୍କରେ ଢେଙ୍କାନାଳସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ବୁଧବାର ପୂର୍ବାହ୍ନ ୧୧ଟାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଖବରଦାତା ସମ୍ମିଳନୀରେ ହାଫ୍ ମାରାଥନର ଅଫିସିଆଲ ଟି-ସାର୍ଟକୁ ଢେଙ୍କାନାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଉନ୍ମୋଚନ କରିଥିଲେ। ଏସ୍‌ପି ଅଭିନବ ସୋନକର, ଜିଲା ବନଖଣ୍ଡ ଅଧିକାରୀ ସୁମିତ କର, କମ୍ପାନୀ କର୍ପୋରେଟ୍ ସର୍ଭିସେସ୍ ମୁଖ୍ୟ ମୋହିତ ଦାସ, କ୍ରୀଡା ମୁଖ୍ୟ ମୁକୁଲ ବିନାୟକ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜନ୍ମ ଶତବାର୍ଷିକ ପାଇଁ ଶହୀଦ ବୀର ବାଜି ରାଉତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ହାଫ୍ ମାରାଥନରେ ଜୈବ ବିବିଧତା ସଂରକ୍ଷଣ, ବିଶେଷକରି ହାତୀ ସୁରକ୍ଷାକୁ ନେଇ ସଚେତନତା ବୃଦ୍ଧି ଲକ୍ଷ୍ୟ ରଖାଯାଇଛି। ଏଥିସହ କପିଳାସକୁ ବିଶ୍ୱବ୍ୟାପୀ ଇକୋ-ଟୁରିଜିମ୍ ଏବଂ ପ୍ରଫେଶନାଲ ଦୌଡ଼ର ସ୍ଥଳ ଭାବରେ ସ୍ଥାପିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ହାଫ୍ ମାରାଥନରେ ୩ଟି ବର୍ଗ ରହିବ। ୧୮ବର୍ଷ ଓ ଊର୍ଦ୍ଧ୍ୱ ବୟସର ଅଂଶଗ୍ରହଣକାରୀଙ୍କ ପାଇଁ ୨୧ କିଲୋମିଟର, ୧୦ କିଲୋମିଟର ଦୌଡ଼, ୧୪ରୁ ୧୮ବର୍ଷ ବୟସର ବାଳିକା ଓ ବାଳକଙ୍କ ପାଇଁ ୫ କିଲୋମିଟର ଦୌଡ଼ ରହିଛି । ବିଶ୍ୱବ୍ୟାପୀ ମାରାଥନ ଲାଗି ସ୍ୱୀକୃତିପ୍ରାପ୍ତ ସଂସ୍ଥା ଆସୋସିଏଶନ ଅଫ୍ ଇଣ୍ଟରନ୍ୟାଶନାଲ ମାରାଥନ ଆଣ୍ଡ ଡିଷ୍ଟାନ୍ସ ରେସେସ୍(ଏଆଇଏମ୍ଏସ୍) ପକ୍ଷରୁ ଏହି ମାରାଥନର ମାର୍ଗକୁ ସ୍ୱୀକୃତି ଦିଆଯାଇଛି। ଏହି ଅବସରରେ ଢେଙ୍କାନାଳ ଜିଲାପାଳ ପାଟିଲ ଜିଲା ପ୍ରଶାସନ ଓ ଅନ୍ୟ ସମସ୍ତଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ସଫଳ ହେବ ବୋଲି କହିଥିଲେ। ଜିଲା ପ୍ରଶାସନ ଓ ସହଯୋଗୀମାନଙ୍କୁ କୃତଜ୍ଞତା ଜଣାଇ କମ୍ପାନୀ କର୍ପୋରେଟ ସେବାର ଉପସଭାପତି ଡି.ବି. ସୁନ୍ଦର ରମମ୍ କ୍ରୀଡ଼ାକୁ ଫିଟନେସ୍, ଉତ୍ତମ ସ୍ୱାସ୍ଥ୍ୟ ଓ କମ୍ୟୁନିଟି ସ୍ପିରିଟ୍‌ର ପ୍ରୋତ୍ସାହନ ପାଇଁ ବ୍ୟବହାର କରିବାରେ ବିଶ୍ୱାସ କରୁ ବୋଲି କହିଥିଲେ। ଉପସଭାପତି(ପରିଚାଳନା) ଉତ୍ତମ ସିଂହ ଏକ ସୁସ୍ଥ ମନ ଓ ଶରୀରର ଯାତ୍ରା ପ୍ରକୃତିକୁ ଆପଣାଇବା ଏବଂ ଅଧ୍ୟବସାୟର ଶକ୍ତିରୁ ହିଁ ହୋଇଥାଏ ବୋଲି କହିଥିଲେ। ଆଗ୍ରହୀ କ୍ରୀଡ଼ାବିତ୍‌ମାନେ ଆସନ୍ତା ଡିସେମ୍ବର ୧୫ ତାରିଖ ଭିତରେ ଏଥିପାଇଁ ନିଜର ନାମ ପଞ୍ଜୀକରଣ କରିପାରିବେ ବୋଲି କମ୍ପାନୀ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

# ଫାଇନାଲରେ ଓଡ଼ିଶା ପୋଲିସ

**ଭୁବନେଶ୍ୱର, ୨୯।୧୦(ତପନ ସ୍ୱାଇଁ)**

### ନନ୍ଦକିଶୋର ସ୍ମାରକୀ ମହିଳା ଫୁଟ୍‌ବଲ

ନୟାପଲ୍ଲୀର ସିଟି କ୍ଲବ୍ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଦଳ ଭାବେ ଓଡ଼ିଶା ପୋଲିସ ଟିମ୍ ଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ସେମିଫାଇନାଲରେ ଓଡ଼ିଶା ପୋଲିସ ଟାଇବ୍ରେକରେ ୩-୨ ଗୋଲରେ କେନ୍ଦୁଝରର ତାରିଣୀ ଏଫ୍‌ସିକୁ ପରାସ୍ତ କରିଛି। ପେନାଲ୍ଟି ଶୁଟ୍‌ଆଉଟ୍ ପର୍ଯ୍ୟାୟରେ ଓଡ଼ିଶା ପୋଲିସ ପକ୍ଷରୁ ଯଶୋଦା ମୁଣ୍ଡା, ସତ୍ୟବତୀ ଖାଡ଼ିଆ ଓ ସସ୍ମିତା ତାନ୍ତି ଏବଂ ତାରିଣୀ ଏଫ୍‌ସି ପକ୍ଷରୁ ପୂର୍ଣ୍ଣିମା ମୁଣ୍ଡା ଓ ଅର୍ଚ୍ଚିତା ରାଉତ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଓଡ଼ିଶା ପୋଲିସ ଗୋଲ୍‌କିପର ମଞ୍ଜୁ ଗଞ୍ଜୁଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଥିଲା। ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶାର ଉପସଭାପତି ଦିଲୀପ ଦାସ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବୃନ୍ଦାବନ ଦଳବେହେରା, ଅଶୋକ କୁମାର ମହାନ୍ତି, ମହମ୍ମଦ ସହିଦ ଜବାର, ସୁରେଶ କୁମାର ସ୍ୱାଇଁ, ଜଲିଲ ଖାଁ, ରଞ୍ଜିତା ମହାନ୍ତି, ସୁଦୀପ୍ତା ଦାସ, ଶୁଭେନ୍ଦୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସିଟି କ୍ଲବ୍ ସମ୍ପାଦକ ପ୍ରଦୀପ କୁମାର ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୩୦ ତାରିଖରେ ଦ୍ୱିତୀୟ ସେମିଫାଇନାଲ ନୀତା ଫୁଟ୍‌ବଲ ଏକାଡେମୀ ଓ ସୁନ୍ଦରଗଡ଼ର କୁଆଁରମୁଣ୍ଡା ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ। ୩୧ ତାରିଖ ଅପରାହ୍ନ ୪ଟାରେ ଫାଇନାଲ ଖେଳାଯିବ।



ମଞ୍ଜୁ ଗଞ୍ଜୁଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

# ସ୍ନେହା, ରିଙ୍କି, ମୁନା, ଜଗଦୀଶଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୨୯।୧୦ (ତପନ ସ୍ୱାଇଁ)**

### ରାଜ୍ୟ ଭାରୋତ୍ତୋଳନ

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ଭାରୋତ୍ତୋଳନ କକ୍ଷରେ ଚାଲିଥିବା ୭୨ତମ ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତାର ବୁଧବାର ଦ୍ୱିତୀୟ ଦିବସ ସନ୍ଧ୍ୟାସୁଦ୍ଧା ୟୁବ ବାଳିକା ବର୍ଗରେ ୪୮, ୫୩ ଓ ୫୮ ଏବଂ ବାଳକ ବିଭାଗର ୫୬, ୬୦, ୬୫ ଓ ୭୧ କେଜି ବର୍ଗର ପ୍ରତିଯୋଗିତା ଶେଷ ହୋଇଛି। ସେହିପରି ଜୁନିୟର ଓ ସିନିୟର ବିଭାଗର ୪୮, ୫୩ ଓ ୫୮ କେଜି ବର୍ଗର ପ୍ରତିଯୋଗିତା ସମ୍ପନ୍ନ ହୋଇଛି। ସିନିୟର ମହିଳା ୪୮ କେଜିରେ ରିଙ୍କି ନାୟକ, ୫୩ କେଜିରେ ସ୍ନେହା ସୋରେନ, ୫୮ କେଜିରେ ରିମା ଭୋଇ ଏବଂ ପୁରୁଷ ୬୦ କେଜିରେ ମୁନା ନାୟକ, ୬୫ କେଜିରେ ଜଗଦୀଶ ନାୟକ ଓ ୭୧ କେଜିରେ ସ୍ୱୟମଜିତ ପ୍ରସାଦ ସାହୁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ଜୁନିୟର ମହିଳା ୪୮ କେଜିରେ ବିନିତା ନାୟକ, ୫୩ କେଜିରେ ମୀନା ସିଂ, ୫୮ କେଜିରେ ମୀନା ସାନ୍ତା (ଏ), ପୁରୁଷ ୬୦ କେଜିରେ ସୁବ୍ରତ ନାଏକ, ୬୫ କେଜିରେ ସଦାନନ୍ଦ ବରିହା ପ୍ରଥମସ୍ଥାନ ଅଧିକାର କରିଛନ୍ତି। ୟୁଥ୍ ବାଳିକା ୪୪ କେଜିରେ ଅଭିପ୍ସା ଆଚାର୍ଯ୍ୟ, ୪୮ କେଜିରେ ବିନିତା ପାଏକ, ୫୩ କେଜିରେ ମୀନା ସିଂ, ୫୮ କେଜିରେ ମୀନା ସାନ୍ତା, ବାଳକ ୫୬ କେଜିରେ ହର୍ଷବର୍ଦ୍ଧନା ସାହୁ, ୬୦ କେଜିରେ ସୁବ୍ରତ ନାଏକ, ୬୫ କେଜିରେ ପ୍ରଫୁଲ୍ଲ ଖାଡା ଏବଂ ୭୧ କେଜିରେ ଏମ. ଭିନାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରାଜ୍ୟ ଭାରୋତ୍ତୋଳନ ସଂଘର ଆନ୍ତରିଣ ସମ୍ପାଦକ ଗୋପାଳକୃଷ୍ଣ ଦାସ, ଅଲିମ୍ପିଆନ କେ, ରବିକୁମାର, ସୌମିତ୍ରୀ ମଣ୍ଡଳ, ରାଜୀବ ଲୋଚନ ଷଡ଼ଙ୍ଗୀ, ଜୋଲଟନ ଫରକାସ, ହିମାସ ଗାପାସି, ପି. ଧର୍ମାରାଓ, ପଦ୍ମିନୀ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।



ପଦକ ବିଜେତା ଭାରୋତ୍ତୋଳକଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।


## ଜନ୍ମଦିନ ଶୁଭେଚ୍ଛା



**ଲାବନ୍ୟା ରାଉତରାୟ**
ସଂସାରଫଳ, ପଟ୍ଟାମୁଣ୍ଡାଇ
ପବିତ୍ର ଜନ୍ମଦିନ ଅବସରରେ କରୁଣାମୟ ଶ୍ରୀଜଗନ୍ନାଥ ଆମ ଗେହ୍ଲା ନାତୁଣୀ ଲାବନ୍ୟାକୁ କୋଟି ଆୟୁଷ ଦିଅନ୍ତୁ।
ଶୁଭେଚ୍ଛାସହ:
ଜେଜେ, ଜେମା', ଅଜା, ଆଇ, ବାପା, ବୋଉ, ବଡ଼ବାପା, ବଡ଼ବୋଉ, କକା, କାକି ଓ ଭାଇ ଭଉଣୀ।
ଧ-୨୪୧୯


# ରୋହିତ ଶର୍ମା ନଂ-୧

**ଦୁବାଇ,୨୯।୧୦(ପି.ଟି.):** ଭାରତର ପୂର୍ବତନ ଅଧିନାୟକ ରୋହିତ ଶର୍ମା ବୁଧବାର ଆଇସିସି ପୁରୁଷ ଦିନିକିଆ ବ୍ୟାଟରଙ୍କ ତାଲିକାରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ଜାଜ୍ୱଲ୍ୟମୟ କ୍ୟାରିୟରରେ ସେ ପ୍ରଥମ ଥର ପାଇଁ ଏହି ସଫଳତା ପାଇଛନ୍ତି। ଏହି ପ୍ରକ୍ରିୟାରେ ସେ ଆଫଗାନିସ୍ତାନର ଓପନର ଇବ୍ରାହିମ ଜଦ୍ରାନ ଓ ଭାରତୀୟ ଦଳର ଅଧିନାୟକ ଶୁବମନ ଗିଲ୍‌ଙ୍କୁ ପଛରେ ପକାଇଛନ୍ତି। ରୋହିତଙ୍କ ବ୍ୟତୀତ ଟପ୍-୧୦ ବ୍ୟାଟରଙ୍କ ମଧ୍ୟରେ ୩ ଭାରତୀୟ ରହିଛନ୍ତି।

# କେନ୍ଦ୍ରାପଡ଼ାରେ ମହିଳା ଫିଡେ ରେଟିଂ ଚେସ୍

**ଭୁବନେଶ୍ୱର, ୨୯।୧୦(ତପନ ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ରାଜ୍ୟ ସିନିୟର ମହିଳା ଫିଡେ ରେଟିଂ ଚେସ୍ ପ୍ରତିଯୋଗିତା ଆୟୋଜନ ହେବାକୁ ଯାଉଛି। କେନ୍ଦ୍ରାପଡ଼ାର ଗରାପୁରଠାରେ ଏହା ନଭେମ୍ବର ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତିଯୋଗିତା ପାଇଁ ପ୍ରଥମଥର ଲାଗି ୫୦,୦୦୦ ଟଙ୍କାର ପୁରସ୍କାର ରାଶି ଏବଂ ୪୩ଟି ଟ୍ରଫି ପ୍ରଦାନର ବ୍ୟବସ୍ଥା କରାଯାଇଛି। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫,୦୦୦ ଓ ରନରଅପ୍‌ଙ୍କୁ ୧୦,୦୦୦ ଟଙ୍କା ପ୍ରଦାନ କରାଯିବ। ଏହା ବ୍ୟତୀତ ୫ରୁ ୧୫ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ୩ ଜଣ ଲେଖାଏ ଖେଳାଳିଙ୍କୁ ଆକର୍ଷଣୀୟ ଟ୍ରଫି ଏବଂ ଶ୍ରେଷ୍ଠ ଭେଟେରାନ୍, ଭିନ୍ନକ୍ଷମ ଏବଂ କେନ୍ଦ୍ରାପଡ଼ା ଜିଲାର ସ୍ଥାନୀୟ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯିବ। ଅଂଶଗ୍ରହଣକାରୀ ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ଆୟୋଜକ ଆସୋସିଏଶନ ସଭାପତି କିଶୋର ପଣ୍ଡା ପ୍ରକାଶ କରିଛନ୍ତି। ପ୍ରତିଯୋଗିତାର ଶ୍ରେଷ୍ଠ ୪ ପ୍ରତିଯୋଗୀ ଆଗାମୀ ଜାତୀୟ ସିନିୟର ମହିଳା ଚେସ୍‌ରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟ ବିବେଚିତ ହେବେ। ଜାତୀୟ ପ୍ରତିଯୋଗିତା ଡିସେମ୍ବର ୩ରୁ ୧୩ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ଦୁର୍ଗାପୁରଠାରେ ଅନୁଷ୍ଠିତ ହେବ। ଗୁରୁବାର ସକାଳ ୧୦ଟା ମଧ୍ୟରେ ୫୦୦ ଟଙ୍କା ଏଣ୍ଟ୍ରି ଫି' ଦେଇ ପ୍ରତିଯୋଗୀମାନେ ନିଜ ନାମ ପଞ୍ଜୀକୃତ କରିପାରିବେ ବୋଲି ଆସୋସିଏଶନ ସମ୍ପାଦକ ଭବେଶ ମହାନ୍ତି ଜଣାଇଛନ୍ତି।

# ଓଡ଼ିଶାର ସାର୍ଥକଙ୍କୁ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର, ୨୯।୧୦(ତପନ ସ୍ୱାଇଁ)**

### ଏସିଆନ୍ ୟୁଥ୍ ଗେମ୍ସ

ବାହାରିନ୍‌ରେ ଅନୁଷ୍ଠିତ ଏସିଆନ୍ ୟୁଥ୍ ଗେମ୍ସରେ ଓଡ଼ିଶାର ସାର୍ଥକ ଆର୍ଯ୍ୟ ଟେବୁଲ ଟେନିସ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲକରି ଇତିହାସ ପୃଷ୍ଠାରେ ନିଜ ନାମ ଲିପିବଦ୍ଧ କରିଛନ୍ତି। ସାର୍ଥକ ଓ ବେଙ୍ଗଲର ସିନ୍ଦ୍ରେଲା ଦାସ ମିକ୍ସଡ ଡବଲ୍ସ ଇଭେଣ୍ଟରେ ଏହି ସଫଳତା ପାଇଛନ୍ତି। ମହାଦେଶୀୟ ୟୁଥ୍ ଟେବୁଲ ଟେନିସ୍‌ର ଡବଲ୍ସ ଇଭେଣ୍ଟରେ ଭାରତର ଏହା ପ୍ରଥମ ପଦକ। ସାର୍ଥକ ଓ ସିନ୍ଦ୍ରେଲା ଯୋଡ଼ି କ୍ୱାର୍ଟର ଫାଇନାଲରେ ଉଚ୍ଚ ର୍‍ୟାଙ୍କ୍‌ପ୍ରାପ୍ତ କୋରିଆ ଯୋଡ଼ି ଲି ସଙ୍ଗ୍‌ସୁ ଓ ହିୟୋ ୟେରିମଙ୍କୁ ୩-୨ରେ ପରାସ୍ତ କରିଥିଲା। ସେମିଫାଇନାଲରେ ପ୍ରଥମ ୨ ସେଟ୍ ଜିତି ଫାଇନାଲ ଦ୍ୱାରରେ ପହଞ୍ଚିଥିଲେ ହେଁ ପରବର୍ତ୍ତୀ ୩ ସେଟ୍ ହାରି ଚାଇନା ଯୋଡ଼ି ତାଙ୍ଗ ୟିରେନ ଓ ହୁ ୟି'ଙ୍କଠାରୁ ୨-୩ (୧୧-୫, ୧୧-୯, ୯-୧୧, ୮-୧୧, ୯-୧୧)ରେ ପରାଜିତ ହୋଇଥିଲେ। ଏସୀୟ ପ୍ରତିଯୋଗିତା ପରି ଏକ ବଡ଼ ମଞ୍ଚରେ ପ୍ରଭାବୀ ପ୍ରଦର୍ଶନ କରିଥିବାରୁ ସାର୍ଥକ ଓ ସିନ୍ଦ୍ରେଲାଙ୍କୁ ଓଡ଼ିଶା ଟେବୁଲ ଟେନିସ୍ ଆସୋସିଏଶନ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ମ୍ୟାଚ୍ ଡ୍ର ; ଓଡ଼ିଶାକୁ ୬, ଆସାମକୁ ୨ ପଏଣ୍ଟ

**ଭୁବନେଶ୍ୱର, ୨୯।୧୦(ତପନ ସ୍ୱାଇଁ)**

### ସି.କେ. ନାଇଡୁ ଟ୍ରଫି

କିଟ୍ କ୍ରିକେଟ୍ ଷ୍ଟାଡିୟମରେ ବୁଧବାର ଶେଷ ହୋଇଥିବା ଓଡ଼ିଶା-ଆସାମ ୨୩ ବର୍ଷରୁ କମ୍ କଲୋନେଲ ସି.କେ. ନାଇଡୁ ଟ୍ରଫି କ୍ରିକେଟ୍ ମ୍ୟାଚ ଅମୀମାଂସିତ ଭାବେ ଶେଷହୋଇଛି। ବର୍ଷା ଯୋଗୁ ୪ର୍ଥ ଦିବସ ଖେଳ ସମ୍ଭବ ହୋଇ ନ ଥିଲା। ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ପଏଣ୍ଟ ସିଷ୍ଟମ ଅନୁସାରେ ଓଡ଼ିଶାକୁ ୬ ଓ ଆସାମକୁ ୨ ପଏଣ୍ଟ ମିଳିଛି। ଉଭୟ ଦଳକୁ ଗୋଟିଏ ଲେଖାଏ ମ୍ୟାଚ୍ ପଏଣ୍ଟ ମିଳିଥିବାବେଳେ ବ୍ୟାଟିଂରେ ଓଡ଼ିଶାକୁ ୧ ଓ ଆସାମକୁ ୦ ଏବଂ ବୋଲିଂରେ ଓଡ଼ିଶାକୁ ୪ ଓ ଆସାମକୁ ୧ ପଏଣ୍ଟ ମିଳିଛି। ଏଥିରେ ଆସାମ ପ୍ରଥମ ଇନିଂସ୍‌ରେ ୨୧୬ ରନ୍ କରିଥିବାବେଳେ ଓଡ଼ିଶା ୩ ଉଇକେଟ ହରାଇ ୧୬୯ ରନ୍ କରିବାପରେ ଆଉ ଖେଳ ସମ୍ଭବ ହୋଇ ନ ଥିଲା। ଉଭୟ ଦଳର ପ୍ରଥମ ଇନିଂସ୍ ଶେଷ ହୋଇ ନ ଥିବାରୁ ବିସିସିଆଇ ନିୟମ ଅନୁସାରେ ପଏଣ୍ଟ ପ୍ରଦାନ କରାଯାଇଥିଲା।


# Classified Everyday
0674-2580101, 9692975378


REAL ESTATE
SALE


LIG House (136, 137, 138, 139) for sale At Sector- 3, Niladri Vihar, Near- Pani Tanki, Bhubaneswar. Contact- 9437229575. D-2398

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834 D-06


FOR RENT

Fully furnished residential accommodation near Allen College Koustav Chandrasekharpur. 8895154066. D-2416

Commercial 2000sqft. second- floor hall with lift behind airport on 100ft. wide Bhimatangi Main road for office or commercial. 9958003695. D- 76944


Healthcare

Full body massage by odia therapist in homely atmosphere. 9078618337. D-2417

AFFIDAVIT

By virtue of an affidavit sworn before the Notary Public, Saintala dated.- 23.10.2025, Sl.No.- 87, I, Jamuna Bhoi, Resident of Village At- Dedhel, P.O.- Ghunsar, P.S.- Saintala, Dist:- Balangir (Odisha), PIN– 767032 declare that I have changed my name from Amrita Majhi to Jamuna Bhoi. Henceforth, I shall be known as Jamuna Bhoi for all purpose.
Jamuna Bhoi
D-2414

By virtue an affidavit sworn before the Executive Magistrate, dated- 27.10.2025, I, Smrutilata Dash, W/o.- Madhusudan Dash, Address: At- Chainpur, P.O./P.S.- Bonth, Dist.- Bhadrak, PIN- 756114, Odisha declare that I have changed my name from Srutilata Dash to Smrutilata Dash. Henceforth, I shall be known as Smrutilata Dash for all purposes. D-2413

By virtue of an affidavit sworn before the Executive Magistrate, Sundargarh, date- 27.10.25, I, Prakash Podh, S/o.- Late Shyam Podh, R/o. Village/P.O.- Tikilipara, P.S.- Hemgir, Dist.- Sundargarh, Odisha declare that my father Late Shyam Podh official nominee record of MCL my name has been erroneously mentioned as PRANAY KU. PODH. That both the names PRAKASH PODH and PRANAY KU. PODH refers to one and same person. D-2421

Email ମାଧ୍ୟମରେ କ୍ଲାସିଫାଏଡ଼୍ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

I, KANU CHARAN BEURA, S/o.- Late Kumar Beura, Resident of At- Padasahi, P.O.- Raghunathpur, P.S.- Nandankanan, Bhubaneswar, Dist.- Khordha, PIN- 754005, Odisha declare by this affidavit No.- 878 dtd.- 27.10.2025 that now onwards I shall be known as KANHU CHARAN BEURA for all purposes. D-2412

LOST

Original property document Sale Deed, Link Documents, Patta/ ROR & money receipt of property at address Plot No.- 766/4573 & 765/4557 & 767/4556, Khata No.432/2669 & 432/2660, Mouza- Dumduma, P.S.- Khandagiri, SRO/Tahasil- Bhubaneswar, Dist.- Khurda belonging to Surya Kumari Prusty, W/o.- Late Basanta Kumar Prusty, R/o Plot No.- 1294, N-1/175, Nayapalli, Bhubaneswar, has been lost/misplaced inadvertently. Finder may please contact at 9937147355. Duplicate will be applied for if unclaimed within 7 days. D-76867

LEGAL NOTICE

IN THE COURT OF THE SUB-COLLECTOR, CUTTACK.
MUTATION APPEAL NO. 12/25.
Ashok Kumar Mohanty & others. .....Appellants.
VERSUS
Himansu Sekhar Mohanty & others. .....Respondents.
To.
Respondent No.2) Kalyani Mohanty, aged about 41 years. 3) Chumuki Mohanty, aged about 37 years. No.2 & 3 are Daughters of Late Ramanath Mohanty, Both are of Village- Mallipur, P.O/P.S-Kishannagar, Dist.- Cuttack.
You are hereby noticed to appear in the above Appeal on dt.- 25.11.2025, failing which the Appeal will be decided in your absence.
S/d.- SUB COLLECTOR, CUTTACK.
D-2420

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ମନେ ପଡ଼ନ୍ତି

### ୧୬ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ବସନ୍ତ କୁମାରୀ ମହାନ୍ତି**
ସ୍ୱାମୀ- ସ୍ୱର୍ଗତ ନଟବର ମହାନ୍ତି
ବସନ୍ତ ନିବାସ, ଅରିଲୋ, କଟକ
ତିରୋଧାନ: ୨୬।୧୦।୨୦୦୯
ବୋଉ, ତୋତେ ହରାଇ ଆମେ ସର୍ବହରା। ତୋର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ତୋର ଆଦର୍ଶ, ଆଶୀର୍ବାଦ ଆମ ଜୀବନର ପାଥେୟ ହେଉ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ବନ୍ଧୁପରିଜନ
ଧ-୨୪୧୮

### Shradhanjali



DOB: 15.08.1933
DOD: 21.10.2025
**Late Soudamini Misra**
(W/o: Late Biswanath Misra)
A gentle and caring soul, will continue to live in our memories and be in our prayers always.
DEEPLY MOURNED BY
Bereaved Sons Manoranjan Mishra, Sudhansu Ranjan Mishra and other grieving relatives and family members
D-2422

# ଭାବି ନ ଥିଲେ ଅନନ୍ୟା



ଅନନ୍ୟା

**ଅ**ନନ୍ୟା ପାଣ୍ଡେ ଯେତେବେଳେ ବଲିଉଡ୍‌ରେ ଏଣ୍ଟ୍ରି କଲେ ତାହା ତାଙ୍କ ପାଇଁ ଏକ ସରପ୍ରାଇଜ ଥିଲା କହିଲେ ଟିକିଏ ହେଲେ ଭୁଲ୍ ହେବ ନାହିଁ। କାରଣ ସେତେବେଳେ ସେ ପାଠପଢ଼ାରେ ବ୍ୟସ୍ତ ଥିଲେ। ହଠାତ୍ କରନ୍ ଜୋହରଙ୍କ ପରି ନାମୀ ପ୍ରଯୋଜକଙ୍କ ନିକଟରୁ ଅଫର ପାଇବା ପରେ ତାହାକୁ ସେ ସହଜରେ ବିଶ୍ୱାସ କରିପାରି ନ ଥିଲେ। କରନ୍ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର ୨'ର ଫିମେଲ ଲିଡ୍ ପାଇଁ ଜଣେ ନବାଗତାଙ୍କ ସନ୍ଧାନରେ ଥିଲେ। ଏକଦା ତାଙ୍କର ଚଙ୍କି ତନୟା ଅନନ୍ୟାଙ୍କ କଥା ମନକୁ ଆସିଥିଲା ଆଉ ବିଳମ୍ବ ନ କରି ସେ ଚଙ୍କିଙ୍କ ସହ ଯୋଗାଯୋଗ କରିଥିଲେ। ଶେଷରେ ମାମା-ପାପାଙ୍କ କଥାକୁ କାଟି ନ ପାରି ଅନନ୍ୟା ଅଡିଶନ୍ ଦେବାକୁ ଯାଇଥିଲେ। ଆଉ ଯେତେବେଳେ ସେ ଜାଣିଲେ ଯେ ଏହି ରୋଲ୍ ପାଇଁ ତାଙ୍କୁ ଚୟନ କରାଯାଇଛି ତାଙ୍କ ଆଖିରୁ ଦୁଇ ଟୋପା ଆନନ୍ଦାଶ୍ରୁ ଆସି ଯାଇଥିଲା। ଏ ନେଇ ଅନନ୍ୟା କହନ୍ତି, ''କରନ୍ ସାର୍ ଯେତେବେଳେ ମୋତେ ଜଣାଇଲେ ଯେ ମୁଁ ଅଡିଶନରେ ପାସ୍ କରିଛି ସେତେବେଳେ ମୁଁ ତାହାକୁ ବିଶ୍ୱାସ କରିପାରି ନ ଥିଲି। କାରଣ ଏତେ ଶୀଘ୍ର ବଲିଉଡ୍‌ରେ ଏଣ୍ଟ୍ରି ପାଇଁ ମୁଁ ମାନସିକ ସ୍ତରରେ ପ୍ରସ୍ତୁତ ନ ଥିଲି। ଯାହାହେଉ ଦର୍ଶକଙ୍କ ଭଲ ପାଇବା ଯୋଗୁ ଆଜି ମୋର ଆକ୍ଟିଂ କ୍ୟାରିୟର ଚାଲୁ ରହିଛି। ଏକଥା ସତ ଯେ ମୋର ଛଅ ବର୍ଷର କ୍ୟାରିୟର ଭିତରେ ମୁଁ ମାତ୍ର ୧୨ଟି ସିନେମାରେ ଅଭିନୟ କରିଛି। ଭବିଷ୍ୟତରେ ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିବାକୁ ଆଶା ରଖିଛି।'' ଅନନ୍ୟା ଏବେ 'ଚାନ୍ଦ ମେରା ଦିଲ୍' ଫିଲ୍ମ ଶୁଟିଂରେ ବ୍ୟସ୍ତ ଅଛନ୍ତି।

ପରଦାରେ...

## ଶମ୍ଭୁ



ତମନ୍ନା

**ବି**ଭୂତି ଭୂଷଣ ଜେନାଙ୍କ ପ୍ରଯୋଜିତ ଓଡ଼ିଆ ଫିଲ୍ମ 'ଶମ୍ଭୁ' ଚଳିତ ମାସ ୩୧ ତାରିଖରେ ରିଲିଜ ହେବାକୁ ଯାଉଛି। ଅନୁପମା ଜେନାଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଏସ. ଦିଲୀପ ପଣ୍ଡା। ଏହାର ନାୟକ ସାଜିଛନ୍ତି ନବାଗତ ଶୁଭମ୍। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଦୀପକ କୁମାର। ଏହାର ସହ ପ୍ରଯୋଜକ ଅଛନ୍ତି ବିବେକ ଜେନା ଓ ଅଭିଷେକ ଜେନା । ଏଥିରେ ଶୁଭମଙ୍କ ଅପୋଜିଟ୍‌ରେ ଅଛନ୍ତି ତମନ୍ନା। ଯାତ୍ରା ଜଗତର ଖଳନାୟକ ପୀୟୂଷ ତ୍ରିପାଠୀ, ଜୀବନ ପଣ୍ଡା, ଡିସ୍କୋ ରେଡ୍ଡୀ,ଚିନ୍ତାମଣି,ଐଶ୍ୱର୍ଯ୍ୟାଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ।

## ବାଲିଯାତ୍ରା

**ଆ**ମ ରାଜ୍ୟର ଅନେକ ପ୍ରାଚୀନ ପରମ୍ପରା ଏବେ ବି ବଞ୍ଚି ରହିଛି। ତନ୍ମଧ୍ୟରୁ ଅନ୍ୟତମ ହେଉଛି ବାଲିଯାତ୍ରା। ସେହି ସ୍ୱର୍ଣ୍ଣିମ ଗାଥାକୁ ଏକ ନାଟ୍ୟାଭିନୟ ମାଧ୍ୟମରେ ଉପସ୍ଥାପନା କରାଯାଉଛି, ଯାହାର ଶୀର୍ଷକ ରହିଛି 'ବାଲିଯାତ୍ରା'। ଏହାର ପରିକଳ୍ପନା, ବିଷୟବସ୍ତୁ, ଗୀତ ରଚନା ସାଙ୍ଗକୁ ସଙ୍ଗୀତ ନିର୍ଦ୍ଦେଶନାର ଗୁରୁ ଦାୟିତ୍ୱ ବହନ କରିଛନ୍ତି ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ସୌଭାଗ୍ୟଲକ୍ଷ୍ମୀ ଜେନା (ବିନି)। ସାଇ ଶ୍ରଦ୍ଧା ପ୍ରଡକ୍ସନ ବ୍ୟାନରରେ ଏହାର ସଙ୍ଗୀତଭିତ୍ତିକ ଅଡିଓ ଭିଜୁଆଲ ପ୍ରସ୍ତୁତ ହେଉଛି। ଏଥିରେ ପ୍ରମୁଖ ଭୂମିକାରେ ଅଛନ୍ତି ଅଶ୍ରୁମୋଚନ ମହାନ୍ତି, ଶ୍ରୀତମ ଦାସ, ସୁକାନ୍ତ ରଥ, ଅଖିଳ ପଟ୍ଟନାୟକ, ସାହେବ ସିଂ, ସୋହମ, ଶୁଭାଶିଷ, ଶକ୍ତି ବରାଳ, ଶମ୍ଭୁ ଖୁଣ୍ଟିଆ, ମିଲୁ, ହିତେଶା ବାଗ, ଲଭରିନ ଖାନ,ଲିପ୍ସା ମହାରଣା, ସୌମ୍ୟା ସୁଚରିତା ସାହୁ, ସଙ୍ଗୀତା ବେହେରା, ମାମାଲି ସାହୁ, ଲିପ୍ସା ଓ ପ୍ରିୟଙ୍କା ସାହୁ। କୋରିଓଗ୍ରାଫି କରିଛନ୍ତି ବବି ଇସଲାମ୍। ପାରିକୁଦ ଓ ଭିଙ୍ଗାରପୁରଠାରେ ଏହାର ଶୁଟିଂ ଚାଲିଛି। ଆସନ୍ତା ନଭେମ୍ବର ୫ ତାରିଖରେ ଏହା ଲୋକାର୍ପିତ ହେବ ବୋଲି ସୂଚନା ଦେଇଛନ୍ତି ସୌଭାଗ୍ୟଲକ୍ଷ୍ମୀ। ତେବେ ଏହି ନାଟ୍ୟାଭିନୟର ସଫଳତାକୁ ନେଇ ଦୃଢ଼ ଆଶାବାଦୀ ଅଛନ୍ତି ଡ. ଶତପଥୀ।



'ବାଲିଯାତ୍ରା'ର ଏକ ଦୃଶ୍ୟ

## ଅପେକ୍ଷାର ଫଳ ମିଠା...

**ସ**ତରେ ଅପେକ୍ଷାର ଫଳ ମିଠା। କିନ୍ତୁ ସେ ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କରିବା ହେଲା ବଡ କଥା। ନିଜ ମାରାଥନ ଅଭିନୟ କ୍ୟାରିୟରରେ ପ୍ରିୟଙ୍କା ଚୋପ୍ରା ତେଲୁଗୁ ସିନେମାରେ ଅଭିନୟ କରି ନ ଥିଲେ। 'ଏସ୍‌ଏସ୍‌ଏମ୍‌ବି୨୯' ଟାଇଟଲ ବିଶିଷ୍ଟ ତେଲୁଗୁ ଫିଲ୍ମର ସେ ନାୟିକା ସାଜୁଛନ୍ତି। ଏହାର ନାୟକ ଚରିତ୍ରରେ ଅଭିନୟ କରିବେ ସୁପରଷ୍ଟାର ମହେଶବାବୁ। ସବୁଠାରୁ ଖାସ୍ କଥା ହେଲା, ଏହି ବିଗ୍ ବଜେଟ୍ ଫିଲ୍ମର ନିର୍ଦ୍ଦେଶନା ଦେବେ ପ୍ରଖ୍ୟାତ ନିର୍ଦ୍ଦେଶକ ଏସ.ଏସ. ରାଜମୌଳି। ଚିତ୍ରଟିର ମୁଖ୍ୟ ଭୂମିକା ଫାଇନାଲ ହୋଇଥିବା ବେଳେ ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏହାର ବଜେଟ ରଖାଯାଇଛି ପାଖାପାଖି ୧୧୦୦ କୋଟି। ଅନ୍ୟପକ୍ଷରେ ରାଜମୌଳିଙ୍କ ନିର୍ଦ୍ଦେଶିତ 'ଆର୍‌ଆର୍‌ଆର୍'ର ପାଞ୍ଚବର୍ଷ ପୂର୍ତ୍ତି ଅବସରରେ 'ଏସ୍‌ଏସ୍‌ଏମ୍‌ବି୨୯' ମାର୍ଚ୍ଚ ୨୫, ୨୦୨୭ରେ ରିଲିଜ ହେବାର ଯୋଜନା ରହିଛି। ଅନ୍ୟପକ୍ଷରେ ଏଭଳି ଏକ ସୁଯୋଗ ପାଇଥିବାରୁ ପ୍ରିୟଙ୍କାଙ୍କ ଖୁସି କହିଲେ ନ ସରେ। ଏ ବିଷୟରେ ପ୍ରିୟଙ୍କା କହନ୍ତି, ''ଯେତେବେଳେ ମୁଁ ଜାଣିଲି ଯେ ରାଜମୌଳି ସାର୍‌ଙ୍କ ପରି ନିର୍ଦ୍ଦେଶକଙ୍କ ଫିଲ୍ମରେ କାମ କରିବି ସେତେବେଳେ ମୋ ଖୁସିର ସୀମା ରହି ନ ଥିଲା। ପୁଣି ଏହି ଫିଲ୍ମରେ ମୋ ଅପୋଜିଟ୍‌ରେ ଅଛନ୍ତି ମହେଶ ବାବୁ। ତେବେ ଫିଲ୍ମଟି ନିଶ୍ଚୟ ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିବ ବୋଲି ମୋର ଦୃଢ଼ ବିଶ୍ୱାସ।'' ଏହାବ୍ୟତୀତ ସେ ଏବେ ନିର୍ମାଣାଧୀନ ଦୁଇଟି ହଲିଉଡ୍ ସିନେମା-'ଦ ବ୍ଲଫ୍' ଏବଂ 'ଜଜମେଣ୍ଟ ଡେ'ରେ ଅଭିନୟ କରୁଛନ୍ତି।



ପ୍ରିୟଙ୍କା

## ନାମ ପରିବର୍ତ୍ତନ ଅନ୍ତରାଳେ...



ଅକ୍ଷୟ କୁମାର

**ଅ**କ୍ଷୟ କୁମାରଙ୍କ ପ୍ରକୃତ ନାମ ଥିଲା ରାଜୀବ ହରି ଓମ୍ ଭାଟିଆ। କିନ୍ତୁ ପରବର୍ତ୍ତୀ ସମୟରେ ସେ ନିଜ ନାମକୁ ପରବର୍ତ୍ତନ କରି ଅକ୍ଷୟ କୁମାର ରଖିଥିଲେ। ହେଲେ ଏହାପଛରେ କିଛି କାରଣ ମଧ୍ୟ ଥିଲା। ଏ ବିଷୟରେ ସେ କହନ୍ତି, ''ଏକଦା ମୁଁ ମହେଶ ବାବୁଙ୍କ ଏକ ସିନେମା ଦେଖୁଥାଏ। ଏଥିରେ ଅନୁପ୍ରାଣିତ ହୋଇ ମୋ ନାମକୁ ପରିବର୍ତ୍ତନ କରିବାକୁ ସ୍ଥିର କରିଥିଲି। ହେଲେ ତା'ପୂର୍ବରୁ ମୁଁ ଜଣେ ଜ୍ୟୋତିଷୀଙ୍କ ସହ ଏ ନେଇ କଥା ହୋଇଥିଲି ଏବଂ ସେ ମୋତେ ଏଥିପାଇଁ ସବୁଜ ସଙ୍କେତ ଦେଇଥିଲେ।'' ଅଭିନୟ କରିବା ପୂର୍ବରୁ ସେ ବ୍ୟାଙ୍କକ୍‌ରେ ଜଣେ ସେଫ୍ ଭାବରେ କିଛି ଦିନ କାମ କରିଥିଲେ। ମାର୍ଶଲ ଆର୍ଟସରେ ସେ ଜଣେ ପ୍ରଶିକ୍ଷକ ଭାବରେ ଯଥେଷ୍ଟ ସୁନାମ ଅର୍ଜନ କରିଛନ୍ତି। ୧୯୯୧ରେ ତାଙ୍କ ଅଭିନୀତ ପ୍ରଥମ ସିନେମା 'ସୌଗନ୍ଧ' ରିଲିଜ ହୋଇଥିଲା। ଠିକ୍ ଏହାର ପରବର୍ଷ ଅର୍ଥାତ୍ ୧୯୯୨ରେ 'ଖିଲାଡି' ମୁକ୍ତିଲାଭ କଲା ଆଉ ଏହି ଚିତ୍ରଟି ତାଙ୍କୁ ରାତାରାତି ଜଣେ ନାମୀ ଅଭିନେତାର ମାନ୍ୟତା ଦେଇଥିଲା। ଏପରିକି ଏଥିପାଇଁ ତାଙ୍କୁ 'ଖିଲାଡି ମାଷ୍ଟର' ଭାବରେ ସମ୍ବୋଧିତ କରାଯାଇଥାଏ।

## ସଜ ହେଉଛନ୍ତି ଜ୍ୟାକ୍‌ଲିନ୍

**ମ**ଡେଲିଂରୁ ଅଭିନୟ ଜଗତରେ ପାଦ ଥାପିଥିଲେ ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକ୍‌ଲିନ୍ ଫର୍ନାଡିସ। ନିର୍ଦ୍ଦେଶକ ସୁଜୟ ଘୋଷ ତାଙ୍କୁ ବଲିଉଡ୍‌ରେ ପ୍ରଥମେ ସୁଯୋଗ ଦେଇଥିଲେ। ଫିଲ୍ମଟିର ଟାଇଟଲ ଥିଲା 'ଆଲ୍ଲାଦିନ'। ଅମିତାଭ ବଚ୍ଚନଙ୍କ ପରି ନାମୀ କଳାକାରଙ୍କୁ ନେଇ ପ୍ରସ୍ତୁତ ଏହି ସିନେମାଟି ବକ୍ସ ଅଫିସରେ ଆଶାନୁରୂପ ବିଜନେସ୍ କରିବାରେ ବିଫଳ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ନିଜ ମନୋବଳକୁ ଦୃଢ଼ କରି ଗୋଟିଏ ପରେ ଗୋଟିଏ ସିନେମାର ଅଭିନୟ କରିଚାଲିଛନ୍ତି। ଏବେ ତାଙ୍କୁ ନେଇ ବଲିଉଡ୍‌ରେ ଚର୍ଚ୍ଚା। କାରଣ କ'ଣ ଜାଣନ୍ତି ? ନିକଟରେ ତାଙ୍କୁ ଏକ ଆକ୍ସନଭିତ୍ତିକ ଫିଲ୍ମରେ ଅଭିନୟ କରିବାକୁ ଅଫର ମିଳିଛି। ତେଣୁ ଏ ନେଇ ସେ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏଭଳି ସୁଯୋଗ ବିଷୟରେ ଜ୍ୟାକ୍‌ଲିନ୍ କହନ୍ତି, ''ଏହି ଫିଲ୍ମରେ ମୋତେ ନେଇ କେତୋଟି ଆକ୍ସନ ଶଟ୍ ଶୁଟିଂ କରାଯିବ। ତେଣୁ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି। କେବଳ ସେତିକି ନୁହେଁ, ଏହି ରୋଲ୍‌ଟି ମୋ କ୍ୟାରିୟରକୁ ଏକ ନୂଆ ମୋଡ ଦେବ ବୋଲି ଆଶା ରଖିଛି। ଏହାର ଟାଇଟଲ ଫାଇନାଲ ହୋଇନାହିଁ।'' ତେବେ ଆକ୍ସନ ଭୂମିକାରେ ଜ୍ୟାକ୍‌ଲିନ୍ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



ଜ୍ୟାକ୍‌ଲିନ୍

## ଓଡ଼ିଆ ଚଳଚ୍ଚିତ୍ରର ସେନ୍‌ସର ପ୍ରସଙ୍ଗ...

**ଚ**ଳଚ୍ଚିତ୍ରଟି ପ୍ରେକ୍ଷାଳୟରେ ପ୍ରଦର୍ଶନ ହେବା ପୂର୍ବରୁ ସେନ୍‌ସର ସାର୍ଟିଫିକେଟର ଆବଶ୍ୟକତା ପଡିଥାଏ। ଏହି ସେନ୍‌ସର ସାର୍ଟିଫିକେଟର ଜେରକ୍ସ କପି କିମ୍ବା ମୂଳ ସାର୍ଟିଫିକେଟର ଫଟୋକପି ଚିତ୍ରର ପ୍ରଯୋଜକ କିମ୍ବା ଚଳଚ୍ଚିତ୍ର ବିତରକ ପ୍ରେକ୍ଷାଳୟ ମାଲିକଙ୍କୁ ଦେଇଥାନ୍ତି। ସେନ୍‌ସନର ସାର୍ଟିଫିକେଟ ନ ଥାଇ କୌଣସି ଚଳଚ୍ଚିତ୍ର ପ୍ରେକ୍ଷାଳୟରେ ପ୍ରଦର୍ଶନ ହୋଇ ପାରିବ ନାହିଁ। ସିନେମାଟୋଗ୍ରାଫ ଆଇନ କେନ୍ଦ୍ର ସରକାରଙ୍କର ଅଧୀନରେ ପରିଚାଳିତ ଓ ଫିଲ୍ମ ସେନ୍‌ସର ବୋର୍ଡ ମଧ୍ୟ କେନ୍ଦ୍ର ସରକାରଙ୍କ ଅଧୀନରେ ପରିଚାଳିତ। ଭାରତର ତିନି ଗୋଟି ସେନ୍‌ସର ବୋର୍ଡ କାର୍ଯ୍ୟାଳୟ ମୁମ୍ବାଇ, ଚେନ୍ନାଇ, ଏବଂ କୋଲକାତାଠାରେ କାର୍ଯ୍ୟ କରୁଅଛି। ସେନ୍‌ସର ବୋର୍ଡ ସରକାରଙ୍କର ନିର୍ଦ୍ଧାରିତ ନୀତି ଅନୁସାରେ ଗୋଟିଏ ଫିଲ୍ମକୁ 'ୟୁ' (ୟୁନିଭର୍ସାଲ), 'ଏ' (ଆଡଲ୍ଟ) କିମ୍ବା 'ୟୁ/ଏ' ସାର୍ଟିଫିକେଟ ପ୍ରଦାନ କରିଥାନ୍ତି।



ଦର୍ଶକମାନଙ୍କୁ ମନୋରଞ୍ଜନ ଦେବା ଆଳରେ ଯେଉଁସବୁ ଦୃଶ୍ୟ ସେନ୍‌ସର ଆଇନ ବିରୋଧ ସେ ବିଷୟରେ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ଭଲ ଭାବରେ ଅବଗତ ହେବା ଦରକାର। ବିଷୟବସ୍ତୁ ଓ ଚିତ୍ରନାଟ୍ୟରେ ଯେପରି ହିଂସା, ମାରିପିଟ୍, ମହିଳାମାନଙ୍କ ଉପରେ ନିର୍ଯାତନା, ଅର୍ଦ୍ଧନଗ୍ନ ଦୃଶ୍ୟ ପ୍ରଦର୍ଶନ, ରାହାଜାନି, ମଦ୍ୟପାନ ଓ ନିଶାଦ୍ରବ୍ୟ ସେବନ ଭଳି ଦୃଶ୍ୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ଦରକାର। ଏହାବ୍ୟତୀତ ଚଳଚ୍ଚିତ୍ରରେ ଅଖଣ୍ଡତା, ସାମ୍ପ୍ରଦାୟିକ ସଦ୍‌ଭାବ, ଧାର୍ମିକ ଭାବନା ଉପରେ ଆଞ୍ଚ ଆଣିବା ଏବଂ କୋମଳମତି ଶିଶୁମାନଙ୍କ ମନରେ କୁପ୍ରଭାବ ନ ପକାଇବା ଭଳି ଦୃଶ୍ୟ ପ୍ରତି ସଚେତନ ରହିବା ନିହାତି ଜରୁରୀ। ଓଡ଼ିଶାରେ ଏକ ସେନ୍‌ସର ବୋର୍ଡର ଶାଖା ଖୋଲିବାକୁ ତତ୍କାଳୀନ ସୂଚନା ପ୍ରସାରଣ ମନ୍ତ୍ରୀ ଅଜିତ କୁମାର ପାଞ୍ଜାଙ୍କୁ କଟକ ବକ୍ସିବଜାର ଚଳଚ୍ଚିତ୍ର ଉନ୍ନୟନ ନିଗମ ବୋର୍ଡର ଏକ ବୈଠକରେ ଯୋଗ ଦେବା ଅବସରରେ ଓଡ଼ିଶା ସିନେ କ୍ରିଟିକ ଆସୋସିଏଶନ ପକ୍ଷରୁ ସ୍ମାରକ ପତ୍ର ଦିଆଯାଇଥିଲା। ତା'ପରେ ଓଡ଼ିଶାରେ ସେନ୍‌ସର ବୋର୍ଡ ହେବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଲା। ପ୍ରଶାନ୍ତ ନନ୍ଦଙ୍କ ସିନେମା 'ଲୁଟତରାଜ'ର ସେନ୍‌ସର ଓଡ଼ିଶାରେ ହେଲା। ଚଳିତ ବର୍ଷ ଦୀପାବଳିରେ ନୂଆ ଓଡ଼ିଆ ସିନେମା 'ଲଢ଼େଇ' ରିଲିଜ ହେବାର ଥିଲା। କିନ୍ତୁ କେତେକ ସେନ୍‌ସରଗତ କାରଣରୁ ଏହାକୁ ମୁମ୍ବାଇ ମୁଖ୍ୟ ସେନ୍‌ସର କାର୍ଯ୍ୟାଳୟକୁ ପଠାଯାଇଛି। ତେବେ ସିନେମାଟିଏ ନିର୍ମାଣ କରିବା ସମୟରେ ପ୍ରଯୋଜନା ସଂସ୍ଥା ସେନ୍‌ସର ସମ୍ପର୍କିତ ସମସ୍ତ ନିୟମାବଳୀ ବିଷୟରେ ଭଲ ଭାବରେ ଅବଗତ ହେବା ନିହାତି ଦରକାର।

**-ଦିଲ୍ଲୀପ ହାଲି**, ବଡ଼ଗଡ଼, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# ଫାଇନାଲରେ ଦକ୍ଷିଣ ଆଫ୍ରିକା


**ଗୁଆହାଟୀ,୨୯।୧୦**

ଲୌରା ୱୁଲଭାର୍ଡଟଙ୍କ ମାରାଥନ ଶତକ ଓ ମାରିଜେନ କାପଙ୍କ ୫ ଉଇକେଟ ସଫଳତା ବଳରେ ଦକ୍ଷିଣ ଆଫ୍ରିକା ବୁଧବାର ଖେଳାଯାଇଥିବା ଚଳିତ ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ପ୍ରଥମ ସେମିଫାଇନାଲରେ ଇଂଲଣ୍ଡକୁ ୧୨୫ ରନର ବଡ଼ ବ୍ୟବଧାନରେ ପରାସ୍ତ କରିଛି। ଏଥିସହିତ ଦଳ ମହିଳା ବିଶ୍ୱକପ୍ ଇତିହାସରେ ପ୍ରଥମଥର ପାଇଁ ଫାଇନାଲରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ୪ ଥରର ଚାମ୍ପିୟନ ଇଂଲଣ୍ଡର ଅଭିଯାନ

**ମହିଳା କ୍ରିକେଟ ବିଶ୍ୱକପ୍**

ସେମିଫାଇନାଲରେ ଶେଷ ହୋଇଛି।

ଦକ୍ଷିଣ ଆଫ୍ରିକା ପାଇଁ ଅଧିନାୟିକା ଲୌରା ଓ ତଜମିନ ବ୍ରିଟ୍ସ ପ୍ରଥମ ଉଇକେଟରେ ୧୧୬ ରନ କରିଥିଲେ। ବ୍ରିଟ୍ସ (୪୫ ରନ, ୬ ଚୌକା ଓ ୧ ଛକା) ଆଉଟ୍ ହେବା ପରେ ଗୋଟିଏ ପଟେ ୱୁଲଭାର୍ଡଟ ଆଟାଙ୍କି ବ୍ୟାଟିଂ କରୁଥିବା ବେଳେ ଅନ୍ୟ ପଟେ ଉଇକେଟ ପତନ ଜାରି ରହିଥିଲା। ୱୁଲଭାର୍ଡଟ ୨୦ ଚୌକା ଓ ୪ ଛକା ସହ ୧୬୯ ରନର ଇନିଂସ ଖେଳି ଆଉଟ୍ ହୋଇଥିଲେ। ସେ ଆଉଟ୍ ହେବା ପୂର୍ବରୁ କ୍ଲୋ ଟ୍ରାଇଅନଙ୍କ ସହ ସପ୍ତମ ଉଇକେଟ ପାଇଁ ୪୭ ବଲରେ ଦ୍ରୁତ ୮୯ ରନ ଯୋଡ଼ିଥିଲେ। ଶେଷ ଆଡ଼କୁ ଟ୍ରାଇଅନ ୩୩ (୩ ଚୌକା ଓ ୧ ଛକା) ଓ ନାଦିନେ ଡି କ୍ଲର୍କ ୧୧ (୨ ଚୌକା) ରନ କରିଥିଲେ। ଫଳରେ ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ହରାଇ ୩୧୯ ରନ କରିଥିଲା। ଇଂଲଣ୍ଡ ପାଇଁ ସୋଫି ଏକଲେଷ୍ଟୋନ ୪ ଓ ଲୌରେନ ବେଲ ୨ ଉଇକେଟ ନେଇଥିଲେ। ଜବାବରେ ଇଂଲଣ୍ଡ ମାତ୍ର ୧ ରନରେ ଆମି ଜୋନ୍ସ, ଟମି ବ୍ୟୁମଣ୍ଟ ଓ ହିଥର ନାଇଟ୍‌ଙ୍କ ଉଇକେଟ ହରାଇଥିଲା। ଟପ୍-୩ ବ୍ୟାଟର ଖାତା ଖୋଲିପାରିନଥିଲେ,



ଶତକ ହାସଲ ପରେ ଲୌରା ୱୁଲଭାର୍ଡଟ।

ଯାହାକି ମହିଳା କ୍ରିକେଟରେ ଇଂଲଣ୍ଡ ପାଇଁ ପ୍ରଥମ ଘଟଣା। ଏଭଳି ପରିସ୍ଥିତିରେ ଅଧିନାୟିକା ନାଟ ସ୍କିଭର-ବ୍ରଣ୍ଟ ୬୪ (୬ ଚୌକା ଓ ୧ ଛକା) ଓ ଆଲିସ କାପସି ୫୦ (୬ ଚୌକା) ଚତୁର୍ଥ ଉଇକେଟରେ ୧୦୭ ରନ ଯୋଡ଼ିଥିଲେ। ଏହି ଦୁଇ ବ୍ୟାଟର ଆଉଟ୍ ହେବା ପରେ ଇଂଲଣ୍ଡର ବ୍ୟାଟିଂ ଲାଇନ ଭୁଷୁଡ଼ି ପଡ଼ିଥିଲା। ଫଳରେ ଇଂଲଣ୍ଡ ୪୨.୩ ଓଭରରେ ୧୯୪ ରନରେ ଅଲଆଉଟ୍ ହୋଇଯାଇଥିଲା। ଦକ୍ଷିଣ ଆଫ୍ରିକା ପାଇଁ କାପ ୫ ଉଇକେଟ ସଫଳତା ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା: ୫୦ ଓଭରରେ ୩୧୯/୭ (ଲୌରା ୱୁଲଭାର୍ଡଟ-୧୬୯, ତଜମିନ ବ୍ରିଟ୍ସ-୪୫, ମାରିଜେନ କାପ-୪୨, ସୋଫି ଏକଲେଷ୍ଟୋନ-୪/୪୪, ଲୌରେନ ବେଲ-୨/୫୫)। ଇଂଲଣ୍ଡ: ୪୨.୩ ଓଭରରେ ୧୯୪/ଅଲଆଉଟ୍ (ନାଟ ସ୍କିଭର-ବ୍ରଣ୍ଟ-୬୪, ଆଲିସ କାପସି-୫୦, ମାରିଜେନ କାପ-୫/୨୦, ନାଦିନେ ଡି କ୍ଲର୍କ-୨/୨୪)।

**ପୁରୁଷ ଜୁନିୟର ହକି ବିଶ୍ୱକପ୍**

# ପାକିସ୍ତାନ ବଦଳରେ ଓମାନ୍ ଖେଳିବ

**ଲାଉସାନେ,୨୯।୧୦(ପି.ଟି.):** ଆସନ୍ତା ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଭାରତର ଚେନ୍ନାଇ ଓ ମଦୁରାଇଠାରେ ହେବାକୁଥିବା ଏଫଆଇଏଚ୍ ପୁରୁଷ ଜୁନିୟର ହକି ବିଶ୍ୱକପ୍‌ରେ ପାକିସ୍ତାନ ବଦଳରେ ଓମାନ୍ ଖେଳିବ। ଏ ନେଇ ଇଣ୍ଟରନ୍ୟାଶନାଲ ହକି ଫେଡେରେଶନ(ଏଫ୍‌ଆଇଏଚ୍) ପକ୍ଷରୁ ବୁଧବାର ସ୍ପଷ୍ଟ କରାଯାଇଛି।

ପୁରୁଷ ଜୁନିୟର ହକି ବିଶ୍ୱକପ୍‌ରେ ଖେଳିବା ପାଇଁ ଆମନ୍ତ୍ରଣକୁ ସ୍ୱୀକାର କରି ନ ଥିବା ପାକିସ୍ତାନ ହକି ଫେଡେରେଶନ ପକ୍ଷରୁ ଆମକୁ ଜଣାଇ ଦିଆଯାଇଛି। ସେମାନଙ୍କ ବଦଳରେ ଓମାନ୍‌ର ଜୁନିୟର ଦଳକୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଥିବା ଦଳମାନଙ୍କ ତାଲିକାରେ ସାମିଲ କରାଯାଇଛି। ଜୁନିୟର ବିଶ୍ୱକପ୍ ଲାଗି ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଜୁନିୟର ଏସିଆ କପ୍‌ରେ ଓମାନ୍ ପାକିସ୍ତାନ ପଛରେ ରହିଥିଲା। ପ୍ରଥମଥର ପାଇଁ ଏଫ୍‌ଆଇଏଚ୍ ହକି ଜୁନିୟର ବିଶ୍ୱକପ୍ ୨୦୨୫ରେ ୨୪ ଲେଖାଏ ଦଳ ଭାଗନେବେ ବୋଲି ଏଫ୍‌ଆଇଏଚ୍ ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି। ପାକିସ୍ତାନକୁ ଗ୍ରୁପ୍-ବି'ରେ ଭାରତ, ଚିଲି ଓ ସ୍ୱିଜରଲାଣ୍ଡ ସହ ରଖାଯାଇଥିଲା। ପାକିସ୍ତାନ ଦ୍ୱିତୀୟଥର ପାଇଁ ଭାରତରେ ହେବାକୁଥିବା ଅନ୍ତର୍ଜାତୀୟ ହକି ଟୁର୍ନାମେଣ୍ଟରୁ ଓହରି ଯାଇଛି।

# ଆଜି ଭାରତ-ଅଷ୍ଟ୍ରେଲିଆ ସେମିଫାଇନାଲ

**ନଭି ମୁମ୍ବାଇ,୨୯।୧୦(ପି.ଟି.)**

ଭାଗ୍ୟ ବଳରେ ଚଳିତ ମହିଳା କ୍ରିକେଟ୍ ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ତିଷ୍ଠିରହିଥିବା ଭାରତୀୟ ମହିଳା ଦଳ ଗୁରୁବାର ସେମିଫାଇନାଲରେ ଶକ୍ତିଶାଳୀ ଅଷ୍ଟ୍ରେଲିଆ ଦଳକୁ ଭେଟିବାକୁ ଯାଉଛି। ହରମନ୍‌ପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପାଇଁ ଏହା ନିଶ୍ଚିତରୂପେ ଏକ କଡ଼ା ପରୀକ୍ଷା ହେବ। ୮ ବର୍ଷ ତଳେ ହରମନ୍‌ପ୍ରୀତ ୨୦୧୭ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ଅପରାଜିତ ୧୭୧ ରନ୍‌ର ଅବିସ୍ମରଣୀୟ ପାଳି ଖେଳି ଭାରତକୁ ଜିତାଇଥିଲେ।

**ଫାଇନାଲ ପାଇଁ ଲଢ଼େଇ**

ତାହା ହିଁ ଆଇସିସି ମହିଳା ଟୁର୍ନାମେଣ୍ଟ ଇତିହାସରେ ଅଷ୍ଟ୍ରେଲିଆ ବିପକ୍ଷରେ ନକ୍‌ଆଉଟ୍‌ରେ ଭାରତର ଏକମାତ୍ର ବିଜୟ ଥିଲା। ଦୁଇ ଦଳ ମଧ୍ୟରେ ବିଶ୍ୱକପ୍‌ରେ ୧୩ ମ୍ୟାଚ୍ ଖେଳାଯାଇଥିବା ବେଳେ ଭାରତ ୩ଥର ବିଜୟ ସ୍ୱାଦ ଚାଖିଛି। ୭ ଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ହରାଇବା ପାଇଁ ଭାରତୀୟ ଦଳକୁ ତା'ର ଖେଳାଳିଙ୍କଠାରୁ ସେଭଳି କିଛି ସ୍ୱତନ୍ତ୍ର ପ୍ରଦର୍ଶନ ଦରକାର।

ଲଗାତର ଦୁଇ ବିଜୟ ସହ ଅଭିଯାନ ଆରମ୍ଭ କରିଥିବା ଭାରତୀୟ ଦଳ କ୍ରମାଗତ ୩ ମ୍ୟାଚ୍‌ରେ ଯଥାକ୍ରମେ ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ଓ ଇଂଲଣ୍ଡଠାରୁ ପରାଜିତ ହୋଇ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିବା ଭଳି ପରିସ୍ଥିତିରେ ଥିଲା। କିନ୍ତୁ ନ୍ୟୁଜିଲାଣ୍ଡକୁ ହରାଇ ଭାରତ ସେମିରେ ସ୍ଥାନ ପକ୍କା କରିଥିଲା। ହେଲେ ଏହି ମ୍ୟାଚ୍‌ରେ ଶତକୀୟ ପାଳି ଖେଳିଥିବା ଇନ୍‌ଫର୍ମ ଓପ୍‌ନର ପ୍ରତୀକା ରାୱଲ ଇଞ୍ଜୁରି କାରଣରୁ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଦଳ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଅପରାଜିତ ରହିଛି। ଗତ ସଂସ୍କରଣଠାରୁ ଅଷ୍ଟ୍ରେଲିଆ ମହିଳା ଦଳ ଏପର୍ଯ୍ୟନ୍ତ ବିଶ୍ୱକପ୍‌ରେ କୌଣସି ମ୍ୟାଚ୍ ହାରି ନାହିଁ। ବିଶ୍ୱକପ୍‌ରେ କ୍ରମାଗତ ୧୫ ମ୍ୟାଚ୍ ଜିତିଥିବା ଅଷ୍ଟ୍ରେଲିଆ ଦଳ ବିପକ୍ଷରେ ଭାରତ ପାଇଁ ଯେକୌଣସି ପ୍ରକାର ତ୍ରୁଟି କାଳ ହୋଇପାରେ। ମାତ୍ର ମ୍ୟାଚ୍ ପୂର୍ବରୁ ଦଳରେ ଟିମ୍ କମ୍ବିନେଶନକୁ ନେଇ ଅନେକ ପ୍ରଶ୍ନ ରହିଛି। ପ୍ରତୀକା ବାଦ୍ ପଡ଼ିବାରୁ ତାଙ୍କ ବଦଳରେ ବିସ୍ଫୋରକ ବ୍ୟାଟର ଶେଫାଳୀ ବର୍ମାଙ୍କୁ ଦଳରେ ସାମିଲ କରାଯାଇଛି। ହେଲେ ତାଙ୍କୁ ବିଶ୍ୱକପ୍ ଲାଗି ଭାରତୀୟ ଦଳର ଯୋଜନାରେ ରଖାଯାଇ ନ ଥିଲା। ଏଥିଯୋଗୁ ବିଶ୍ୱକପ୍ ଲାଗି ରଖାଯାଇଥିବା ୬ ରିଜର୍ଭ ଖେଳାଳିଙ୍କ ମଧ୍ୟରେ ତାଙ୍କୁ ସ୍ଥାନ ଦିଆଯାଇ ନ ଥିଲା। ମାତ୍ର ସ୍ମୃତି ମନ୍ଧାନାଙ୍କ ସହିତ ତାଙ୍କର ଭଲ ରେକର୍ଡ ରହିଛି। ମନ୍ଧାନାଙ୍କ ସହ ତାଙ୍କ ବିସ୍ଫୋରକ ବ୍ୟାଟିଂ ଷ୍ଟାଇଲ ପ୍ରତିପକ୍ଷ ଦଳକୁ ଚାପରେ ପକାଇପାରେ। ଏହା ବଦଳରେ ହର୍ଲିନ୍ ଦେଓଲଙ୍କୁ ମଧ୍ୟ ପ୍ରମୋଟ୍ କରାଯିବାର ବିକଳ୍ପ ଟିମ୍ ମ୍ୟାନେଜମେଣ୍ଟ ପାଖରେ ରହିଛି। ଯାହାଫଳରେ ଭାରତକୁ ଅତିରିକ୍ତ ଷଷ୍ଠ ବୋଲର ଖେଳାଇବାକୁ ସୁଯୋଗ ମିଳିବ। ବାମହାତୀ ସ୍ପିନର ଭାବେ ସ୍ନେହ ରଣାଙ୍କ ବଦଳରେ ରାଧା ଯାଦବଙ୍କୁ ଖେଳାଯାଇପାରେ।





ବୁଧବାର ନେଟ୍ସ ସେସନରେ ଅମନଜୋତ କୌର ଓ ଶେଫାଳୀ ବର୍ମା।

**ସମୟ: ଅପରାହ୍ଣ ୩ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ଓଡ଼ିଶାର କ୍ରମାଗତ ଦ୍ୱିତୀୟ ପରାଜୟ

**ଭୁବନେଶ୍ୱର, ୨୯।୧୦(ତପନ ସ୍ୱାଇଁ)**

**ଜାତୀୟ ସବ୍‌ଜୁନିୟର ବାଳକ ଫୁଟ୍‌ବଲ**

ପଞ୍ଜାବର ଅମୃତସରଠାରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ବାଳକ ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ନିଜର ପ୍ରଥମ ମ୍ୟାଚ୍‌ରେ ଲଜ୍ଜାଜନକଭାବେ ୦-୧୩ ଗୋଲ୍‌ରେ ମିଜୋରାମଠାରୁ ହାରିଥିବା ଓଡ଼ିଶା ବୁଧବାର ୦-୬ ଗୋଲରେ ମଣିପୁର ନିକଟରୁ ପରାସ୍ତ ହୋଇଛି। ମଣିପୁର ପକ୍ଷରୁ ଶେଖ୍ ସାହିଲ, ଥିଙ୍ଗବାଇଜାମ ସାନାତୋମ୍ବା, ହିଦାମ ୟୋହେନବା ସିଂ ଏବଂ ବଦଳ ଖେଳାଳି ନାଓରେମ ମୋମୋ ସିଂ ଗୋଲ ସ୍କୋର କରିଥିଲେ। ଓଡ଼ିଶା ୨ଟି ମ୍ୟାଚ୍‌ରେ ୧୯ଟି ଗୋଲ ବରଣ କରିସାରିଥିବାବେଳେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଏପର୍ଯ୍ୟନ୍ତ ଗୋଟିଏ ହେଲେ ଗୋଲ ଦେବାରେ ସକ୍ଷମ ହୋଇନାହିଁ। ଫଳରେ ଓଡ଼ିଶା ରକ୍ଷଣଭାଗଠାରୁ ଆରମ୍ଭକରି ଫରୱାର୍ଡ ପର୍ଯ୍ୟନ୍ତ ସବୁଥିରେ ଦୁର୍ବଳ ରହିଥିବାର ସୂଚନା ମିଳୁଛି। ଓଡ଼ିଶା ଏହାର ତୃତୀୟ ମ୍ୟାଚ୍ ଅମୃତସରସ୍ଥିତ ମାଉଣ୍ଟ ଲିଟେରା ଜୀ ସ୍କୁଲ ପଡ଼ିଆରେ ବିହାର ବିପକ୍ଷରେ ୩୧ ତାରିଖରେ ଖେଳିବ।

# ଆୟୋଜକ କମିଟିରେ ଓଡ଼ିଶାରୁ ଦେବବ୍ରତ



ଦେବବ୍ରତ ଭଞ୍ଜ



ସତ୍ୟରଞ୍ଜନ ପଟ୍ଟନାୟକ



ରିତେଶ କୁମାର ରଥ

**■ ଗୋଆରେ ଫିଡେ ଚେସ୍ ବିଶ୍ୱକପ୍ ୩୧ରୁ**
**■ ସତ୍ୟରଞ୍ଜନ, ରିତେଶ ଏଜିଏମ୍‌ରେ ଯୋଗଦେବେ**

**ଭୁବନେଶ୍ୱର, ୨୯।୧୦(ତପନ ସ୍ୱାଇଁ)**

ଚଳିତ ମାସ ୩୧ରୁ ନଭେମ୍ବର ୨୭ ପର୍ଯ୍ୟନ୍ତ ସମ୍ମାନଜନକ ଫିଡେ ଚେସ୍ ବିଶ୍ୱକପ୍ ଗୋଆରେ ଅନୁଷ୍ଠିତ ହେବ। ଏହି ମେଗା ଇଭେଣ୍ଟରେ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ, ମ୍ୟାଗ୍ନସ କାର୍ଲସେନ, ଆର୍. ପ୍ରଜ୍ଞାନନ୍ଦଙ୍କ ପରି ବିଶ୍ୱର ଅନେକ ଶ୍ରେଷ୍ଠ ଖେଳାଳିଙ୍କ ସହ ମୋଟ ୨୦୬ ଖେଳାଳି ଅଂଶଗ୍ରହଣ କରିବେ। ଗ୍ରାଣ୍ଡମାଷ୍ଟର ଦିବ୍ୟା ଦେଶ୍‌ମୁଖ ଭାରତର ଏକମାତ୍ର ମହିଳା ଖେଳାଳି ଭାବେ ଏଥିରେ ଭାଗନେବେ। ପ୍ରତିଯୋଗିତାର ସଫଳ ପରିଚାଳନା ପାଇଁ ଗଠିତ ଆୟୋଜକ କମିଟିରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ(ଏଓସିଏ) ସମ୍ପାଦକ ଦେବବ୍ରତ ଭଞ୍ଜ ସ୍ଥାନ ପାଇଛନ୍ତି। ସର୍ବଭାରତୀୟ ଚେସ୍ ଫେଡେରେଶନ (ଏଆଇସିଏଫ୍)ର ବାର୍ଷିକ ସାଧାରଣ ବୈଠକ(ଏଜିଏମ୍) ଏବଂ ଉଦ୍‌ଘାଟନୀ ସମାରୋହରେ ଦେବବ୍ରତଙ୍କ ସମେତ ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଏବଂ କାର୍ଯ୍ୟକାରିଣୀ ସଦସ୍ୟ ରିତେଶ କୁମାର ରଥ ଯୋଗଦେବେ। ଆଗାମୀ ବିଶ୍ୱକପ୍ ପାଇଁ ଭାରତୀୟ ପ୍ରତିନିଧି ଦଳକୁ ଏଓସିଏ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଦିଲ୍ଲୀ-ପଲ୍‌ଟନ ଫାଇନାଲ

**ନୂଆଦିଲ୍ଲୀ,୨୯।୧୦**

**ପ୍ରୋ କବାଡ଼ି ଲିଗ୍**

ଚଳିତ ପ୍ରୋ କବାଡି ଲିଗ୍ (ପିକେଏଲ୍)ରେ ବୁଧବାର ଖେଳାଯାଇଥିବା କଡ଼ା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚ୍‌ରେ ପୁନେରି ପଲଟନ ୫୦-୪୫ ପଏଣ୍ଟରେ ତେଲୁଗୁ ଟାଇଟନ୍ସକୁ ପରାସ୍ତ କରିଛି। ଏହି ବିଜୟ ସହ ପୁନେରି ପଲଟନ ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ପ୍ରଥମ କ୍ୱାଲିଫାୟରରେ ବିଜୟୀ ହୋଇ ଦବଙ୍ଗ ଦିଲ୍ଲୀ ଫାଇନାଲରେ ସ୍ଥାନ ପକ୍କା କରିଥିଲା। ଶୁକ୍ରବାର ଥ୍ୟାଗରାଜ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଖେଳାଯିବାକୁ ଥିବା ଫାଇନାଲରେ ଦବଙ୍ଗ ଦିଲ୍ଲୀ ଓ ପୁନେରି ପଲଟନ ପରସ୍ପରକୁ ଭେଟିବେ। ଉଭୟ ଦଳ ଦ୍ୱିତୀୟ ଟାଇଟଲ ଲକ୍ଷ୍ୟରେ ରହିବେ। ଦବଙ୍ଗ ଦିଲ୍ଲୀ ୨୦୨୧-୨୨ରେ ଓ ପୁନେରି ପଲଟନ ୨୦୨୩-୨୪ ସିଜନରେ ପ୍ରଥମ ଥର ପାଇଁ ଚାମ୍ପିୟନ ହୋଇଥିଲେ। ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚ୍‌ରେ ପୁନେରି ପଲଟନ ପାଇଁ ଆଦିତ୍ୟ ଶିନ୍ଦେ ୨୨ ଓ ପଙ୍କଜ ମୋହିତେ ୧୦ ପଏଣ୍ଟ ସ୍କୋର କରିଥିବା ବେଳେ ତେଲୁଗୁ ଦଳ ପକ୍ଷରୁ ଭରତ ୨୩ ଓ ଅଧିନାୟକ ବିଜୟ ମଲିକ ୧୧ ପଏଣ୍ଟ ଅର୍ଜନ କରିଥିଲେ। ରେଡ୍ ପଏଣ୍ଟ କ୍ଷେତ୍ରରେ ତେଲୁଗୁ ଟାଇଟନ୍ସ (୩୪)ଠାରୁ ପୁନେରି ପଲଟନ (୩୨) ପଛରେ ପଡ଼ି ଯାଇଥିଲେ ହେଁ ଅଲ୍ ଆଉଟ ପଏଣ୍ଟରେ ୮-୨ରେ ଆଗରେ ରହିଥିଲା। ସେହିପରି ଅତିରିକ୍ତ ପଏଣ୍ଟରେ ମଧ୍ୟ ୨-୧ରେ ରହି ଫାଇଦା ପାଇଥିଲା। ଦୁଇ ଦଳର ସୁପର ରେଡ୍ ୧-୧ ଏବଂ ଟ୍ୟାକ୍‌ଲ ପଏଣ୍ଟ ୮-୮ ରହିଥିଲା।

# ବର୍ଷା ବାଧକ: ପ୍ରଥମ ଟି୨୦ ବାତିଲ

**କାନବେରା, ୨୯।୧୦ (ପି.ଟି.)**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଏଠାରେ ବୁଧବାର ଖେଳାଯାଇଥିବା ପ୍ରଥମ ଟି୨୦ କ୍ରିକେଟ ମ୍ୟାଚ୍ ଲଗାଣ ବର୍ଷା ଯୋଗୁ ବାତିଲ ହୋଇଯାଇଛି। ବର୍ଷା ବାଧକ ସାଜିବା ପୂର୍ବରୁ ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଫର୍ମକୁ ଫେରିଥିବା ନେଇ ସଙ୍କେତ ଦେବା ସହ ଟି୨୦ ଅନ୍ତର୍ଜାତୀୟରେ ୧୫୦ ଛକା ପୂରଣ କରିଛନ୍ତି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଶୁକ୍ରବାର ମେଲବୋର୍ନରେ ଖେଳାଯିବ।

ଟସ୍ ଜିତି ଅଷ୍ଟ୍ରେଲିଆ ଅଧିନାୟକ ମିଚେଲ ମାର୍ଶ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପାଇଁ ଅଭିଷେକ ଶର୍ମା ଓ ଶୁବମନ ଗିଲ୍‌ଙ୍କ ଓପ୍‌ନିଂ ଯୋଡ଼ି ୩୫ ରନ୍ କରିଥିଲା। ଆରମ୍ଭରୁ ଚିରାଚରିତ ବିସ୍ଫୋରକ ଷ୍ଟାଇଲରେ ବ୍ୟାଟିଂ କରିଥିବା ଅଭିଷେକ ୧୪ ବଲରେ ୪ ଚୌକା ସହିତ ୧୯ ରନ୍ କରି ପ୍ରଥମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ବର୍ଷା ବାଧକ ସାଜିବାରୁ ମ୍ୟାଚ୍‌କୁ ୧୮ ଓଭରରେ ସୀମିତ ରଖାଯାଇଥିଲା। ମ୍ୟାଚ୍ ପୁନଃ ଆରମ୍ଭ ହେବା ପରେ ଅଧିନାୟକ ସୂର୍ଯ୍ୟ ଓ ଶୁବମନ ଦ୍ୱିତୀୟ ଉଇକେଟରେ ୩୫ ବଲରେ ଦ୍ରୁତ ୬୨ ରନ୍ ଯୋଡ଼ିଥିଲେ। ଏହାପରେ ଲଗାଣ ବର୍ଷା କାରଣରୁ ମ୍ୟାଚ୍‌କୁ ବାତିଲ କରାଯାଇଥିଲା। ବର୍ଷା ବାଧକ ସାଜିବା ସୁଦ୍ଧା ଭାରତ ୯.୪ ଓଭରରେ ୧ ଉଇକେଟ ହରାଇ ୯୭ ରନ୍ କରିଥିଲା। ସୂର୍ଯ୍ୟ ୨୪ ବଲ୍‌ରେ ୩ ଚୌକା ଓ ୨ ଛକା ସହ ୩୯ ଏବଂ ଗିଲ୍ ୨୦ ବଲ୍‌ରେ ୪ ଚୌକା ଓ ୧ ଛକା ସହିତ ୩୭ ରନ୍‌କରି ଅପରାଜିତ ରହିଥିଲେ।

**ନୀତୀଶ କୁମାର ଆହତ**

ଆହତ ସମସ୍ୟାରେ ଘେରି ହୋଇ ରହୁଥିବା ନୀତୀଶ କୁମାର ରେଡ୍ଡୀ ଚଳିତ ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ୍‌ର ପ୍ରଥମ ୩ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ସେ ବର୍ତ୍ତମାନ ବେକଜନିତ ସମସ୍ୟା ଦେଇ ଗତି କରୁଛନ୍ତି। ଏ ନେଇ ବିସିସିଆଇ ପକ୍ଷରୁ ବୁଧବାର କୁହାଯାଇଛି। ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଏହି ଅଲ୍‌ରାଉଣ୍ଡରଙ୍କ ବାମଗୋଡ଼ର ମାଂସପେଶୀରେ ଆଘାତ ଲାଗିଥିଲା। ପରେ ସେ ବେକରେ ଯନ୍ତ୍ରଣା ଅନୁଭବ କରୁଥିବା କହିଥିଲେ।




Download the App here.
376 QUALITY CHECK POINTS
VERIFIED CAR HISTORY*
UPTO 1 YEAR WARRANTY & 3 FREE SERVICES*
*T&C apply. Verified Car History & Warranty applicable only on True Value certified cars. Free service is applicable on labor charges only. Appearance of black shades on the glass is due to lighting effect. Images used are for illustration purposes only.
For enquiry, call 1800 102 1800 | Visit www.marutisuzukitruevalue.com
TRUE VALUE CERTIFIED
BHUBANESWAR: NARAYANI MOTORS: 7381000168, 9583022097 | SKY AUTOMOBILES: 7440011607 | JYOTE MOTORS: 7064499354, 7064499352 | PURI: NARAYANI MOTORS: 7381000168 | PARADEEP: NARAYANI MOTORS: 7381000168, 9583022097, 9583022047 | KEONJHAR/NAYAGARH/BALUGAON: JYOTE MOTORS: 9776615006 | CUTTACK: TUSHI MOTORS PVT LTD: 9078073430, SKY AUTOMOBILES: 9078080819 | JAJPUR: SKY AUTOMOBILES: 7440011607.



1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ